# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ଜାନୁୟାରୀ ୨୯/୨୦୨୧ (୧୬ ପୃଷ୍ଠା) | Berhampur, Friday, January 29/2021 | ★★★

୧୬ଶ ଭାଗ ୨୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ହେମନ୍ତ ନାୟକଙ୍କ ଦ୍ୱିଶତକ**

କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃ ଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଦ୍ୱିଶତକ ହାସଲ କରିଛନ୍ତି ରାଉରକେଲା ଅଧିନାୟକ ହେମନ୍ତ ନାୟକ।

୧୬

୧୪

**ବିବାହ କରିବେ ଐଶ୍ୱର୍ଯ୍ୟା**

ଟେଲି ଅଭିନେତ୍ରୀ ଐଶ୍ୱର୍ଯ୍ୟା ଶର୍ମା ବହୁତ ଜଲ୍ଦି କୋ-ଆକ୍ଟର ନୀଲ ଭଟ୍ଟଙ୍କୁ ବିବାହ କରିବେ ବୋଲି ଇନ୍ଷ୍ଟାରେ ଶେୟାର କରି ଜଣାଇଛନ୍ତି।






# ପାର୍ଲାମେଣ୍ଟରେ ଘେରିବେ ବିରୋଧୀ

## ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନ କରିବେ ୧୮ ଦଳ

ନୂଆଦିଲ୍ଲୀ, ୨୮।୧(ପି.ଟି.)



ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେଉଥିବାବେଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରଥମ ଦିନରେ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ନୂଆ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀମାନଙ୍କ ସମର୍ଥନରେ ୧୮ଟି ବିରୋଧୀ ଦଳ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନ କରିବା ଲାଗି ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ରାଜ୍ୟ ସଭାର ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଘୋଷଣା କରିଛନ୍ତି। ସାଧାରଣତନ୍ତ୍ର ଦିବସରେ କୃଷକଙ୍କ ଟ୍ରାକ୍ଟର ରାଲି ବେଳେ ରାଜଧାନୀରେ ଘଟିଥିବା ହିଂସାକାଣ୍ଡରେ କେନ୍ଦ୍ର ଭୂମିକାର ନିରପେକ୍ଷ ତଦନ୍ତ ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ସେମାନେ ୩ କୃଷି ଆଇନ ପ୍ରତ୍ୟାହାର ଦାବି କରିବା ସହ ଲକ୍ଷ ଲକ୍ଷ ଚାଷୀଙ୍କ ଦାବି ସତ୍ତ୍ୱେ ସରକାରଙ୍କ ☞ପୃଷ୍ଠା-୪

## ସୀମା ଛାଡ଼ିବାକୁ କହିଲେ ସିଙ୍ଘୁବାସୀ

ନୂଆଦିଲ୍ଲୀ, ୨୮।୧

ଦିଲ୍ଲୀର ସିଙ୍ଘୁ ସୀମାରେ ସ୍ଥାନୀୟ ଲୋକେ ଗୁରୁବାର ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜାତୀୟ ରାଜପଥରୁ ଆନ୍ଦୋଳନରତ ଚାଷୀଙ୍କୁ ତୁରନ୍ତ ହଟାଇବା ପାଇଁ ସେମାନେ ଦାବି କରିଥିଲେ। ନିଜକୁ ସିଙ୍ଘୁ ଅଞ୍ଚଳର ବାସିନ୍ଦା କହୁଥିବା ଗୋଟିଏ ଗୋଷ୍ଠୀ ଗୁରୁବାର ଅପରାହ୍ନରେ ରାସ୍ତାକୁ ଓହ୍ଲାଇ 'ସିଙ୍ଘୁ ସୀମା ଖାଲି କରୋ' ସ୍ଲୋଗାନ ଦେଇଥିଲେ। ଦୁଇ ମାସରୁ ଅଧିକ ଦିନ ହେଲା ଆନ୍ଦୋଳନରତ ଚାଷୀ ରାଜପଥ ଅବରୋଧ କରି ବସିରହିଥିବାରୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କେତେଜଣଙ୍କର ☞ପୃଷ୍ଠା-୪

## ଲାଲ୍‌କିଲ୍ଲା ହିଂସା ନେଇ ଦେଶଦ୍ରୋହ ମାମଲା

ନୂଆଦିଲ୍ଲୀ, ୨୮।୧(ପି.ଟି.)

ସାଧାରଣତନ୍ତ୍ର ଦିବସ ଟ୍ରାକ୍ଟର ରାଲି ବେଳେ ଲାଲ୍‌କିଲ୍ଲାରେ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। ଏହି ହିଂସାରେ ସମ୍ପୃକ୍ତ କୃଷକଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଦେଶଦ୍ରୋହ ମାମଲା ରୁଜୁ କରିଛି। ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୧୨୪ଏ (ଦେଶଦ୍ରୋହ)ରେ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ କରାଯାଉଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଲାଲ୍‌କିଲ୍ଲା ହିଂସା ସହ ସମ୍ପୃକ୍ତି ନେଇ ପୂର୍ବରୁ ପୋଲିସ ଦାଏର କରିଥିବା ଏତଲାରେ ଦୀପ୍ ସିଦ୍ଧୁ ଏବଂ ଗ୍ୟାଙ୍ଗଷ୍ଟରରୁ ☞ପୃଷ୍ଠା-୪



ଆତ୍ମହତ୍ୟା କରିବି ପଛେ କେନ୍ଦ୍ରର କୃଷି ଆଇନ ଉଚ୍ଛେଦ ନ ହେବା ଯାଏ ଆନ୍ଦୋଳନରୁ ଓହରିବି ନାହିଁ।

**-ରାକେଶ ଟିକାଏତ୍, ବିକେୟୁ ମୁଖପାତ୍ର**

# ୭ବର୍ଷ ଝିଅର ତଣ୍ଟି କାଟିଲେ

ଚିକିଟି,(ଡି.ଏନ୍.ଏ.)/ଗୋପାଳପୁର,୨୮।୧

- ୨ ଦୁର୍ବୃତ୍ତଙ୍କୁ କାବୁକରି ପିଟିଲେ ଗ୍ରାମବାସୀ
- ଗୁରୁତର ନାବାଳିକାଙ୍କୁ କଟକ ସ୍ଥାନାନ୍ତର
- ଗ୍ରାମରେ ଉତ୍ତେଜନା, ୨ ପ୍ଲାଟୁନ୍ ଫୋର୍ସ ମୁତୟନ

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଗୁରୁବାର ପୁଣି ଏକ ବର୍ବରକାଣ୍ଡ ଘଟିଛି। ଜଣେ ୭ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମବେଳେ ପାଟି କରିବାରୁ ଦୁର୍ବୃତ୍ତ ତାଙ୍କ ତଣ୍ଟି କାଟି ଦେଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବ୍ରହ୍ମପୁର ବଡ ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ନଂ.୨୭/୨୧ରେ ଏକ ମାମଲା ରୁଜୁକରି ପୋଲିସ ୨ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ନାବାଳିକାଙ୍କ ମା' ବାପା କୌଣସି କାମରେ ଗୁରୁବାର ସକାଳୁ ବାହାରକୁ ଯାଇଥିବାବେଳେ ସେ ଓ ତାଙ୍କ ସାନଭାଇ ଘରେ ଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଭାଇ ଭଉଣୀ କଲୋନୀ ଶେଷମୁଣ୍ଡକୁ ଶୌଚ ପାଇଁ ଯାଇଥିବାବେଳେ ଦୁର୍ବୃତ୍ତ ଦ୍ୱୟ ନାବାଳିକାଙ୍କୁ ଉଠାଇ ନେଇ ନିକଟସ୍ଥ ଏକ ପରିତ୍ୟକ୍ତ ଘରେ ବଳାତ୍କାର ଉଦ୍ୟମ କରିଥିଲେ। ଚିତ୍କାର କରିବାରୁ ଧାରୁଆ ଅସ୍ତ୍ରରେ ତାଙ୍କ ତଣ୍ଟି କାଟିବା ସହ ମୁହଁକୁ କ୍ଷତବିକ୍ଷତ କରିଥିଲେ। ସାନଭାଇ ଦୌଡିଆସି କଲୋନୀ ବାସିନ୍ଦାଙ୍କୁ ଜଣାଇଥିଲେ। ସ୍ଥାନୀୟ ☞ପୃଷ୍ଠା-୪

## ୨ରେ ସିବିଏସ୍‌ଇ କାର୍ଯ୍ୟସୂଚୀ

**ନୂଆଦିଲ୍ଲୀ, ୨୮।୧:** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପକ୍ଷରୁ ଫେବୃୟାରୀ ୨ ତାରିଖରେ ଦଶମ ଓ ଦ୍ୱାଦଶ ପରୀକ୍ଷା କାର୍ଯ୍ୟସୂଚୀ ଜାରି ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ 'ନିଶଙ୍କ' ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି। ସିବିଏସ୍‌ଇ ୱେବସାଇଟରେ ଏହା ଅପଲୋଡ୍ କରାଯିବ। ପୂର୍ବରୁ ମେ ୪ରୁ ଜୁନ୍ ୧୦ ତାରିଖ ମଧ୍ୟରେ ଏହି ପରୀକ୍ଷା ଆୟୋଜନ କରାଯିବା ନେଇ ମନ୍ତ୍ରୀ କହିଥିଲେ। ଜୁଲାଇ ୧୫ ସୁଦ୍ଧା ପ୍ରାକ୍ଟିକାଲ ପରୀକ୍ଷା ହୋଇପାରେ। ସାଧାରଣତଃ ପ୍ରତିବର୍ଷ ଜାନୁୟାରୀ ସୁଦ୍ଧା ପ୍ରାକ୍ଟିକାଲ ଏବଂ ଫେବୃୟାରୀରୁ ମାର୍ଚ୍ଚ ମଧ୍ୟରେ ଲିଖିତ ପରୀକ୍ଷା ହୋଇଥାଏ। କିନ୍ତୁ ଚଳିତ ବର୍ଷ କରୋନା ଯୋଗୁ ଏଥିରେ ବିଳମ୍ବ ହୋଇଛି। ଏଥର କେବଳ ଅଫ୍‌ଲାଇନରେ ପରୀକ୍ଷା ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଯଦି ଛାତ୍ରୀଛାତ୍ରମାନେ ଅଫ୍‌ଲାଇନ ପରୀକ୍ଷା ଦେବାରେ କୌଣସି ଅସୁବିଧା ଥାଏ ତେବେ ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ। ସେହିପରି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସରକାରଙ୍କ ପାଇଁ ଆହ୍ୱାନ**

# ପେଟ୍ କୋକ୍ ବ୍ୟବହାର ବନ୍ଦ କର

ଭୁବନେଶ୍ୱର,୨୮।୧(ବ୍ୟୁରୋ)

**ଏନ୍‌ଜିଟି ନିର୍ଦ୍ଦେଶ**

**ନୂଆ ରୁଲ୍ ଆଣିବେ ରାଜ୍ୟ ସରକାର**

ଶିଳ୍ପଗୁଡ଼ିକରେ ଜାଳେଣି ଭାବେ ବ୍ୟବହୃତ ହେଉଥିବା ପେଟ୍‌କୋକ୍ ଏବଂ ଫର୍ନେସ ଅଏଲ ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହା କେବଳ ପରିବେଶ ନୁହେଁ, ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଏଥିଯୋଗୁ ଲୋକମାନେ ମାରାତ୍ମକ ରୋଗର ଶିକାର ହେଉଛନ୍ତି। ଏହାର ବ୍ୟବହାରକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶିଳ୍ପାନୁଷ୍ଠାନରେ ଏହାର ବ୍ୟବହାରକୁ ତୁରନ୍ତ ବନ୍ଦ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରିବା ସହିତ ଆସନ୍ତା ୪ ମାସ ମଧ୍ୟରେ ଆକ୍ସନ ଟେକେନ ରିପୋର୍ଟ (ଏଟିଆର) ଦେବାକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟି ଅଧ୍ୟକ୍ଷ ଏ. କେ. ଗୋଏଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତ ଦୁଇଟି ମାମଲାର ଶୁଣାଣି କରି ୨୦୨୧ ଜାନୁୟାରୀ ୧୫ରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟିଙ୍କଠାରୁ କଡ଼ା ନିର୍ଦ୍ଦେଶ ପରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପେଟ୍‌କୋକ୍ ଏବଂ ଫର୍ନେସ ଅଏଲ ବ୍ୟବହାରକୁ ନିଷେଧ କରିବା ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଚିଠି ଲେଖି ଜଣାଇଛନ୍ତି।

ପ୍ରଦୂଷଣ ସୃଷ୍ଟି କରୁଥିବାରୁ ସୁପ୍ରିମକୋର୍ଟ ୨୦୧୭ ନଭେମ୍ବର ୧୭ ତାରିଖରେ ଦିଲ୍ଲୀରେ ପେଟ୍‌କୋକ୍ ଏବଂ ଫର୍ନେସ ଅଏଲ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। ଏଥିସହିତ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ମଧ୍ୟ ଏହାକୁ ନିଷେଧ କରିବାକୁ ପରାମର୍ଶ ଦିଆଯାଇଛି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସର୍ବୋଚ୍ଚ ଅଦାଲତ ଏନ୍‌ଜିଟିକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ଦୃଷ୍ଟିରେ ରଖି ଏନ୍‌ଜିଟି ଏଭଳି ପଦକ୍ଷେପ ନେଇଛନ୍ତି।

ତାପଜ ବିଦ୍ୟୁତ୍ କେନ୍ଦ୍ର, ସିମେଣ୍ଟ, ଆଇରନ ଓର୍ ଆଦି ଶିଳ୍ପଗୁଡ଼ିକରେ ପେଟ୍ରୋଲିୟମ କୋକ୍ ବା ପେଟ୍‌କୋକ୍‌କୁ ବହୁଭାବେ ଜାଳେଣି ଆକାରରେ ବ୍ୟବହାର କରାଯାଉଛି। ଅଏଲ ରିଫାଇନେରିଗୁଡ଼ିକରୁ ଉତ୍ପାଦିତ ହେଉଥିବା ପେଟ୍‌କୋକ୍ ଏକ କାର୍ବନ ହାଇଡ୍ରୋଫୋବିକ୍ କଠିନ କଳା ପଦାର୍ଥ। ଏଥିରେ ୯୦ ପ୍ରତିଶତ କାର୍ବନ ଥିବାବେଳେ ବାକି ହାଇଡ୍ରୋଜେନ, ନାଇଟ୍ରୋଜେନ, ଫାଇବର, ସଲ୍‌ଫର ଇତ୍ୟାଦି ରହିଥାଏ। ଏହା ସହଜରେ ☞ପୃଷ୍ଠା-୪

# ପ୍ରେମିକ ରାକେଶଙ୍କୁ ଧରିଲା ପୋଲିସ

## ରମାଦେବୀ ଛାତ୍ରୀ ଝରାଫୁଲ ହତ୍ୟା ଘଟଣା

ଭୁବନେଶ୍ୱର(ବ୍ୟୁରୋ)/ ରସୁଲପୁର (ଡି.ଏନ୍.ଏ.),୨୮।୧

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଝରାଫୁଲ ନାୟକଙ୍କ ମୃତଦେହ ଜବତ ଘଟଣାରେ ଭୁବନେଶ୍ୱର ଏୟାରଫିଲ୍ଡ ପୋଲିସ ପ୍ରେମିକ ରାକେଶ ସ୍ୱାଇଁଙ୍କୁ ଧରିବା ସହ ତାଙ୍କର ଜଣେ ସହଯୋଗୀଙ୍କୁ ଅଟକ ରଖିଛନ୍ତି। ଝରାଫୁଲଙ୍କୁ ହତ୍ୟା କରିବାପରେ ୨ଜଣ ଯୁବକ ଯାଜପୁର ଜିଲା କୁଆଖିଆ ଥାନା ମୂଳାପାଳଛକ ନିକଟସ୍ଥ ଦିଆନଚକ ଗ୍ରାମର ପ୍ରଧାନମନ୍ତ୍ରୀ ସଡ଼କ ପାର୍ଶ୍ୱରେ ଫୋପାଡ଼ି ଦେଇ ଚାଲିଯାଇଥିବା ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଅପରପକ୍ଷରେ ମୃତା ଛାତ୍ରୀଙ୍କ ବାପା ଓ ଭାଇଙ୍କ ବୟାନ ଆଧାରରେ ପୋଲିସ ପ୍ରେମିକ ରାକେଶ ସ୍ୱାଇଁଙ୍କୁ ଟାର୍ଗେଟ କରିଥିଲା। ଗୁରୁବାର ଏୟାରଫିଲ୍ଡ ଥାନା ପୋଲିସ ଓ ଯାଜପୁର ପୋଲିସ ରାକେଶଙ୍କ ସୁନ୍ଦରପଦାସ୍ଥିତ ଘରେ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚରା କରିଥିଲା। ରାକେଶଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାପରେ ପୋଲିସ ତାଙ୍କୁ ଥାନାକୁ ଉଠାଇ ନେଇଥିଲା। ତେବେ ରାକେଶଙ୍କୁ ପଚରାଉଚରା ପରେ ତାଙ୍କର ଅନ୍ୟ ଜଣେ ସହଯୋଗୀଙ୍କୁ ଥାନାକୁ ଉଠାଇ ଆଣି ଅଟକ ରଖି ଝରାଫୁଲଙ୍କ ହତ୍ୟା ଘଟଣାର ତଦନ୍ତ ଆରମ୍ଭ କରିଛି। ଖବରଲେଖା ହେବାବେଳକୁ ରାକେଶଙ୍କୁ ପୋଲିସ ଯାଜପୁର ନେଇଥିବା ଜଣାପଡ଼ିଛି। ଖୁବ ଶୀଘ୍ର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

ତେବେ ଏହି ହତ୍ୟା ଘଟଣାକୁ ନେଇ ସାଧାରଣରେ ଅସମାହିତ ପ୍ରଶ୍ନ ଉଠୁଛି। ଝରାଫୁଲଙ୍କୁ ଭୁବନେଶ୍ୱରରେ ମରାଯାଇଥିବା କଥାକୁ ସହଜରେ ଗ୍ରହଣ କରାଯାଇ ପାରୁନାହିଁ। ଅପରପକ୍ଷରେ ଏହି ଘଟଣା ଯାଜପୁର ଜିଲା ବାହାରେ ଘଟିଛି ବୋଲି କୁଆଖିଆ ଥାନାର ତଦନ୍ତ ଅଧିକାରୀ ମନୋଜ ସ୍ୱାଇଁ ସୂଚନା ଦେଇଛନ୍ତି। ଅଭିଯୁକ୍ତଦ୍ୱୟ ଭୁବନେଶ୍ୱର ପାର୍ଶ୍ୱରୁ ମୃତଦେହକୁ ସ୍କୁଟିରେ ଆଣି ରାଜପଥ ମଝି ସ୍ଥାନରେ କୁଆଖିଆ ଥାନା ଲେଖାହୋଇଥିବା ନାମଫଳକ ନିକଟରେ ଥିବା ଡାଇଭର୍ସନ ପାଖରେ ରାସ୍ତା ବଦଳାଇବା ସମୟରେ ☞ପୃଷ୍ଠା-୧୦




## ଡାକ୍ତରଙ୍କୁ ଗୁଳି କରି ଆତ୍ମହତ୍ୟା

ଭାରତୀୟ ବଂଶୋଦ୍ଭବ ଶିଶୁ ବିଶେଷଜ୍ଞ ଭାରତ ନାରୁମଞ୍ଚି ଆମେରିକାର ଟେକ୍ସାସରେ ଜଣେ ମହିଳା ଡାକ୍ତରଙ୍କୁ ଗୁଳି କରି ହତ୍ୟା କରିବା ପରେ ଆତ୍ମହତ୍ୟା କରିଛନ୍ତି। ନାରୁମଞ୍ଚି କ୍ୟାନ୍ସରରେ ପିଡ଼ୀତ ହେବା ସହ ଶେଷ ପର୍ଯ୍ୟାୟରେ ଥିଲେ। ସେ ବନ୍ଧୁକ ନେଇ ଚିଲ୍ଡ୍ରେନ ମେଡିକାଲ ଗ୍ରୁପ୍‌ରେ ପଶି ଲୋକଙ୍କୁ ଭୟଭୀତ କରିଥିଲେ। ପରେ ସେଠାରେ ଉପସ୍ଥିତ ମହିଳା ଶିଶୁ ରୋଗ ବିଶେଷଜ୍ଞ କ୍ୟାଥରିନ୍ ଡୋଡ୍‌ସନଙ୍କୁ ହତ୍ୟା କରିବା ସହ ଜୀବନ ହାରିଥିଲେ।

## ସଂକ୍ଷେପରେ

### ଆନ୍ଦୋଳନରୁ ଓହରିଲା ଆଉ ଏକ ସଂଗଠନ

**ନୂଆଦିଲ୍ଲୀ, ୨୮।୧:** ସାଧାରଣତନ୍ତ୍ର ଦିବସ ଟ୍ରାକ୍ଟର ରାଲି ହିଂସାକାଣ୍ଡରେ ପରିଣତ ହେବା ପରେ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା କୃଷକ ଆନ୍ଦୋଳନରେ ଫାଟ ସୃଷ୍ଟି ହୋଇଛି। ଗୋଟିଏ ପରେ ଗୋଟିଏ କୃଷକ ସଂଗଠନ ଆନ୍ଦୋଳନଠାରୁ ଦୂରେଇ ଯାଉଛନ୍ତି। ରାଷ୍ଟ୍ରୀୟ ମଜଦୁର କିଷାନ ସଂଗଠନ ଏବଂ ଭାରତୀୟ କିଷାନ ୟୁନିୟନ (ଭାନୁ) ବୁଧବାର ଆନ୍ଦୋଳନରୁ ଓହରିଯାଇଥିବାବେଳେ ଗୁରୁବାର ଅନ୍ୟ ଏକ ସଂଗଠନ ଭାରତୀୟ କିଷାନ ୟୁନିୟନ (ଲୋକ ଶକ୍ତି) ଆନ୍ଦୋଳନରୁ ଓହରିଯିବା ଲାଗି ଘୋଷଣା କରିଛି। ଲାଲ୍‌କିଲ୍ଲା ହିଂସା ଆନ୍ଦୋଳନକୁ ବିଗାଡ଼ି ଦେଇଥିବା ଉକ୍ତ ସଂଗଠନ ପକ୍ଷରୁ କୁହାଯାଇଛି। ବିକେୟୁ (ଭାନୁ)ର ଅଧକ୍ଷ ଠାକୁର ଭାନୁପ୍ରତାପ ସିଂ ସାଧାରଣତନ୍ତ୍ର ଦିବସ ହିଂସାକୁ ନେଇ ଗଭୀର ମର୍ମାହତ ବୋଲି କହିବା ସହ ତାଙ୍କ ସଂଗଠନ ଆନ୍ଦୋଳନରେ ଆଉ ସାମିଲ ହେବନାହିଁ ବୋଲି ବୁଧବାର କହିଥିଲେ।

### ମୁନାଓ୍ୱରଙ୍କୁ ମିଳିଲାନି ଜାମିନ



**ଭୋପାଳ, ୨୮।୧:** ହିନ୍ଦୁ ଦେବଦେବୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେବା ଅଭିଯୋଗରେ ଗିରଫ ହୋଇଥିବା ଷ୍ଟାଣ୍ଡଅପ୍ କମେଡିଆନ ମୁନାଓ୍ୱର ଫାରୁକିଙ୍କୁ ଜାମିନ ଦେବାକୁ ମନା କରିଦେଇଛନ୍ତି ମଧ୍ୟପ୍ରଦେଶ ହାଇକୋର୍ଟ। ସେ ଏଭଳି କରି ନ ଥିବାର କୌଣସି ପ୍ରମାଣ ନ ଥିବାରୁ ତାଙ୍କୁ ଜାମିନ ମିଳିପାରିବନି ବୋଲି କୋର୍ଟ କହିଛନ୍ତି। ମୁନାଓ୍ୱର କୌଣସି ଠାକୁରଙ୍କୁ ଅପମାନିତ କରି ନ ଥିବା ନେଇ ଯୁକ୍ତି ବାଢ଼ିଥିଲେ ମଧ୍ୟ ନ୍ୟାୟାଳୟ ଏହାକୁ ଖାରଜ କରିଦେଇଥିଲେ। ଗତ ୨ ତାରିଖରେ ମୁନାଓ୍ୱର ଓ ତାଙ୍କ ସହଯୋଗୀ ନଳିନ୍ ଯାଦବଙ୍କୁ ଗିରଫ କରାଯାଇଥିଲା।

### ୧୮ ବର୍ଷ ପରେ ପାକିସ୍ତାନ ଜେଲରୁ ଫେରିଲେ ମହିଳା

**ଔରଙ୍ଗାବାଦ୍, ୨୮।୧:** ପାକିସ୍ତାନ ଜେଲରେ ୧୮ ବର୍ଷ ରହିବା ପରେ ଭାରତକୁ ଫେରିଛନ୍ତି ଔରଙ୍ଗାବାଦର ହାସିନା ବେଗମ। ମଙ୍ଗଳବାର ରାତିରେ ଔରଙ୍ଗାବାଦ ରେଳ ଷ୍ଟେଶନରେ ପହଞ୍ଚିବା ପରେ ସ୍ୱର୍ଗକୁ ଫେରିଲା ଭଳି ଲାଗୁଥିବା ସେ କହିଥିଲେ। ୬୫ ବର୍ଷୀୟା ହାସିନା ପାକିସ୍ତାନରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ପାସ୍‌ପୋର୍ଟ ହଜିଯିବାରୁ ତାଙ୍କୁ ସେଠାକାର ପୋଲିସ ଗୁପ୍ତଚର କହି ଜେଲରେ ପୂରାଇଦେଇଥିଲା। ଘରକୁ ଫେରିବାକୁ ହାସିନା ଚେଷ୍ଟା ଜାରି ରଖିଥିଲେ। ସେ ସମସ୍ତ ସମ୍ପର୍କୀୟଙ୍କ ବାବଦରେ ତଥ୍ୟ ଦେବା ସହ ପ୍ରମାଣପତ୍ର ଏକଜୁଟ କରିବାରେ ଲାଗିଥିଲେ। ପରିଚୟ ପତ୍ର ଯୋଗାଡ଼ ପରେ ସେ ଜେଲରୁ ମୁକୁଳିଥିଲେ। ଭାରତକୁ ଆସିବା ପରେ ଭୋଟର ତାଲିକାରେ ନାଁ ନ ଥିବାରୁ ତାଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇଥିଲା। ଔରଙ୍ଗାବାଦ ପୋଲିସ ହାସିନାଙ୍କ ନାମରେ କିଣାଯାଇଥିବା ଜମି କାଗଜପତ୍ର ପାଇବା ପରେ ତାଙ୍କ ସମ୍ପର୍କୀୟ ଓ ଘର ଲୋକଙ୍କ ନିକଟରେ ପହଞ୍ଚିଥିଲା।

### ୬ ରାଜ୍ୟରେ ନିର୍ବାଚନ ଲଢ଼ିବ ଏଏପି

**ନୂଆଦିଲ୍ଲୀ, ୨୮।୧(ଆଇଏଏନ୍ଏସ୍):** ଆସନ୍ତା ବର୍ଷ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୬ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଲଢ଼ିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁରୁବାର କହିଛନ୍ତି। ଦଳୀୟ ନେତା ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କେଜ୍‌ରିୱାଲ କହିଥିଲେ, ଆଗାମୀ ଦୁଇବର୍ଷରେ ଏଏପି ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ପଞ୍ଜାବ, ହିମାଚଳପ୍ରଦେଶ ଓ ଗୁଜରାଟରେ ନିର୍ବାଚନ ଲଢ଼ିବ। କଂଗ୍ରେସ ଓ ଭାଜପା ଦୀର୍ଘବର୍ଷ ଶାସନ କରିଥିଲେ ମଧ୍ୟ ସାଧାରଣ ଲୋକଙ୍କ ଜୀବନ ଧାରଣ ମାନରେ ପରିବର୍ତ୍ତନ ପାଇଁ କିଛି କରି ନ ଥିବା ଜନସାଧାରଣ ବୁଝିସାରିଲେଣି। ସେଥିପାଇଁ ସେମାନେ ଏଏପିକୁ ସମର୍ଥନ କରୁଛନ୍ତି ବୋଲି କେଜରିୱାଲ କହିଥିଲେ।

## କଏଦୀରୁ ରାଷ୍ଟ୍ରପତି



**ବିସ୍‌କେକ୍, ୨୮।୧:** ପପୁଲିଷ୍ଟ ସାଦିର ଜାପାରୋଭ ଗୁରୁବାର କିର୍ଗିଜସ୍ତାନ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ମାତ୍ର କିଛି ମାସରେ ଜଣେ କଏଦୀରୁ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରି ସେ ବେଶ୍ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ୫୨ ବର୍ଷୀୟ ଜାପାରୋଭ ନିକଟରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିଲେ। ରାଜ୍ୟପାଳଙ୍କୁ ଅପହରଣ କରିବା ମାମଲାରେ ୨୦୧୭ରେ ତାଙ୍କୁ ଜେଲ ଦଣ୍ଡ ହୋଇଥିଲା। ଗତ ବର୍ଷ ଅକ୍ଟୋବରରେ କିର୍ଗିଜସ୍ତାନ ରାଷ୍ଟ୍ରପତି ସୁରନବାଇ ଜେନବେକୋଭ କ୍ଷମତାରୁ ଓହରିବା ପରେ ନିର୍ବାଚନ ହୋଇଥିଲା। ସୁରନବାଇ ବେଆଇନ ଭାବେ ନିର୍ବାଚିତ ହୋଇଥିବା କହି ତାଙ୍କୁ ରାଷ୍ଟ୍ରପତି ପଦ ଛାଡ଼ିବା ଦାବିରେ ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନ ସମୟରେ ଜାପାରୋଭ ଜେଲରୁ ମୁକୁଳିଥିଲେ। ପରେ ଜାପାରୋଭ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ଲୋକଙ୍କୁ ଏକାଠି କରି ଏହାର ନେତୃତ୍ୱ ନେଇଥିଲେ। ପରେ ସେ ନିର୍ବାଚନ ଲଢ଼ିଥିଲେ।

## ପାମେଲାଙ୍କ ୫ମ ବିବାହ



**ନୂଆଦିଲ୍ଲୀ, ୨୮।୧:** କାନାଡା-ଆମେରିକୀୟ ଅଭିନେତ୍ରୀ ତଥା ବେଓ୍ୱାଚ୍ ଷ୍ଟାର ପାମେଲା ଆଣ୍ଡେରସନ ୫୩ ବର୍ଷ ବୟସରେ ପୁଣି ବିବାହ କରିଛନ୍ତି। ଏହା ତାଙ୍କର ୫ମ ବିବାହ। ଏଥର ନିଜ ବଡିଗାର୍ଡ ଡେନ୍ ହେହର୍ଷ୍ଟଙ୍କୁ ବାହା ହୋଇଥିବା ପାମେଲା ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ଯେଉଁସ୍ଥାନରେ ତାଙ୍କ ମାତାପିତା ବିବାହ କରିଥିଲେ ସେହିଠାରେ ହିଁ ତାଙ୍କର ବାହାଘର ଆୟୋଜନ ହୋଇଥିଲା। ସେ ନିଜ ମନ ପସନ୍ଦର ବ୍ୟକ୍ତିଙ୍କ ହାତ ଧରିଥିବା ସାକ୍ଷାତ୍‌କାର ସମୟରେ କହିଛନ୍ତି। ୨୦୨୦ ଆରମ୍ଭରେ ହଲିଉଡ ଫିଲ୍ମ ନିର୍ମାତା ଜନ୍ ପିଟର୍ସଙ୍କୁ ବାହା ହୋଇଥିଲେ। ହେଲେ ମାତ୍ର ୧୨ ଦିନ ପରେ ହିଁ ଉଭୟେ ଅଲଗା ହୋଇଯାଇଥିଲେ। ପାମେଲା ଏକ କବିତାରେ ପିଟର୍ସଙ୍କୁ 'ଅରିଜିନାଲ ବ୍ୟାଡ୍ ବଏ' ବୋଲି ଦର୍ଶାଇଥିଲେ। ଏହା ପୂର୍ବରୁ ପାମେଲା ଟମ୍ ଲି, କିଡ୍ ରକ୍, ରିକ୍ ସାଲୋମୋନଙ୍କୁ ବିବାହ କରି ସେମାନଙ୍କଠାରୁ ଅଲଗା ହୋଇଯାଇଥିଲେ।

# ମୁମ୍ବାଇ ହେଉ କେନ୍ଦ୍ରଶାସିତ ଅଞ୍ଚଳ

## ତେଜିଲା ସୀମା ବିବାଦ: କର୍ଣ୍ଣାଟକ ସରକାରଙ୍କ ଦାବି

**ପୁଣିଥରେ ମୁଣ୍ଡ ଟେକିଛି ଦଶନ୍ଧି ପୁରୁଣା ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ। ଉତ୍ତର କର୍ଣ୍ଣାଟକ ସୀମାରେ ଆସୁଥିବା ମରାଠୀ ଭାଷୀ ଅଞ୍ଚଳକୁ ନେଇ ଦୁଇରାଜ୍ୟ ଏବେ ମୁହାଁମୁହିଁ ସୁପ୍ରିମକୋର୍ଟରେ ଉକ୍ତ ପ୍ରସଙ୍ଗ ବିଚାରାଧୀନ ଥିବାବେଳେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହି କ୍ଷେତ୍ରକୁ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା ଦାବି କରିବା ପରେ କର୍ଣ୍ଣାଟକ ଏହାର ପାଲଟା ଜବାବ ଦେଇଛି। ମୁମ୍ବାଇକୁ କର୍ଣ୍ଣାଟକରେ ସାମିଲ କରା ନ ଯିବା ଯାଏ କେନ୍ଦ୍ରଶାସିତ ଅଞ୍ଚଳ କରାଯାଉ ବୋଲି ଦାବି କରିଛନ୍ତି ଭାଜପା ନେତୃତ୍ୱାଧୀନ ୟେଦୁରପ୍ପା ସରକାର। ଉଭୟ ପକ୍ଷରୁ ବାକ୍‌ଯୁଦ୍ଧ ରାଜନୀତିକୁ ସରଗରମ କରିଛି।**

**ମୁମ୍ବାଇ/ବେଲଗାଭି, ୨୮।୧**

ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ସୀମା ବିବାଦ ତେଜିବାରେ ଲାଗିଛି। ଏହା ଉପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଉତ୍ତେଜକ ମନ୍ତବ୍ୟକୁ ନେଇ କର୍ଣ୍ଣାଟକ ସରକାର କଡ଼ା ଜବାବ ଦେଇଛନ୍ତି। କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ମଣ ସାଭଦି ମୁମ୍ବାଇକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବାକୁ ଦାବି କରିଛନ୍ତି। ମୁମ୍ବାଇ ଏକଦା ବମ୍ବେ-କର୍ଣ୍ଣାଟକ ଅଞ୍ଚଳର ଏକ ଅଂଶବିଶେଷ ଥିଲା। ଦେଶର ଅର୍ଥନୈତିକ ରାଜଧାନୀ ଉପରେ କର୍ଣ୍ଣାଟକବାସୀଙ୍କ ଅଧିକାରପୂର୍ଣ୍ଣ ଦାବି ରହିଥିବାରୁ ଏହା କର୍ଣ୍ଣାଟକରେ ସାମିଲ ହେବା ପର୍ଯ୍ୟନ୍ତ କେନ୍ଦ୍ରଶାସିତ ଅଞ୍ଚଳ ହୋଇ ରହୁ ବୋଲି ସେ କହିଛନ୍ତି।

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାଓ୍ୱାର ଓ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାରଙ୍କ ଉପସ୍ଥିତିରେ ବୁଧବାର ଉଦ୍ଧବ ବେଲଗାଭି ଅଞ୍ଚଳକୁ ଏକ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଉଚିତ ବୋଲି ଦାବି କରିଥିଲେ। ମହାରାଷ୍ଟ୍ର ସହ ଏହି କ୍ଷେତ୍ର ସାମିଲ ନ ହେବା ଯାଏ ସେ ନୀରବ ରହିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ପୂର୍ବରୁ ମଧ୍ୟ ଉଦ୍ଧବ ବେଲଗାଭି, କରଓ୍ୱାର ଓ ନିପାଣିକୁ ମହାରାଷ୍ଟ୍ରରେ ସାମିଲ କରିବା ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ସ୍ୱପ୍ନ ବୋଲି କହିଥିଲେ। କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ସାଭଦି ନିପାଣୀ ନିକଟ ବୋରଗାଁରେ ଏହାର ଜବାବ ରଖିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ସେ କହିଛନ୍ତି, ସୀମା ବିବାଦକୁ ନେଇ ମହାଜନ କମିଶନ ନିଜ ରିପୋର୍ଟ ଦାଖଲ କରିସାରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ କର୍ଣ୍ଣାଟକ ସପକ୍ଷରେ ଆସିବ ବୋଲି ରାଜ୍ୟବାସୀ ନିଶ୍ଚିତ। ମୁମ୍ବାଇ ଉପରେ ଆମର ଭାଗ ଦାବି କରିବା ସମୟ ଆସିଯାଇଛି। ମୁମ୍ବାଇକୁ କର୍ଣ୍ଣାଟକ ସହ ସାମିଲ କରିବା ଉଦ୍ୟମ ମଧ୍ୟ ବର୍ତ୍ତମାନ ଆରମ୍ଭ ହେବା ଉଚିତ। କର୍ଣ୍ଣାଟକରେ ଯେତେଦିନ ପର୍ଯ୍ୟନ୍ତ ମୁମ୍ବାଇ ସାମିଲ ନ ହେଉଛି ସେତେଦିନ ଯାଏ କେନ୍ଦ୍ର ସରକାର ଏହାକୁ କେନ୍ଦ୍ରଶାସିତ ଅଞ୍ଚଳ ରୂପେ ଘୋଷଣା କରନ୍ତୁ। କର୍ଣ୍ଣାଟକ ମୁମ୍ବାଇରୁ ନିଜ ଭାଗ ମାଗିବା ଆରମ୍ଭ କରିବା ମାତ୍ରେ ଦୁଇରାଜ୍ୟ ମଧ୍ୟରେ ସୀମା ବିବାଦର ସମାଧାନ ହୋଇଯିବ ବୋଲି ସାଭଦି କହିଛନ୍ତି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ସାଭଦି ବେଲଗାଭିରେ ମହାରାଷ୍ଟ୍ର ଏକୀକରଣ ସମିତି (ଏମ୍‌ଇଏସ୍)କୁ ଶେଷ କରିବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କହିଥିଲେ, ଏମ୍‌ଇଏସ୍ ଅଧ୍ୟାୟ ଶେଷ କରିବା ଲାଗି ଭାଜପା ଏହାର ସମସ୍ତ ନେତାଙ୍କୁ ନିଜ ଦଳରେ ସାମିଲ କରିବାକୁ ଯୋଜନା କରୁଛି। ଏମ୍‌ଇଏସ୍‌ର ବରିଷ୍ଠ ନେତା ଅରବିନ୍ଦ ପାଟିଲଙ୍କୁ ଆମେ ଆଗାମୀ ବିଧାନସଭା ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ କରିବୁ।



ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ



କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ମଣ ସାଭଦି

### ମହାଜନ କମିଶନ ରିପୋର୍ଟ

୧୯୫୭ ସେପ୍ଟେମ୍ବରରେ ତତ୍କାଳୀନ ବମ୍ବେ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ନିଜ ଆପତ୍ତି ଜଣାଇଥିଲେ। ସୀମା ବିବାଦର ସମାଧାନ ଲାଗି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ମେହର ଚାନ୍ଦ ମହାଜନଙ୍କ ଅଧକ୍ଷତାରେ ୧୯୬୬ ଅକ୍ଟୋବରରେ ଏକ କମିଶନ ଗଠନ କରାଯାଇଥିଲା। ୧୯୬୭ ଅଗଷ୍ଟରେ ମହାରାଷ୍ଟ୍ରକୁ ୨୬୪ ଗ୍ରାମ ସ୍ଥାନାନ୍ତର କରିବାକୁ ମହାଜନ କମିଶନ ସୁପାରିସ କରିଥିଲେ। ଅନ୍ୟପକ୍ଷେ ବେଲଗାମ ସମେତ ୨୪୭ ଗ୍ରାମ କର୍ଣ୍ଣାଟକରେ ରହୁ ବୋଲି କହିଥିଲେ। ଉକ୍ତ ରିପୋର୍ଟକୁ କର୍ଣ୍ଣାଟକ ସ୍ୱାଗତ କରିଥିବାବେଳେ ମହାରାଷ୍ଟ୍ର ଏହାକୁ ଅଯୌକ୍ତିକ ଦର୍ଶାଇ ପ୍ରତ୍ୟାଖ୍ୟାନ କରିଥିଲା। ତେବେ କେନ୍ଦ୍ର ସରକାର ଆନୁଷ୍ଠାନିକ ଭାବେ ଅଦ୍ୟାବଧି ଏହାକୁ ଲାଗୁ କରିନାହାନ୍ତି।




### ସୀମା ବିବାଦର ମୂଳ

ବେଲଗାମ (ବେଲଗାଭି) ହେଉଛି କର୍ଣ୍ଣାଟକର ଏକ ଅଂଶ, ଯାହାକି ବ୍ରିଟିଶ ଇଣ୍ଡିଆର ବମ୍ବେ ପ୍ରୋସିଡେନ୍ସିରେ ଥିଲା। ବମ୍ବେ ପ୍ରେସିଡେନ୍ସି ମଧ୍ୟରେ ବର୍ତ୍ତମାନର ଗୁଜରାଟ, ମହାରାଷ୍ଟ୍ର ଓ ଉତ୍ତର କର୍ଣ୍ଣାଟକର କେତେକ ଅଞ୍ଚଳ ଥିଲା। ସ୍ୱାଧୀନତା ପରେ ବେଲଗାମ ଜିଲା ବମ୍ବେ ଷ୍ଟେଟ୍‌ର ଅଂଶ ହୋଇ ରହିଲା। ୧୯୫୬ରେ ଭାଷା ଭିତ୍ତିରେ ରାଜ୍ୟ ପୁନର୍ଗଠନ ଆଇନ ପ୍ରଣୟନ ହେବା ପରେ ବେଲଗାମ ଓ ବମ୍ବେ ଷ୍ଟେଟ୍‌ର ୧୦ ତାଲୁକାକୁ ନବଗଠିତ ମହୀଶୂର ଷ୍ଟେଟ୍ (ବର୍ତ୍ତମାନ କର୍ଣ୍ଣାଟକ)ରେ ସାମିଲ କରାଗଲା। ଫଳରେ ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ସୀମା ବିବାଦ ଆରମ୍ଭ ହୋଇଥିଲା।

### ସୁପ୍ରିମକୋର୍ଟରେ ମାମଲା

୨୦୦୫ ଡିସେମ୍ବରରେ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ସୀମା ବିବାଦର ସମାଧାନ ଉଦ୍ୟମ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଏହି ଉଦ୍ୟମ ବିଫଳ ହେବା ପରେ ବେଲଗାମ ସହର ଓ କର୍ଣ୍ଣାଟକର ଅନ୍ୟ କେତେକ ଅଂଶ ଉପରେ ମହାରାଷ୍ଟ୍ର ନିଜ ଦାବି ଦୋହରାଇଥିଲା। ୨୦୦୬ରେ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। କର୍ଣ୍ଣାଟକରେ ରହୁଥିବା ମରାଠୀ ଭାଷୀ ଲୋକ ନିଜକୁ ଅସୁରକ୍ଷିତ ମନେକରୁଥିବାରୁ ଏହାକୁ ମହାରାଷ୍ଟ୍ରରେ ମିଶ୍ରଣ କରାଯାଉ ବୋଲି ଦାବି କରିଥିଲେ। ସର୍ବୋଚ୍ଚ ଅଦାଲତରେ ଉକ୍ତ ପ୍ରସଙ୍ଗ ବିଚାରାଧୀନ ଥିବାବେଳେ ଉଭୟ ରାଜ୍ୟ ନିଜ ସପକ୍ଷରେ ରାୟକୁ ଅପେକ୍ଷା କରିଛନ୍ତି।

### ସାମ୍ପ୍ରତିକ ସ୍ଥିତି

ଉଭୟ ରାଜ୍ୟର ଭାଷା ଭିତ୍ତିକ ଜନଗଣନା କରିବା ପରେ କର୍ଣ୍ଣାଟକରୁ ୮୧୪ ଗ୍ରାମକୁ ସ୍ଥାନାନ୍ତର କରାଯାଉ ବୋଲି ମହାରାଷ୍ଟ୍ର ଦାବି କରିଆସୁଛି। ୨୦୧୪ରେ ମହାରାଷ୍ଟ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୧୩୧ (ଖ) ଅନୁସାରେ ସୀମା ବିବାଦର ସମାଧାନ କରାଯାଉ ବୋଲି ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ, ଯାହାକି ଅଦ୍ୟାବଧି ବିଚାରାଧୀନ ଅଛି। ୨୦୧୯ରେ ମହାବିକାଶ ଅଘାଡ଼ି ସରକାର କ୍ଷମତାକୁ ଆସିବା ପରେ ସୁପ୍ରିମକୋର୍ଟରେ ରାଜ୍ୟର ଉଦ୍ୟମକୁ ତ୍ୱରାନ୍ୱିତ କରିବା ଲାଗି ମନ୍ତ୍ରୀ ଛଗନ ଭୁଜବଳ ଓ ଏକନାଥ ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଦାୟିତ୍ୱ ଦେଇଥିଲେ। ଗତ ନଭେମ୍ବରରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ମହାଜନ କମିଶନ ରିପୋର୍ଟକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ମରାଠାମାନଙ୍କ ବିକାଶ ପାଇଁ ଆମେ ଏକ ନିଗମ ଗଠନ କରିଛୁ ବୋଲି ସେ କହିଥିଲେ।

> ସୁପ୍ରିମକୋର୍ଟଙ୍କ ରାୟ ନ ଆସିବା ଯାଏ ବିବାଦୀୟ ଅଞ୍ଚଳକୁ କେନ୍ଦ୍ରଶାସିତ ଅଞ୍ଚଳ କରାଯାଉ। କର୍ଣ୍ଣାଟକର କାର୍ଯ୍ୟ ଅଦାଲତଙ୍କୁ ଅସମ୍ମାନ ସଦୃଶ।
>
> **- ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**

> କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ମଣ ସାଭଦି ପାଗଳଙ୍କ ଭଳି ପ୍ରଳାପ କରୁଛନ୍ତି। ସେ ଇତିହାସକୁ ବୁଝିବା ଦରକାର।
>
> **- ସଞ୍ଜୟ ରାଉତ, ଶିବସେନା ଏମ୍‌ପି**



ଗୁରୁବାର ରାତି ସୁଦ୍ଧା ୟୁପି ଗେଟ୍ ଖାଲି କରିବାକୁ ଗାଜିଆବାଦ ଜିଲା ପ୍ରଶାସନର ନିର୍ଦ୍ଦେଶ ପରେ ଦିଲ୍ଲୀ-ଗାଜିପୁର ସୀମା ଛାଡୁଛନ୍ତି ଆନ୍ଦୋଳନରତ ଚାଷୀ। ତେବେ ୧୪୪ ଧାରା ଜାରି ସତ୍ତ୍ୱେ ଆଉ କେତେଜଣ ଚାଷୀ ସୀମା ଛାଡ଼ି ଯିବାକୁ ମନା କରି ଦେଇଛନ୍ତି।

## କୃଷକ ନେତାଙ୍କ ନାଁରେ ଲୁକ୍ ଆଉଟ୍ ନୋଟିସ

**ନୂଆଦିଲ୍ଲୀ, ୨୮।୧(ଆଇଏଏନ୍ଏସ୍)**

ସାଧାରଣତନ୍ତ୍ର ଦିବସ ହିଂସାକାଣ୍ଡରେ ସମ୍ପୃକ୍ତ କୃଷକ ନେତା, ଯେଉଁମାନଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା, ଦିଲ୍ଲୀ ପୋଲିସ ଗୁରୁବାର ସେମାନଙ୍କ ନାଁରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଛି। ସେମାନେ ଯେପରି ଦେଶ ଛାଡ଼ି ପଳାଇ ନ ଯିବେ, ସେଥିପାଇଁ ସେମାନଙ୍କ ପାସ୍‌ପୋର୍ଟ ସମର୍ପଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପୋଲିସ କହିଛି। ଟ୍ରାକ୍ଟର ରାଲି ପାଇଁ ରଖାଯାଇଥିବା ସର୍ତ୍ତ ଉଲ୍ଲଂଘନ ଅଭିଯୋଗରେ ରାକେଶ ଟିକାଏତ୍, ଦର୍ଶନ ପାଲ୍, ଗୁର୍‌ନାମ ସିଂ ଚାଦୁନି, ରାଜିନ୍ଦର ସିଂ, ବଲ୍‌ବୀର ସିଂ ରାଜେଓ୍ୱାଲ, ବୁଟା ସିଂ ବୁର୍ଜ ଗିଲ୍, ଯୋଗେନ୍ଦ୍ର ଯାଦବ, ମେଧା ପାଟେକର, ଅଭିକ୍ ସାହା ଏବଂ ଯୋଗୀନ୍ଦର ସିଂ ଉଗ୍ରହଙ୍କ ସମେତ ୩୭ କୃଷକ ନେତାଙ୍କ ବିରୋଧରେ ଏତଲା ଦାଏର ହୋଇଛି। ସେମାନଙ୍କ ବିରୋଧରେ ଆଇପିସିର ଧାରା ୧୪୭, ୧୪୮ (ଦଙ୍ଗା ସୃଷ୍ଟି କରିବା), ୧୨୦ବି (ଅପରାଧ ଷଡ଼ଯନ୍ତ୍ର) ଏବଂ ୩୦୭ (ହତ୍ୟା ଉଦ୍ୟମ)ରେ ୨୫ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହେବା ସହ ୧୯ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୫୦ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

## ପଶ୍ଚିମବଙ୍ଗ ବିଧାନସଭାରେ ପ୍ରସ୍ତାବ ଗୃହୀତ

**କୋଲକାତା, ୨୮।୧(ପି.ଟି.):** ୩ କୃଷି ଆଇନ ବିରୋଧରେ ପଶ୍ଚିମବଙ୍ଗ ବିଧାନସଭାରେ ଗୁରୁବାର ପ୍ରସ୍ତାବ ଗୃହୀତ ହୋଇଛି। ତୁରନ୍ତ ଉକ୍ତ ଆଇନ ପ୍ରତ୍ୟାହାର ପାଇଁ ପ୍ରସ୍ତାବରେ ଦାବି କରାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପାର୍ଥ ଚାଟାର୍ଜୀ ପ୍ରସ୍ତାବ ଆଗତ କରିଥିଲେ। ସରକାର ଆଇନ ପ୍ରତ୍ୟାହାର ନ କଲେ ଇସ୍ତଫା ଦିଅନ୍ତୁ ବୋଲି ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଥିଲେ।

## ନାବାଳିକାଙ୍କ ହାତ ଧରିବା, ନିଜ ଜିପ୍ ଖୋଲିବା ଯୌନ ଅପରାଧ ନୁହେଁ: ବମ୍ବେ ହାଇକୋର୍ଟ

**ନାଗପୁର, ୨୮।୧**

ଜଣେ ନାବାଳିକାଙ୍କ ହାତ ଧରିବା ଓ ନିଜ ପ୍ୟାଣ୍ଟର ଜିପ୍ ଖୋଲିବା ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଆଇନ ଅନୁଯାୟୀ ଯୌନ ଅପରାଧ କିମ୍ବା ଉତ୍ତେଜିତ ଯୌନ ଉତ୍ପୀଡ଼ନ ପରିସରରେ ଆସୁନାହିଁ ବୋଲି ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ୍ କହିଛନ୍ତି। ବିଚାରପତି ପୁଷ୍ପା ଗଣେଡ଼ିୱାଲାଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ ଜାନୁୟାରୀ ୧୫ରେ ଏଭଳି ମତାମତ ଦେଇଛନ୍ତି। ୫ ବର୍ଷର ଶିଶୁକନ୍ୟା ପ୍ରତି ଯୌନ ଉତ୍ପୀଡ଼ନ ଓ ଅସଦାଚରଣ ମାମଲାରେ ସେସନ୍ସ କୋର୍ଟ ଜଣେ ୫୦ ବର୍ଷୀୟ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ୫ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଅଭିଯୁକ୍ତ ଲିବ୍‌ନସ୍ କୁଜୁର୍ ଏହି ରାୟକୁ ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚରେ ଚ୍ୟାଲେଞ୍ଜ କରିଥିଲେ।

ବିଚାରପତି ଗଣେଡ଼ିୱାଲା ତାଙ୍କ ରାୟରେ କହିଛନ୍ତି, ଅଭିଯୁକ୍ତ ଯୌନ ଅତ୍ୟାଚାର କରିଥିବା ଓକିଲ ପ୍ରମାଣ କରିପାରି ନାହାନ୍ତି। ପୋକ୍ସୋ ଆଇନରେ ଯୌନ ଉତ୍ପୀଡନ ଅର୍ଥ ଯୌନକ୍ରିୟା ଉଦ୍ଦେଶ୍ୟ ସହ ଶାରୀରିକ ସ୍ପର୍ଶ। ତେଣୁ ନାବାଳିକାଙ୍କ ହାତ ଧରିବା ଓ ପ୍ୟାଣ୍ଟ ଜିପ୍ ଖୋଲିବା ଯୌନ ଉତ୍ପୀଡ଼ନ ସଂଜ୍ଞାକୁ ପୂରଣ କରୁନାହିଁ ବୋଲି ବିଚାରପତି କହିଥିଲେ। ସୂଚନାଯୋଗ୍ୟ, ଅନ୍ୟ ଏକ ରାୟରେ ବିଚାରପତି ଗଣେଡ଼ିୱାଲା ଜଣେ ୩୯ ବର୍ଷୀୟ ଅଭିଯୁକ୍ତଙ୍କ ଦଣ୍ଡ କୋହଳ କରିଦେଇଥିଲେ। ଚର୍ମ ସ୍ପର୍ଶ ନ କରି ସ୍ତନ ଅଣ୍ଡାଳିବା ଯୌନ ଉତ୍ପୀଡ଼ନ ନୁହେଁ ବୋଲି ସେ ମତ ଦେଇଥିଲେ। ସୁପ୍ରିମକୋର୍ଟ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।

## ଉତ୍ତେଜକ ଟିଭି କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କର

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୮।୧**

ଲୋକଙ୍କୁ ହିଂସାକାଣ୍ଡ ଭିଆଇବା ପାଇଁ ଉସୁକାଉଥିବା ଟେଲିଭିଜନ କାର୍ଯ୍ୟକ୍ରମ ଓ ଖବରକୁ ସକ୍ରିୟ ଭାବେ ନିୟନ୍ତ୍ରଣ କରାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଏ ସମ୍ପର୍କିତ ଆଇନକୁ କଡ଼ାକଡ଼ି କରିବା ଲାଗି ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି। ଉସୁକାଇବାକୁ ରୋକିବା ଆଇନ ଶୃଙ୍ଖଳା ରକ୍ଷା କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏନେଇ ସରକାର କିଛି କରୁ ନ ଥିବା ଅଦାଲତ ଗତବର୍ଷର କେତେକ ବିବାଦର ଶୁଣାଣି ବେଳେ କହିଛନ୍ତି।

ସ୍ୱଚ୍ଛ ଓ ସତ୍ୟ ଖବର ପ୍ରକାଶରେ କୌଣସି ସମସ୍ୟା ନାହିଁ। ତେବେ ଅନ୍ୟମାନଙ୍କୁ ଉସୁକାଇବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରି ପରିବେଷଣ କରାଯାଉଥିବା ଖବର ସମସ୍ୟା ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ କହିଛନ୍ତି। ସିଜେଆଇଙ୍କ ଅଧକ୍ଷତାରେ ବିଚାରପତି ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତବର୍ଷ ଦିଲ୍ଲୀରେ ତବଲିଘି ଜମାତ୍ ସମ୍ମିଳନୀର ଖବର ପରିବେଷଣକୁ ନେଇ ଦାଖଲ ପିଟିଶନର ଶୁଣାଣି କରି ସରକାର, ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ ଏବଂ ବ୍ରଡ୍‌କାଷ୍ଟିଂ ଆସୋସିଏଶନକୁ ନୋଟିସ୍ ଜାରି କରିଛନ୍ତି। ଜାମିଆତ୍ ଉଲେମା-ଇ-ହିନ୍ଦ୍, ପିସ୍ ପାର୍ଟି ଓ ଅନ୍ୟମାନଙ୍କ ପକ୍ଷରୁ ପିଟିଶନ ଦାଏର ହୋଇଥିଲା। ତବଲିଘି ଜମାତ୍ ସମ୍ମିଳନୀ କୋଭିଡ୍ ହଟ୍‌ସ୍ପଟରେ ପରିଣତ ହୋଇଥିଲା। ଗଣମାଧ୍ୟମର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏହାକୁ ସାମ୍ପ୍ରଦାୟିକ ରୂପ ଦେଇଥିଲେ ବୋଲି ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। କେତେକ ଘଟଣାରେ ପ୍ରସାରଣକୁ ବନ୍ଦ କରିଦିଆଯାଇଥିଲା ବୋଲି ସରକାର ଯୁକ୍ତି ଦର୍ଶାଇଥିଲେ। ପ୍ରଧାନ ବିଚାରପତି କହିଥିଲେ, ସତ୍ୟ ଏହା ଯେ ଲୋକଙ୍କୁ ଉସୁକାଇବା ଭଳି ପ୍ରଭାବ ଥିବା କାର୍ଯ୍ୟକ୍ରମ ପ୍ରସାରିତ ହେଉଛି ଓ ସରକାର ତାହା ବିରୋଧରେ କିଛି କରୁନାହାନ୍ତି। ସାଧାରଣତନ୍ତ୍ର ଦିବସ ଟ୍ରାକ୍ଟର ରାଲି ବେଳେ ହିଂସାକାଣ୍ଡ ହେବାକୁ ଇଣ୍ଟରନେଟକୁ ବନ୍ଦ କରିଦିଆଗଲା। ଚାଷୀଙ୍କ ଉପରେ ଫୋକସ୍ କରା ନ ଯାଇ ଇଣ୍ଟରନେଟ ବନ୍ଦ କରାଯାଉଛି। ସେହିଭଳି ସମସ୍ୟା ଯେକୌଣସି ସ୍ଥାନରେ ଘଟିପାରେ ବୋଲି ସିଜେଆଇ ବୋବ୍‌ଡେ କହିଥିଲେ। ସରକାର କେବୁଲ୍ ଟେଲିଭିଜନ ନେଟୱର୍କ (ନିୟନ୍ତ୍ରଣ) ଆଇନରେ ସଂସ୍କାର ଆଣିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୧୬,୭୯,୮୨୩ | ୨୧,୯୦,୬୯୧ | ୭,୩୫,୦୭,୩୫୮ |
| ଭାରତ | ୧,୦୭,୧୨,୦୩୬ | ୧,୫୩,୯୭୯ | ୧,୦୩,୮୩,୪୮୪ |
| ଓଡ଼ିଶା | ୩,୩୪,୭୮୦ | ୧୯୦୬(+୫୩) | ୩,୩୧,୬୬୭ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଫେବୃୟାରୀ ୨୮ ଯାଏ ଅନ୍ତର୍ଜାତୀୟ ପାସେଞ୍ଜର ଫ୍ଲାଇଟ ବାତିଲ

**ନୂଆଦିଲ୍ଲୀ,୨୮।୧:** କେନ୍ଦ୍ର ସରକାର ଫେବୃୟାରୀ ୨୮ ଯାଏ ଅନ୍ତର୍ଜାତୀୟ ପାସେଞ୍ଜର ଫ୍ଲାଇଟ୍ ବାତିଲ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ଏ ନେଇ ଗୁରୁବାର ସ୍ପଷ୍ଟ କରାଯାଇଛି। ଅପରପକ୍ଷରେ କେତେକ ନିର୍ଦ୍ଦିଷ୍ଟ ରୁଟ୍‌ରେ ଅନ୍ତର୍ଜାତୀୟ ବିମାନ ସେବାକୁ ଅନୁମତି ମିଳିବ। କରୋନା ମହାମାରୀ ଯୋଗୁ ଅନ୍ତର୍ଜାତୀୟ ବିମାନ ସେବାକୁ ମାର୍ଚ୍ଚ ୨୩ରୁ ବାତିଲ କରାଯାଇଛି। ଏଭଳି ସ୍ଥିତିରେ ବନ୍ଦେ ଭାରତ ମିଶନ ଦ୍ୱାରା ମେ ମାସରୁ ନିର୍ଦ୍ଦିଷ୍ଟ ରୁଟ୍‌ରେ ଅନ୍ତର୍ଜାତୀୟ ବିମାନ ସେବା ଉପଲବ୍ଧ ହେଉଛି। ଭାରତ ବର୍ତ୍ତମାନ ଆମେରିକା, ବ୍ରିଟେନ, ୟୁନାଇଟେଡ୍ ଆରବ ଏମିରେଟ୍ସ ସମେତ ପ୍ରାୟ ୨୪ ଦେଶ ସହ ଏୟାର ବବଲ୍ ଚୁକ୍ତିରେ ସାମିଲ ହୋଇଛି। ଏହାଦ୍ୱାରା ସ୍ୱତନ୍ତ୍ର ବିମାନ ସେବା ଉପଲବ୍ଧ ହେଉଛି। ନୂଆ ନିଷ୍ପତ୍ତି ଦ୍ୱାରା ସ୍ୱତନ୍ତ୍ର ବିମାନ ଏବଂ ଅନ୍ତର୍ଜାତୀୟ ମାଲ୍ ପରିବହନ ଫ୍ଲାଇଟ୍‌ଗୁଡିକର ପରିଚାଳନାରେ ବାଧା ଉପୁଜିବ ନାହିଁ ବୋଲି ଡିଜିସିଏ କହିଛି।

### ବିଦ୍ୟୁତ୍ ଫାଶରେ ନିଜେ ଶିକାରୀ

**ବନ୍ତଲା,୨୮।୧(ଡି.ଏନ.ଏ.):** ଅନୁଗୋଳ ଜିଲା ପମ୍ପାସର୍ ରେଞ୍ଜ ଅନ୍ତୁଲିଆ ପଞ୍ଚାୟତ ରୋଡସିଙ୍ଗା ଗ୍ରାମ ନିକଟ ଜଙ୍ଗଲରେ ବୁଧବାର ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶିକାରୀ ଉମାକାନ୍ତ ପ୍ରଧାନ (୫୫)ଙ୍କ ମୃତ୍ୟୁ ଘଟିଛି। ଜନ୍ତୁ ଶିକାର ପାଇଁ ସହଯୋଗୀଙ୍କ ସହ ନିଜେ ଉମାକାନ୍ତ ଏହି ଫାଶ ବସାଇଥିଲେ। କୌଣସି ସୂତ୍ରରୁ ଖବର ବନ ବିଭାଗ କର୍ମଚାରୀଙ୍କ ନିକଟରେ ପହଞ୍ଚିଯାଇଥିଲା। ତେଣୁ ଚଢ଼ାଉ ପୂର୍ବରୁ ତରବର ହୋଇ ଫାଶ ଖୋଲିନେବାକୁ ଉମାକାନ୍ତ ଉଦ୍ୟମ କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ପୁରୁଣାକୋଟ ଥାନା ଅଧିକାରୀ ବିକ୍ରମ ବିହାରୀ ଜୟପୁରିଆ ମୃତଦେହ ଏବଂ ଶିକାର ପାଇଁ ବ୍ୟବହୃତ ବିଦ୍ୟୁତ୍ ତାର ଜବତ କରି ତଦନ୍ତ ଚଳାଇଛନ୍ତି।

# ୩ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲ

**କେନ୍ଦୁଝର,୨୮।୧ (ସ୍ୱ.ପ୍ର./ଡି.ଏନ.ଏ.)**



କେନ୍ଦୁଝର ଜିଲା ଦୌରାଜଜ୍ ବେଣୁଧର ପାତ୍ର ଏକ ଗଣବଳାତ୍କାର ମାମଲାର ଶୁଣାଣି କରି ୩ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲଦଣ୍ଡାଦେଶ କରିବା ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ରାଉରକେଲା ଅଞ୍ଚଳରେ ଘଟିଥିବା ବେଳେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ଏହା ଅତିରିକ୍ତ ସେସନ ଜଜ୍ କୋର୍ଟ ରାଉରକେଲାରୁ କେନ୍ଦୁଝର ଜିଲା ଜଜ୍ କୋର୍ଟକୁ ତା୫।୮।୨୦୧୯ରିଖରେ ବିଚାର ପାଇଁ ସ୍ଥାନାନ୍ତର ହୋଇଥିଲା। ଦୋଷୀମାନେ ହେଲେ ବିଶ୍ରା ଥାନା ଅଞ୍ଚଳର ଅଜିତ ଲଳିତ ଗୁଡ଼ିଆ, ରାଜେଶ ଲାକ୍ରା ଓ ନିନହାଣିଆ ଲାକ୍ରା। ୧୩ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି କୋର୍ଟ ଏହି ଆଦେଶ ଦେଇଛନ୍ତି।

**ଯୁବତୀଙ୍କୁ ଗଣବଳାତ୍କାର ମାମଲା**

ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ଜୁଲାଇ ୧୨ ତାରିଖ ଅପରାହ୍ନ ୫ଟାରେ ଜନୈକା ୨୯ ବର୍ଷୀୟା ଯୁବତୀ ବିଲରୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ବାଟରୁ ଉଠାଇ ନେଇ ଏକ ମହୁଲ ଗଛ ନିକଟରେ ଗଣବଳାତ୍କାର କରିଥିଲେ। କାହାକୁ ଜଣାଇଲେ ହତ୍ୟା କରିଦେବେ ବୋଲି ଧମକଚମକ ଦେଇଥିଲେ। ପରେ ଏହି ଘଟଣାକୁ ନେଇ ପୀଡ଼ିତା ୧୯ ତାରିଖରେ ଥାନାରେ ଏତଲା ଦେଇଥିଲେ। ବିଶ୍ରା ଥାନା ପୋଲିସ ଦଫା ୩୭୬ (ଡି) ଓ ୫୦୬ ଆଇପିସି ଧାରାରେ ଏକ ମାମଲା (ନଂ.୬୦/୨୦୧୭) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ପ୍ରଦୀପ କୁମାର ଦାସ କହିଛନ୍ତି ଯେ, ରାଉରକେଲାରେ ସେତେବେଳେ ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଉଚ୍ଚ ନ୍ୟାୟାଳୟଙ୍କ ସ୍ୱତନ୍ତ୍ର ଆଦେଶକ୍ରମେ ଏହି ମାମଲାଟି ରାଉରକେଲାରୁ କେନ୍ଦୁଝରକୁ ସ୍ଥାନାନ୍ତର ହୋଇଥିଲା।

# ସ୍ତ୍ରୀ ହତ୍ୟାକାରୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ

**ବାରିପଦା ଅଫିସ,୨୮।୧**

ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ଯୌତୁକଜନିତ ସ୍ତ୍ରୀ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଓ ଦୌରାଜଜ୍(୧) ପ୍ରବୀର କୁମାର ଚୌଧୁରୀ ଏହାର ବିଚାର କରି ଉଦଳା ଥାନା ନୂଆଗାଁ ଅଞ୍ଚଳର ଅଭିଯୁକ୍ତ ସ୍ୱାମୀ ବିଷ୍ଣୁ ବିନ୍ଧାଣୀ(୫୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୮ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ସ୍ତ୍ରୀ ସୁବର୍ଣ୍ଣାଙ୍କୁ ଯୌତୁକ ଦାବିରେ ସ୍ୱାମୀ ନିର୍ଯାତନା ଦେଉଥିଲେ। ଏଥିରେ ଅସହ୍ୟ ହୋଇ ଅଧିକ ପରିମାଣର ଔଷଧ ଖାଇ ସୁବର୍ଣ୍ଣାଙ୍କ ମୃତ୍ୟୁ ଘଟିଥିବା ବାପଘର ଲୋକେ ଅଭିଯୋଗ କରିଥିଲେ। ଏନେଇ ୨୦୧୦ ମେ ୪ ତାରିଖରେ ଉଦଳା ଥାନାରେ ଏକ ମାମଲା(ନଂ. ୩୪/୧୦) ରୁଜୁ ହୋଇଥିଲା। ମାମଲାକୁ ଅତିରିକ୍ତ ପି.ପି. କୃଷ୍ଣଚନ୍ଦ୍ର ଦାଶ ଏବଂ ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ପରମାନନ୍ଦ ଷଡ଼ଙ୍ଗୀ ପରିଚାଳନା କରୁଥିଲେ।

# ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ବାରିପଦା ଅଫିସ, ୨୮।୧**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଉରା-ଚନ୍ଦାବିଲାଠାରେ ନିର୍ମାଣାଧୀନ ପୋଲରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ରାସଗୋବିନ୍ଦପୁର ଥାନା ଅଧୀନ ଧାନଶୋଳ ଗ୍ରାମର ଦୀପକ ସିଂ (୩୨)। ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଉତ୍ୟକ୍ତ ଲୋକେ ମୃତଦେହ ରଖି ହୋହଲ୍ଲା କରିବା ସହ ଆମ୍ବୁଲାନ୍ସକୁ ଫେରାଇ ଦେଇଥିଲେ। ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ନ ଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରି ଲୋକେ ଠିକା ସଂସ୍ଥାର ସୁପରଭାଇଜର ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ମାଡ଼ମାରି ଆହତ କରିଥିବା ସୂଚନା ମିଳିଛି। ଖବର ପାଇ ବେତନଟୀ ଏସ୍‌ଡିପିଓ ଲଳିତ କୁମାର ପଟ୍ଟନାୟକ ଓ ଥାନାଧିକାରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ, ବାରିପଦା-ପ୍ରତାପପୁର-ବଡ଼ସାହି-ମାଣତ୍ରୀକୁ ସଂଯୋଗ କରୁଥିବା ରାସ୍ତାର ଉରା ନାଳ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ୧୧କୋଟି ୪୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୁଇ ବର୍ଷ ଧରି ପୋଲ କାର୍ଯ୍ୟ ଚାଲିଆସୁଛି। ପିଲର୍ କାମ ଚାଲୁଥିବା ବେଳେ ଗୁରୁବାର ସକାଳେ ମାଟି ଅତଡ଼ା ଖସିବାରୁ ଦୀପକ ଉକ୍ତ ପିଲର୍ ମଧ୍ୟରେ ଚାପି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଜଣେ ଶ୍ରମିକ ଶତ୍ରୁଘ୍ନ ମଲିକ ମଧ୍ୟ ଆହତ ହୋଇଥିଲେ। ତେବେ ନିର୍ମାଣ କାର୍ଯ୍ୟରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ଠିକା ସଂସ୍ଥା ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କୁ ଉତ୍ୟକ୍ତ ଶ୍ରମିକ ଓ ସ୍ଥାନୀୟ ଲୋକେ ମାଡ଼ମାରି ଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ବେତନଟୀ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବାର୍‌ହା ଫାଶରେ କଲରାପତରିଆ

**ବୁଗୁଡ଼ା,୨୮।୧(ଡି.ଏନ୍.ଏ.)**



ଉଦ୍ଧାର ହୋଇଥିବା କଲରାପତରିଆ ବାଘ।

ଗଞ୍ଜାମ ଜିଲା ବୁଗୁଡ଼ା ବନାଞ୍ଚଳ ମାଣିତରା ସେକ୍ସନ ବଡ଼ପଥର କୁଣ୍ଡାଖାଇ ମୁଣ୍ଡିଆରେ ଗୁରୁବାର ସକାଳେ ଫାଶରେ ପଡିଥିବା ଏକ ବାର୍‌ହାକୁ ଖାଇବାକୁ ଆସି ଫସି ଯାଇଥିଲା କଲରାପତରିଆ ବାଘ। ବନ କର୍ମଚାରୀ ସ୍ଥାନୀୟ ଯୁବକଙ୍କ ସହଯୋଗରେ ବାଘଟିକୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଜଙ୍ଗଲରେ ଛାଡିବାକୁ ନେବାବେଳେ ବାଘଟିର ମୃତ୍ୟୁ ଘଟିଥିବା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା କହିଛନ୍ତି। ପ୍ରକାଶ ଯେ, କୌଣସି ଶିକାରୀ ବାର୍‌ହା ଶିକାର ପାଇଁ ବଡ଼ପଥର ପାହାଡ଼ରେ ବୁଧବାର ରାତିରେ ଫାଶ ବିଛାଇଥିଲେ। ସେଥିରୁ ଗୋଟିଏ ଫାଶରେ ଏକ ବାର୍‌ହା ପଡିଥିଲା। ଏକ କଲରାପତରିଆ ବାଘ ତାକୁ ଖାଇବାକୁ ଆସିବାବେଳେ ଅନ୍ୟ ଏକ ଫାଶରେ ପଡି ଯାଇଥିଲା। ଫାଶରେ ପଡି ବାଘଟି ଗର୍ଜନ କରିବାରୁ ସ୍ଥାନୀୟ ଲୋକେ ଶୁଣି ବନବିଭାଗକୁ ଜଣାଇଥିଲେ। ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ପହଞ୍ଚି କେତେଜଣ ସ୍ଥାନୀୟ ଯୁବକଙ୍କ ସହଯୋଗରେ ଜାଲ ବିଛାଇ ବାଘଟିକୁ କାବୁ କରିଥିଲେ। ବାଘ ଦେଖିବାକୁ ଆଖପାଖ ଗାଁର ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। କାବୁ କରି ବାଘଟିକୁ ନେବାବେଳେ ଦିଲୀପ ଦାଶ ନାମକ ଜଣେ ଉଦ୍ଧାରକାରୀ ଯୁବକଙ୍କ ଡାହାଣ ଜଙ୍ଘକୁ ବାଘ କାମୁଡି ଦେଇଥିଲା। ତାଙ୍କୁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି।

**ଉଦ୍ଧାର କରି ଜଙ୍ଗଲରେ ଛାଡ଼ିବାବେଳେ ମୃତ**

ଘଟଣା ପରେ ଭଞ୍ଜନଗର ମୋବାଇଲ ଟିମ୍ ଏବଂ ଡିଏଫ୍‌ଓ ସୂର୍ଯ୍ୟ ନାରାୟଣ ବେହୁରା, ଏସିଏଫ୍ ଶଙ୍କର୍ଷଣ ବେହେରା ଓ ପ୍ରଭାକର ନାୟକ ପହଞ୍ଚିଥିଲେ। ଉଦ୍ଧାର ବାଘଟିକୁ ନେଇ ବୁଗୁଡ଼ା ବନାଞ୍ଚଳ କିରିଆମ୍ବା ସଂରକ୍ଷିତ ଜଙ୍ଗଲରେ ଛାଡିବା ବେଳକୁ ତାର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଶ୍ୱାସରୁଦ୍ଧ ହୋଇ ବାଘଟିର ମୃତ୍ୟୁ ହୋଇଥିବା ବନାଞ୍ଚଳ ଅଧିକାରୀ ବେହେରା କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହକୁ ପୋତି ଦିଆଯାଇଛି।



**ଆଜିର ମନ୍ତବ୍ୟ**

"ଭାରତ ବାହାର ଦେଶରୁ ଅସ୍ତ୍ରଶସ୍ତ୍ର କିଣିବାରେ ଆଗୁଆ ବଦଳରେ ପ୍ରତିରକ୍ଷା ଉପକରଣର ବଡ଼ ଉତ୍ପାଦକ ଭାବେ ଉଭାହେବ।"

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ହିତଲ୍
ପରିବାରବର୍ଗ



ନିଶାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ପ୍ରଥମ ପୃଷ୍ଠାରୁ...

## ପାର୍ଲାମେଣ୍ଟରେ ଘେରିବେ...

ଟାଳଟୁଳ ନୀତିକୁ ସମାଲୋଚନା କରିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ବର୍ଜନ କରିବା ଲାଗି ନିଷ୍ପତ୍ତି ନେଇଥିବା ଦଳଗୁଡ଼ିକ ହେଲେ କଂଗ୍ରେସ, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି), ନ୍ୟାଶନାଲ କନ୍‌ଫରେନ୍ସ, ଡିଏମ୍‌କେ, ତୃଣମୂଳ କଂଗ୍ରେସ (ଟିଏମ୍‌ସି), ଶିବସେନା, ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ସିପିଆଇ, ସିପିଏମ୍, ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ୍ ଲିଗ୍, ଆର୍‌ଏସ୍‌ପି, ପିଡିପି, ଏମ୍‌ଡିଏମ୍‌କେ, କେରଳ କଂଗ୍ରେସ (ଏମ୍), ଏଏପି, ଶିରୋମଣି ଅକାଳୀ ଦଳ ଏବଂ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ। ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଅହଂକାରୀ ଏବଂ ଅଗଣତାନ୍ତ୍ରିକ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଚାଷୀ ବିରୋଧୀ ଆଇନ ପ୍ରତ୍ୟାହାର ଲାଗି ସେମାନେ ମିଳିତ ଭାବେ ଦାବି କରିବେ ବୋଲି ଏକ ମିଳିତ ବିବୃତିରେ କହିଛନ୍ତି।

କେନ୍ଦ୍ର ସରକାର ମନମାନି ଭାବେ ୩ କୃଷି ଆଇନ ଲଦିଦେଇଛନ୍ତି। ଏହା ବିରୋଧରେ ଚାଷୀମାନେ ମିଳିତ ଭାବେ ଲଢ଼େଇ କରି ଆସୁଛନ୍ତି। ସରକାର ଆଇନ ପ୍ରତ୍ୟାହାର କରିବା ପରିବର୍ତ୍ତେ ଚାଷୀଙ୍କୁ ତଡ଼ିବା ପାଇଁ ପାଣିମାଡ଼, ଲୁହବୁହା ଗ୍ୟାସ ପ୍ରୟୋଗ ସାଙ୍ଗକୁ ଲାଠିଚାଳନା କରୁଛନ୍ତି ବୋଲି କଂଗ୍ରେସ ନେତା ଆଜାଦଙ୍କ ସମେତ ଉପନେତା ଆନନ୍ଦ ଶର୍ମା ଏବଂ ଲୋକ ସଭାରେ କଂଗ୍ରେସର ମୁଖ୍ୟ ହୁଇପ୍ କେ. ସୁରେଶ ଖବରଦାତା ସମ୍ମିଳନୀରେ କହିଥିଲେ। ଦୁଇମାସ ହେଲା ଚାଷୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇ ଆସୁଥିଲେ। ଜାନୁୟାରୀ ୨୬ ଟ୍ରାକ୍ଟର ରାଲି ହିଂସାରେ ପରିଣତ ହେବା ପଛରେ କିଛି ବାହ୍ୟ ଷଡ଼ଯନ୍ତ୍ର ରହିଛି, ଯାହାକୁ ସମ୍ମିଳିତ ଭାବେ ନିନ୍ଦା କରାଯାଉଛି ବୋଲି ବିରୋଧୀ ଦଳଗୁଡ଼ିକ କହିଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରୁଥିବା ଦିଲ୍ଲୀ ପୋଲିସର ଅନେକ କର୍ମଚାରୀ ଆହତ ହୋଇଥିବାରୁ ସେଥିପାଇଁ ବିରୋଧୀ ଦଳ ଦୁଃଖ ପ୍ରକାଶ କରିଛି। ତେବେ ହିଂସା ପଛରେ ରହିଥିବା ସରକାରଙ୍କ ଅସାଧୁ ଭୂମିକାକୁ ଲୋକଲୋଚନକୁ ଆଣିବା ଲାଗି ଏହାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି। ନୂଆ କୃଷି ଆଇନ ଭାରତୀୟ ଚାଷୀଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେବ। ଏହା ରାଜ୍ୟ ଅଧିକାର ଉପରେ ଆକ୍ରମଣ ହୋଇଥିବାବେଳେ ସମ୍ବିଧାନର ସଂଘୀୟ ଭାବନାର ଉଲ୍ଲଂଘନ ବୋଲି ବିରୋଧୀ କହିଛନ୍ତି।

## ସୀମା ଛାଡ଼ିବାକୁ...

ବ୍ୟବସାୟ ପ୍ରଭାବିତ ହୋଇଛି। ସାଧାରଣତନ୍ତ୍ର ଦିବସରେ ଚାଷୀମାନେ ତ୍ରିରଙ୍ଗାକୁ ଅସମ୍ମାନ କରିଛନ୍ତି। ସେଥିପାଇଁ ସେମାନଙ୍କୁ ତୁରନ୍ତ ହଟାଇବା ଦାବିରେ ବିକ୍ଷୋଭ କରାଯାଉଛି ବୋଲି ଜଣେ ସ୍ଥାନୀୟ ବାସିନ୍ଦା କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାଟୁଆ ହୁଡ଼ିଲେ ହାଟ ପାଳିଏ,**
**ଚଷା ହୁଡ଼ିଲେ ବରଷେ ,**
**ଘରୁଆ ହୁଡ଼ିଲେ ପୁରୁଷେ।**

ହାଟୁଆ ହାଟ ଯାଇ ନ ପାରିଲେ ତାକୁ ଆର ହାଟପାଳି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥାଏ। କୌଣସି କାରଣବଶତଃ ଚାଷୀ ଯଦି ଠିକ୍ ସମୟରେ ଚାଷ କରି ନ ପାରେ ତେବେ ଚାଷ କରିବା ପାଇଁ ତାକୁ ଆଉ ଗୋଟିଏ ବରଷ ଅପେକ୍ଷା କରିବାକୁ ପଡିଥାଏ। ସେହିପରି ଘରର ମୁରବି ଅଯୋଗ୍ୟ ଅପଦାର୍ଥ ହେଲେ ସେ ଘରର ଉନ୍ନତି ପାଇଁ ପର ପିଢ଼ି ପର୍ଯ୍ୟନ୍ତ ଅପେକ୍ଷା କରିବା ଛଡା ଅନ୍ୟ ପନ୍ଥା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ହାତୀ ଗଳି ଯାଉଛି,**
**ପିମ୍ପୁଡ଼ିକି ଜଳା ମୁଦ ଦିଆଯାଉଛି।**

ଅନ୍ୟ ଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ମୂର୍ଖାମିର ଲକ୍ଷଣ ହୋଇଥାଏ। ଅଜସ୍ର ଖର୍ଚ୍ଚକୁ ନ ରୋକି ସାମାନ୍ୟ ବ୍ୟୟ ପ୍ରତି କଟକଣା ଜାରି କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଅଶାନ୍ତ ହେବ ଅଧିବେଶନ

ନୂଆ କୃଷି ଆଇନ ଓ ଏହା ବିରୋଧରେ ଚାଷୀମାନେ ଚଳାଇଥିବା ଆନ୍ଦୋଳନକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ଶୁକ୍ରବାରଠାରୁ ଆରମ୍ଭ ହେଉଥିବା ପାର୍ଲାମେଣ୍ଟର ବଜେଟ ଅଧିବେଶନ ଅଶାନ୍ତ ହେବା ସମ୍ଭାବନା ରହିଛି। ୨୯ରେ ଉଭୟ ସଦନର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣରୁ ବଜେଟ ଅଧିବେଶନ ଆରମ୍ଭ ହେବ। ଫେବୃୟାରୀ ୧ରେ ବଜେଟ ଉପସ୍ଥାପନ କରାଯିବ। ଏଥର କାଗଜଶୂନ୍ୟ ବଜେଟ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ଅର୍ଥନୈତିକ ସର୍ଭେ ରିପୋର୍ଟ ଓ ବଜେଟ ଦସ୍ତାବିଜ୍‌ଗୁଡ଼ିକର ପ୍ରାମାଣିକ ନକଲ ଗୃହରେ ଉପସ୍ଥାପନ କରାଯିବା ପରେ ଅନ୍‌ଲାଇନରେ ଉପଲବ୍ଧ ହେବ ବୋଲି ଲୋକ ସଭା ସଚିବାଳୟ ପକ୍ଷରୁ କୁହାଯାଇଛି। ଗତଥର ଭଳି ଏଥର ମଧ୍ୟ କୋଭିଡ୍-୧୯ କଟକଣା ପାଳନ କରାଯିବ। ସେଥିପାଇଁ ଲୋକ ସଭା ଓ ରାଜ୍ୟ ସଭା ୫ ଘଣ୍ଟା ଲେଖାଏଁ ଦୁଇଟି ସିଫ୍ଟରେ ଚାଲିବ। ରାଜ୍ୟ ସଭା ଅଧିବେଶନ ସକାଳେ ଓ ଲୋକ ସଭା ଅଧିବେଶନ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ମହାମାରୀ ଯୋଗୁ ଶୀତ ଅଧିବେଶନ ଅନୁଷ୍ଠିତ ହୋଇ ନ ଥିଲା। ମୌସୁମୀ ଅଧିବେଶନରେ ସମୟର ସ୍ୱଳ୍ପତା ଦୃଷ୍ଟିରୁ ପ୍ରଶ୍ନୋତ୍ତର କାଳକୁ ବାଦ୍ ଦିଆଯାଇଥିଲା। ବଜେଟ ଅଧିବେଶନରେ ପ୍ରଶ୍ନୋତ୍ତର କାଳ ରହିବ। ସେହିପରି ଏଥର ସପ୍ତାହାନ୍ତରେ ଅଧିବେଶନ ବସିବ ନାହିଁ। ମୌସୁମୀ ଅଧିବେଶନ ବେଳେ ଶନିବାର ଓ ରବିବାର ମଧ୍ୟ ଗୃହ ଚାଲୁଥିଲା।

ସେହିପରି ବଜେଟ ଅଧିବେଶନରେ ପ୍ରାଇଭେଟ୍ ମେମ୍ବର୍ସ ବିଜ୍‌ନେସ୍ ମଧ୍ୟ ଫେରିବ। ମୌସୁମୀ ଅଧିବେଶନରେ ଏହାକୁ ବାଦ୍ ଦିଆଯାଇଥିଲା। ସଦସ୍ୟମାନେ ସେମାନଙ୍କର ନିଜସ୍ୱ ବିଲ୍ ଓ ପ୍ରସ୍ତାବ ଏହି ସମୟରେ ଉପସ୍ଥାପନ କରିବେ ଓ ଗୃହରେ ତାହା ଉପରେ ବିତର୍କ କରାଯିବ। ସରକାର ଜାରି କରିଥିବା ଅଧ୍ୟାଦେଶକୁ ଆଇନରେ ପରିଣତ କରିବା ଲାଗି ବିଲ୍ ଆଣିବେ। ସରକାର ନିକଟରେ ଜାତୀୟ ରାଜଧାନୀ ଅଞ୍ଚଳ ଓ ଆଖପାଖରେ ବାୟୁ ମାନ ପରିଚାଳନା କମିଶନ ଅଧ୍ୟାଦେଶ ୨୦୨୦, ମଧ୍ୟସ୍ଥତା ଓ ସମାଧାନ (ସଂଶୋଧନ) ଅଧ୍ୟାଦେଶ, ୨୦୨୦ ଏବଂ ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ଅଧ୍ୟାଦେଶ, ୨୦୨୧ ଜାରି କରିଥିଲେ। ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୫ରେ ଶେଷ ହେବ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୮ରୁ ଆରମ୍ଭ ହୋଇ ଏପ୍ରିଲ୍ ୮ ପର୍ଯ୍ୟନ୍ତ ଚାଲିବ।

## ଲାଲ୍‌କିଲ୍ଲା ହିଂସା...

ସାମାଜିକ କର୍ମୀ ପାଳଟିଥିବା ଲାଖା ସିଧାନାଙ୍କ ନାଁ ଥିଲା। ଜାନୁୟାରୀ ୨୬ରେ ଗାଜିପୁର ସୀମାରୁ ଟ୍ରାକ୍ଟର ରାଲିରେ ବାହାରି ଆଇଟିଓରେ ପହଞ୍ଚିଥିବା ଆନ୍ଦୋଳନକାରୀ ଚାଷୀଙ୍କ ସହ ପୋଲିସର ସଂଘର୍ଷ ହୋଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଟ୍ରାକ୍ଟର ଚଳାଇ ଲାଲ୍‌କିଲ୍ଲାରେ ପହଞ୍ଚିବା ସହ ଏହା ଭିତରେ ପ୍ରବେଶ କରିଥିଲେ। ଲାଲ୍‌କିଲ୍ଲା ଗମ୍ବୁଜ ଓ ପ୍ରାଚୀରରେ ସେମାନେ ପତାକା ଲଗାଇଥିଲେ।

## ୭ବର୍ଷ ଝିଅର...

ଲୋକେ ପହଞ୍ଚିବାବେଳକୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବ୍ରହ୍ମପୁର ଏସ୍‌ପି ପିନାକ୍ ମିଶ୍ର ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ସ୍ଥାନୀୟ ଲୋକେ ଦୁର୍ବୃତ୍ତ ଦ୍ୱୟଙ୍କୁ ଖୋଜି କାବୁ କରିବା ପରେ ନିସ୍ତୁକ ମାଡ ମାରିଥିଲେ। ଗୋଳନ୍ଥରା ପୋଲିସ୍ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଓ ଅନ୍ୟ ଜଣଙ୍କୁ ଗିରିସୋଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛି। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ନଂ.୨୭/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବ୍ରହ୍ମପୁର ସଦର ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ର ଓ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ୨ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।

## ୨ରେ ସିବିଏସ୍‌ଇ...

ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ୪ ଥର ଜେଇଇ-ମେନ୍‌ସ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଫେବୃୟାରୀ ୨୩ରୁ ୨୬ରେ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ, ଏପ୍ରିଲ ଓ ମେ'ରେ ଏହି ପରୀକ୍ଷା କରାଯିବ।

## ପେଟ୍ କୋକ୍...

ପାଣିରେ ଦ୍ରବୀଭୂତ ହୁଏ ନାହିଁ। ଏହା ମାଟିକୁ ଅତିମାତ୍ରାରେ ପ୍ରଦୂଷିତ କରିଥାଏ। ମାଟିରେ ଜିଆ ଓ ଅନ୍ୟାନ୍ୟ ମାଟିଜାତ କୃମିଗୁଡ଼ିକୁ ନଷ୍ଟ କରିବା ସହ ଜମିର ଉର୍ବରତା ହ୍ରାସ କରିଥାଏ। ଜଳଚର ଜୀବ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥାଆନ୍ତି। ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ଏହା ଗୁରୁତର ପ୍ରଭାବ ପକାଇଥାଏ। ପେଟ୍‌କୋକ୍ ସଂସ୍ପର୍ଶରେ ଆସିଲେ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ହେବା ସହ ଚର୍ମ କର୍କଟ ଭଳି ରୋଗର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଶିଳ୍ପାନୁଷ୍ଠାନଗୁଡ଼ିକରେ ପେଟ୍‌କୋକ୍ ଭଳି ଜାଳେଣିର ବ୍ୟବହାରକୁ ନିଷେଧ କରିବାକୁ ଏନ୍‌ଜିଟି ପରାମର୍ଶ ଦେଇଛନ୍ତି। ସିପିସିବି ନିକଟରୁ ନିର୍ଦ୍ଦେଶନାମା ପାଇବା ପରେ ରାଜ୍ୟ ସରକାର ପେଟ୍‌କୋକ୍ ଏବଂ ଫର୍ନେସ ଅଏଲ ବ୍ୟବହାରକୁ ନିଷେଧ କରିବା ଲାଗି ଖୁବ୍‌ଶୀଘ୍ର ରୁଲ୍ ଆଣିବାକୁ ଯାଉଛନ୍ତି। ହଠାତ୍ ଏହାକୁ ବନ୍ଦ କରିବା ସମ୍ଭବ ନୁହେଁ। ତେବେ ବିଭିନ୍ନ ବିଭାଗ ସହିତ ଆଲୋଚନା କରି ରାଜ୍ୟ ସରକାର ଶିଳ୍ପାନୁଷ୍ଠାନରେ ବ୍ୟବହୃତ ପେଟ୍‌କୋକ୍ ଜାଳେଣିକୁ ବନ୍ଦ କରିବାକୁ ଏକ ବିଧେୟକ ଆଣିବାକୁ ଯାଉଛନ୍ତି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରୀ କେ. ମୁରୁଗେସେନ କହିଛନ୍ତି।

## ପ୍ରେମିକ ଘର ଆଗରେ ମହିଳାଙ୍କ ଧାରଣା

**ଛେଣ୍ଡିପଦା,୨୮।୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କ ଘର ସମ୍ମୁଖରେ ଶିଶୁପୁତ୍ର ସହ ଗର୍ଭବତୀ ମହିଳା ଧାରଣା ଦେବା ଗୁରୁବାର ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘର ହଣ୍ଡପା ଥାନା ଅଞ୍ଚଳରେ। ସ୍ୱାମୀଙ୍କ ସହ ତାଙ୍କର ୩ ବର୍ଷର ଶିଶୁପୁତ୍ର ଅଛନ୍ତି। କିନ୍ତୁ ଛେଣ୍ଡିପଦା ବ୍ଲକ ଅଞ୍ଚଳର ସମ୍ପୃକ୍ତ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସମ୍ପର୍କୀୟ ଭାଇ ବୋଲି ପରିଚୟ ଦେଇ ପ୍ରେମିକ ଜଣକ ତାଙ୍କ ପାଖକୁ ଯିବାଆସିବା କରିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ଶାଶୁଘର ଲୋକେ ଏହା ଜାଣିବା ପରେ ଗାଁରେ ବୈଠକ ବସିଥିଲା। ବାପ ଘର ଲୋକେ ତାଙ୍କୁ ଶୁଦ୍ଧି ହୋଇଯାଇଥିଲେ। ଅନୈତିକ ସମ୍ପର୍କ ଯୋଗୁ ସେ ୩ ମାସ ଗର୍ଭବତୀ ହୋଇଥିବା ଜାଣି ସ୍ୱାମୀ ତାଙ୍କୁ ଗତ ୧୭ ତାରିଖରେ ଘରୁ ବାହାର କରି ଦେଇଥିଲେ। ପରେ ପ୍ରେମିକ ତାଙ୍କୁ ଦଶପଲାସ୍ଥିତ ସମ୍ପର୍କୀୟଙ୍କ ଘରେ ୭ଦିନ ଓ ଜରପଡାରେ ୨ ଦିନ ରଖିବା ପରେ ବୁଧବାର ସନ୍ଧ୍ୟାରେ ଛେଣ୍ଡିପଦାରେ ଛାଡି ଫେରାର ହୋଇଯାଇଥିଲେ। ତେବେ ପ୍ରେମିକଙ୍କ ଘର ଲୋକେ ମଧ୍ୟ ତାଲା ପକାଇ କେଉଁଆଡ଼େ ପଳାଇଯାଇଥିବା ମହିଳା ଜଣକ ପ୍ରକାଶ କରିଛନ୍ତି। ଏ ନେଇ ଛେଣ୍ଡିପଦା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସ୍ୱଗୃହୀ ଚତୁର୍ଥଚନ୍ଦ୍ର ଯୋଗୁ ଦିନଟି ଖୁସିବାସିରେ କଟିଯିବ। ଜଣାଶୁଣା ବ୍ୟକ୍ତିଙ୍କ ନିକଟରୁ ସମ୍ମାନ ଓ ସଦିଚ୍ଛା ପାଇ ସବୁ ଦୁଃଖ ଭୁଲିଯିବେ। ଅର୍ଥ ପାଇବେ, କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ଅକୁହା କଥାକୁ ସହକର୍ମୀଙ୍କ ଆଗରେ ବଖାଣି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ଆନୁଷ୍ଠାନିକ କାମରେ ସହଯୋଗ, ସମ୍ମାନ ପାଇ ଖୁସି ହେବେ।

**ବୃଷ**
ବଡ଼ପଣିଆ ମନରେ ରହିବ ସିନା, ହାତଖାଲି ହେତୁ କାମରେ ରଖିପାରିବେ ନାହିଁ। ଅଯଥା ଭାବନାକୁ ନେଇ ବ୍ୟସ୍ତ ହେଲେ ହେଁ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ, ଗମନାଗମନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଛୋଟଛୋଟ କଥାରେ କଳହରୁ ଦୂରେଇ ନ ରହିଲେ ଅଶାନ୍ତଗ୍ରସ୍ତ ହୋଇ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି।

**ମିଥୁନ**
ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। କର୍ମକ୍ଷେତ୍ରର ବିଫଳତା ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଧାତୁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ଜମିଜମା, ଯାନବାହନ, ବିଦେଶ ଯାତ୍ରା, ଲେଖାପଢ଼ା କ୍ଷେତ୍ରରୁ ଉପକୃତ ହେବେ।

**କର୍କଟ**
ପ୍ରତିଷ୍ଠିତ କୌଣସି ଗୁରୁତ୍ୱପୂର୍ଣ୍ଣ ଖବର ପାଇ ଭାବ ବିଭୋର ହେବେ। ଆଜି ଆପଣ ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧିର ବାର୍ତ୍ତା ବହନ କରିବେ। ଗତକାଲିର ଆଲୋଚନା ଅନୁସାରେ ସହମତି ନେଇ କୃତକାର୍ଯ୍ୟ ହେବେ। ସାହିତ୍ୟ, ସଂସ୍କୃତି, କଳା, କାରିଗରି କାମରେ ଉତ୍ସାହିତ ହେବେ। ଟେନସନ୍ ଦୂର ହେବାର ସମ୍ଭାବନା ରହିଛି।

**ସିଂହ**
ଆଜି ଖର୍ଚ୍ଚାନ୍ତ ହୋଇ ଚେଷ୍ଟା କରୁଥିବା କାର୍ଯ୍ୟ ସାଧନ କରିବେ। ସମ୍ପର୍କୀୟଙ୍କ ଅସହଯୋଗ ସତ୍ତ୍ୱେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ନଷ୍ଟ ହୋଇପାରେ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା**
କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ଗୃହ ନିର୍ମାଣ, ପରିବହନ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

**ତୁଳା**
ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିବ ଓ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅଭାବ ନଥାଇ ମଧ୍ୟ ଭୁଲ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ସନ୍ତାନ ହେତୁକ କେତେକ ସମସ୍ୟା ମନକୁ ବିବ୍ରତ କରିବ।

**ବିଛା**
ପ୍ରତ୍ୟେକ କାମରେ ସଫଳତା ପାଇଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ନ ହେବାରୁ ଅସନ୍ତୁଷ୍ଟ ରହିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନିଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଅଯଥା ରାଗି ଅନ୍ୟମାନଙ୍କ ସହ ଥିବା ସମ୍ପର୍କକୁ ଖରାପ କଲାଭଳି କିଛି କାମ କରନ୍ତୁ ନାହିଁ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ଧନୁ**
ଅଧିକାଂଶ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ରାଜନୈତିକ କ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କାମରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର**
ଅନ୍ୟମାନଙ୍କ ପ୍ରରୋଚନାରେ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଚେଷ୍ଟା କରୁଥିବା କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିପାରେ। ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ର, ଶିକ୍ଷାରେ ସଫଳତା ଲାଭ କରିବେ। ଈର୍ଷାପରାୟଣ ହୋଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**କୁମ୍ଭ**
ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂର ଯାତ୍ରା ପାଇଁ ମନ ବଳାଇବେ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ମାନସିକ ସ୍ଥିତିକୁ ଦୋହଲାଇ ଦେବ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କଲେ ମଧ୍ୟ ନୀରବ ରହିବାକୁ ବାଧ ହେବେ। ବ୍ୟବସାୟ ଦିଗଟି ମନ୍ଦ ହେବନି, ତଥାପି ମନରେ ଅସନ୍ତୋଷ ଭରି ରହିବ।

**ମୀନ**
ଆଜି ଯାହାକୁ ଯାହା କହିବେ ତାହାକୁ ଅନ୍ୟମାନେ ଖୁସି ମନରେ ଗ୍ରହଣ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡ଼ି ଭୁଲ ମାର୍ଗ ଅନୁସରଣ କରି ଅନୁତପ୍ତ ହୋଇପାରନ୍ତି।

ଆଜି ମାଘ କୃଷ୍ଣ ପ୍ରତିପଦା ଶୁକ୍ରବାର, ମାଘବ୍ରତ ଆରମ୍ଭ, ଜାନୁୟାରୀ ୨୯ ତାରିଖ, ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମଦିବସ (ବର୍ଣ୍ଣବୋଧ ଦିବସ), ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୬ ଗତେ ଘ. ୦୭।୧୦ ମଧ୍ୟେ, ଘ.୦୭।୫୫ ଗତେ ଘ.୧୦।୦୮ ମଧ୍ୟେ, ଘ.୧୨।୨୨ ଗତେ ଘ.୦୨।୩୫ ମଧ୍ୟେ, ଘ.୦୪।୦୪ ଗତେ ଘ.୦୫।୩୩ମଧ୍ୟେ ଅମୃତବେଳା। ରାତ୍ରିଘ.୦୮।୫୯ ଗତେଘ.୦୯।୫୦ ମଧ୍ୟେ ମାହେନ୍ଦ୍ରବେଳା।। ଦିବା ଘ.୧୦।୩୬ ଗତେ ଘ.୧୧।୫୯ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

ପୁରୀ ଶ୍ରୀମନ୍ଦିର ପାଖରୁ 6କିଲୋମିଟର ଦୂର ମଙ୍ଗରାଜପୁର ଛକପାଖ ଶ୍ରୀଜଗନ୍ନାଥ ବିହାରରେ 1000sqft. ଜାଗାସହ 2BHK and 2Bathroom ସହ garage ମାତ୍ର 24ଲକ୍ଷ। ଯୋଗାଯୋଗ: 8984304650, 7077398807, 8144658008. D-19759

Gharabari Plot for sale at Bhingarpur 8 Km. from Hanspal Chhack, Booking open from 2nd February, Registration April. Sqft. 220/- Total Plot - 29, Booking Amount 40,000/- 9338591776, 9668764316. D-70171

ଡମଣା ଛକ ଶ୍ରୀବିହାରରେ sqft. 2300/-ରେ boundary filling ହୋଇଥିବା ପ୍ଲଟ୍ କିଣନ୍ତୁ। 7788888879. D-70168

Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395. D-70166

ତମାଣ୍ଡୋ ବଜାର ପଛପଟେ yellowzone ଘରବାରି ପାଚେରି ହୋଇ ପ୍ଲଟ୍ ମିଳୁଅଛି। 9439864322. D-70172

Gharabari plot sale near Pandra Puri, By-pass Rasulgarh immediate registration. Contact: 8455036260, 9778648474. D-19699

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70504

ଭୁବନେଶ୍ୱର Airport ଠାରୁ ୬କି.ମି. ଦୂର ବୋଡଣ୍ଡାରେ 1406sqft. ଘରବାରି ପ୍ଲଟ୍ @ 24,50,000/-, 9040404420, 9777686666. D-19669

ଭୁବନେଶ୍ୱର ତମାଣ୍ଡୋ yellowzone plot 30' ରାସ୍ତାଥାଇ କିଣନ୍ତୁ। 7894216209, 7064615305. D-70167

ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 1100/-ରେ ମିଳୁଛି। 9090963952. D-70153

Developed ଘରବାରି ପ୍ଲଟ୍ କେସୁରା ଛକରୁ 3କି.ମି. ମଧ୍ୟରେ କିଣନ୍ତୁ। 7008492511. D-69365

Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766. D-19562

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/- 9937166932. D-69364

ଭୁବନେଶ୍ୱର ପାହାଳ NH side ଘରବାରି yellowzone fully developed demarcated ବାସୋପଯୋଗୀ plot road, electricity ଥାଇ ତୁରନ୍ତ ଘର କରନ୍ତୁ। PUJA- 6371970725. D-70162

Commercial office space, fully furnished, 2nd floor, 1000sqft. near Rabi Talkies Square, Lewis road side for sale @ 45lac. 7978584549. D-70512

construction

For construction only in your plot inside Bhubaneswar area, contact MRC- 9937064680. D-27287

to-let

14Rooms for shops, Godown, Hostels, Guesthouse, Bapuji Nagar, Bhubaneswar. 7683912628, 9556700943. D-70219

One and Two BHK house at Ratnakarbag Phase-I for employees. Rent negotiable. Mob: 7894341761. D-19754

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-19726

healthcare

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

Refreshing your mind & body with best therapy at Lotus SPA. 8018234866. D-70417

Revitalize your self with our ayurvedic massage and refreshment, Call: 7381239385. D-70100

Swarna SPA newly open positively health benefits with expert therapist. 9556978408. D-70508

Rejuvenate and Ayurvedic full body massage by smart therapist. 9348123330. D-70509

Experience full body massage with expert therapists. Call: 7377048581. D-70501

Newly open full body massage ladies and gents. 9861141344, 8658994614. D-70416

Get refreshment Body Massage by Expert Therapist. Contact for: 6371537969. D-70099

business

ନିଜେ ନିଜ ଫୋନ୍ ରିଚାର୍ଜ କରି ମାସିକ ୧୫୦୦୦/- ପାଇବାକୁ ନିଜ ନାମ WhatsApp କରନ୍ତୁ। 9861129324. D-19761

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଆଜି ପୁଣି ଥରେ ହେବ ଡଲ୍‌ଫିନ୍ ଗଣନା

ରାଜନଗର,୨୮।୧(ଡି.ଏନ.ଏ.): ଭିତରକନିକା ଓ ଗହୀରମଥାରେ ଚଳିତ ମାସ ୧୭ ତାରିଖରେ ଡଲ୍‌ଫିନ୍ ଗଣନା କରାଯାଇଥିଲା। ସେଦିନ ପାଗ ଅନୁକୂଳ ନ ଥିବାରୁ ଅଧିକାଂଶ ସାଇଟ୍‌ରେ ଡଲଫିନ୍ ଦେଖିବାକୁ ମିଳି ନ ଥିଲା। ସେଥିପାଇଁ ତଥ୍ୟ ଠିକ୍ ଆସି ନ ଥିବାରୁ ଚଳିତ ବର୍ଷ ଆଉ ଥରେ ଡଲ୍‌ଫିନ୍ ଗଣନା କରାଯିବ ବୋଲି ବନବିଭାଗ ନିଷ୍ପତ୍ତି ନେଇଛି। ଶୁକ୍ରବାର ଅର୍ଥାତ୍ ଜାନୁୟାରୀ ୨୯ରେ ୯ ଟିମ୍ ଡଲ୍‌ଫିନ୍ ଗଣନା କରିବେ। ଧାମରାମୁହାଁଣଠାରୁ ଦେବୀମୁହାଁଣ ଯାଏଁ ସମୁଦ୍ରରେ ଓ ଭିତରକନିକାରେ ଥିବା କ୍ରିକ୍ ଓ ନଦୀରେ ଗଣନା କରାଯିବ ବୋଲି ରାଜନଗର ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### କୋଭିଡ୍ ଟିକାକରଣ ଓଡ଼ିଶା ଆଗରେ

ଭୁବନେଶ୍ୱର, ୨୮।୧(ବ୍ୟୁରୋ): କୋଭିଡ୍-୧୯ ପରିଚାଳନାଠାରୁ ଆରମ୍ଭ କରି ଟିକାକରଣ ଆଦି କ୍ଷେତ୍ରରେ ଓଡ଼ିଶା ଆଗରେ ରହିଛି। କୋଭିଡ୍ ଟିକାକରଣ ଆରମ୍ଭ ହେବାଠାରୁ ଏ ପର୍ଯ୍ୟନ୍ତ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଗୁରୁବାର ନୂଆଦିଲ୍ଲୀଠାରେ ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ସଚିବ ରାଜେଶ ଭୂଷଣ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ଶାସିତ ଅଞ୍ଚଳ ଲାକ୍ଷାଦ୍ୱୀପ ସର୍ବାଧିକ ୮୩.୪ ପ୍ରତିଶତ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟିକାକରଣ କରିପାରିଥିବା ବେଳେ ଏହା ପଛକୁ ଓଡ଼ିଶା ୧୩ ଦିନ ମଧ୍ୟରେ ୫୦.୭ ପ୍ରତିଶତ ପଞ୍ଜୀକୃତ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟିକାକରଣ କରିବାରେ ସଫଳ ହୋଇଛି। ଓଡ଼ିଶା ପଛକୁ ହରିୟାଣା ୫୦, ଆଣ୍ଡାମାନ ନିକୋବର ୪୮.୩, ରାଜସ୍ଥାନ ୪୬.୮, ତ୍ରିପୁରା ୪୫.୬, ମିଜୋରାମ ୪୦.୫, ତେଲେଙ୍ଗାନା ୪୦.୩, ଆନ୍ଧ୍ରପ୍ରଦେଶ ୩୮.୧, କର୍ଣ୍ଣାଟକ ୩୫.୬ ଏବଂ ମଧ୍ୟପ୍ରଦେଶ ୩୫.୫ ପ୍ରତିଶତ ଟିକାକରଣ କରିପାରିଛନ୍ତି।

### ୧୦ ଛାତ୍ର ବିଜେଡି କର୍ମକର୍ତ୍ତା ପୁରସ୍କୃତ

ଭୁବନେଶ୍ୱର, ୨୮।୧(ବ୍ୟୁରୋ):ଗତ ଡିସେମ୍ବର ୨୩ରେ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅବସରରେ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବିଜୁ ଛାତ୍ର ଜନତା ଦଳର ୧୦ କର୍ମକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଭର୍ଚୁଆଲ ମାଧ୍ୟମରେ ପୁରସ୍କୃତ କରିଛନ୍ତି। ସେମାନେ ହେଲେ ଅବଦୁଲ ହବିବ, ଅମରେନ୍ଦ୍ର ଧଳ, ହେମନ୍ତ ସାହୁ, ଇପ୍ସିତା ସାହୁ, ସ୍ମିତପ୍ରଜ୍ଞା ପଣ୍ଡା, ରଶ୍ମିରଞ୍ଜନ ପରିଡ଼ା, ରଞ୍ଜିତ ଦାସ, ସ୍ମୃତି ଦାସ, ସୌମ୍ୟ ପ୍ରକାଶ ବିଶ୍ୱାଳ ଏବଂ ଆଶୁତୋଷ ସାହୁ। ଏଭଳି କାର୍ଯ୍ୟକ୍ରମ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବ ବୋଲି ଛାତ୍ର ବିଜେଡି ସଭାପତି ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ ପରିଚାଳନା କରିଥିଲେ। ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ଦିନ ଘନ କୁହୁଡ଼ି

ଭୁବନେଶ୍ୱର, ୨୮।୧(ବ୍ୟୁରୋ): ଆସନ୍ତା ଫେବୃୟାରୀ ୧ ଯାଏ ରାଜ୍ୟରେ ହାଲ୍କା ଶୀତ ସାଙ୍ଗକୁ ଘନକୁହୁଡ଼ି ହେବା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲାର କିଛି ସ୍ଥାନରେ ଏବଂ ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ ଏବଂ କନ୍ଧମାଳ ଜିଲାରେ ଘନ କୁହୁଡି ହେବ। ସୋମବାର କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ନୟାଗଡ, ଖୋର୍ଦ୍ଧା, ପୁରୀ, ବୌଦ୍ଧ, କନ୍ଧମାଳ ଜିଲା କୁହୁଡ଼ି ଚାଦର ତଳେ ରହିବ ବୋଲି ଅନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ଣ୍ଣିଂ ଜାରି କରାଯାଇଛି।
ଅନ୍ୟପଟେ ଗୁରୁବାର ରାଜ୍ୟର ୮ ଜିଲାରେ ପାରଦ ୧୫ ଡିଗ୍ରୀ ତଳେ ରହିଥିଲା।

# ସୁନାବେଶ ନୀତିରେ ୫ ଘଣ୍ଟା ବିଳମ୍ବ

**ପୁରୀ ଅଫିସ,୨୮।୧**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ତଥା ରାଜରାଜେଶ୍ୱର ବେଶ ନୀତିକାନ୍ତିରେ ଗୁରୁବାର ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିଳମ୍ବ ଘଟିଛି। ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଏହି ବିଳମ୍ବ ହୋଇଥିବାବେଳେ ସହସ୍ରାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ପାଇବାରୁ ବଞ୍ଚିତ ହୋଇ ଅସନ୍ତୋଷ ପ୍ରକାଶ କରି ନିରାଶରେ ଫେରିଛନ୍ତି।

ସୂଚନା ଅନୁଯାୟୀ, ସକାଳ ଧୂପ ୯ଟା ୪୦ରେ ସରିଥିଲା। ପୂର୍ବାହ୍ନ ୧୧ଟା ସୁଦ୍ଧା ଅନ୍ୟତମ ସୁନାବେଶ ଅର୍ଥାତ୍ ରାଜରାଜେଶ୍ୱର ବେଶ ଆରମ୍ଭ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ବେଶ ନେଇ ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିଳମ୍ବ ଘଟିଥିଲା। ଫଳରେ ପୌଷ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ସୁନାବେଶ ଦର୍ଶନରୁ ବଞ୍ଚିତ ହୋଇଥିଲେ। ଅପରାହ୍ନ ପ୍ରାୟ ୫ଟାରେ ବେଶ ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ୬ଟାରେ ସମ୍ପନ୍ନ ହୋଇଥିଲା। ରାତି ୮ଟା ଯାଏ ମହାପ୍ରସାଦ ବାହାରି ପାରି ନ ଥିଲା। ଦର୍ଶନାର୍ଥୀମାନେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ନ କରି ଓ ମହାପ୍ରସାଦ ନ ପାଇ ମନଦୁଃଖରେ ଫେରିଥିଲେ। ନୀତିକାନ୍ତିରେ ବିଳମ୍ବ ହେବା ପରେ ସେବାୟତଙ୍କ ବିବାଦ ତୁଟାଇବା ପାଇଁ ଜିଲାପାଳ ସମର୍ଥ ବର୍ମା ଓ ଶ୍ରୀମନ୍ଦିର ନୀତି ପ୍ରଶାସକ



ଜିତେନ୍ଦ୍ର କୁମାର ସାହୁ ସେବାୟତଙ୍କ ସହ ଆଲୋଚନା କରିଥିଲେ। ଏହାପରେ ନୀତି ଆରମ୍ଭ ହୋଇଥିବା ସୂଚନା ମିଳିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି, ମହାପ୍ରଭୁଙ୍କ ବେଶ ଆରମ୍ଭ ବେଳେ ରତ୍ନବେଦି ଉପରେ ସଂଖ୍ୟାଧିକ ସିଂହାରୀ ସେବାୟତ ଚଢ଼ିବା ନେଇ ବିବାଦ ହୋଇଛି। ସିଂହାରୀ ପୁଷ୍ପାଳକ ଓ ଭଣ୍ଡାର ମେକାପଙ୍କ ମଧ୍ୟରେ ଏହି ବିବାଦ ଦେଖା ଦେଇଛି। କେତେ ସଂଖ୍ୟକ ପୁଷ୍ପାଳକ ସେବାୟତ ରତ୍ନବେଦି ଉପରେ ଚଢ଼ିବେ ଓ କାହା ଅଧିକାରରେ କେଉଁ ଦାୟିତ୍ୱ ରହିଛି, ଏହି ପ୍ରସଙ୍ଗ ନେଇ ଦୁଇ ନିଯୋଗ ମଧ୍ୟରେ ସ୍ପଷ୍ଟତା ନାହିଁ। ତେବେ ବିବାଦ ଉପୁଜିବା ପରେ ପ୍ରଥମେ ବିବାଦ ତୁଟାଇ ନୀତି ଆରମ୍ଭ କରାଯାଇଛି। ଏହି ବିଳମ୍ବ ନେଇ ଦୁଇ ନିଯୋଗକୁ ରିପୋର୍ଟ ତଲବ ହେବ। ଦୁଇ ନିଯୋଗ ସହ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଆଲୋଚନା କରି ସ୍ଥାୟୀ ସମାଧାନର ରାସ୍ତା ଖୋଜିବେ। କୋଭିଡ୍ କଟକଣା ମଧ୍ୟରେ ଶ୍ରୀମନ୍ଦିର ଖୋଲିବା ପରଠାରୁ ସବୁ ସ୍ୱାଭାବିକ ଥିବା ବେଳେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ରାଜରାଜେଶ୍ୱର ବେଶ ଦିନରେ ଏଭଳି ବିଳମ୍ବକୁ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜରାଜେଶ୍ୱର ବେଶ ଦେଖିବାକୁ ଭୁବନେଶ୍ୱରରୁ ଆସିଥିବା ଦୀପକ ବେହେରା କହିଛନ୍ତି, ମଧ୍ୟାହ୍ନ ୧୨.୩୦ରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ ମଧ୍ୟ ସୁନାବେଶ ଦେଖିବାର ସୁଯୋଗ ମିଳି ନ ଥିଲା। ପରେ ଶ୍ରୀମନ୍ଦିରରୁ ବାହାରି ଆସି ଅପରାହ୍ନ ୪ଟାରେ ପୁଣି ଥରେ ଯିବା ପାଇଁ ଆଗ୍ରହୀ ଥିଲୁ। ମାତ୍ର ସେତେବେଳ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇ ନ ଥିବା ଜାଣି ବାଧ୍ୟ ହୋଇ ବିନା ସୁନାବେଶ ଦର୍ଶନରେ ଘରକୁ ଫେରୁଛି। ସେହିଭଳି ସେ ମହାପ୍ରସାଦ ସେବନରୁ ବଞ୍ଚିତ ହୋଇଥିବା କଥା ମଧ୍ୟ କହିଛନ୍ତି। ଅନ୍ୟପକ୍ଷରେ ବିଳମ୍ବରେ ହେଉ ପଛେ ବେଶ ସରିବା ପରେ ଦର୍ଶନାର୍ଥୀଙ୍କ ସଂଖ୍ୟା ସନ୍ଧ୍ୟା ବେଳେ କ୍ରମାଗତ ଭାବେ ବଢ଼ିବାରେ ଲାଗିଥିଲା। ଅପେକ୍ଷାରେ ଥିବା ଭକ୍ତମାନେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ଗୁରୁବାର ଶ୍ରୀମନ୍ଦିର ହୁଣ୍ଡିରୁ ୬ ଲକ୍ଷ ୩୬ ହଜାର ୨୩୨ ଟଙ୍କା, ୧୫୦ ମିଲିଗ୍ରାମ ସୁନା ଓ ୪୫ ଗ୍ରାମ ୪ଶହ ମିଲିଗ୍ରାମ ରୁପା ମିଳିଛି।

**ସେବାୟତଙ୍କ ମଧ୍ୟରେ ବିବାଦ**

- ଦର୍ଶନରୁ ବଞ୍ଚିତ ହୋଇ ଫେରିଲେ ଶ୍ରଦ୍ଧାଳୁ
- ମହାପ୍ରସାଦ ପାଇପାରିଲେନି
- ଦୁଇ ନିଯୋଗ ସହ ଆଲୋଚନା କଲା ପ୍ରଶାସନ
- ଖୁବ୍‌ଶୀଘ୍ର କୈଫିୟତ ତଲବ କରାଯିବ

# ପୋଲସରାରେ ୨ ହତ୍ୟାକାଣ୍ଡ

### ସରକାରୀ ଜାଗା ପାଇଁ ଗଡ଼ିଲା ମୁଣ୍ଡ

### ବାପାଙ୍କ ଆକ୍ରମଣରେ ପୁଅ ମୃତ

**ପୋଲସରା,୨୮।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପୋଲସରା ଥାନା ଅଞ୍ଚଳରେ ୨ ଦିନରେ ଦୁଇଟି ହତ୍ୟାକାଣ୍ଡ ଘଟିଛି। ମଧୁପଲ୍ଲୀ ପଞ୍ଚାୟତ ହୀରାପଲି ଗ୍ରାମରେ ସରକାରୀ ଜାଗାକୁ ନେଇ ଜଣଙ୍କୁ ପିଟି ହତ୍ୟା କରାଯାଇଥିବା ବେଳେ ଗୁରୁବାର କଳମ୍ବ ପଞ୍ଚାୟତରେ ରାଶନ କାର୍ଡକୁ ନେଇ ବାପାଙ୍କ ଆକ୍ରମଣରେ ଦିବ୍ୟାଙ୍ଗ ପୁଅର ମୃତ୍ୟୁ ଘଟିଛି। ଦୁଇ ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

କଳମ୍ବ ଗ୍ରାମ ଦୁର୍ଗାମାଧବ ସାହିର ବଳରାମ ପ୍ରଧାନ ତାଙ୍କ ଦିବ୍ୟାଙ୍ଗ ପୁଅ ଅନୀଲଙ୍କୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଅଭିଯୁକ୍ତ ବାପା ବଳରାମଙ୍କୁ ଥାନାରେ ଅଟକ ରଖାଯାଇଛି। ସ୍ତ୍ରୀଙ୍କ ସହ ବଳରାମ ଘରେ ରହୁଥିବା ବେଳେ ପୁଅ ଅନୀଲ ଓ ବୋହୂ ଗୀତାଞ୍ଜଳି ଅନ୍ୟ ଏକ ସାହିରେ ଘର ଭଡ଼ା ନେଇ ରହୁଥିଲେ। ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ଗୋଟିଏ ରାଶନ କାର୍ଡ଼ ମିଳିଥିଲା। ଉକ୍ତ କାର୍ଡରେ ବଳରାମ ଚାଉଳ ଆଣଉଥିଲେ ମଧ୍ୟ ପୁଅ ଓ ବୋହୂଙ୍କୁ ଦେଉ ନ ଥିବା ଅଭିଯୋଗ ହୋଇ ଆସୁଥିଲା। ଗାଁରେ ଗୁରୁବାର ହିତାଧିକାରୀଙ୍କୁ ଚାଉଳ ଦିଆଯିବାକୁ ଥିବାରୁ ଚାଉଳ ବଣ୍ଟନ କେନ୍ଦ୍ରକୁ ଅନୀଲ ଆସି ଜଗି ରହିଥିଲେ। ବାପା ବଳରାମ ତାଙ୍କୁ ଚାଉଳ ନ ଦେଇ ମାଡ଼ପିଟ କରିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପୋଲସରା ଡକ୍ତରଖାନାକୁ ଆଣଇଥିଲେ ମଧ୍ୟ ଅନୀଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ଅନୀଲଙ୍କ ସ୍ତ୍ରୀ ଗୀତାଞ୍ଜଳୀଙ୍କ ଅଭିଯୋଗ ପ୍ରକାରେ ନଂ.୨୪/୨୧ରେ ମାମଲା ରୁଜୁ ହୋଇଛି।

ସେହିପରି ହୀରାପଲି ଗ୍ରାମରେ ସରକାରୀ ଜାଗାକୁ ନେଇ ବୁଧବାର ରାତିରେ ପ୍ରଭାକର ଗୌଡ଼ଙ୍କୁ ପିଟି ହତ୍ୟା କରାଯାଇଛି। ମୃତକ ହେଲେ ହୀରାପଲି ଗ୍ରାମର ପ୍ରଭାକର ଗୌଡ଼। ବାପାଙ୍କୁ ଗ୍ରାମର ୭ ଜଣ ପିଟି ମାରି ଦେଇଥିବା ପ୍ରଭାକରଙ୍କ ପୁଅ ଦେବେନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ଗାଁ ଶେଷ ମୁଣ୍ଡରେ ଥିବା ବିଦ୍ୟାଳୟ ଓ ପ୍ରଭାକରଙ୍କ ଘର ମଝିରେ ଏକ ସରକାରୀ ଜାଗା ରହିଛି। ଉକ୍ତ ଜାଗାକୁ ପ୍ରଭାକର ଦଖଲରେ ରଖିଥିଲେ। ଗ୍ରାମର କେତେଜଣ ସେଠାରେ ଏକ ଘର ନିର୍ମାଣ ପାଇଁ ପୁନାଦ ଖୋଳିଥିଲେ। ଏହାକୁ ନେଇ ବୁଧବାର ପ୍ରଭାକର ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଜାଗାରେ ଗ୍ରାମବାସୀ ଜୋରଜବରଦସ୍ତ ପୁନାଡ ଖୋଳି ପଥର ବସାଉଛନ୍ତି। ପ୍ରତିବାଦ କଲେ ହତ୍ୟା ଧମକ ଦେଉଛନ୍ତି ବୋଲି ପୋଲିସକୁ ଜଣାଇଥିଲେ। ସନ୍ଧ୍ୟାରେ ପୋଲିସ ଉକ୍ତ ବିବାଦୀୟ ଜାଗାକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଫେରିଥିଲା। ରାତିରେ ଅଭିଯୁକ୍ତମାନେ ଆସି ବାପାଙ୍କ ସହ ଯୁକ୍ତିତର୍କ କରିବା ସହ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ନଂ.୨୩/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକ କହିଛନ୍ତି।

# ଏଆର୍‌ସିରେ ଅଗ୍ନିକାଣ୍ଡ

**ଚୌଦ୍ୱାର,୨୮।୧(ଡି.ଏନ୍.ଏ.)**

ଚୌଦ୍ୱାର ଚାରବାଟିଆ ସ୍ଥିତ ଆଭିଏସନ ରିସର୍ଚ୍ଚ ସେଣ୍ଟର(ଏଆର୍‌ସି) ପରିସରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅପରାହ୍ନ ୨ଟା ଠାରୁ ନିଆଁ ଲାଗିଥିବାବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିବା ଜଣାପଡିଛି। କଟକ, ଚୌଦ୍ୱାର ଓ ଏଆର୍‌ସିର ନିଜସ୍ୱ ମୋଟ୍ ୫ଟି ଦମକଳ ଗାଡି ନିଆଁ ଲିଭାରେ ନିୟୋଜିତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଏଆର୍‌ସି ପରିସରରେ ଥିବା ଅନାବନା ଗଛ ଓ ଶୁଖିଲା କାଜୁ



ଆଭିଏସନ ରିସର୍ଚ୍ଚ ସେଣ୍ଟର ପରିସରରେ ଅଗ୍ନିକାଣ୍ଡ ।

ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ପବନ ହେବାରୁ ଧୀରେଧୀରେ ଏହି ନିଆଁ ପ୍ରାୟ ୧୨ ଏକର ଅଞ୍ଚଳକୁ ବ୍ୟାପି ଯାଇଥିଲା। ଏଥି ସହିତ କର୍ମଚାରୀ ରହୁଥିବା କ୍ୱାର୍ଟର୍ସ ଆଡକୁ ମଧ୍ୟ ନିଆଁ ବ୍ୟାପିଥିବା ଜଣାପଡିଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଏଥିରେ ଜୀବନ ହାନି ହୋଇ ନ ଥିବା ଜଣାପଡିଛି।

# ପ୍ରତାପ ଦେବ ବିଜେଡି ପର୍ଯ୍ୟବେକ୍ଷକ

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

ପିପିଲି ବିଧାନସଭା ନିର୍ବାଚନ ପାଇଁ ବିଜୁ ଜନତା ଦଳ (ବିଜେଡି) ପ୍ରସ୍ତୁତି ଆରମ୍ଭ କରିଛି। ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଗୁରୁବାର ବିଜୁ ଜନତା ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ୨୦୨୦ ଅକ୍ଟୋବର ୪ ତାରିଖରେ ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କର ମୃତ୍ୟୁ ହେବା ପରେ ଏହି ଆସନ ଖାଲି ପଡ଼ିଛି । ଯଦିଓ ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନ କୌଣସି ତାରିଖ ଘୋଷଣା କରିନାହାନ୍ତି, ତେବେ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ବିଧାନସଭା ଉପନିର୍ବାଚନ ପାଇଁ ମଧ୍ୟ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ପ୍ରସ୍ତୁତି ଆରମ୍ଭ କରିଥିବା ସୂଚନା ଦେଇଛନ୍ତି। ନିର୍ବାଚନରେ ସାମିଲ ହେବାକୁ ଥିବା କର୍ମଚାରୀମାନଙ୍କୁ ଖୁବ୍‌ଶୀଘ୍ର ତାଲିମ ଦେବା ଆରମ୍ଭ ହେବ। କୋଭିଡ୍-୧୯ କଟକଣା ଅନୁଯାୟୀ ପ୍ରତି ୧ ହଜାର ମତଦାତାଙ୍କ ପାଇଁ ଗୋଟିଏ ଲେଖାଏ ବୁଥ୍ କରାଯିବାକୁ ନିଷ୍ପତ୍ତି ହୋଇଛି। ପିପିଲି ବିଧାନସଭା ଆସନ ପାଇଁ ସମୁଦାୟ ୨୭୩ ବୁଥ୍ ରହିଥିବା ବେଳେ କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଆହୁରି ୭୫ ବୁଥ୍ ବୃଦ୍ଧି କରାଯିବ। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୨୯ ହଜାର ୯୦୩ ଜଣ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ମତଦାତାଙ୍କ ସଂଖ୍ୟା ୧ ଲକ୍ଷ ୯୦ ହଜାର ୨୦, ମହିଳା ମତଦାତା ୧ ଲକ୍ଷ ୧୦ ହଜାର ୫୬୧, ସର୍ଭିସ ଭୋଟର ୩୨୦ ଏବଂ କିନ୍ନର ମତଦାତା ସଂଖ୍ୟା ୨ ରହିଛି।

**ପିପିଲି ଉପନିର୍ବାଚନ ପ୍ରସ୍ତୁତି**

# କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଉତ୍ତରାଞ୍ଚଳର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,(ବ୍ୟୁରୋ)/ ଯାଜପୁର ଅଫିସ,୨୮।୧**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲଙ୍କୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁ ଜାନୁୟାରୀ ୩୧ ତାରିଖରେ ଅବସର ନେଉଥିବାରୁ ସାମଲଙ୍କୁ ଏହି ଦାୟିତ୍ୱରେ ସରକାର ଅବସ୍ଥାପିତ କରିଛନ୍ତି। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିସହିତ ଆସନ୍ତା ୩୧ ତାରିଖରେ ଆଇଏଏସ ଅଫିସର ଡି.କେ. ଜେନା, ଆଇଏଫ୍‌ଏସ ସନ୍ଦୀପ ତ୍ରିପାଠୀ ଏବଂ ଆଇଏଫ୍‌ଏସ ହରି ଶଙ୍କର ଉପାଧ୍ୟାୟ ଅବସର ନେବେ। ପୂର୍ବରୁ ଯାଜପୁର ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିବା ସାମଲଙ୍କୁ ଯାଜପୁର ଜିଲାର ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ଏବଂ ଜିଲାବାସୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ମା' ବିରଜାଙ୍କୁ ତାଙ୍କର ସଫଳତା ପାଇଁ ପ୍ରାର୍ଥନା କରିଛନ୍ତି ।

# ବିଧାୟକଙ୍କୁ ବିବାହ ପାଇଁ ଯୁବତୀଙ୍କ ଜିଦ୍‌କୁ ନେଇ ଚର୍ଚ୍ଚା

**ପାଲଲହଡ଼ା,୨୮।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କୁ ବିବାହ କରିବାକୁ ଜଣୈକା ଯୁବତୀ ଜିଦ୍ କରିବା ଓ ବିଧାୟକଙ୍କ ଘରେ ପହଞ୍ଚିଯିବା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଯୁବତୀଙ୍କ ପକ୍ଷରୁ ପାଲଲହଡ଼ା ଥାନାରେ ଏତଲା ଦିଆଯାଇ ନ ଥିବାବେଳେ ବିଧାୟକ ପାଲ ଯୁବତୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ନଂ. ୨୦/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଥାନା ଅଧିକାରୀ କିଶୋର ସାମଲଙ୍କ କହିବା ଅନୁଯାୟୀ, ମୟୂରଭଞ୍ଜ ଜିଲାର ସମ୍ପୃକ୍ତା ଯୁବତୀ ଗତ ୨୫ ତାରିଖରେ ବିଧାୟକଙ୍କ ଘରେ ପହଞ୍ଚି ମୁକେଶଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ। ପରିବାର ଲୋକଙ୍କ ନିକଟରୁ ସୂଚନା ପାଇ ବିଧାୟକ ପହଞ୍ଚି ଯୁବତୀଙ୍କୁ ବୁଝାଶୁଝା କରିଥିଲେ। ଅଭିଯୋଗ ପାଇ ପୋଲିସ ଯୁବତୀଙ୍କୁ ଥାନାକୁ ନେବା ସହ ଘଟଣା ସମ୍ପର୍କରେ ବୁଝିବା ପରେ ସୁରକ୍ଷାର ସହ ଛାଡ଼ି ଦେଇଥିଲା। ଏ ସମ୍ପର୍କରେ ବିଧାୟକ ପାଲ କହିଛନ୍ତି, ସମ୍ପୃକ୍ତା ଯୁବତୀଙ୍କ ସହ କୌଣସି ସମ୍ପର୍କ ନାହିଁ। ମୋତେ ବଦନାମ କରିବାର ଚେଷ୍ଟା କରାଯାଉଛି। ଏସ୍‌ପି ଜଗମୋହନ ମୀନା କହିଛନ୍ତି, ବିଧାୟକଙ୍କ ଅଭିଯୋଗ ପରେ ପାଲଲହଡ଼ା ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି। ଯୁବତୀ କିମ୍ବା ଅନ୍ୟ କେହି ଏତଲା ଦେଲେ ତାହା ଗ୍ରହଣ କରାଯିବ।

# ଜୀବନ ରକ୍ଷାକୁ ଗୁରୁତ୍ୱ ଦେଇଛି ଭାରତ

**ନୂଆଦିଲ୍ଲୀ,୨୮।୧**

ସୁଇଜରଲାଣ୍ଡର ଡାଭୋସଠାରେ ଅନୁଷ୍ଠିତ ଓ୍ୱାର୍ଲଡ ଇକୋନୋମିକ ଫୋରମ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଭର୍ଚୁଆଲ ଭାବେ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ପ୍ରତି ବ୍ୟକ୍ତିବିଶେଷଙ୍କ ଜୀବନ ରକ୍ଷା ଉପରେ ଭାରତ ଗୁରୁତ୍ୱ ପ୍ରଦାନକରି ବର୍ତ୍ତମାନ ଆତ୍ମନିର୍ଭର ଆଡ଼କୁ ଗତି କରୁଛି। ମହାମାରୀ ସମୟରେ ମଧ୍ୟ ଭାରତ ଆର୍ଥିକ କାର୍ଯ୍ୟକଳାପ ଧାରା ଜାରି ରଖିଛି। ନିଯୁକ୍ତିକୁ ନଜରରେ ରଖି ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ଭିତ୍ତିଭୂମି କାର୍ଯ୍ୟ ଲାଗି ବିନିଯୋଗ କରାଯାଇଛି। କରୋନା ମହାମାରୀ ସହ ଲଢ଼େଇ ଜାରି ରଖି ଘରୋଇ ବଜାର ବର୍ତ୍ତମାନ ଆଗକୁ ବଢ଼ିଚାଲିଛି। ସେ ପୁଣି କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଦେଶର ୨.୩ ନିୟୁତ ସ୍ୱାସ୍ଥ୍ୟକର୍ମୀଙ୍କୁ ଭାକ୍ସିନ ପ୍ରଦାନ କରାଯାଇଛି। ଲକ୍‌ଡାଉନ ସମୟରେ ବିଶ୍ୱ ସ୍ତରର ଲୋକମାନେ ଯେଭଳି ନିଜ ଦେଶକୁ ଫେରିପାରିବେ ଭାରତ ତା'ର ପ୍ରତିବଦ୍ଧତାକୁ ବଜାୟ ରଖିଛି। ମହାମାରୀ ସମୟରେ ଲୋକଙ୍କ ପାଖକୁ ୧.୨୫ ଲକ୍ଷ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ଆଗାମୀ କିଛି ମାସ ମଧ୍ୟରେ ୩୦ କୋଟି ଲୋକଙ୍କୁ ଟିକା ଯୋଗାଇ ଦିଆଯିବ ବୋଲି ମୋଦି କାର୍ଯ୍ୟକ୍ରମ ଅବସରରେ ମତ ପ୍ରକାଶ କରିଛନ୍ତି।



ନରେନ୍ଦ୍ର ମୋଦି

**ୱାର୍ଲ୍ଡ ଇକୋନୋମିକ ଫୋରମରେ ମୋଦିଙ୍କ ଉଦ୍‌ବୋଧନ**

# ୧୦ରୁ ଜିଲାରେ ସମାଧାନ କାର୍ଯ୍ୟକ୍ରମ




ବୈଠକରେ ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

**କୋରାପୁଟ,୨୮।୧(ସ୍ୱ.ପ୍ର.)**

ଫେବୃଆରୀ ୧୦ରୁ କୋରାପୁଟ ଜିଲାରେ ଆରମ୍ଭ ହେବ ସମାଧାନ କାର୍ଯ୍ୟକ୍ରମ। ଏହାଦ୍ୱାରା ଜିଲାର ଦୁର୍ଗମ ତଥା ଅପହଞ୍ଚ ଗ୍ରାମରେ ରହିଥିବା ରାସ୍ତା, ପାନୀୟ ଜଳ ଯୋଗାଣ, ପରିମଳ, ବିଦ୍ୟୁତ୍, ଆବାସ, ସ୍ୱାସ୍ଥ୍ୟସେବା ଆଦି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତି ୧୫ ଦିନରେ ଜିଲା ପ୍ରଶାସନ ପକ୍ଷରୁ ମିଳିତ ବୈଠକ କରାଯାଇ ସେହିଠାରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରାଯିବ ବୋଲି ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି। ଗୁରୁବାର ସଦ୍‌ଭାବନା ସଭାଗୃହରେ ଆୟୋଜିତ ସମାଧାନ କାର୍ଯ୍ୟକ୍ରମର ଏକ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଡେପୁଟି କଲେକ୍ଟର ଅର୍ଚ୍ଚନା ଦାସ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଉତ୍କଳ ରଞ୍ଜନ ଦାସ, ଉପଜିଲାପାଳ ଲଳିତ କୁମାର କହଁର, ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, ସିଡିଏମଓ ମକରନ୍ଦ ବେଉରା, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ପ୍ରଧାନ, ଜିଲା କ୍ରୀଡା ଅଧିକାରୀ ପୋମା ଟୁଡୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଅନେକ ସମୟରେ ଦୁର୍ଗମ ଅଞ୍ଚଳର ଲୋକେ ସେମାନଙ୍କ ସମସ୍ୟା ନେଇ ଜିଲା ପ୍ରଶାସନ ନିକଟକୁ ଆସିପାରୁନଥିଲେ। ଏବେ ଲୋକଙ୍କ ଗ୍ରାମକୁ ଯାଇ ସେଠାରେ ସେମାନଙ୍କ ସମସ୍ୟାର ସମାଧାନ କରିବ।

# ପୁତୁରାଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକଲେ ଦାଦା

**ଆର୍.ଉଦୟଗିରି,୨୮।୧(ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ଥାନା କମଳାପୁର ଗାଁରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ ବଚସାରୁ ପୁତୁରାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ଦାଦା। ମୃତକ ହେଲେ ବିଶ୍ୱନାଥ ନାୟକ। ମୋହନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଦାଦା ଭୂଷଣ ନାୟକଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ଦାଦା-ପୁତୁରାଙ୍କ ମଧ୍ୟରେ ବୁଧବାର ରାତି ପ୍ରାୟ ୯ଟାରେ କୌଣସି କାରଣରୁ ବଚସା ହୋଇଥିଲା। ବିଶ୍ୱନାଥ ଏକ କାଠ ଫାଳିଆରେ ଦାଦା ଭୂଷଣଙ୍କୁ ଆକ୍ରମଣ କରିଥିଲେ। ଭୂଷଣ ଏକ ଟାଙ୍ଗିଆ ଆଣି ପୁତୁରା ବିଶ୍ୱନାଥଙ୍କ ବେକରେ ଚୋଟ ପକାଇଥିଲେ। ଗୁରୁତର ବିଶ୍ୱନାଥଙ୍କୁ ଗାଁ ଲୋକେ ଚନ୍ଦ୍ରଗିରି ମେଡିକାଲ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଶ୍ୱନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ନଂ.୩୦/୧୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

ଯେତେବେଳେ ଦେଖାଯାଏ ଯେ, ଆଉ କିଛି କରିବାର ନାହିଁ- ଅଛି କେବଳ ଧ୍ୱଂସ ଆଉ ବିନାଶ- ସେତେବେଳେ ବି ଜଣେ ପରମ ବିଶ୍ୱାସୀ ଅକସ୍ମାତ୍ ଆମ ସମ୍ମୁଖରେ ଉଭା ହୋଇଯାନ୍ତି ଓ ଆମ ହାତଧରି ତାଙ୍କ ସହିତ ନେଇଚାଲନ୍ତି। -ଶ୍ରୀଅରବିନ୍ଦ

# ସରକାରଙ୍କ ପାଇଁ ଆହ୍ୱାନ

ଗତ ଏକ ମାସରୁ ଉର୍ଦ୍ଧ୍ୱ ହେବ ପୁଞ୍ଜି ବଜାର ରେକର୍ଡ ସ୍ତରରେ ପହଞ୍ଚିବା ପରେ ଏବେ ଅନିୟନ୍ତ୍ରିତ ଭାବେ ହ୍ରାସ ପାଇବାରେ ଲାଗିଛି। ଲଗାତର ୫ ଦିନ ହେବ ଏହା ତଳକୁ ଖସି ଗୁରୁବାର ହଠାତ୍ ସେନସେକ୍ସ ୫୩୬ ପଏଣ୍ଟ ହ୍ରାସ ପାଇଛି। ଗତ ବର୍ଷ ମାର୍ଚ୍ଚରେ ଯେତେବେଳେ କେନ୍ଦ୍ର ଲକ୍‌ଡାଉନ ଘୋଷଣା କରିଥିଲା ସେତେବେଳେ ଏହା ନିମ୍ନ ସ୍ତର ୨୫,୬୩୯ ପଏଣ୍ଟ ଥିଲା ଓ ବୃଦ୍ଧି ପାଇ ଜାନୁୟାରୀ ୨୧ରେ ସବୁଠୁ ଉଚ୍ଚ ୫୦,୧୬୧ ପଏଣ୍ଟରେ ପହଞ୍ଚିଥିଲା। ସେନସେକ୍ସ ପାଇଁ ଏହା ଏକ ଅଭୂତପୂର୍ବ ବୃଦ୍ଧି। ଶେୟାର ବଜାର ଟିକାକରଣ ପାଇଁ ଲଗାତର ବଢ଼ିଚାଲିଥିଲା ଏବଂ ଟିକାକରଣକୁ ବିଭିନ୍ନ ପର୍ଯ୍ୟାୟରେ ସମ୍ପ୍ରସାରଣ କରାଯିବା ଦ୍ୱାରା ଏହି ବୃଦ୍ଧି ବି ଜାରି ରହିଥିଲା। ଏପରି କି କୋଭିଡ୍ -୧୯ ଟିକାର ପାର୍ଶ୍ୱପ୍ରତିକ୍ରିୟା ରହିବା ଏବଂ ଏହା ଯୋଗୁ ମୃତ୍ୟୁ ହେବା ଖବର ସବୁଆଡେ ପ୍ରକାଶ ପାଇବା ପରେ ମଧ୍ୟ ଏହାର ବୃଦ୍ଧି ଚାଲିଥିଲା। ଟିକାକରଣ ସମୟରେ ଶେୟାର ବଜାର ଠିକ୍‌ଠାକ ରହିବ ବୋଲି ଅନୁମାନ କରାଯାଉଥିଲା। ତେବେ ଏହା ହୋଇପାରିଲା ନାହିଁ। ଗତ ପାଞ୍ଚଦିନ ଧରି ସେନସେକ୍ସ ପାଖାପାଖି ୨,୯୫୦ ପଏଣ୍ଟ ଖସିଛି। ବର୍ଷକ ଭିତରେ ନିବେଶକଙ୍କୁ ଯାହା ଲାଭ ମିଳିଥିଲା ତାହା ଏହି ୫ ଦିନ ଭିତରେ ଚାଲିଯାଇଛି। ଏହାବାଦ୍ ଗତ ଦୁଇଦିନରେ କେବଳ ଏହା ୧୫୦୦ ପଏଣ୍ଟ ହ୍ରାସ ପାଇଛି। ଇଣ୍ଟରନ୍ୟାଶନାଲ ମନିଟାରି ଫଣ୍ଡ( ଆଇଏମ୍ଏଫ୍) ବା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ୨୦୨୧ରେ ଭାରତର ଅଭିବୃଦ୍ଧି ୧୧.୫% ହେବ ବୋଲି ଘୋଷଣା କରିଛି। ବିଶ୍ୱସ୍ତରରେ କୌଣସି ଏକ ପ୍ରମୁଖ ଅର୍ଥବ୍ୟବସ୍ଥା ପାଇଁ ଏଭଳି ଉଲ୍ଲେଖନୀୟ ଅଭିବୃଦ୍ଧି ସବୁଠୁ ବେଶି। କିନ୍ତୁ ଆଇଏମ୍ଏଫ୍‌ର ଏହି ମନ୍ତବ୍ୟ ପୁଞ୍ଜି ବଜାରକୁ ସମର୍ଥନ କରିପାରିଲା ନାହିଁ।

ଫରେନ ଫଣ୍ଡ (ଏଫ୍ଆଇଆଇଏସ୍) ଦ୍ୱାରା ପ୍ରଚୁର ପ୍ରଫିଟ୍ ବୁକିଂ ଯୋଗୁ ପୁଞ୍ଜିବଜାର ତଳକୁ ଖସିଲା। ଆଉମଧ୍ୟ ପିଇ ମଲ୍‌ଟିପଲ ରେସିଓ ବା ଅନୁପାତ ଏବଂ ମାର୍କେଟ୍ କ୍ୟାପ୍ ବା ବଜାର ପୁଞ୍ଜୀକରଣ ଓ ଜିଡିପି ଅନୁପାତକୁ ଦୃଷ୍ଟିରେ ରଖି ଶେୟାର ବଜାରର ଅତ୍ୟଧିକ ମୂଲ୍ୟାୟନ କରାଯାଇଥାଏ। ଏହି ପରିସ୍ଥିତିରେ ପ୍ରଫିଟ ବୁକିଂ ଅନିବାର୍ଯ୍ୟ ହୋଇଥାଏ। ମୌଳିକତାକୁ ଆଧାର କରି ବଜାର ସୁଧାର ହୋଇ ନ ଥିଲା,ବରଂ ଏହା କେବଳ ଭାବନାତ୍ମକ କାରଣ ଯୋଗୁ ହୋଇଥିଲା। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି , ଫେବୃୟାରୀ ୧ରେ କେନ୍ଦ୍ର ବଜେଟ ପୂର୍ବରୁ ସୃଷ୍ଟି ହୋଇଥିବା ଆବେଗ ଯୋଗୁ ଖୁବ୍‌ଶୀଘ୍ର ହ୍ରାସ ପାଉଛି । ସରକାର ସ୍ୱାସ୍ଥ୍ୟସେବା ଏବଂ ଭିତ୍ତିଭୂମିକୁ ମଜଭୁତ କରିବାକୁ ସମ୍ବଳ ଯୋଗାଡ଼ କରିବା ଲାଗି ଟିକସ ଅଧିକ ବୃଦ୍ଧି କରିପାରନ୍ତି ବୋଲି ଭୟ ରହିଛି। ଟିକସ ବୃଦ୍ଧି ହେଲେ ଏହା ବ୍ୟୟ ଉପରେ ନକାରାତ୍ମକ ପ୍ରଭାବ ପକାଇବ ଏବଂ ଶେଷରେ ଅଭିବୃଦ୍ଧିକୁ ଧିମା କରିଦେବ। ଭାରତୀୟ ପୁଞ୍ଜିବଜାର ଉପରେ ଦୁର୍ବଳ ବୈଶ୍ୱିକ କାରବାରର ପ୍ରଭାବ ବି ପଡିଛି। କରୋନା ଭାଇରସ୍‌ର ନୂଆରୂପ ଯୋଗୁ ବିଶ୍ୱରେ ବହୁଦେଶ ଲକ୍‌ଡାଉନ କରିବାକୁ ବାଧ ହୋଇଛନ୍ତି। ଅନ୍ୟପକ୍ଷରେ କରୋନା ଟିକା ଯୋଗାଣକୁ ନେଇ ଦେଖାଦେଇଥିବା ନୈରାଶ୍ୟତା ବିଶ୍ୱସ୍ତରରେ ଶେୟାର ବଜାରରେ ଭୟ ସୃଷ୍ଟି କରିଛି। ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ସ୍ପଷ୍ଟ ନୀତିର ଅଭାବ ନିବେଶକମାନଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି। ଡିସେମ୍ବର ତ୍ରୈମାସିକରେ କମ୍ପାନୀଗୁଡ଼ିକର ଲାଭ ଶେୟାର ବଜାର ଉପରେ ପ୍ରଭାବ ପକାଇଥିଲା। ଶେୟାର ବଜାରର ହେଭିୱେଟ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଦୁର୍ବଳ ପ୍ରଦର୍ଶନ ନିବେଶକମାନଙ୍କୁ ନିରାଶ କରିଥାଇପାରେ,ଯାହାଦ୍ୱାରା କମ୍ପାନୀର ଶେୟାରରେ ୨ % ହ୍ରାସ ପାଇଛି। ଆଗକୁ କମ୍ପାନୀଗୁଡ଼ିକର ତୃତୀୟ ତ୍ରୈମାସିକି ଲାଭକୁ ନେଇ ବଜାର ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି।

ମହାମାରୀ ଦେଶକୁ ପୂରା ଦୁର୍ବଳ କରିଦେଇଛି। ଏହି ସମୟରେ ଆସିବାକୁ ଥିବା କେନ୍ଦ୍ର ବଜେଟରୁ ଅନେକ କିଛି ଆଶା କରାଯିବା ସ୍ୱାଭାବିକ। ସ୍ୱାସ୍ଥ୍ୟ ସେବା ଏବଂ ଏହା ସମ୍ବନ୍ଧିତ ଅନ୍ୟ ସେକ୍ଟରଗୁଡ଼ିକୁ ମଜଭୁତ କରିବାକୁ ଅତ୍ୟଧିକ ବ୍ୟୟର ଆବଶ୍ୟକତା ରହିଛି ଓ ସରକାରଙ୍କୁ ରାଜସ୍ୱ ଯୋଗାଡ଼ କରିବାକୁ କିଛି ଭିନ୍ନ ଚିନ୍ତା କରିବାକୁ ପଡିବ। ଏଥିପାଇଁ ସରକାର ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ବୃଦ୍ଧି କରିବେ ବୋଲି ସାଧାରଣରେ ବିଶ୍ୱାସ କରାଯାଉଛି। କେନ୍ଦ୍ର ସରକାରଙ୍କ ପାଇଁ ବହୁତ କମ୍ ସୁଯୋଗ ରହିଛି। ବିତ୍ତୀୟ ନିଅଣ୍ଟକୁ ନଜରରେ ରଖି ସରକାର ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଇପାରନ୍ତି। ଫଳରେ ନିବେଶକମାନେ ବଜାର ଛାଡି ଦେଉଛନ୍ତି। ବିପୁଳ ପରିମାଣର ନିଯୁକ୍ତି ହ୍ରାସ ଏବଂ ନିରୁତ୍ସାହଜନକ ଚାହିଦା ଭଳି ପରିସ୍ଥିତିକୁ ସାମ୍ନା କରୁଛି ଭାରତୀୟ ଅର୍ଥବ୍ୟବସ୍ଥା। ସିଏମ୍ଆଇଇ ସର୍ଭେରୁ ଜଣାପଡିଛି ଯେ, ଲକ୍‌ଡାଉନର ପ୍ରଥମ ତ୍ରୈମାସିକି(ଏପ୍ରିଲ-ଜୁନ)ରେ ମାନୁଫାକ୍‌ଚରିଂ ସେକ୍ଟରରେ ୧.୫ କୋଟି ଚାକିରି ଚାଲି ଯାଇଛି। ସର୍ଭିସ ସେକ୍ଟରକୁ ବି ଝଟ୍‌କା ଲାଗିଛି, ଯାହା କୋଭିଡ୍ ପର୍ବରୁ ଯେଉଁ ସ୍ତରରେ ଥିଲା ସେଠାକୁ ଫେରିପାରିନାହିଁ। ସୁଦୃଢ କୃଷି ସେକ୍ଟର ଏବେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦୀର୍ଘ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ସରକାରଙ୍କୁ ଚିନ୍ତାରେ ପକାଇଥିବା କୃଷକ ଆନ୍ଦୋଳନକୁ ସମାଧାନ କରିବାକୁ ବାକି ରହିଛି। ଏହି ସବୁ ଚ୍ୟାଲେଞ୍ଜ ବା ଆହ୍ୱାନ ସହ ଆଉ କିଛି ସମସ୍ୟା କେନ୍ଦ୍ର ବଜେଟ ପୂର୍ବରୁ ସରକାରଙ୍କ ଉପରେ ଭାରି ପଡିବ।

## ଆଜିର ଅର୍ଥନୀତି

# ଭିନ୍ନ ଏକ ମହାମାରୀ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବିଗତ ପ୍ରାୟ ଦୁଇ ଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟ ଧରି, ଶିଳ୍ପ ବିପ୍ଲବର ଆରମ୍ଭ କାଳରୁ ଯାନ୍ତ୍ରିକ ସଭ୍ୟତାର ଦ୍ରୁତ ବିକାଶ ଘଟିଚାଲିଛି। ଫଳରେ ବଦଳିବାରେ ଲାଗିଛି ମଣିଷର ଜୀବନଚର୍ଯ୍ୟା। ତାହା କ୍ରମଶଃ ଶ୍ରମବିହୀନ ହେବାରେ ଲାଗିଛି । ଏକ ଆକଳନ ଅନୁସାରେ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ସାଧାରଣ ଲୋକଙ୍କ ମଧ୍ୟରୁ ପ୍ରାୟ ୮୬ ଶତାଂଶ ଶ୍ରମଜୀବୀ ଥିଲେ ଏବଂ ସେମାନେ ଦୈନିକ ହାରାହାରି ୯ରୁ ୧୧ ଘଣ୍ଟା ଶାରୀରିକ ଶ୍ରମ କରୁଥିଲେ। ଏବେ ତାହା ଯଥାକ୍ରମେ ୩୨ ଶତାଂଶ ଏବଂ ୪ରୁ ୬ଘଣ୍ଟାକୁ ହ୍ରାସ ପାଇଛି। ଫଳରେ ସୃଷ୍ଟି ହୋଇ ଚାଲିଛି ବିବିଧ ସ୍ୱାସ୍ଥ୍ୟଗତ ସମସ୍ୟା। ଏହି ଧାରା ସମୟକ୍ରମେ ଦ୍ରୁତ ହେବାରେ ଲାଗିଛି ଏବଂ ସ୍ୱୟଂଚାଳିତ ଯନ୍ତ୍ରପାତି ତଥା ରୋବଟ୍‌ର ବ୍ୟାପକ ବ୍ୟବହାର ଶାରୀରିକ ଶ୍ରମର ଅବକାଶକୁ ଆହୁରି ସଙ୍କୁଚିତ କରି ଚାଲିବ ବୋଲି ଆଶା କରାଯାଏ। ଅତଏବ ଏ ସମସ୍ୟା ଅଧିକ ଜଟିଳ ହେବାକୁ ଲାଗିବ।

ବର୍ତ୍ତମାନ ବିଶ୍ୱରେ ପ୍ରତି ୩ ଜଣରେ ଜଣେ ମହିଳା ଏବଂ ପ୍ରତି ୪ ଜଣରେ ଜଣେ ପୁରୁଷ ସୁସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ମୁତାବକ ଦୈହିକ ଶ୍ରମ କରୁନାହାନ୍ତି। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥାର ଅଧ୍ୟୟନ ଅନୁସାରେ ବିକଶିତ ଧନିକ ଦେଶଗୁଡ଼ିକରେ ଏ ସମସ୍ୟା ଅଣ ବିକଶିତ ତଥା ବିକାଶଶୀଳ ଦେଶଗୁଡ଼ିକ ତୁଳନାରେ ବେଶ୍ ଅଧିକ। ଅନେକ ସ୍ଥାନରେ ତାହା ପ୍ରାୟ ଦୁଇ ଗୁଣ ବା ତତୋଧିକ। ଚଳିତ ଶତାବ୍ଦୀର ଆରମ୍ଭଠାରୁ ଏହା ବାର୍ଷିକ ପାଖାପାଖି ୫ ଶତାଂଶ ହାରରେ ବଢ଼ି ଚାଲିଛି। ଏହି କାରଣରୁ ସେଥି ସହିତ ତାଳ ଦେଇ ହୃଦ୍‌ରୋଗ, ଟାଇପ୍-୨ ମଧୁମେହ, ଉଚ୍ଚ ରକ୍ତଚାପ, ପୃଥୁଳତା ଏବଂ କେତେକ ଶ୍ରେଣୀର କର୍କଟରୋଗ ସମାନୁପାତିକ ଭାବେ ବଢ଼ିଚାଲିଥିବା ଜଣାପଡ଼ିଛି। ଫଳରେ ଏହା ପରିଣତ ହୋଇଛି ଏକ ମହାମାରୀରେ।

ଶ୍ରମବିହୀନ ଜୀବନ ହେତୁ ବଢ଼ି ଚାଲିଥିବା ପୃଥୁଳତା ସମ୍ପର୍କରେ ବିଶ୍ୱରେ ୧୯୫ଟି ଦେଶରେ ହୋଇଥିବା ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା ‘ ଦ ନିଉ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିସିନ୍’ (୨୦୧୮)ରେ। ତହିଁରେ ସୂଚିତ କରାଯାଇଥିଲା ଯେ, ଏହି ଦେଶଗୁଡ଼ିକରେ ପ୍ରାୟ ୬୦୦ ନିୟୁତ ପ୍ରାପ୍ତବୟସ୍କ ଲୋକ ପୃଥୁଳକାୟ ଏବଂ ତନ୍ମଧ୍ୟରୁ ସର୍ବାଧିକ ଥିଲେ ଆମେରିକାର (୭୯.୪ ନିୟୁତ) ଏବଂ ତା’ ପଛକୁ ଚାଇନାର (୫୭.୩ ନିୟୁତ)। ଅନ୍ୟପକ୍ଷରେ ପ୍ରାୟ ୧୦୮ ନିୟୁତ ଶିଶୁଙ୍କ ମଧ୍ୟରୁ ସର୍ବାଧିକ (୧୫.୩ ନିୟୁତ) ଚାଇନାର ହେଲାବେଳେ ଦ୍ୱିତୀୟ ସ୍ଥାନରେ ଥିଲା ଭାରତ (୧୪.୪ ନିୟୁତ)। ଶ୍ରମବିହୀନ ଜୀବନ ବ୍ୟତୀତ ଅସ୍ୱାସ୍ଥ୍ୟକର ଖାଦ୍ୟ (ଫାଷ୍ଟଫୁଡ୍ ଇତ୍ୟାଦି) ଏବଂ ଜିନୀୟ କାରଣକୁ ବି ଏଥିପାଇଁ ଦାୟୀ କରାଯାଇଛି।

ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ଦ୍ୱାରା ୨୦୧୬ ମସିହାରେ ଅନୁଷ୍ଠିତ ଏକ ଆକଳନ ଅନୁସାରେ ପ୍ରାପ୍ତ ବୟସ୍କଙ୍କ ମଧ୍ୟରେ ଯଥେଷ୍ଟ ଶାରୀରିକ ଶ୍ରମ କରୁ ନ ଥିବା ସର୍ବାଧିକ ଅକର୍ମଠ ବା ଅଳସୁଆ ଅଛନ୍ତି କୁଏତ୍, ସାଉଦି ଆରବ, ଇରାକ୍, ବ୍ରାଜିଲ୍ ଏବଂ କୋଷ୍ଟାରିକାରେ। କୁଏତ୍‌ରେ ଏହା ୬୭% ହେଲାବେଳେ ସାଉଦି ଆରବରେ ୫୩.୧%, ଇରାକରେ ୫୨%, ବ୍ରାଜିଲ୍‌ରେ ୪୭% ଏବଂ କୋଷ୍ଟାରିକାରେ ୪୬.୧%। ସେହିପରି ଆମେରିକାରେ ୪୦%, ଇଂଲଣ୍ଡରେ ୩୬%, ଭାରତରେ ୩୪% ଏବଂ ଚାଇନାରେ ୧୩% ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ ସବୁଠାରୁ ଅଧିକ ଶାରୀରିକ ଶ୍ରମ କରୁଥିବା ଅର୍ଥାତ୍ କର୍ମଠ ଲୋକ ହେଲେ ଆଫ୍ରିକୀୟ। ଏଠାର ଉଗାଣ୍ଡାରେ ଅକର୍ମଠଙ୍କ ସଂଖ୍ୟା ମାତ୍ର ୫.୫%, ମୋଜାମ୍ବିକ୍‌ରେ ୫.୬%, ଲେସୋଥୋରେ ୬.୩%, ତାଞ୍ଜାନିଆରେ ୬.୫% ଏବଂ ଟୋଂଗୋରେ ୯.୮%। ଲୋକଙ୍କ ଅର୍ଥନୈତିକ ସ୍ଥିତି ସବୁବେଳେ ସେମାନଙ୍କ ଅକର୍ମଠତାର କାରଣ ନୁହେଁ। ସେଥିପାଇଁ ବିକଶିତ ଦେଶ ରୁଷିଆ, ଚାଇନା, ସ୍ୱିଡେନ୍, ଫିନ୍‌ଲାଣ୍ଡ ଭଳି ସ୍ୱଚ୍ଛଳ ଦେଶର ଲୋକେ ଅଧିକ କର୍ମଠ ହେବାବେଳେ ଭାରତ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଭଳି ଦେଶରେ ସେମାନେ ଅପେକ୍ଷାକୃତ ଅକର୍ମଠ ବା ଅଳସୁଆ।

ଆଳସ୍ୟ ସୁସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନର ପରିପନ୍ଥୀ ବୋଲି ମତ ବାଢ଼ନ୍ତି ଉପରୋକ୍ତ ଅଧ୍ୟୟନର ମୁଖ୍ୟ ଡ.ରୋଜିନା ଗୁଥୋଲଡ୍। ତଦନୁଯାୟୀ ଦୁନିଆରେ ଅନ୍ୟାନ୍ୟ ବଡ଼ ବଡ଼ ସ୍ୱାସ୍ଥ୍ୟସଙ୍କଟ ସମ୍ପର୍କରେ ଆମେ ଯେତେ ସଚେତନ ଏହା ସମ୍ପର୍କରେ ସେତିକି ନୁହେଁ। ତାଙ୍କ ମତରେ ଅତିକମ୍‌ରେ ସପ୍ତାହକୁ ସ୍ୱାସ୍ଥ୍ୟାବସ୍ଥା ଏବଂ ବୟସ ଉପରେ ନିର୍ଭର କରି ୧୫୦ରୁ ୨୦୦ ମିନିଟ୍ ସାଧାରଣଭାବେ ଏବଂ ୭୫ରୁ ୧୦୦ ମିନିଟ୍ କଠୋରଭାବେ ଶାରୀରିକ ଶ୍ରମ କରିବା ନିହାତି ଦରକାର।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସୁସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ ପାଇଁ କର୍ମଠତାର ଉପାଦେୟତାକୁ ନେଇ ଅନ୍ୟ ଏକ ବିବରଣୀ ପ୍ରକାଶିତ ହୋଇଛି ‘ମାଇଓକ୍ଲିନିକ୍ ପ୍ରୋସିଡିଙ୍ଗ୍‌ସ’ ଅକ୍ଟୋବର ୨୦୧୮ ସଂଖ୍ୟାରେ। ଏଥିରେ ସ୍ଥାନିତ ହୋଇଛି ଦୀର୍ଘ ୨୫ ବର୍ଷ ଧରି ବ୍ରିଟେନ୍‌ର ୮,୬୦୦ ନାରୀ ଓ ପୁରୁଷଙ୍କ ସମ୍ପର୍କରେ ଚାଲିଥିବା ଏକ ଅଧ୍ୟୟନର ଫଳାଫଳ। ତହିଁରୁ ଜଣାପଡିଛି ଯେ କର୍ମଠତା ବା ଶାରୀରିକ ଶ୍ରମ ସହିତ ସ୍ୱାସ୍ଥ୍ୟ ଏବଂ ଆୟୁଷର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ବିଭିନ୍ନ ପ୍ରକାର କର୍ମ ଏହାକୁ ଭିନ୍ନ ଭିନ୍ନ ଭାବେ ପ୍ରଭାବିତ କରିଥାଏ। ଉଦାହରଣସ୍ୱରୂପ ସପ୍ତାହକୁ ୪ ଘଣ୍ଟା ବା ଅଧିକ ସମୟ ଧରି ସାଇକେଲ ଚାଳନା କରୁଥିବା, ଟେନିସ୍, ବ୍ୟାଡ୍‌ମିଣ୍ଟନ ଓ ଫୁଟବଲ ଖେଳୁଥିବା ଏବଂ ଦୌଡୁଥିବା ଲୋକଙ୍କ ଆୟୁଷ ହାରାହାରି ଭାବେ ଯଥାକ୍ରମେ ୩.୨, ୯.୭ ଏବଂ ୬.୨ ବର୍ଷ ଅଧିକ। ପୁନଶ୍ଚ ସେମାନେ ମଧ୍ୟ ଅଧିକ ସୁସ୍ଥ ଓ ସତେଜ, ତେବେ ଏପରି ଭିନ୍ନ ଭିନ୍ନ ପ୍ରକାର ଶ୍ରମର ପ୍ରଭାବ କାହିଁକି ଭିନ୍ନ ଭିନ୍ନ ହେଉଛି ତାହାର କାରଣ ଜଣାପଡିନାହିଁ।

ଏକ ଅନୁରୂପ ଉପସଂହାର ମିଳିଛି ଆମେରିକାର କ୍ଲେଭେଲ୍ୟାଣ୍ଡ କ୍ଲିନିକର ଶରୀର ବିଜ୍ଞାନୀମାନେ ବିଗତ କିଛିବର୍ଷ ଧରି ଚଳାଇ ଆସିଥିବା ଅଧ୍ୟୟନରୁ। ‘ଦ ଜର୍ନାଲ ଅଫ୍ ଆମେରିକାନ୍ ମେଡିକାଲ୍ ଆସୋସିଏଶନ (ନଭେମ୍ବର ୨୦୧୮)ର ସଂଖ୍ୟାରେ ପ୍ରକାଶିତ ଏକ ଗବେଷଣା ପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଶରୀରର କର୍ମ ଦକ୍ଷତା ପାଇଁ ଶ୍ରମ ଏକାନ୍ତ ଆବଶ୍ୟକ ଏବଂ ଏହି କର୍ମଦକ୍ଷତା ସହିତ ଏକ ପ୍ରତ୍ୟକ୍ଷ ସମ୍ପର୍କ ରହିଛି ଦୀର୍ଘ ଜୀବନର। ଏହାର ମୁଖ୍ୟ ଲେଖକ ଡ. ୱାଏଲ୍ ଜାବର୍‌ଙ୍କ ସୂଚନାନୁସାରେ ଜଣେ ସକ୍ରିୟଭାବେ ଶାରୀରିକ ଶ୍ରମ କରୁଥିବା ବ୍ୟକ୍ତି ତୁଳନାରେ ଜଣେ ଆଳସ୍ୟପରାୟଣ ଲୋକର ଅକାଳ ମୃତ୍ୟୁବରଣ କରିବାର ସମ୍ଭାବନା ୧୦/୧୫ ଶତାଂଶ ଅଧିକ।

ଏସବୁ ମନକୁ ପ୍ରଶ୍ନଟିଏ ଆସିଥାଏ- ଆମେ ସମସ୍ତେ ଜାଣୁ ଯେ ଶ୍ରମହୀନ ଜୀବନ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ଏହା ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁର କାରଣ ହୋଇଥାଏ। ସେଥିପାଇଁ ଏହାକୁ ଭିନ୍ନ ଏକ ମହାମାରୀ ବୋଲି କୁହାଯାଉଛି। ତା’ ସତ୍ତ୍ୱେ ବି ଆମେ କାହିଁକି ଆଳସ୍ୟକୁ ପସନ୍ଦ କରୁ ? ବ୍ରିଟିଶ୍ କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ମାଥ୍ୟୁ ବୋରିସ୍ ପୋଣ୍ଟିରଙ୍କ ଅଧ୍ୟୟନ ଏବେ ଏହା ଉପରେ ଆଲୋକପାତ କରିଛି। ‘ନ୍ୟୁରୋ ସାଇକୋଲୋଜିଆ’ ପତ୍ରିକାରେ ପ୍ରକାଶିତ ଏଥି ସମ୍ପର୍କିତ ତାଙ୍କର ଏକ ନିବନ୍ଧରେ ସେ ଦର୍ଶାଇଛନ୍ତି ଯେ, ସମ୍ଭବତଃ ‘ଆମ ମସ୍ତିଷ୍କ କୌଣସି ମତେ ଏଥିପାଇଁ ଅଭିପ୍ରେତ।’ କାରଣ ଆମେ ଶ୍ରମ କଲାବେଳେ ଏହାକୁ ମଧ୍ୟ ଅଧିକ କାମ କରିବାକୁ ପଡିଥାଏ। ଏଥିରେ ତାହାର ସଂସାଧନ ଅଧିକ ମାତ୍ରାରେ ବ୍ୟୟ ହୁଏ। ତେଣୁ ତାହା ଆଳସ୍ୟ ଏବଂ କମ୍ ଶ୍ରମ ପ୍ରତି ଅଧିକ ଆକୃଷ୍ଟ ହୋଇଥାଏ। ତେବେ ସୁସ୍ଥ ଓ ଦୀର୍ଘଜୀବନ ପାଇଁ ଆମକୁ ଏଭଳି ପ୍ରବୃତ୍ତିକୁ ଅତିକ୍ରମ କରିବାକୁ ହେବ। ସମଗ୍ର ବିଶ୍ୱରେ ଆଳସ୍ୟ ଏବଂ ତଜ୍ଜନିତ ରୋଗ ସମ୍ପର୍କରେ ଏକ ବିବରଣୀ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି ‘ଲାନସେଟ୍ ଗ୍ଲୋବାଲ ହେଲ୍‌ଥ’ ପତ୍ରିକାରେ। ତଦନୁଯାୟୀ ଏବେ ( ସେପ୍ଟେମ୍ବର ୨୦୧୮) ଏହାର ୧.୪ ହଜାର ନିୟୁତ ପ୍ରାପ୍ତ ବୟସ୍କ ଲୋକ ବିବିଧ ଅଣ ସଂକ୍ରମିତ ରୋଗ ବା ଜୀବନଚର୍ଯ୍ୟାଜନିତ ରୋଗର ସମ୍ମୁଖୀନ। ସେଥିପାଇଁ ଆଗାମୀ ୨୦୨୫ ମସିହା ସୁଦ୍ଧା କମ୍ ଦୈହିକ ଶ୍ରମ ବା ଆଳସ୍ୟକୁ ୧୦ରୁ ୧୫ ପ୍ରତିଶତ ହ୍ରାସ କରିବାକୁ ଏହା ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ସଚେତନତା ପ୍ରସାର ମାଧ୍ୟମରେ ଏଥିରେ ସହଯୋଗ କରିବା ପାଇଁ ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ଅନୁରୋଧ କରିଛି।

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ: ୯୯୩୭୯୮୫୭୬୭

# ଅନ୍‌ଲାଇନ ଶିକ୍ଷା ଆଶୀର୍ବାଦର ରୂପ ନେଉ



ଡ. ଭାରତ ଭୂଷଣ ରଥ

କରୋନାରେ ସବୁକିଛି ଧୀରେ ଧୀରେ ସୁଧୁରୁଥିଲେ ମଧ୍ୟ ଶିକ୍ଷା, ଯାହା ସମାଜର ଭିତ୍ତିଭୂମି ତାହା ଏପର୍ଯ୍ୟନ୍ତ ସୁଦ୍ଧା ମୂଳସ୍ରୋତକୁ ଆସିପାରୁନାହିଁ। ଛାତ୍ରୀଛାତ୍ରମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ପୂର୍ଣ୍ଣରୂପରେ ଖୋଲିବା ଏତେ ସହଜସାଧ ହେଉନାହିଁ । ତେଣୁ ମୋଟାମୋଟି କହିବାକୁ ଗଲେ କରୋନା ଟିକା ପ୍ରଦାନ ପରେ କିଛି ସୁଫଳ ଦୃଷ୍ଟିଗୋଚର ହେଲେ ଯାଇ ଦେଶର ଶିକ୍ଷା ବ୍ୟବସ୍ଥା ପୁନଃ ପୂର୍ବବର୍ତ୍ତୀ ଅବସ୍ଥାକୁ ଫେରିଆସିବ। ଶିକ୍ଷା ବ୍ୟବସ୍ଥା ଉପରେ ଏଭଳି ଏକ ଅତର୍କିତ ବିପଦକୁ ସାମ୍ନା କରିବା ପାଇଁ ପ୍ରାୟ ଆମେ କେହି ସଜାଗ ନ ଥିଲେ। ବିଶେଷକରି ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ଶିକ୍ଷା ଉପରେ କରୋନା ଏକ କାଳ ହୋଇ ଉଭା ହୋଇଛି। ଶିକ୍ଷା ବ୍ୟବସ୍ଥାର ଦୁରବସ୍ଥାକୁ ଲକ୍ଷ୍ୟ କଲେ ଆମେ ଅନୁଭବ କରୁ କରୋନାରେ ଆମ ଦେଶର ସ୍ୱାସ୍ଥ୍ୟ ଯେତିକି ବିପର୍ଯ୍ୟସ୍ତ ନ ହୋଇଛି ତା’ଠାରୁ ଅଧିକ ବିପର୍ଯ୍ୟସ୍ତ ହୋଇଛି ଶିକ୍ଷା।

ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଶିକ୍ଷାକୁ ସରଳ ଏବଂ ସାବଲୀଳ କରିବାରେ ପ୍ରମୁଖ ଅସ୍ତ୍ର ସାଜିଛି ଅନ୍‌ଲାଇନ୍ ଶିକ୍ଷା। ନିଜ ଘରେ ସମ୍ପୂର୍ଣ୍ଣ ସୁସ୍ଥ ରହି ଆମ ଦେଶର ଛାତ୍ରୀଛାତ୍ର ପ୍ରାୟ ୧୦ ମାସ ଧରି ବିଦ୍ୟାଧ୍ୟୟନ କରୁଛନ୍ତି। ଏ କ୍ଷେତ୍ରରେ ମୋବାଇଲ୍, କମ୍ପ୍ୟୁଟର, ଇଣ୍ଟରନେଟ୍, ଫେସବୁକ୍, ହ୍ୱାଟ୍‌ସ ଆପ୍ ପ୍ରଭୃତି ମାଧ୍ୟମ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହୋଇଛି। ଏତଦ୍ ବ୍ୟତୀତ ଗୁଗଲ୍ ମିଟ୍, ଜୁମ୍ ଆପ୍, ଟିମ୍ ଲିଙ୍କ୍ ପ୍ରଭୃତିକୁ ଉପଯୋଗ କରି ଏକକାଳୀନ ଶହ ଶହ ଏବଂ ହଜାର ହଜାର ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ ସମ୍ଭବ ହେଉଛି। ଟେଲିଭିଜନ୍, ସମ୍ବାଦପତ୍ର ଏବଂ ପତ୍ରପତ୍ରିକାଗୁଡ଼ିକ ମଧ୍ୟ ଏ ବିପଦ ସମୟରେ ଶିକ୍ଷାବ୍ୟବସ୍ଥା ସାଙ୍ଗରେ ହାତ ମିଳେଇ ଶୈକ୍ଷିକତତ୍ତ୍ୱକୁ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚାଇପାରୁଛନ୍ତି। ସତ କହିବାକୁ ଗଲେ ଭାରତରେ ଏହି ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା ବହୁତ କମ୍ ସ୍ଥାନରେ ପ୍ରଚଳିତ ଥିଲା। ହୁଏତ ଏ ବ୍ୟବସ୍ଥା ସହିତ ଜଡିତ ହେବାକୁ ଆମକୁ ଆହୁରି ଅନେକ ବର୍ଷ ଲାଗିଯାଇଥାନ୍ତା। କିନ୍ତୁ କୋଭିଡ୍-୧୯ ଭାରତର ପ୍ରାୟ ପ୍ରତ୍ୟେକ ନାଗରିକଙ୍କୁ ଅନ୍ ଲାଇନ୍ ଶିକ୍ଷା ବ୍ୟବସ୍ଥା ସହିତ ଜଡିତ କରାଇଲା। ଏକ ତୁଳନାତ୍ମକ ଅଧ୍ୟୟନ କଲେ ଆମେ ଜାଣିପାରିବା କୋଭିଡ୍ ପୂର୍ବର ଶିକ୍ଷା ବ୍ୟବସ୍ଥା ଏବଂ କୋଭିଡ୍ ପରର ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଦୃଷ୍ଟିଗୋଚର ହୋଇଛି ଏବଂ ଭବିଷ୍ୟତରେ ଏହାର ଏକ ସୁପ୍ରଭାବ ନିଶ୍ଚୟ ଭାରତୀୟ ଶିକ୍ଷା ବ୍ୟବସ୍ଥା ଉପରେ ପଡ଼ିବ। ଗୋଟିଏ ପକ୍ଷରେ ଦେଖିବାକୁ ଗଲେ ଶ୍ରେଣୀଗୃହରେ ଶିକ୍ଷାଦାନର ଯେଉଁ ମହତ୍ ଉଦ୍ଦେଶ୍ୟ ତାହା ବର୍ତ୍ତମାନ ବ୍ୟାଘାତ ହୋଇଛି। ଶିକ୍ଷକଙ୍କ ସମ୍ମୁଖରେ ଛାତ୍ର କେଉଁ ସ୍ଥିତିରେ ଅଛି ତାହା ଶିକ୍ଷକ ଜାଣିପାରନ୍ତି ଏବଂ ଛାତ୍ରମାନେ ଅଧ୍ୟୟନକୁ ଏକ ତପସ୍ୟା ଭାବରେ ଗ୍ରହଣ କରନ୍ତି। କିନ୍ତୁ ଅନ୍‌ଲାଇନ୍ ଶିକ୍ଷାରେ ଛାତ୍ର ଶିକ୍ଷକଙ୍କ ମଧ୍ୟରେ ସାକ୍ଷାତ ସମ୍ବନ୍ଧ ରହି ନ ଥାଏ। ଉଭୟଙ୍କ ମଧ୍ୟରେ ସମ୍ପର୍କସୂତ୍ର ସ୍ଥାପନ କରାଏ ମୋବାଇଲ୍ ଅଥବା କମ୍ପ୍ୟୁଟର। ଏହି ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥାର ଅନ୍ୟ ଏକ ବିଶେଷ ସମସ୍ୟା ହେଉଛି ଆମ ଦେଶର ଅଧିକାଂଶ ନାଗରିକଙ୍କର ଆର୍ଥିକ ସ୍ଥିତି ଦୁର୍ବଳ। ତେଣୁ ଦୁଇ ତିନୋଟି ସନ୍ତାନସନ୍ତତିଙ୍କୁ ମୋବାଇଲ ଏବଂ ଇଣ୍ଟରନେଟ୍ ସୁବିଧା ଯୋଗାଇଦେବାରେ ମାତାପିତାଙ୍କର ଅସାମର୍ଥ୍ୟ। ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳରେ ମୋବାଇଲ୍ ନେଟୱର୍କ ସମସ୍ୟା ଅନ୍‌ଲାଇନ୍ ଶିକ୍ଷାକୁ ପ୍ରଭାବିତ କରେ। ଅଧିକ ସମୟ ମୋବାଇଲ, ଇଣ୍ଟରନେଟ୍ ପ୍ରଭୃତିର ବ୍ୟବହାର ସ୍ୱାସ୍ଥ୍ୟହାନି ତଥା ଛାତ୍ରୀଛାତ୍ରଙ୍କର ବିଶୃଙ୍ଖଳିତ ମନୋଭାବକୁ ବୃଦ୍ଧିକରିବାର କାରଣ ମଧ୍ୟ ହୋଇପାରେ। ତେବେ ଏ ସବୁ ସତ୍ତ୍ୱେ ଶିକ୍ଷାର ସରଳୀକରଣ ପାଇଁ ଅନ୍‌ଲାଇନ୍ ଶିକ୍ଷା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚୟ। କେବଳ ସାଇନ୍ସ, ଇଞ୍ଜିନିୟରିଂ, କମର୍ସ ନୁହେଁ ପରନ୍ତୁ ଏଲ୍‌କେଜି ତଥା ନର୍ସରି ଶ୍ରେଣୀଠାରୁ ଆରମ୍ଭ କରି ପିଏଚ. ଡି. ଭଳି ଉଚ୍ଚତର ଗବେଷଣା ମଧ୍ୟ ଅନ୍‌ଲାଇନ୍ ଦ୍ୱାରା ଅତ୍ୟନ୍ତ ପ୍ରଭାବୀ ଭାବରେ ହୋଇପାରୁଛି। ସଂସ୍କୃତ, ସଂଗୀତ, ନୃତ୍ୟ ଏବଂ ଯୋଗ ଭଳି ଶାସ୍ତ୍ରୀୟ ବିଷୟଗୁଡ଼ିକ ମଧ୍ୟ ଏହାର ଅନ୍ତର୍ଭୁକ୍ତ ହୋଇପାରିଛନ୍ତି। କୌଣସି ବି ଦେଶର ନାଗରିକ ବର୍ତ୍ତମାନ ଅନ୍‌ଲାଇନ୍‌ରେ ରହି ଅନ୍ୟ କୌଣସି ଦେଶର ଶିକ୍ଷାନୁଷ୍ଠାନରେ ଅଧ୍ୟୟନର ସୁଯୋଗ ପାଇପାରୁଛନ୍ତି। ଏକ ବିଶେଷ ସୁଯୋଗ ସମ୍ପ୍ରତି ଦୃଷ୍ଟିଗୋଚର ହୋଇଛି, ଯାହା କି ଅବସର ଗ୍ରହଣ କରିସାରିଥିବା ଶିକ୍ଷକମାନେ ନିଜର ଦୈନନ୍ଦିନ କର୍ତ୍ତବ୍ୟରେ ଅନ୍‌ଲାଇନ୍ ଶିକ୍ଷା ପାଇଁ କିଛି ସମୟ ବାହାର କରୁଛନ୍ତି। ଏହାଦ୍ୱାରା ଛାତ୍ରସମାଜ ଉପକୃତ ହେଉଛି ଏବଂ ଆଜୀବନ ଶିକ୍ଷକତାକୁ ବୃତ୍ତି କରିଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନେ ତାଙ୍କର ଅବସରକାଳୀନ ଜୀବନକୁ ଛାତ୍ରୀଛାତ୍ରମାନଙ୍କ ସହିତ ବିତେଇବାରେ ସୁଯୋଗ ପାଇଛନ୍ତି।

କେବଳ ଯେ ଅଧ୍ୟୟନ ଏବଂ ଅଧ୍ୟାପନାରେ ଏହା ଆମର ସହାୟକ ତା’ ନୁହେଁ ପରନ୍ତୁ ଶିକ୍ଷାନୁଷ୍ଠାନର ପ୍ରଶାସନିକ, ପରୀକ୍ଷା ସଞ୍ଚାଳନ, ନିଯୁକ୍ତିପ୍ରକ୍ରିୟା ତଥା ସାମୂହିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନ୍‌ଲାଇନ୍ ଶିକ୍ଷା ଖୁବ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପଦ ପାଇଁ ହେଉଥିବା ନିଯୁକ୍ତି ସାକ୍ଷାତ୍‌କାରରେ ପ୍ରତିଭାଗୀ ଏବଂ ପ୍ରତିଭାଗିନୀମାନେ ନିଜ ଘରେ ରହି ସାକ୍ଷାତ୍‌କାର ଦେଉଥିବା ସମୟରେ ସାକ୍ଷାତ୍‌କାର ନେଉଥିବା ଅଧିକାରୀମାନେ ମଧ୍ୟ ନିଜ ନିଜ ଘରେ ରହି ମୂଲ୍ୟାୟନ କରନ୍ତି। ଏହାଦ୍ୱାରା ନିଯୁକ୍ତି ବିହୀନ ପ୍ରତିଭାଗୀମାନେ ଯାତ୍ରାଜନିତ ଆର୍ଥିକ ବ୍ୟୟରୁ ବଞ୍ଚିତ ହେଉଛନ୍ତି। ବିଶ୍ୱବିଦ୍ୟାଳୟ ମଧ୍ୟ ପ୍ରଚୁର ଅର୍ଥ ବ୍ୟୟରୁ ରକ୍ଷା ପାଉଛି। ଠିକ୍ ସେହିଭଳି ଅନ୍ତର୍ଜାତୀୟ ଏବଂ ଜାତୀୟ ସ୍ତରର ସେମିନାରଗୁଡ଼ିକୁ ମଧ୍ୟ ଅନ୍‌ଲାଇନ୍ ମାଧ୍ୟମରେ ଖୁବ୍ ପ୍ରାମାଣିକ ଭାବରେ ପ୍ରାୟୋଜିତ କରିବାର ଦୃଷ୍ଟିଗୋଚର ହେଉଛି। କୋଭିଡ୍ ପୂର୍ବରୁ ଏହି ପ୍ରକ୍ରିୟା ପାଇଁ ସରକାରଙ୍କୁ କୋଟି କୋଟି ଟଙ୍କାର ବ୍ୟୟବରାଦ କରିବାକୁ ପଡୁଥିଲା, ତାହା ବର୍ତ୍ତମାନ ବିନା ଖର୍ଚ୍ଚରେ ତଥା ପ୍ରତିଭାଗୀମାନଙ୍କର ଯାତ୍ରା ପ୍ରଭୃତି ପରିଶ୍ରମ ବିନା ସମ୍ଭବ ହୋଇଛି। ବର୍ତ୍ତମାନ ସେହି ଧନକୁ ସରକାର ଉଚ୍ଚତର ଗବେଷଣା ତଥା ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ଅନ୍ୟ ଉପାୟରେ ବିନିଯୋଗ କରିପାରିବେ। ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥାର ଏ ସମସ୍ତ ଗୁରୁତ୍ୱକୁ ଲକ୍ଷ୍ୟକରି କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଗୁଡ଼ିକ ମଧ୍ୟ ଅନ୍‌ଲାଇନ୍ ଶିକ୍ଷାର ଉତ୍ତମ ଦିଗଗୁଡ଼ିକୁ ପ୍ରୋତ୍ସାହନ ଦେବା ଆରମ୍ଭ କରିଛନ୍ତି। ବିଶେଷକରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC) ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥାର ସଦ୍ ବିନିଯୋଗ କରିବା ପାଇଁ ସମସ୍ତ ଶିକ୍ଷାନୁଷ୍ଠାନକୁ ବାରମ୍ବାର ପ୍ରୋତ୍ସାହନ ଦେଉଥିବାର ପରିଲକ୍ଷିତ ହେଉଛି। ଆଶା କୋଭିଡ୍ ଯନ୍ତ୍ରଣା ପରେ ମଧ୍ୟ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା ସାହାଯ୍ୟରେ ଭାରତବର୍ଷର ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆସିପାରିବ।

ଆସିଷ୍ଟାଣ୍ଟ ପ୍ରଫେସର,ସାହିତ୍ୟ ବିଭାଗ
କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି,
ଆନ୍ଧ୍ରପ୍ରଦେଶ,ମୋ -୮୮୯୭୪୨୬୨୪୩

## ଏଇ ଭାରତରେ

ରାନୋଦୀପ ଶାହା। ବୟସ ୨୪। ଜୀବିକା ଅନ୍ୱେଷଣରେ ନିଜେ ସଫଳ ହେବା ସହ ସାରା ଭାରତରେ ୧୦,୦୦୦ କାରିଗରଙ୍କୁ ରୋଜଗାର ଯୋଗାଇ ଦେଇଛନ୍ତି। ରାନୋଦୀପ ରହୁଛନ୍ତି କୋଲକାତାରେ । ପିଲାବେଳୁ ରାନୋଦୀପ୍‌ଙ୍କ ମାତାପିତା ତାଙ୍କୁ ଚିତ୍ର ଆଙ୍କିବା ଲାଗି ଉତ୍ସାହିତ କରିଥିଲେ। ପ୍ରଥମେ ଏଥିପାଇଁ ଆଗ୍ରହ ପ୍ରକାଶ କରୁ ନ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେ ପେଣ୍ଟିଂ ମାୟାରେ ପଡ଼ିଯାଇଥିଲେ। ପରେ ସେ ‘ରେୟାର ପ୍ଲାନେଟ୍’ ଷ୍ଟାର୍ଟ ଅପ୍ ଆରମ୍ଭ କରି ପୁରୁଣା ତଥା ପାରମ୍ପରିକ ଟେରାକୋଟା ବା ଚିତ୍ରିତ ମାଟିପାତ୍ର ତିଆରି କଲେ। ପରେ ତମ୍ବା, କାଠ, ସେରାମିକ୍, ପିତ୍ତଳ ଏବଂ ମାର୍ବଲର ହସ୍ତଶିଳ୍ପ ଏଥିରେ ସାମିଲ କରିଛନ୍ତି। ୨୦୧୫ରୁ ‘ରେୟାର ପ୍ଲାନେଟ୍’ ଏହାର ଯାତ୍ରା ଆରମ୍ଭ କରିବା ପରେ ଏଯାବତ୍ ୧୦ ହଜାରରୁ ଉର୍ଦ୍ଧ୍ୱ କାରିଗରଙ୍କୁ ଏଥିରେ ଯୋଡି ସାରିଲାଣି। ଅର୍ଥାଭାବରୁ ପ୍ରଥମେ ରାନୋଦୀପ ମାଟି ଜିନିଷଗୁଡ଼ିକୁ ତାଙ୍କ ବାପାଙ୍କ ସାହାଯ୍ୟରେ ବିକ୍ରି କରୁଥିଲେ। ପ୍ରଥମ ମାସରେ ୧.୫ ଲକ୍ଷ ଟଙ୍କା ରୋଜଗାର କରିବା ପରେ ସେ ଏହି କାର୍ଯ୍ୟରେ ଲୋକଙ୍କୁ ନିଯୁକ୍ତି ଦେବା ଆରମ୍ଭ କରିଥିଲେ। ଏହିସବୁ ଜିନିଷକୁ କୋଲକାତା ସମେତ ଭାରତର ୧୦୦ଟି ସ୍ଥାନରେ ବିକ୍ରି କରୁଛନ୍ତି। ଆମେରିକା ଓ ଅଷ୍ଟ୍ରେଲିଆରେ ମଧ୍ୟ ଏହାକୁ ବିକ୍ରି କରାଯାଉଛି। ଏବେ ରାନୋଦୀପଙ୍କ ବ୍ୟବସାୟିକ କାରବାର ୧୦୦ କୋଟି ଟଙ୍କାକୁ ଟପିଯାଇଛି। ‘ରେୟାର ପ୍ଲାନେଟ୍’ରେ ପ୍ରଥମ କାରିଗର ଭାବେ ଯୋଗ ଦେଇଥିବା ବିଜୟ କୁମାର ଏବେ ଏହାର ସହ ପ୍ରତିଷ୍ଠାତା ଭାବେ କାର୍ଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜାନୁୟାରୀ ୧୯୯୬

- ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ନାଇଜେରରେ ସାମରିକ ବିଦ୍ରୋହ ଘଟି ରାଷ୍ଟ୍ରପତି ମହାମାନେ ଓସୋମାନେ ଗାଦିଚ୍ୟୁତ।
- ପାଲେଷ୍ଟାଇନ ଜେଲରେ ବନ୍ଦୀ ଥିବା ଇସ୍‌ଲାମୀୟ ଉଗ୍ରପନ୍ଥୀ ଗୋଷ୍ଠୀ ହମାସ୍‌ର ୧୨ ଜଣ ସଦସ୍ୟଙ୍କୁ ପାଲେଷ୍ଟାଇନ ମୁକ୍ତି ସଙ୍ଗଠନ ମୁକ୍ତ କରିଛନ୍ତି।
- କଂଗ୍ରେସର ପୂର୍ବତନ ସଭାପତି ଦେବକାନ୍ତ ବରୁଆଙ୍କ ୮୨ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | | | 2 | | | 5 | | | | D | | | |
| | | | 0 | | | 4 | 1 | | B | C | | 5 | E | D |
| | 9 | | | | | | | | | | | C | | B |
| | | | | | 7 | C | | A | | 1 | 2 | | 0 | |
| | | 3 | | | | | 6 | | | | 8 | 1 | | |
| | | | | C | | | | | A | | B | | 9 | E |
| 1 | | 6 | | | E | | | | 2 | 8 | 5 | | | 7 |
| | 5 | 2 | 7 | | D | | | | 6 | | 1 | | A | C |
| D | A | E | | | 2 | | | | 3 | 4 | 7 | | | |
| | 8 | | | | | A | | | | D | | | 5 | |
| 2 | D | | | | | B | | | | | | 7 | 4 | |
| | 7 | | 2 | 3 | | | 9 | 4 | | | | | | 0 |
| | | 5 | | D | | | | 0 | | | A | | | 1 |
| B | | | | | | 7 | | | 1 | 3 | 9 | | | A |
| 4 | | | | | | | | | 6 | 9 | | | B | 8 |

ଏହାର ଉତ୍ତର ଗତକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 2 | 3 | B | E | 7 | 5 | D | C | 9 | 8 | 6 | 0 | 1 | A |
| 9 | A | 6 | 8 | 1 | 4 | 3 | E | 7 | 0 | C | B | 5 | D | 2 |
| D | B | 8 | C | 3 | A | 1 | 0 | 2 | 7 | 4 | 5 | E | 6 | 9 |
| 1 | 7 | 0 | 5 | 2 | D | 9 | 4 | 6 | 3 | A | E | B | 8 | C |
| C | 5 | E | 9 | 0 | 6 | A | 8 | B | 1 | D | 2 | 7 | 4 | 3 |
| 7 | 4 | A | 2 | 6 | 5 | B | 3 | 8 | D | E | 0 | 9 | C | 1 |
| E | 6 | 5 | 0 | D | 3 | 7 | 2 | A | C | 1 | 9 | 4 | B | 8 |
| 2 | C | 9 | 4 | 8 | 1 | 6 | 5 | E | A | B | 7 | D | 3 | 0 |
| 8 | 0 | B | 7 | C | 9 | 4 | 1 | D | 5 | 2 | 3 | A | E | 6 |
| 3 | D | 1 | E | A | B | 0 | C | 9 | 4 | 6 | 8 | 2 | 7 | 5 |
| B | 3 | 4 | 6 | 5 | 8 | E | 7 | 0 | 2 | 9 | 1 | C | A | D |
| 6 | E | D | 3 | B | 0 | 2 | A | 5 | 8 | 7 | C | 1 | 9 | 4 |
| 5 | 8 | C | A | 9 | 2 | D | B | 1 | E | 3 | 4 | 6 | 0 | 7 |
| 0 | 1 | 7 | D | 4 | E | C | 9 | 3 | 6 | 5 | A | 8 | 2 | B |
| A | 9 | 2 | 1 | 7 | C | 8 | 6 | 4 | B | 0 | D | 3 | 5 | E |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ଦୃଷ୍ଟି ଦେବେ କି

ମହାଶୟ,

ସରକାର କାର୍ଯ୍ୟକାରୀ କରିଥିବା ବିଭିନ୍ନ ନିଷ୍ପତ୍ତିକୁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର, ପ୍ରସାର କରାଯିବାରୁ ସରକାରଙ୍କ ପ୍ରତି ଜନସାଧାରଣଙ୍କ ଆସ୍ଥା ଅଧିକ ଦୃଢ ହୋଇଛି । ମାତ୍ର ସେଭଳି କେତେକ ଗଣମାଧ୍ୟମର ପ୍ରତିନିଧି ଅର୍ଥାତ୍ ସାମ୍ବାଦିକଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ଅତି ନିଷ୍ଠାପର ସହିତ ଦୁର୍ନୀତି ବିରୋଧରେ ଲଢେଇ କରି ଅନ୍ୟାୟ ଓ ଦାରିଦ୍ର୍ୟ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏପରି କି ସମାଜରେ ଥିବା ଅସମତାକୁ ନିଜ କଲମମୁନରେ ପରିପ୍ରକାଶ କରୁଥିବା ଅବସରରେ ନିଜ ଜୀବନର ଅସମତାକୁ ଦୂର କରିପାରୁନାହାନ୍ତି। ବିଶେଷକରି ପଡୋଶୀ ବିହାରଠାରୁ ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାର କିଛି ଶିକ୍ଷାଲାଭ କରି ସାମ୍ବାଦିକଙ୍କ ପ୍ରକୃତ ହିତସାଧନ କରୁ ନ ଥିବାରୁ ଅନେକ ନିଷ୍ଠାପର ସାମ୍ବାଦିକ ଏବେ ଏହି ପେସାରୁ ଦୂରେଇ ଯାଉଥିବା ଲକ୍ଷ୍ୟ କରାଯାଉଛି । ଅବଶ୍ୟ ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାର କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି । କିନ୍ତୁ ବିନା ଦରମା, ବିନା ପେନ୍‌ସନରେ ସେହି ପଦକ୍ଷେପଗୁଡିକ କିପରି କାର୍ଯ୍ୟକାରୀ ହେବ ? ଜୀବିତାବସ୍ଥାରେ ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଯୋଜନା କରା ନ ଯାଇ ମୃତ୍ୟୁପରର ଯୋଜନା କେବଳ ସାମ୍ବାଦିକଙ୍କୁ ଚକମା ଦେଖାଇବା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଣୁ ଦରମା ଓ ପେନ୍‌ସନକୁ ଲାଗୁ କରାଗଲେ କାର୍ଯ୍ୟରତ ସାମ୍ବାଦିକମାନେ ଉପକୃତ ହେବେ । ଏ ଦିଗରେ ସରକାରଙ୍କ ପକ୍ଷରୁ ଦୃଷ୍ଟି ଦିଆଯିବା ଜରୁରୀ ।

-ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତପତ ହିୟା ଶାନ୍ତିସମ
ସେ ରୂପ ପ୍ରାଣେ ଭାତିଲା ମମ
ନ ଛୁଇଁ ଯଥା ପାଦପ ଛାୟା
ନିଦାଘ ଘୋର ତାପ
ଛୁଇଁନି ତନୁ ପଥର ଅଭିଶାପ। -(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଡା. ଶକ୍ତି ପ୍ରସାଦ ଏସ୍‌ଭି ନିର୍‌ତାରର କାର୍ଯ୍ୟକାରୀ ନିର୍ଦ୍ଦେଶକ

କଣ୍ଟାପଡା, (ଡି.ଏନ୍.ଏ.): କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଅଧିକାରିତା ମନ୍ତ୍ରଣାଳୟ ଅଧୀନ କଟକ ଜିଲା ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରର କାର୍ଯ୍ୟକାରୀ ନିର୍ଦ୍ଦେଶକ ଭାବେ ଡା. ଶକ୍ତି ପ୍ରସାଦ ଦାସଙ୍କୁ ନିଯୁକ୍ତି ମିଳିଛି। ଡା. ଦାସ ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ ବୋଲି ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି। ଏ ନେଇ ସମ୍ପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ୨୧।୧।୨୧ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଚିନିକଳ ସମ୍ପତ୍ତିର ପୁନଃ ଆକଳନ ହେଲା

■ମାଜିଷ୍ଟ୍ରେଟ, ଆକଳନ ଟିମ୍‌କୁ ବିରୋଧ

■ସମ୍ପତ୍ତି ତାଲିକା ସାର୍ବଜନୀନ ଦାବିରେ କଂଗ୍ରେସର ଧାରଣା

**ନୟାଗଡ ଅଫିସ,୨୮।୧**

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାର ଚିନିକଳ ସମ୍ପତ୍ତିର ପୁନଃ ଆକଳନ କରାଯାଇଛି । ମାଜିଷ୍ଟ୍ରେଟ ନୟାଗଡ ଉପଜିଲାପାଳ ଲଗ୍ନଜିତ୍ ରାଉତ ଓ ନୟାଗଡ଼ ତହସିଲଦାର ଭିକାରୀ ସାହୁଙ୍କ ସମେତ ଆକଳନ ଟିମ୍ ଚିନିକଳରେ ପହଞ୍ଚିବା ପରେ ସେମାନଙ୍କୁ ଘେର ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା । ଆନ୍ଦୋଳନରତ କଂଗ୍ରେସ ନେତା ଓ କର୍ମୀମାନେ ଏହି ଟିମ୍‌କୁ ଭିତରକୁ ଛାଡି ନ ଥିଲେ । ପ୍ରାୟ ୨୦ମିନିଟ୍ ଧରି ଆଲୋଚନା ଚାଲିଥିଲା । ପ୍ରଥମ ସମ୍ପତ୍ତି ଆକଳନ ରିପୋର୍ଟ ସୋମବାର ଦିଆଯିବ ବୋଲି ଉପଜିଲାପାଳ ଓ ଚିନିକଳର ପରିଚାଳନା ନିର୍ଦ୍ଦେଶକ ସବୀର ପଣ୍ଡା ପ୍ରତିଶ୍ରୁତି ଦେବା ପରେ କଂଗ୍ରେସ ପକ୍ଷରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଧାରଣା ହଟିବା ପରେ ଆସ୍କା ଚିନିକଳର ୩ ଜଣିଆ ବୈଷୟିକ ଟିମ୍ ଯାଞ୍ଚ କରି ସମ୍ପତ୍ତି ତାଲିକା ପ୍ରସ୍ତୁତ କରିଥିଲେ ।

ଯାଞ୍ଚ ସମୟରେ ଚିନିକଳର ବହୁ ଯନ୍ତ୍ରାଂଶ ନ ଥିବା ଜଣାପଡିଛି । ଯାଞ୍ଚର ଶେଷ ପର୍ଯ୍ୟାୟରେ ନୟାଗଡ ଜିଲାପାଳ ପୋମା ଟୁଡୁ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଏସ୍‌ପି ସିଦ୍ଧାର୍ଥ କଟାରିଆ, ନୟାଗଡ ସଦର ଥାନା ଆଇଆଇସି ଶରତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏନେଇ ନୟାଗଡ ଜିଲାପାଳ ଟୁଡୁ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାର ଚିନିକଳର ପୁନଃ ସମ୍ପତ୍ତି ତାଲିକା ଆକଳନ କରାଯାଇଛି। ପ୍ରଥମ ଆକଳନ ଓ ଦ୍ୱିତୀୟ ଆକଳନକୁ ଅନୁଧ୍ୟାନ କଲାପରେ ଜଣାପଡିବ କେଉଁ ଯନ୍ତ୍ରାଂଶ ଚୋରି ହୋଇଛି । ଚିନିକଳରୁ ଚୋରି ନେଇ ନୟାଗଡ ସଦର ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ କେତେଜଣ ଚୋରଙ୍କୁ ଗିରଫ କରାଯାଇଛି । ଚିନିକଳର ମାମଲା ହାଇକୋର୍ଟରେ ବିଚାରଧୀନ ଥିବାରୁ ସମ୍ପତ୍ତି ଆକଳନ ନେଇ କିଛି କହିବା ଠିକ୍ ହେବ ନାହିଁ ବୋଲି ସେ କହିଛନ୍ତି ।

ଏସ୍‌ପି କଟାରିଆ କହିଛନ୍ତି, ଚିନିକଳରୁ ଚୋରି ନେଇ ୩ ମାମଲାରେ ୧୩ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ୨ ଚାର୍ଜସିଟ୍ ହୋଇଛି । ଯଦି ଚୋରି ହେଉଛି ଥାନାରେ ଅଭିଯୋଗ କରନ୍ତୁ । ଚିନିକଳର ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଲାଗିଛି । ଜିଲାପାଳ ଓ ମୁଁ ଜଏଣ୍ଟ ଭେରିଫିକେଶନ କରିଛୁ । ଗାର୍ଡ ପୋଷ୍ଟ କରି ୬ଜଣ ପୋଲିସ ମୁତୟନ ଅଛନ୍ତି ।

ଚିନିକଳର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ସବ୍ୟସାଚୀ ମିଶ୍ର କହିଛନ୍ତି, ଚିନିକଳ ସମ୍ପର୍କରେ ଯାହା ଅଭିଯୋଗ ଅଛି କୋର୍ଟରେ କହିବୁ। ଚିନିକଳକୁ ଆମେ ଲିଜ୍ ନେଇ ନ ଥିଲୁ। ସେଲ ପର୍ଚ୍ଚେସ ଏଗ୍ରିମେଣ୍ଟରେ ୫କୋଟି ୨୨ ଲକ୍ଷ ଟଙ୍କାରେ କିଣିଥିଲୁ । ତେବେ ପଟ୍ଟା କି ଆରଓ ଏଯାବତ ମିଳିନାହିଁ । ମୁଁ ଟେକ୍‌ନିକାଲ ଲୋକ ନୁହେଁ ତେବେ ସମ୍ପତ୍ତି ଆକଳନ ଦେଖି ମୁଁ ଜାଣି ପାରିଛି ପ୍ରାୟ ୩୦ରୁ ୪୦ କୋଟି ଟଙ୍କାର ଉପକରଣ ଚୋରି ହୋଇ ଯାଇଛି। ଅନ୍ୟପକ୍ଷେ ସେ କହିଛନ୍ତି ନୟାଗଡ ଚିନିକଳରେ ଯାହା ଉପକରଣ ଅଛି ତାହା ନୟାଗଡ ସୁଗାରସ୍ ଲିମିଟେଡର । ନୟାଗଡ କୋପରେଟିଭ୍ ସୁଗାରସ୍ ଲିମିଟେଡ ଆସି ଗତ ମାର୍ଚ୍ଚରେ ଚିନିକଳର ସମ୍ପତ୍ତି ହିସାବ କରିଥିଲେ । ମାର୍ଚ୍ଚ ୧୨ରେ ସମ୍ପତ୍ତି ଆକଳନ କରି ପ୍ରଶାସନ ସିଲ୍ କରିଦେଲା । ତେବେ ସିଲ୍ ପରେ ସୁରକ୍ଷା ନ ଦେବାରୁ ଚିନିକଳରୁ କୋଟି କୋଟି ଟଙ୍କାର ଉପକରଣ ଚୋରି ହୋଇଗଲା । ସୁରକ୍ଷା ନ ଦେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାହିଁକି ଅପେକ୍ଷା କରାଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ଏହା ଯୋଜନାବଦ୍ଧ ଭାବେ ଚୋରି ବୋଲି ସ୍ପଷ୍ଟ ହେଉଛି ବୋଲି ସେ କହିଛନ୍ତି। ଚିନିକଳର ଚାବି ନେବାକୁ ଜିଲାପାଳଙ୍କ ପରାମର୍ଶକୁ ବ୍ୟାଙ୍କ ଗ୍ରହଣ କରି ନାହିଁ । ବ୍ୟାଙ୍କ ପକ୍ଷର କୁହାଯାଇଛି ଆମେ ସମ୍ପତ୍ତି ଆକଳନରେ ସାକ୍ଷୀ ପଡିଛୁ। ତେବେ ଆମେ ୩୧ ଓ ୩୪ ଧାରାରେ ସମ୍ପତ୍ତି ନିଲାମ କରି ପାରିବୁ । ସମ୍ପତ୍ତି ଆକଳନ କରିବା ଆମର କ୍ଷମତା ନାହିଁ। ଆମକୁ ଚାବି ଦିଅନ୍ତୁ ନାହିଁ । ପ୍ରଥମ ଥର ଆକଳନରେ ଚାବି ଆମକୁ ଜୋର ଜବରଦସ୍ତ ଦିଆଯାଇଥିଲା। ଆମେ ଫେରାଇ ଥିଲେ ମଧ୍ୟ କେହି ନେଇ ନ ଥିଲେ ବୋଲି ମ୍ୟାନେଜିଂ ଡାଇରେକ୍ଟର ମିଶ୍ର କହିଛନ୍ତି । ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି, ଚିନିକଳର ୨ ସମ୍ପତ୍ତି ତାଲିକା ଆକଳନ ରିପୋର୍ଟକୁ କଂଗ୍ରେସ ଅନୁଧ୍ୟାନ କରିବ । ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଚିନିକଳର ପୁନରୁଦ୍ଧାର ହୋଇପାରିଲା ନାହିଁ । କଂଗ୍ରେସ ଏହାର ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବ।



ଚିନିକଳରେ ସମ୍ପତ୍ତି ଆକଳନ ପାଇଁ ଆସିଥିବା ଟିମ୍।

# ମାର୍ଚ୍ଚ ୬ରେ ରାଜଭବନ ସମ୍ମୁଖରେ ଅନଶନ

**ନୟାଗଡ଼ ଅଫିସ,୨୮।୧**

ଚିନିକଳର ପୁନଃ କାର୍ଯ୍ୟକ୍ଷମ, ଶ୍ରମିକ ଓ ଚାଷୀଙ୍କ ବକେୟା ପ୍ରାପ୍ୟ ଦାବିରେ ନୟାଗଡ ଚିନିକଳ କ୍ରିୟାନୁଷ୍ଠାନ କମିଟି ମାର୍ଚ୍ଚ ୬ରେ ରାଜଭବନ ସମ୍ମୁଖରେ ଆମରଣ ଅନଶନ କରିବ । ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ଓହରିବ ନାହିଁ ବୋଲି ପାଣିପୋଇଲାଠାରେ ନୟାଗଡ ଚିନିକଳ କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ମନୋଜ ସାହୁ ଓ ଚିନିକଳ କର୍ମଚାରୀ ସଂଘର ସଭାପତି ସଭାପତି ସନ୍ତୋଷ ପ୍ରଧାନ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ।

ସେମାନେ ଦର୍ଶାଇଛନ୍ତି, ୧ଲକ୍ଷ ୨୦ ମେଟ୍ରିକ ଟନ ଆଖୁ ପେଡା ଯାଉଥିବାରୁ ନୟାଗଡ ଚିନିକଳ ଏକ ଲାଭଦାୟକ ସଂସ୍ଥା ଥିଲା । ଚିନିକଳର ପରିଚାଳନା ଅଧକ୍ଷଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଚିନିକଳ ୨୦୧୫ରେ ବନ୍ଦ ହୋଇଗଲା। ଚିନିକଳ ବନ୍ଦ ହେବା ସମୟରୁ ଆମ କମିଟି ଆନ୍ଦୋଳନ ଜାରି ରଖିଛି । ଚିନିକଳର ପ୍ରଥମ ଆକଳନ ଓ ଗୁରୁବାର ପୁନଃ ଆକଳନରେ କୌଣସି ଠିକ୍ ତଥ୍ୟ ଆସିବ ନାହିଁ । ଚିନିକଳରୁ ବାରମ୍ବାର ଚୋରି ଚାଲିଥିଲେ ମଧ୍ୟ ପ୍ରଶାସନ ଓ ପୋଲିସ ଶୁଣି ନ ଥିଲା । ସବୁ ଚୋରି ପରେ ସିସିଟିଭି କ୍ୟାମେରା ଲାଗିଛି, ଫୋର୍ସ ମୁତୟନ କରାଯାଇଛି। ଚିନିକଳକୁ ବନ୍ଦ କରିବା ପାଇଁ ଶାସକ ଓ ପ୍ରଶାସକ ସାମିଲ ଅଛନ୍ତି । ଏଣୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯିବ। ଆନ୍ଦୋଳନ ପାଇଁ ଏକ କମିଟି ଗଠନ କରି ରାଜ୍ୟ ଓ କେନ୍ଦ୍ର ସରକାର, ନୟାଗଡ଼ର ଲୋକପ୍ରତିନିଧି, ମନ୍ତ୍ରୀଙ୍କୁ ଏଠାକାର ପାଣି, ପବନ, ମାଟି କିପରି ଆଖୁ ଚାଷ ପାଇଁ ଉପକୂଳ ସେନେଇ ଅବଗତ କରାଇବୁ । ଚିନିକଳର ପୁନଃ କାର୍ଯ୍ୟକ୍ଷମ, ଶ୍ରମିକ ଓ ଚାଷୀଙ୍କ ବକେୟା ପ୍ରାପ୍ୟ ପାଇବା ନେଇ ବ୍ୟବସ୍ଥା କରିବାକୁ କହିବୁ। ଦାବି ପୂରଣ ନ ହେଲେ ରାଜଭବନ ସମ୍ମୁଖରେ ଆମରଣ ଅନଶନରେ ବସିବୁ ବୋଲି ସେମାନେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ଶିବରାମ ମହାପାତ୍ର, କୃଷକ ନେତା ଚକ୍ରଧର ଜେନା, କର୍ମଚାରୀ ସଂଘର ନେତା ସଞ୍ଜୟ ନାୟକ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

**ମୁନିଗୁଡ଼ା,୨୮।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ରେଳ ଷ୍ଟେଶନ ନିକଟବର୍ତ୍ତୀ ମୁନିଖୋଲ ସନ୍ନିକଟ ମଶାଣି ନାଳ ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ ମାଲବାହୀ ଟ୍ରେନ୍(ତୈଳ ଟ୍ୟାଙ୍କର) ଲାଇନଚ୍ୟୁତ ହୋଇଛି। ଏହାଦ୍ୱାରା ଡାଉନ୍‌ଲାଇନରେ ରେଳ ଚଳାଚଳ ବ୍ୟାହତ ହୋଇଥିଲା। ସୌଭାଗ୍ୟବଶତଃ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି।

ସୂଚନା ଅନୁଯାୟୀ, ବିଶାଖାପାଟଣାରୁ ଛତିଶଗଡ଼ ଯାଉଥିବା ଟ୍ରେନ୍‌ଟି ମୁନିଖୋଲ ନିକଟରେ ଲାଇନଚ୍ୟୁତ ହୋଇଥିଲା। ଖବର ପାଇ ପିଡବ୍ଲ୍ୟୁଆଇ, ଆର୍‌ପିଏଫ୍, ଷ୍ଟେଶନ ମାଷ୍ଟର ପ୍ରମୁଖ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଟିଟିଲାଗଡ଼ରୁ ଏକ ଟିମ୍ ଆସି ଲାଇନଚ୍ୟୁତ ହୋଇଥିବା ୪ ଟ୍ୟାଙ୍କରର ମରାମତି କରିବା ପରେ ଡାଉନ୍‌ଲାଇନରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ଟ୍ରେନ୍ ଲାଇନଚ୍ୟୁତ ଯୋଗୁ ଦୀର୍ଘ ସମୟ ଧରି କେବଳ ଅପ୍‌ଲାଇନରେ ଟ୍ରେନ୍ ଚଳାଚଳ କରିଥିଲା। ତେବେ ମରାମତି ହୋଇଥିବା ଟ୍ୟାଙ୍କରଗୁଡ଼ିକ ମୁନିଗୁଡ଼ା ଷ୍ଟେଶନକୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ଯାଞ୍ଚ ପରେ ତେଲ ଟ୍ରେନ୍ ଚଳାଚଳ କରିବ ବୋଲି ଜଣାପଡ଼ିଛି।



ମୁନିଗୁଡାରେ ଲାଇନଚ୍ୟୁତ ହୋଇଥିବା ଟ୍ରେନ୍।

# ଲୁହାପଥର ବୋଝେଇ ଟ୍ରେନ ଲାଇନଚ୍ୟୁତ

**କେନ୍ଦୁଝର, ୨୮।୧ (ସ୍ୱ.ପ୍ର./ଡି.ଏନ.ଏ.)–** କେନ୍ଦୁଝରଗଡ଼ ରେଳଷ୍ଟେଶନ ନିକଟରେ ଗୁରୁବାର ଅପରାହ୍ନ ୨ଟା ବେଳେ ଲୁହାପଥର ବୋଝେଇ ଟ୍ରେନ ଲାଇନଚ୍ୟୁତ ହୋଇଛି। ଟ୍ରେନଟି ଜୁରୁଡିରୁ ପାରାଦୀପ ଯାଉଥିଲା। କେଉଁ କାରଣରୁ ଲାଇନଚ୍ୟୁତ ହୋଇଛି ତାହା ଜଣାପଡିନାହିଁ। ଏହାର ତଦନ୍ତ ରେଳବାଇ ପକ୍ଷରୁ କରାଯାଉଛି । ଉକ୍ତ ଲାଇନରେ ରେଳ ଚଳାଚଳ ବ୍ୟାହତ ହୋଇଛି। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି।



କେନ୍ଦୁଝରରେ ଲାଇନଚ୍ୟୁତ ହୋଇଥିବା ଟ୍ରେନ୍।

# ସିରିଜ ଦୁର୍ଘଟଣା : ୫ ଗୁରୁତର

**ଖୁଣ୍ଟୁଣୀ,୨୮।୧(ଡି.ଏନ.ଏ)**

୫୫ନଂ. ଜାତୀୟ ରାଜପଥର କପୁରସିଂହ ହନୁମାନ ମନ୍ଦିର ଆଗରେ ଗୁରୁବାର ସନ୍ଧ୍ୟା ସାଢେ ୬ଟାରେ ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ବାଇକ୍ ସମେତ ୪ଟି ଗାଡି ଧକ୍କା ହେବା ଫଳରେ ୫ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଇକ୍‌ଆରୋହୀ କପୁରସିଂ ଗ୍ରାମର ଗଗନ ପ୍ରଧାନଙ୍କ ପରିଚୟ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ପଟୁ ଦ୍ରୁତଗତିରେ ଯାଉଥିବା ଏକ ଟ୍ରେଲର ଭାରସାମ୍ୟ ହରାଇ ହନୁମାନ ମନ୍ଦିର ସମ୍ମୁଖରେ ପ୍ରଥମେ ଏକ ଟିପ୍ପରକୁ ଧକ୍କା ଦେଇଥିଲା। ଫଳରେ ପଛରେ ଆସୁଥିବା ଏକ ଭ୍ୟାନ୍ ଟିପ୍ପର ପଛରେ ପିଟି ହୋଇଯାଇଥିଲା। ଏହି ଭ୍ୟାନ ପଛରେ ବାଇକ ଚାଳକ ପିଟି ହୋଇଯାଇଥିଲେ। ବାଇକ ପଛରେ ଏକ କାର ଧକ୍କା ହୋଇଥିଲା। ଖବରପାଇ ଗୁରୁଡିଝାଟିଆ ପୋଲିସ ପହଞ୍ଚି ଗୁରୁତରମାନଙ୍କୁ ଚିକିତ୍ସା ପାଇଁ କଟକ ପଠାଇବା ସହ ରାସ୍ତା ଉପରେ ଓଲଟି ପଡିଥିବା ଟ୍ରେଲରକୁ ହଟାଇବାକୁ ଉଦ୍ୟମ ଜାରି ରଖିଥିଲା।

OFFICE OF THE REGULATED MARKET COMMITTEE, HINJILICUT
At/P.O.- Hinjilicut, Dist.- Ganjam, Odisha, Pin-761102
E-Mail-rmchinj@rediffmail.com
No.49 Dated- 25.01.2021
EXPRESSION OF INTEREST
The Regulated Market Committee, Hinjilicut invites expression of interest (EOI) from interested individual/ companies/agencies in the prescribed format for the leasing of the Cold Room at Main Market Yard, Hinjilicut. The capacity of the Cold Room is 30 MT with two chambers (18 MT+12 MT) of positive temperature.
The application form can be obtained from this office on payment of Rs.500.00 (Rupees Five hundred) only during office hour except govt. holidays from 11.00 A.M. to 3.00 P.M. The filled application should reach the undersigned on above address in sealed cover on or before 17.02.2021 (upto 4.00 P.M.) through Registered Post/Speed Post only. The authority reserves the right to reject any or all applications without assigning any reason thereof.
Sd./-Sub-Collector, Chatrapur-cum-Chairman, R.M.C., Hinjilicut

# ବ୍ରହ୍ମପୁରରେ ନକଲି ସସ୍ କାରଖାନା ଠାବ

### ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ୍,୨୮।୧**

ବଡ଼ବଜାର ଥାନା ପୋଲିସ ପୁଣି ଏକ ନକଲି ସସ୍ କାରଖାନା ଠାବ କରିଛି। ସୋମନାଥ ନଗରରେ ଚାଲିଥିବା ଏହି କାରଖାନାରେ ପୋଲିସ ଚଢାଉ କରି ବିପୁଳ ପରିମାଣ ସସ୍ ଜବତ କରିଛି। ମାଲିକ ଶଙ୍କର ସ୍ୱାଇଁଙ୍କୁ ପୋଲିସ ଗିରଫକରି କୋର୍ଟଚାଲାଣ କରିଛି। ସେହିପରି ଉକ୍ତ କାରଖାନାରୁ କଞ୍ଚାମାଲ, ମେଶିନ୍ ଓ ଅନ୍ୟ ସାମଗ୍ରୀ ଜବତ ହୋଇଥିବା ଏଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ବଡ଼ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ଏକ ଟିମ୍ ସୋମନାଥ ନଗରରେ ଚଢାଉ କରି ୨୧୬୬ବୋତଲ ଟମାଟୋ, ଚିଲି, ସୋୟା ସସ୍ ସହିତ ଭିନେଗାର ଜବତ କରିଛି। ସେହିପରି ଗ୍ୟାସ୍ ଷ୍ଟୋଭ୍, ଗ୍ରାଇଣ୍ଡର୍, ୬ ବଡ଼ ପ୍ଲାଷ୍ଟିକ୍ ଡ୍ରମ୍ ପ୍ରସ୍ତୁତ ହୋଇ ରହିଥିବା ସସ୍, ଓଜନ ମେଶିନ୍ ଓ ଅନ୍ୟାନ୍ୟ ମେଶିନ୍ ଜବତ ହୋଇଛି। ଫ୍ୟାମିଲି ବ୍ରାଣ୍ଡରେ ନକଲି ସସ୍ ପ୍ରସ୍ତୁତ କରି ବଜାରରେ ବିକ୍ରି କରାଯାଉଥିବା ପୋଲିସ କହିଛି। ସସ୍ ତିଆରି ପାଇଁ ରହିଥିବା ୮୦କେଜି ଆଳୁ, ୪ଶହ କେଜିଆରାରୁଟ୍ ପାଉଡର୍ ଓ ବିପୁଳ ପରିମାଣର ଖାଲି ବୋତଲ ଜବତ ହୋଇଛି। ସେହିପରି ୧ହଜାରରୁ ଅଧିକ ଫ୍ୟାମିଲି ଲେଖା ହୋଇଥିବା ଲେବଲ୍ ମଧ୍ୟ ଜବତ ହୋଇଥିବା ପୋଲିସ କହିଛି।


ଜବତ ସାମଗ୍ରୀ।

# ରାହାଜାନି ମାମଲା: ଦୋଷୀଙ୍କୁ ୩ବର୍ଷ ଜେଲ

**ଭଦ୍ରକ ଅଫିସ, ୨୮।୧–**ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବଦତ୍ତ ପଟ୍ଟନାୟକ ଏକ ରାହାଜାନି ମାମଲାର ବିଚାର କରି ଦୋଷୀଙ୍କୁ ୩ ବର୍ଷ ଜେଲ ଦଣ୍ଡ ଶୁଣାଣି କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୮ ଅଗଷ୍ଟ ୧୧ ରେ ଧାମନଗର ସୋଧ ଗ୍ରାମରେ ଘଟିଥିବା ରାହାଜାନି ମାମଲାର ବିଚାର କରି ଅଭିଯୁକ୍ତ ରଇପୁର(ସାତଭଉଣୀ) ଗ୍ରାମର ସଂଗ୍ରାମ ଦାସ ଓରଫ ବାପୁନୁଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଣି ହୋଇଛି। ସୋଧ ଗ୍ରାମର ରତ୍ନାକର ସାହୁ ଧାମନଗର ବଡ଼ବଜାରରୁ ନିଜ ଦୋକାନ ବନ୍ଦ କରି ସ୍କୁଟିରେ ଘରକୁ ଫେରୁଥିଲେ। ସେହି ସମୟରେ ବାପୁନୁ ନିଜ ବାଇକ୍‌କୁ ତାଙ୍କ ଗାଡ଼ି ଆଗରେ ରଖି ମୁଣ୍ଡରେ ବନ୍ଧୁକ ଲଗାଇ ମାଡ଼ ମାରି ରତ୍ନାକର ବ୍ୟବସାୟ ପାଇଁ ଆଣିଥିବା ସୁନା ଓ ଲୁଗାକୁ ଛଡ଼ାଇ ନେଇଥିଲେ। ଏ ନେଇ ଧାମନଗର ଥାନାରେ ମାମଲା(ନଂ.୧୩୬/୧୮) ରୁଜୁ କରାଯାଇ ଅଭିଯୁକ୍ତ ବାପୁନୁଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୋଗକାରୀଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜତିକାନ୍ତ ନାୟକ ମାମଲା ପରିଚାଳନା କରୁଥିଲେ।

# ନାବାଳିକାଙ୍କୁ ଅସଦାଚରଣ, ଜଣେ ଗିରଫ

**ଖଇରା, ୨୮।୧(ଡି.ଏନ.ଏ.)–**ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳର ଜଣେ ୭ବର୍ଷର ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଅର୍ଜ୍ଜୁନପୁର ଗ୍ରାମର ସୁଦର୍ଶନ ମହାନ୍ତିଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ମାମଲା(ନଂ. ୨୫/୨୧)ରୁଜୁ ହୋଇଛି। ସୁଦର୍ଶନ ତେନ୍ତୁଳି ବିଛାଇବାକୁ ଉକ୍ତ ନାବାଳିକାଙ୍କୁ ଡାକି ନେଇ ମନୋହରପୁର ଗ୍ରାମକୁ ଯାଇଥିଲେ। ସେଠାରେ ତାଙ୍କ ପ୍ରତି ଅସଦାଚରଣ କରିବାରୁ ସେ ଚିତ୍କାର କରିଥିଲେ। ସେଠାକାର ଲୋକେ ସୁଦର୍ଶନଙ୍କୁ ମାଡ ମାରିଥିଲେ। ପରେ ତାଙ୍କୁ ଜଣେ ସ୍ଥାନୀୟ ନେତାଙ୍କ ସହଯୋଗରେ ନୟାଖଣ୍ଡି ସରପଞ୍ଚଙ୍କ ନିକଟକୁ ନିଆଯାଉଥିବା ବେଳେ ତୋରାଣିପଦା ଗ୍ରାମ ନିକଟରେ ନାବାଳିକାଙ୍କ ସମ୍ପର୍କୀୟା ମହିଳାମାନେ ନିର୍ଘୁମ ପିଟିଥିଲେ। ପରେ ତାଙ୍କୁ ଖଇରା ପୋଲିସକୁ ହସ୍ତାନ୍ତର କରାଯାଇଥିଲା।

ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୃଷ୍ଣପ୍ରସାଦ
OFFICE OF THE PANCHAYAT SAMITI, KRUSHNAPRASAD
E-Mail-ID-ori-krushnaprasad@nic.in., Ph.No.-06756-261130
No.123 SHORT TENDER CALL NOTICE Date:22.01.2021
Sealed tenders are invited from registered for 'B' & 'C' class licence holder contractor, on percentage (%) rate basis for construction of Addl. Class rooms and major repair of following High Schools of Krushnaprasad Block as per PWD tender procedure.
Details of tender:-

| Sl. No. | Name of the Projects | Estimated cost (in lakhs) | EMD 1% to be deposited | Class of contractor | Time of completion |
|---|---|---|---|---|---|
| 1 | Const. of Addl. Class room and Major repair works of Basudev High School, at- Baghamunda, Satapada | 15.00 lakhs | 15000.00 | B & C | 3 months |
| 2 | Const. of Addl. Class room and Major repair works of Dr. M.M.M. High School, At- Nandala, Ramalenka | 26.34 | 26340.00 | B & C | 3 months |
| 3 | Const. of Addl. Class room and Major repair works of Duarsuni Vidya Pitha, at- Gambhari, Gambhari | 21.78 | 21780.00 | B & C | 3 months |
| 4 | Const. of Addl. Class room and Major repair works of Harihar Vidyapitha, at- Panasapada, Panasapada | 42.12 | 42120.00 | B & C | 3 months |
| 5 | Const. of Addl. Class room and Major repair works of Kamaleswar Vidyapitha, Badajhada | 32.34 | 32340.00 | B & C | 3 months |
| 6 | Const. of Addl. Class room and Major repair works of Malud High School at Malud | 35.34 | 35340.00 | B & C | 3 months |
| 7 | Const. of Addl. Class room and Major repair works of Narayan Vidyapitha, at- Nuapada, Nuapada. | 35.34 | 35340.00 | B & C | 3 months |
| 8 | Const. of Addl. Class room and Major repair works of P.L.C. Vidyapitha, at- Parikuda, Krushnaprasad | 39.12 | 39120.00 | B & C | 3 months |
| 9 | Const. of Addl. Class room and Major repair works of Sansima High School, at- Siandi, Siandi | 35.34 | 35340.00 | B & C | 3 months |

Terms and conditions:- 1. The works has to be executed by latest State Govt. schedule of rates and all works should be completed within 90 days from the date of issue of Work Order. Cost of the tender paper is @Rs.6000/- per set. 2. The sealed tender will be received on working days till 3 P.M. of date 10.02.21. The same should be submitted either through registered/speed post addressing to the BDO, Krushnaprasad or same may be dropped in the tender box kept in the Block Office, Krushnaprasad during working hour. The sealed envelope shall be superscribed as 'tender paper'. The undersigned will not be held responsible for any delay in the postal service. 3. The tender paper will be opened on 11.00 A.M. of Date 11.02.2021 in presence of the bidders or their authorised representatives and Block tender committee. 4. Tender papers will be available daily in office hour from Krushnaprasad Block except holidays by depositing cost of tender paper @ Rs.6000/- per set. 5. The EMD @ 1% of estimated cost is to be deposited in safe of NSF/ KVP/POTD/ Deposit of any Nationalised Bank duly pledged in favour of the Block Development Officer, Krushnaprasad, Puri. 6. The following documents should be furnished along with the tender paper failing which the tender is liable for rejection. a. EMD duly pledged in favour of the BDO, Krushnaprasad. b. Attested copy of the contractor registration certificate. c. Attested copy of PAN Card/Labour Licence/GST Clearance Certificate. d. Money receipt of DTCN (Tender Paper) shall be enclosed in original. e. Attested copy of caste certificate for SC/ST contractor desirous of availing preference. f. The Engineering Contractor desirous of availing exemption of EMD should submit an affidavit to the effect that he has not availed exemption of EMD facility more than three times in the current Financial Year. 7. If the less rate quoted by the tenderer is more than 10% and 15% the additional performance security is to be deposited in shape of NSC/KVP/Bank TRD / Bank Draft/ Banker paper which are duly pledge in favour of the BDO, Krushnaprasad at the time of dropping of tender paper as per code provision i.e. Amended 2013 (vide O.M. 12366/W, dated 08.11.2013) of OPWD code modified vide office memorandum No.5288/W, dated 04.05.2016 of the Govt. in works Department. 8. The EMD amount will be forfeited if the tenderer backs out from the offer of acceptance of tender by the competent authority. 9. The tenderer has to show all required original documents at the time of opening of the tender for verification. 10. The contractor must have executed similar nature of works and financial turn over in last three years. The tenderers are rehired to submit the list of T& possessed, list of worker executed and successfully completed the civil works during last three years. The above information should be certified by the concerned authority not below the rank of BDO/Executive Engineer. 11. An affidavit in support of the authority of document including no relation certificate and details work programme should be attached with the tender paper. 12. If the rate quoted by the tenders is found to be same, tender committee will decide the tender. 13. Excess bid amount quoted by the bidder, if any, in respect of any work shall not be accepted. 14. The authority reserves all rights to reject or cancel any or all the tender without assigning any reason thereof.
Sd./- Block Development Officer, Krushnaprasad

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

New Year Dhamaka
BUSINESS
Lucky Draw
କୋରୋନା ଲକ୍‌ଡାଉନ ପରେ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ । ଫୋନ୍ ଉଠାନ୍ତୁ ଏବଂ କଲ୍ କରନ୍ତୁ, ଜବାବ ଦିଅନ୍ତୁ ଭାଗ୍ୟଶାଳି ହେବାର ସୁଯୋଗ ଆପଣାନ୍ତୁ ।
CONTACT
8226999000

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ ।
Mob.-9437921472
7656825049
LAHANDA, BARGARH

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବଣିଆପଲ୍ଲୀରେ ହାତୀ ଉପଦ୍ରବ

ଭଞ୍ଜନଗର,(ଡି.ଏନ.ଏ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ବଣିଆପଲ୍ଲୀ ନିକଟରେ ବୁଧବାର ରାତିରେ ହାତୀ ଉପଦ୍ରବ କରିଛନ୍ତି। ଗୋଟିଏ ଦନ୍ତା ଓ ୩ ମାଈ ହାତୀ ଚାଷୀଙ୍କ ଫସଲ ନଷ୍ଟ କରିବା ସହ ବନ ବିଭାଗ ପକ୍ଷରୁ ଜଙ୍ଗଲ ସୀମାରେ ପୋତା ଯାଇଥିବା ସିମେଣ୍ଟ ଖୁଣ୍ଟଗୁଡ଼ିକୁ ଭାଙ୍ଗି ଦେଇଛନ୍ତି। ଜଗନ୍ନାଥପ୍ରସାଦ ରେଞ୍ଜର ଉମାକାନ୍ତ ଦାସ, ବନପାଳ ବବୁଲ ସେଠୀ ପ୍ରମୁଖ ସ୍ଥିତି ଉପରେ ନଜର ରଖିଛନ୍ତି। ଗୁରୁବାର ସନ୍ଧ୍ୟାରେ ସମ୍ପୃକ୍ତ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରି ଦିଆଯାଇଛି। ହାତୀ ଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।



## ସଂକ୍ଷେପରେ

### କାର ଚକା ଫାଟିଲା, ଜଣେ ମୃତ

ଛତ୍ରପୁର/ଗଞ୍ଜାମ,୨୮।୧(ଡି.ଏନ୍.ଏ.): ରମ୍ଭା ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଗୁରୁବାର ଏକ କାର ଚକା ଫାଟିଯିବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ଅଞ୍ଚଳର ସାଜିଦ୍ ସିଦ୍ଧାର୍ଥ ପଟ୍ଟନାୟକ ଓ ରଜତ କୁମାର ନାହାକ ଗୁରୁତର ଆହତ ହୋଇଛନ୍ତି। ପାରଳାଖେମୁଣ୍ଡି ବିଦ୍ୟୁତ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ରଜତ ଛୁଟିରେ ଆସିଥିଲେ। ଏକ କାରରେ ରଜତ, ସାଜିଦ୍ ଓ ସିଦ୍ଧାର୍ଥ ପାରଳାଖେମୁଣ୍ଡି ଯାଉଥିବାବେଳେ ରମ୍ଭା ଥାନା ଅଧୀନ ବିରୁଳିଗଡ ଛକ ନିକଟରେ ଚକା ଫାଟି ଯିବାରୁ ଭାରସାମ୍ୟ ହରାଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୩ ଜଣ ଯାକ ଆହତ ହୋଇଥିଲେ। ସେମାନଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ ସାଜିଦ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଆହତଦ୍ୱୟଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ସବର୍ଣ୍ଣ-ଅସବର୍ଣ୍ଣ ସଂଘର୍ଷ ମାମଲା
### ୫ ମାସ ପରେ ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୮।୧(ଡି.ଏନ୍.ଏ.): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ଜମି ଜବରଦଖଲକୁ କେନ୍ଦ୍ରକରି ଗତ ସେପ୍ଟେମ୍ବର ୧୭ରେ ସବର୍ଣ୍ଣ-ଅସବର୍ଣ୍ଣଙ୍କ ମଧ୍ୟରେ ଘଟିଥିଲା ରକ୍ତାକ୍ତ ସଂଘର୍ଷ। ସବର୍ଣ୍ଣ ଗୋଷ୍ଠୀଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ.୧୭୯/୨୦ରେ ମାମଲା ରୁଜୁ କରିଥିଲା। ପୂର୍ବରୁ ଏହି ମାମଲା ଅସବର୍ଣ୍ଣ ଗୋଷ୍ଠୀର ୬ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଭୀଷ୍ମଗିରି ଗ୍ରାମର ଅଜିତ ନାୟକ। ଘଟଣା ଦିନଠାରୁ ସେ ଫେରାର ଥିଲେ। ୫ ମାସ ପରେ ଘରକୁ ଫେରିଥିବା ସୂଚନା ମିଳିବା ପରେ ତାଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି।

### ଏଆଇଟିୟୁସିର ଜିଲା ପରିଷଦ ବୈଠକ

ବ୍ରହ୍ମପୁର ଅଫିସ, ୨୮।୧: ଏଆଇଟିୟୁସି(ଅଖିଳ ଭାରତୀୟ ଟ୍ରେଡ୍ ୟୁନିଅନ୍ କଂଗ୍ରେସ)ର ଗଞ୍ଜାମ ଜିଲା ପରିଷଦ ବୈଠକ ଗୁରୁବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ବନ୍ଦରରେ କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦାବି କରାଯାଇଛି। ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଛତ୍ରପୁର ଉପଜିଲାପାଳଙ୍କ ଅଫିସ୍ ଆଗରେ ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପ୍ରଶାନ୍ତ ପାଢୀଯୋଷୀ ଅଧ୍ୟକ୍ଷତା କରିଥିବା ବେଳେ ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗ ଦେଇଥିଲେ। ନିର୍ମାଣ ଶ୍ରମିକଙ୍କୁ ନିର୍ଦ୍ଧାରିତ ସମୟରେ ପଞ୍ଜୀକରଣ କରାଯିବା, ସେମାନଙ୍କ ପାଇଁ ଥିବା ବିଭିନ୍ନ ସହାୟତା ପ୍ରଦାନ ନିମନ୍ତେ ଆଉ ଏକ ଦାବି ପ୍ରସ୍ତାବ ଗୃହୀତ ହୋଇଛି। ଆସିକା ଚିନି ଶିଳ୍ପ ଓ ଶ୍ରମିକଙ୍କ ସମସ୍ୟା ନେଇ ମଧ ଆଲୋଚନା ହୋଇଥିଲା। ଏଆଇଟିୟୁସି ଜିଲା ସମ୍ପାଦକ ଅଲକ ନାଥ ମିଶ୍ର, ପ୍ରଦୀପ ସେଠୀ, ଦଣ୍ଡପାଣି ପାତ୍ର, ବୈରାଗୀ ରେଡ୍ଡୀ, ମାଗୁଣି ବିଶୋୟୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ବଜାରରେ ଏବେ ବି ନକଲି ସାମଗ୍ରୀ

ବ୍ରହ୍ମପୁର ଅଫିସ,୨୮।୧

- ନମୁନା ସଂଗ୍ରହ ହେଉନି, ର୍‍ୟାଣ୍ଡମ୍ ଷ୍ଟକ୍ ଯାଞ୍ଚ କରାଯାଉନାହିଁ
- ନକଲି ଖାଦ୍ୟର ଚେନ୍ ମୂଳପୋଛ ହେବ କେମିତି

ବନ୍ଦ କାରଖାନା ଭିତରେ ଗଦା ହୋଇଛି ୧୭୦ କେଜି ଘିଅ। କାରଖାନା ମାଲିକ ଇ. ରାଜେଶ୍ୱର ପାତ୍ରଙ୍କୁ ବଡବଜାର ପୋଲିସ ବେଆଇନ ଗୁଟ୍‌ଖା କାରବାରରେ ଗତ ୨୧ତାରିଖରେ ଗିରଫ କରି ଜେଲ୍ ପଠାଇଛି। ଗୁରୁବାର ପୋଲିସ ପାଣିଗ୍ରାହୀପେଣ୍ଠ ନିକଟ ଖଣ୍ଡିଆକୁମୁଟି ସାହିରେ ଥିବା ରାଜେଶ୍ୱରଙ୍କ ଏକ ବନ୍ଦ କାରଖାନା ଭିତରୁ ୭ କାର୍ଟୁନ ଘିଅ, ୧୦ ବସ୍ତା ଜରି ଓ ପ୍ୟାକିଂ ମେଶିନ ଜବତ କରିଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ପୂର୍ବରୁ ଭେଜାଲ ମସଲାଗୁଣ୍ଡ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଚିଲି ସସ୍, ଟମାଟୋ ସସ୍, ସୋୟା ସସ୍, ମୃଦୁ ପାନୀୟ ଓ ଖାଇବା ତେଲ ଜବତ ହୋଇଥିଲା। ଗୁରୁବାର ପୁଣି ଠାବ ହୋଇଛି ଘିଅ। ବଜାର ଉପରୁ ଅନେକଙ୍କ ଭରସା ତୁଟିଗଲାଣି। ଅନ୍ୟପଟେ ଭେଜାଲ ମସଲାଗୁଣ୍ଡ, ଟମାଟୋ ସସ୍, ଚିଲି ସସ୍, ସୋୟା ସସ୍, ଭିନେଗାର, ଚା ପତି, ମୃଦୁ ପାନୀୟ ଇତ୍ୟାଦି ୯ରୁ ଉର୍ଦ୍ଧ୍ୱ କାରଖାନା ପୋଲିସ ସିଲ୍ କରିଛି। ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ଜବତ ହୋଇଛି। ପୃଥକ୍ ଘଟଣାରେ ମାଲିକମାନେ ଗିରଫ ହୋଇଛନ୍ତି। ହେଲେ ଏସବୁ ଭେଜାଲ ସାମଗ୍ରୀରୁ ଖୋଲା ବଜାରକୁ କେତେ ପରିମାଣର ଯାଇଥିଲା, ସେସବୁ କେଉଁ କେଉଁ ସ୍ଥାନରେ ବିକ୍ରି ହୋଇଛି, ଏବେ ବି କେଉଁଠାରେ ଅବଶିଷ୍ଟ ମାଲ ଗଚ୍ଛିତ ଅଛି କି ନାହିଁ, ସେ ସବୁର ବର୍ତ୍ତମାନର ସ୍ଥିତି କ'ଣ ସେ ସମ୍ପର୍କରେ କିଛି ଖୋଜଖବର ନାହିଁ। କାରଖାନା ସିଲ୍ ହୋଇଛି, ସାମଗ୍ରୀ ଜବତ ହୋଇଛି ସତ, ହେଲେ ବେପାରୀମାନେ ଏବେ ବି କେଉଁଠି ନା କେଉଁଠି ଗୋଦାମ କରି ତାଙ୍କ ଭେଜାଲ ସାମଗ୍ରୀ ନିଶ୍ଚୟ ରଖିଥିବେ।

ଏଣୁ ଖୋଲା ବଜାରରୁ ନମୁନା ସଂଗ୍ରହ କରାଯାଇ ଯାଞ୍ଚ କରିବାକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା ଦାବି କରିଛନ୍ତି। ସତେ ଯେମିତି ଚଢ଼ାଉରେ ହିଁ ସରିଯାଉଛି ପୋଲିସର ଭୂମିକା ଓ ପ୍ରଶାସନର ଦାୟିତ୍ୱ। ଏଣୁ ଏଥିପ୍ରତି ପୋଲିସ ଓ ପ୍ରଶାସନ ବଜାରରୁ ଏହି ବିଷ ଖାଦ୍ୟ ଜବତ କରିବାକୁ ସେ ଦାବି କରିଛନ୍ତି।

# ଗୋ ସୁରକ୍ଷା ନେଇ ବଜରଙ୍ଗ ଦଳ ପକ୍ଷରୁ ଦାବିପତ୍ର


ବଜରଙ୍ଗ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର ଅଫିସ୍,୨୮।୧

ବ୍ରହ୍ମପୁର ସହରରେ ଗୋରୁ ଚୋରି ବୃଦ୍ଧି ଓ ବୁଲା ଗୋରୁଙ୍କ ସୁରକ୍ଷା ଦାବିରେ ଗୁରୁବାର ବଜରଙ୍ଗ ଦଳ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଏମ୍‌ସି ପକ୍ଷରୁ ରହିଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଆହତ ପ୍ରାଣୀମାନଙ୍କୁ ଠିକ୍ ଭାବେ ଚିକିତ୍ସା କରାଯାଉ ନ ଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏଥିସହ ସହରରେ ଗୋରୁ ଚୋରି ସଂଖ୍ୟା ବୃଦ୍ଧି ପାଉଥିବାରୁ ସୁରକ୍ଷା ପାଇଁ ଗୋ ଶାଳା ତିଆରି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ବିଏମ୍‌ସି ପକ୍ଷରୁ ଗୋ ଶାଳା ନିର୍ମାଣ ପାଇଁ କାର୍ଯ୍ୟ ଚାଲିଛି। ଆସନ୍ତା ୪ ମାସ ମଧ୍ୟରେ ଏହା କାର୍ଯ୍ୟକାରୀ ହେବା ସହ ଗୋରୁଙ୍କ ସ୍ୱାସ୍ଥ୍ୟ ସେବା ଓ ସୁରକ୍ଷା ନିମନ୍ତେ ଦୃଷ୍ଟି ଦିଆଯିବ ବୋଲି ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏଥିରେ ଦଳର ସଂଯୋଜକ ଗୌତମ ମହାରଣାଙ୍କ ସମେତ ଚିନ୍ମୟାନନ୍ଦ ଦାଶ ମହାରାଜ, ପ୍ରଶାନ୍ତ ପାଢୀ, ରାହୁଲ ପାତ୍ର, ଅବିନାଶ ରେଡ୍ଡୀ ଓ ହୀନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# କଳା, କ୍ରୀଡ଼ା ଶିକ୍ଷକଙ୍କ ଧାରଣା



ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

ଖଲ୍ଲିକୋଟ,୨୮।୧(ଡି.ଏନ୍.ଏ.)

**ମିଳିନି ୮ ମାସର ଦରମା**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୩୬ କ୍ରୀଡ଼ା ଓ କଳା ଶିକ୍ଷକମାନେ ଗତ ୮ ମାସ ହେଲା ଦରମା ପାଇନାହାନ୍ତି। ବକେୟା ଦରମା ଦାବିରେ ଏହି ଶିକ୍ଷକମାନେ ଗତ ବୁଧବାରଠାରୁ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଗତ ମେ' ମାସରୁ ଦରମା ମିଳି ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଶିକ୍ଷକ ନେତା ସୁନିଲ କୁମାର ପଟ୍ଟନାୟକ ଓ ଧାରଣାରତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କହିଛନ୍ତି। ଦରମା ନ ମିଳିବା ଯାଏ ଧାରଣା ଜାରି ରହିବ ବୋଲି ସେମାନେ କହିଛନ୍ତି। ଗୁରୁବାର ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଏବିଇଓ ମଙ୍ଗଳି ଚରଣ ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, କୋଭିଡ ଯୋଗୁ ଏପରି ସମସ୍ୟା ହୋଇଥିଲା। ୭ ଦିନ ମଧ୍ୟରେ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି।

## ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳିତ

ପାତ୍ରପୁର,୨୮।୧(ଡି.ଏନ୍.ଏ.)

ପାତ୍ରପୁର ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ତରଫରୁ ସିଡିପିଓ ପଦ୍ମିନୀ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସମ୍ବିତ ବେଗରାୟ, ବିଡିଓ ପ୍ରକାଶ ଦାସ, ତହସିଲଦାର ଅମୀୟ କୁମାର ନାୟକ, ଏବିଇଓ ସୀମାଞ୍ଚଳ ପାଇକ, କୃଷି ଅଧିକାରୀ ଏ. ସୂର୍ଯ୍ୟନାରାୟଣ ରାଓ ପ୍ରମୁଖ ମଞ୍ଚାସୀନ ରହି କନ୍ୟା ସନ୍ତାନ ସପ୍ତାହ ପାଳନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ବ୍ଲକର ବିଭିନ୍ନ କେନ୍ଦ୍ରରୁ କିଶୋରୀ ବାଳିକାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାହସପୁର କେନ୍ଦ୍ରର କିଶୋରୀ ବାଳିକାମାନେ ବାଲ୍ୟବିବାହ ନିରାକରଣ ସମ୍ପର୍କିତ ନାଟକ ପରିବେଷଣ କରିଥିଲେ। ଅଞ୍ଚଳ ପରିଦର୍ଶିକା କଳ୍ପନା ରାଣୀ ପାଢ଼ୀ, ଜି. ଲକ୍ଷ୍ମୀବାଇ, ବାସନ୍ତୀ ଦେବୀ, ପୁଷ୍ପାଞ୍ଜଳି ପଟ୍ଟନାୟକ, ଓ ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିଥିଲେ।

# ପ୍ରଥମ ଦିନରେ ନେଲେ ୧୧୮୮

ବ୍ରହ୍ମପୁର ଅଫିସ୍, ୨୮।୧

**ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ**

ଗଞ୍ଜାମ ଜିଲାରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଛି। ଏମାନଙ୍କ ମଧ୍ୟରେ ଅଛନ୍ତି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଏଏନ୍‌ଏମ୍, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସଫେଇ କର୍ମଚାରୀ। ପ୍ରଥମ ଦିନରେ ୧୭ କେନ୍ଦ୍ରରେ ୧୭୩୦ ସ୍ୱାସ୍ଥ୍ୟକର୍ମୀ ଟିକା ଗ୍ରହଣ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଗୁରୁବାର ୧୧୮୮କୋଭିଶିଲ୍ଡ ଟିକା ନେଇଛନ୍ତି ଯାହାକି ଶତକଡା ୬୯ ପ୍ରତିଶତ। ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୧୯୨୦ ଟିକା ଏବେ ମହଜୁଦ ଅଛି। ଅନ୍ୟପଟେ ଟିକା ନେବା ପାଇଁ ୧୧୩୯୩ ଜଣ ପଞ୍ଜୀକୃତ ହୋଇଛନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମା ଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ଜିଲାରେ ଶୁକ୍ରବାର, ଫେବୃୟାରୀ ୪,୫,୬, ୮ ଓ ୯ ତାରିଖ ଏଭଳି ୬ ଦିନରେ ୧୦୨୦୫ ଜଣଙ୍କୁ ଟିକାକରଣ କରାଯିବ। ଟିକା ନେବା ପରେ ଯଦି କୌଣସି ପ୍ରତିକୂଳ ପ୍ରଭାବ ଦେଖାଦିଏ ତେବେ ତାର ମୁକାବିଲା ପାଇଁ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ଏଯାବତ ଟିକା ନେବା ପରେ କୌଣସି ସ୍ୱାସ୍ଥ୍ୟ କର୍ମୀଙ୍କ ଶରୀରରେ ସେପରି କୌଣସି ପ୍ରତିକୂଳ ପ୍ରଭାବ ଦେଖାଯାଇ ନାହିଁ ବୋଲି ସିଡ଼ିଏମ୍‌ଓ ମିଶ୍ର କହିଛନ୍ତି।

# ଓକିଲ ସଂଘର ୪ଦିନିଆ କୋର୍ଟ ବର୍ଜନ

ବ୍ରହ୍ମପୁର ଅଫିସ, ୨୮।୧

ବ୍ରହ୍ମପୁରରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ ଗୁରୁବାରଠାରୁ ଆରମ୍ଭ ହୋଇଛି। ଫଳରେ ସମସ୍ତ ଅଦାଲତରେ ବିଚାର ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ପୂର୍ବାହ୍ନରେ ଶତାଧିକ ଆଇନଜୀବୀ ସଂଘ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇ ରାସ୍ତାରେ ବସି ବିକ୍ଷୋଭ ପ୍ରଦର୍ଶନ ସହ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସ୍ଲୋଗାନ ଦେଇଥିଲେ। ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ରାମକୃଷ୍ଣ ମହାରଣା, ଉପସଭାପତି ବସନ୍ତ କୁମାର ରାଉତ, ଯୁଗ୍ମ ସମ୍ପାଦକ ଶ୍ରୀଧର ସାହୁ , ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ସୁଧାଂଶୁ ପଣ୍ଡା, ଜନାର୍ଦ୍ଦନ ସୁବୁଦ୍ଧି, ମନୋଜ ପଟ୍ଟନାୟକ, ଅଭୟ ପଣ୍ଡା, ପୀତବାସ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ବରୁଣ ଗୌଡ଼, ନୟନ ମହାପାତ୍ର, ପ୍ରଦୀପ ବେହେରା, ପ୍ରସାଦ ରାଓ, କିରଣ ମଣ୍ଡଳ ଓ ଅଶୋକ ଶୁକ୍ଲାଙ୍କ ସମେତ ବହୁ ଆଇନଜୀବୀ ଆନ୍ଦୋଳନରେ ସାମିଲ ଥିଲେ।

ସୂଚନାଯୋଗ୍ୟ, ୩ ଦଶନ୍ଧି ପୂର୍ବରୁ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ହୋଇଛି। କିନ୍ତୁ ସମସ୍ୟା ସମାଧାନରେ ସରକାରଙ୍କ ଉପେକ୍ଷା ଅବ୍ୟାହତ ରହିଛି। ଅନ୍ୟପକ୍ଷରେ ୨୦୦୮ରେ ଆନ୍ଦୋଳନ ତୀବ୍ରତର ହୋଇଥିଲା। ଫଳରେ ମାସ ମାସ ଧରି ଅଦାଲତ ବର୍ଜନ କରାଯାଇଥିଲା। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ତଥାପି ଦାବି ପୂରଣ ନ ହେବାରୁ ପ୍ରତିମାସର ଶେଷ ୪ ଦିନ କୋର୍ଟ ବର୍ଜନ ପାଇଁ ଓକିଲ ସଂଘ ନିଷ୍ପତ୍ତି ନେଇଥିଲା। ସଂଘ ସମ୍ପାଦକ ମହାରଣା କହିଛନ୍ତି, ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ଥାନ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଗଞ୍ଜାମ ଓକିଲ ସଂଘ ଓ ଜିଲା କୋର୍ଟ ପରିସରରେ ସମସ୍ତ ଭିତ୍ତିଭୂମି ରହିଛି। ଏଣୁ ରାଜ୍ୟ ସରକାର ଅଧିକ ଅବହେଳା ନ କରି ତୁରନ୍ତ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

## ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର

ଆସିକା,୨୮।୧(ଡି.ଏନ.ଏ.)

ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଗୁରୁବାରଠାରୁ ୩ ଦିନିଆ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସର ଗଞ୍ଜାମ ଜିଲା ସଂଯୋଜକ ବି. ଗୋବିନ୍ଦ ରାଓ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଶିବିରରେ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ, ଆସିକା ବିଜ୍ଞାନ ମହାବିଦ୍ୟାଳୟ, ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ ଓ ମୁଣ୍ଡମରାଇସ୍ଥିତ ସୋମନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪ଜଣ ଲେଖାଏ ଏପରି ମୋଟ ୧୬ ପ୍ରତିନିଧି ଅଂଶଗ୍ରହଣ କରଛନ୍ତି। ଶିବିରାର୍ଥୀଙ୍କୁ ସ୍ୱାସ୍ଥ୍ୟରକ୍ଷା, ପ୍ରାଥମିକ ଚିକିତ୍ସା, ମହିଳାଙ୍କ ସୁରକ୍ଷା, ସଡକ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ମହିଳା ମହାବିଦ୍ୟାଳୟ ଯୁବ ରେଡକ୍ରସ ସଂଯୋଜିକା ଡ. ଲିନା ଲିଲିଏନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପାରଳା ମହାରାଜାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ପାରଳାଖେମୁଣ୍ଡି,୨୮।୧(ଡି.ଏନ୍.ଏ.)

ପାରଳା ମହାରାଜା ଗୋପୀନାଥ ଗଜପତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ କୋଭିଡ୍ କଟକଣା ଯୋଗୁ ନିରାଡମ୍ବର ଭାବେ ଗୁରୁବାର ପାଳିତ ହୋଇଯାଇଛି। ରାଜନଅର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହାରାଣୀ କଲ୍ୟାଣୀ ଗଜପତି ସ୍ୱର୍ଗତ ଗୋପୀନାଥ ଗଜପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଅଞ୍ଚଳର ବହୁ ଲୋକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପାରଳା ବିଧାୟକ କେ. ନାରାୟଣ ରାଓ, ମରୁତ ପାଳ, ରାଜେନ୍ଦ୍ର ବେହେରା, ପ୍ରଶାନ୍ତ ପ୍ରଧାନ, ଗଜପତି ଜିଲା ମହିଳା ବିଜେଡିର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୁକ୍ତା ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମହାରାଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ୧୦୮ ବ୍ରାହ୍ମଣ ଭୋଜନର ଆୟୋଜନ କରାଯାଇଥିଲା। ମହାରାଜା ସ୍ୱର୍ଗତ ଗୋପୀନାଥ ଗଜପତି ୬ମାର୍ଚ୍ଚ ୧୯୪୩ରେ ଜନ୍ମ ଗ୍ରହଣ କରିଥିବାବେଳେ ୧୦ ଜାନୁୟାରୀ ୨୦୨୦ରେ ତାଙ୍କ ପରଲୋକ ଘଟିଥିଲା। ମୃତ୍ୟୁ ପରେ ତାଙ୍କ ଝିଅ କଲ୍ୟାଣୀ ଦେବୀ ରାଜ ମୁକୁଟ ପିନ୍ଧିଥିଲେ।


ରାଜନଅର ପରିସରରେ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଛି।

## ୪୦ ଫୁଟ ତଳକୁ ଖସିଲା ଅଟୋ



ପାରଳାଖେମୁଣ୍ଡି/କାଶୀନଗର, ୨୮।୧(ଡି.ଏନ୍.ଏ.)

**୩ ଶିଶୁ ସମେତ ୮ ଗୁରୁତର**

କାଶୀନଗର ବ୍ଲକ ପାର୍ତ୍ତଡା ନିକଟସ୍ଥ ଲୁହାଜଲ ନାଳ ଘାଟିରେ ଗୁରୁବାର ସନ୍ଧ୍ୟାରେ ଏକ ଅଟୋ ପ୍ରାୟ ୪୦ ଫୁଟ ତଳକୁ ଖସି ପଡିଥିଲା। ଏଥିରେ ୩ ଶିଶୁ ସମେତ ୮ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ପାଞ୍ଚ ମାଇଲ ରାଗାଇସିଂ ଠାରୁ ଅଡେଇସିଂ ଗ୍ରାମ ଅଭିମୁଖେ ୧୫ ଜଣ ଶ୍ରମିକଙ୍କୁ ଧରି ଯାଉଥିବା ଅଟୋ ଲୁହାଜଲ ଘାଟି ଉଠି ନପାରି ୪୦ଫୁଟ ତଳକୁ ଖସି ପଡିଥିଲା। ଫଳରେ ୩ ଶିଶୁ ସମେତ ୮ଜଣ ଗୁରୁତର ହୋଇଛନ୍ତି। ଅଡାଇସିଂ ଗ୍ରାମ ଲୋକ ପହଞ୍ଚି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚି ଆହତଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା।

# ସ୍କୁଲ ବନ୍ଦ ପ୍ରତିବାଦରେ ବିକ୍ଷୋଭ

ଛତ୍ରପୁର,୨୮।୧(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ଅଧୀନ ବଡ଼ମାଧପୁର ଆଇଏୱାଇ କଲୋନୀ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଥିବା ପ୍ରତିବାଦରେ ଗୁରୁବାର ଅଭିଭାବକ, ଛାତ୍ରୀଛାତ୍ର ଓ ମହିଳା ସଂଘ ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉକ୍ତ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀ ଛାତ୍ର ପାଠ ପଢ଼ୁଥିଲେ ମଧ ଏହାକୁ ବନ୍ଦ କରି ବଡ଼ମାଧପୁର ଉଚ୍ଚ ପ୍ରାଥମିକ ସ୍କୁଲରେ ମିଶ୍ରଣ କରାଯାଇଛି। ୩ କି.ମି. ଦୂରରେ ଥିବା ଉକ୍ତ ସ୍କୁଲକୁ ଯାତାୟାତ କରିଲେ ବିପଦ ରହୁଛି। ତେଣୁ ଅଭିଭାବକମାନେ ଆଶଙ୍କାରେ ରହିଛନ୍ତି। ତେଣୁ ପୁନର୍ବାର ଆଇଏୱାଇ କଲୋନୀ ପ୍ରାଥମିକ ବିଦ୍ୟାଳୟ ଖୋଲି ପାଠ ପଢ଼ାଇବା ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏ ନେଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ମଧ ଜିଲାପାଳ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମସ୍ୟା ଅବଗତ କରାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇନି ବୋଲି ମହିଳା ସଂଘର ଜି. ଜାନକୀ ପାତ୍ର, ବି. ବାସନ୍ତୀ ପାତ୍ର, କୁନି ସେଠୀ, ଶଶି ନାୟକ, ଲକ୍ଷ୍ମୀ ନାୟକ, ରୀନା ନାୟକ ଓ ଗୌରୀ ନାୟକଙ୍କ ସମେତ ଅଭିଭାବକ ଓ ଛାତ୍ରୀଛାତ୍ର ମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।


ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଯୋଜନା କମିଟି ବୈଠକ, ୧୬୨ ପ୍ରକଳ୍ପ ଅନୁମୋଦନ

ଫୁଲବାଣୀ ଅଫିସ, ୨୮।୧

**କନ୍ଧମାଳ ଜିଲା**

କନ୍ଧମାଳ ଜିଲା ଯୋଜନା କମିଟି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏଥିରେ ଅଧ୍ୟକ୍ଷତା କରି ଚଳିତ ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲା ପାଇଁ ଆସିଥିବା ଅନୁଦାନକୁ ଠିକ୍ ଭାବେ ବିନିଯୋଗ କରିବାକୁ ଜନପ୍ରତିନିଧି, ସମସ୍ତ ବିଭାଗୀୟ ପଦାଧିକାରୀମାନଙ୍କ ସହଯୋଗ କାମନା କରିଥିଲେ। ଜିଲାପାଳ ଡା. ବୃନ୍ଦା ଡି. ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

ପ୍ରାରମ୍ଭରେ ଗତ ୨୦୧୯ ନଭେମ୍ବର ୬ରେ ଅନୁଷ୍ଠିତ ବୈଠକର କାର୍ଯ୍ୟବିଧିକୁ ଦୃଢ଼ୀକରଣ କରାଯିବା ସହିତ ୨୦୨୦-୨୧ ଆର୍ଥିକ ବର୍ଷରେ ବିଜୁ କନ୍ଧମାଳ ଗଜପତି ଯୋଜନାର ବ୍ଲକୱାରୀ ୧୬୨ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା। ସେଥିମଧ୍ୟରେ ବିଦ୍ୟୁତ୍‌କରଣର ୨ଟି ପ୍ରକଳ୍ପ ବାବଦରେ ୬ ଲକ୍ଷ ଟଙ୍କା, ପାନୀୟ ଜଳ ଯୋଗାଣ ବାବଦରେ ୧୧ଟି ପ୍ରକଳ୍ପର ପାଇଁ ୪୭ ଲକ୍ଷ, ସଡ଼କ ବାବଦରେ ୧୪୯ ପ୍ରକଳ୍ପ ଲାଗି ୫ କୋଟି ୪୬ ଲକ୍ଷ ୫୦ ହଜାର ଟଙ୍କା ରହିଛି। ବ୍ଲକ ପିଛା ୫୦ ଲକ୍ଷ ଦିଆଯାଇଛି । ବିଗତ ଆର୍ଥିକ ବର୍ଷ ଗୁଡ଼ିକର ଅବଶେଷ ୩୦ ଲକ୍ଷ ୨୫ ହଜାର ଟଙ୍କାର ୭ ଗୋଟି ପରିବର୍ତ୍ତିତ ପ୍ରକଳ୍ପକୁ ମଧ ଅନୁମୋଦନ କରାଯାଇଥିଲା। କୃଷି ଓ ଆନୁଷଙ୍ଗିକ ବିଭାଗର ୨୦୫ କୋଟି ୬୫ ଲକ୍ଷ ୫ ହଜାର ଟଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗର ୪୧୫ କୋଟି ୨୨ ଲକ୍ଷ ୧୦ ହଜାର ଟଙ୍କା, ସ୍ୱତନ୍ତ୍ର ଅଂଚଳ କାର୍ଯ୍ୟକ୍ରମ ବାବଦରେ ୮୮ କୋଟି ୫୧ ଲକ୍ଷ ୮୬ ହଜାର ଟଙ୍କା, ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ ବାବଦରେ ୪୯ କୋଟି ୮୩ ଲକ୍ଷ ୩୫ ହଜାର ଟଙ୍କା, ଶିଳ୍ପ ଓ ଖଣିଜ ଦ୍ରବ୍ୟ ବାବଦରେ ୩ କୋଟି ୬୯ ଲକ୍ଷ ୯୭ ହଜାର ଟଙ୍କା, ଗମନାଗମନ ବାବଦରେ ୮୬ କୋଟି ୫୫ ଲକ୍ଷ ଟଙ୍କା, ବିଜ୍ଞାନ-କାରିଗରୀ-ପରିବେଶ ବାବଦରେ ୬୬ କୋଟି ୫୨ ଲକ୍ଷ ୬ ହଜାର ଟଙ୍କା, ସାଧାରଣ ଆର୍ଥିକ ସେବା ବାବଦରେ ୧୭ କୋଟି ୪୦ ଲକ୍ଷ ୬ ହଜାର ଟଙ୍କା, ସମାଜ ସେବା ବାବଦରେ ୪୯୭ କୋଟି ୫୦ ଲକ୍ଷ ୮୩ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ପ୍ରଶାସନିକ ସେବା ବାବଦରେ ୮ କୋଟି ୨୧ ଲକ୍ଷ ୮୯ ହଜାର ଟଙ୍କାର ପ୍ରସ୍ତାବିତ ଖର୍ଚ୍ଚକୁ ଅନୁମୋଦନ କରାଯାଇଥିଲା। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷର ବିଭିନ୍ନ ବିଭାଗର ସମୁଦାୟ ୧ ହଜାର ୩୪୦ କୋଟି ୬୩ ଲକ୍ଷ ୨୪ ହଜାର ଟଙ୍କାର ଖର୍ଚ୍ଚ ବାବଦରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା।

ବୈଠକରେ କନ୍ଧମାଳ ଏମପି ଅଚ୍ୟୁତାନନ୍ଦ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ଉପାଧ୍ୟକ୍ଷ ସାରତୀ ମଲ୍ଲିକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ରାମ ମନ୍ଦିର ପାଇଁ ନିଧି ସଂଗ୍ରହ

ନୂଆଗଡ(ଗଜପତି): ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟାରେ ହେବାକୁ ଯାଉଥିବା ରାମ ମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ ଅଭିଯାନ ଚାଲିଛି। ଗଜପତି ଜିଲା ନୂଆଗଡ ବ୍ଲକ ଖଜୁରିପଦା ପଞ୍ଚାୟତ ଖଜୁରିପଦା ଗ୍ରାମର ସମିତି ସଭ୍ୟ ସୁବାସ ଚନ୍ଦ୍ର ପାଇକ, ୱାର୍ଡ ସଭ୍ୟ ଶଲ୍ୟ ପାତ୍ର, ବାବୁଲି ତ୍ରିପାଠୀ, ନିଧି ପ୍ରମୁଖ ରିଙ୍କୁ ପଣ୍ଡା ପ୍ରମୁଖ ସାହି ସାହି ବୁଲି ନିଧି ସଂଗ୍ରହ କରିଛନ୍ତି।

## ସଂକ୍ଷେପରେ

### ପର୍ଯ୍ୟଟକଙ୍କ ମୃତ୍ୟୁ

ଗୋପାଳପୁର,୨୮।୧: ଗୋପାଳପୁର ବେଳାଭୂମିରେ ଗୁରୁବାର ପୂର୍ବାହ୍ନରେ ଜଣେକ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଲକାତା ଭାଟଶଳ ଅଞ୍ଚଳର ଶ୍ୟାମପଦ ଘୋଷ (୪୬)ବୋଲି ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି। ବୁଧବାର କୋଲକାତାରୁ ଶ୍ୟାମପ୍ରଦ ଓ ତାଙ୍କ ଶଳା ଆକାଶ ବାଇକ୍ ଯୋଗେ ବାହାରି ଅପରାହ୍ନରେ ଗୋପାଳପୁରରେ ପହଞ୍ଚିଥିଲେ। ଗୁରୁବାର ସକାଳେ ଆଉ କେତେଜଣ ସାଙ୍ଗମାନେ ଟ୍ରେନ୍ ଯୋଗେ ଆସି ବ୍ରହ୍ମପୁରରେ ପହଞ୍ଚିବା ପରେ ସମସ୍ତେ ଦାରିଙ୍ଗବାଡ଼ି ଯିବାକୁ ସ୍ଥିର ହୋଇଥିଲା। ରାତିରେ ସେମାନେ ଏକ ହୋଟେଲରେ ରହିଥିଲେ। ମାତ୍ର ସକାଳେ ଶ୍ୟାମପ୍ରଦ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ଶଳା ତାଙ୍କୁ ଗୋପାଳପୁର ସ୍ଥିତ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପାଳପୁର ପୋଲିସ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ମେଡ଼ିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

କ.ନୂଆଗାଁ,୨୮।୧(ଡି.ଏନ୍.ଏ.): କନ୍ଧମାଳ ଜିଲା କ.ନୂଆଗାଁ ରାମେଶ୍ୱର ମନ୍ଦିର ନିକଟରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ବୁଧବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାରଙ୍ଗଡ ଗ୍ରାମର ଅନନ୍ତ ପାତ୍ର (୨୩)। ରାକେଶ ପଣ୍ଡାଙ୍କୁ କୁକୁର କାମୁଡିଥିବାରୁ ଅନନ୍ତ ସ୍କୁଟି (ନଂ.ଓଡି୨୫ଏଫ୍-୩୫୬୧)ଯୋଗେ ବାଲିଗୁଡା ମେଡିକାଲ ଇଞ୍ଜେକ୍ସନ ଦେବାକୁ ନେଇ ଯାଇଥିଲେ। ସେଠାରୁ ଅପରାହ୍ନ ପ୍ରାୟ ୨ଟାରେ ଫେରିବାବେଳେ କ.ନୂଆଗାଁ ରାମେଶ୍ୱର ମନ୍ଦିର ନିକଟରେ ଭାରସାମ୍ୟ ହରାଇ ବିଲ ମଧକୁ ସ୍କୁଟି ସହ ପଳାଇଥିଲେ। ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କ.ନୂଆଗାଁ ମେଡିକାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ଅନନ୍ତଙ୍କୁ ମୃତ ଘୋଷଣା କରିଥିଲେ। ରାକେଶଙ୍କ ଅବସ୍ଥା ଗୁରୁତର ଥିବାରୁ ବାଲିଗୁଡା ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଓଆଇସି ପ୍ରକାଶ ଚନ୍ଦ୍ର ପ୍ରଧାନ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବେଚ୍ଛଦ ପାଇଁ ପଠାଇଛନ୍ତି।

### ଟିବି ହାରିବ, ଦେଶ ଜିତିବ ଅଭିଯାନ

ସୋରଡ଼ା,୨୮।୧(ଡି.ଏନ୍.ଏ.): ବଡ଼ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଯକ୍ଷ୍ମା ବିଭାଗ ଦ୍ୱାରା ଡାକ୍ତର ଭଗବାନ୍ ସାହୁଙ୍କ ପରିଚାଳନାରେ ଟିବି ହାରିବ ଦେଶ ଜିତିବ ଅଭିଯାନ ଆରମ୍ଭ ହୋଇଛି। ଏବିଡିଓ ସଞ୍ଜୀବ ରାଜ ସେନାପତି ଅଭିଯାନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯକ୍ଷ୍ମା ନିରାକରଣ ଉପରେ ଜନସାଧାରଣଙ୍କୁ ସଚେତନ କରାଇଯାଇଥିଲା। ବିପିଏମ୍ ଗୋଲୋକ ଗରିୟାଗଡ଼ୁ, ବିଭାଗର ଅଶୋକ ଦାସ, ଖଗେଶ୍ୱର ସାହୁ, ସିଦ୍ଧେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ୨୬ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିବା ସହ ପ୍ରଚାରପତ୍ର ବଣ୍ଟନ କରିବ।

### ଗଞ୍ଜେଇ ବୋଝେଇ କାର୍ ଜବତ ମାମଲା ଫେରାର ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୮।୧(ଡି.ଏନ୍.ଏ.): ଗଞ୍ଜାମ ଜିଲା ପାଟପୁର ପୋଲିସ ଗୁରୁବାର ଗୋଳନ୍ଥରା ଥାନା କନିଷି ଗାଁର ବିଶ୍ୱଜିତ ରାଉତଙ୍କୁ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଗିରଫ କରି ବ୍ରହ୍ମପୁର ସ୍ଥିତ ଜିଲା ଦୌରାଜଜ୍ କୋର୍ଟକୁ ଚାଲାଣ କରିଛି। ଥାନା ମାମଲା ନଂ.୨୭୬/୨୦ ରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ପାଟପୁର ପୋଲିସ ପୂର୍ବରୁ ଏହି ମାମଲାରେ ସଂପୃକ୍ତ ଗଜପତି ଜିଲା ଅଡ଼ବା ଥାନା ଖ୍ରୀଷ୍ଟିଆନ ସାହିର ଜୋସେଫ ବୀର ଓ ରାୟଗଡା ଜିଲା ପଦ୍ମପୁର ଥାନା ସୁଣ୍ଡୁରୀଗୁଡା ଗ୍ରାମର ରମେଶ ବିଡିକାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପ୍ରକାଶ ଯେ, ନଭେମ୍ବର ୧୨ରେ ପୋଲିସ ଟିମ କାର୍ (ନଂ. ଓ ଆର୍ ୦୭ ଏମ -୨୦୩୭)କୁ ଯାଞ୍ଚବେଳେ ୪ ବସ୍ତା ଗଞ୍ଜେଇ ମିଳିଥିଲା। କାର୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଥିବାବେଳେ ବିଶ୍ୱଜିତ ଫେରାର ହୋଇଯାଇଥିଲେ।

# ଉନ୍ନୟନମୂଳକ କାର୍ଯ୍ୟ ମନ୍ଥରର ନେଇ ଉଦ୍‌ବେଗ

## ଗଜପତି ଜିଲା ପରିଷଦ ବୈଠକ

ପାରଳାଖେମୁଣ୍ଡି,୨୮।୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ୪୫ତମ ଗଜପତି ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ଅନିତାରାଣୀ ବେହେରା ଅଧ୍ୟକ୍ଷତା କରି କହିଥିଲେ, ଜିଲାରେ ଚାଲୁଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ମୁଖ୍ୟତଃ ଯେଉଁ ଅଞ୍ଚଳରେ ଯେଉଁ କାମର ଆବଶ୍ୟକତା ପଡୁଛି, ସେଥିପ୍ରତି ଦୃଷ୍ଟି ଦିଆଯିବା ଦରକାର। ଜନପ୍ରତିନିଧିଙ୍କ ସହ ପ୍ରଶାସନିକ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟକଲେ ଅଞ୍ଚଳବାସୀ ସେଥିରେ ଉପକୃତ ହୋଇପାରିବେ। ସମସ୍ତଙ୍କ ସମନ୍ୱୟରେ ଉନ୍ନୟନ କାର୍ଯ୍ୟ କରାଗଲେ ଲୋକେ ନିଶ୍ଚିତ ସୁଫଳ ପାଇପାଇବେ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ବୈଠକରେ ବିଭିନ୍ନ ବିଭାଗ ଉପରେ ଟିକିନିଖି ଆଲୋଚନା କରାଯାଇଥିଲା। ଗଜପତି ଜିଲାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୨୦୬କୋଟି ୩୩ଲକ୍ଷ ୫୨ହଜାର ୫୪୦ଟଙ୍କା ଏବଂ ୫୬ଲକ୍ଷ ୪୨ହଜାର ୨୦୦ ଶ୍ରମଦିବସ ସୃଷ୍ଟି କରାଯିବାକୁ ଲକ୍ଷ ରଖାଯାଇଥିବାବେଳେ ବୈଠକରେ ତାହା ଅନୁମୋଦନ ହୋଇଥିଲା। ଜିଲା ପଞ୍ଚାୟତ ଅଧିକାରୀ ବସନ୍ତ କୁମାର ପାତ୍ର ପୂର୍ବ ବୈଠକର ବିବରଣ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଜିଲା ପରିଷଦ ଉପାଧ୍ୟକ୍ଷ ବିଜୟ କୁମାର ଏବଂ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଲୋକନାଥ ଦଳବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।


ବୈଠକରେ ବିଧାୟକ ଓ ଅନ୍ୟ ଅଧିକାରୀମାନେ।

# ଟଙ୍କା ହଡ଼ପ କରି ପୋଷ୍ଟମାଷ୍ଟର ଗିରଫ

ଫୁଲବାଣୀ ଅଫିସ, ୨୮।୧

ଜମାମାରୀଙ୍କ ଟଙ୍କା ହଡପ କରି କନ୍ଧମାଳ ଜିଲା ଖଜୁରିପଡା ଥାନା ରଣପାଟୁଲୀ ଗ୍ରାମୀଣ ଡାକଘର ପୋଷ୍ଟମାଷ୍ଟର ରାନୁ ଚରଣ ସେଠୀ ଗିରଫ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଡାକଘରେ ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ସ୍କିମ୍‌ରେ ଅର୍ଥ ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ୮ଜଣ ଜମାକାରୀ ପ୍ରାୟ ୯୦ ହଜାର ଟଙ୍କା ପୋଷ୍ଟ ମାଷ୍ଟର ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଫୁଲବାଣୀ ସହକାରୀ ଡାକ ସୁପରିଟେଣ୍ଡେଣ୍ଟ ୟେରା ପୋଲାୟାଙ୍କ ଅଭିଯୋଗ ପ୍ରକାରେ ରାନୁ ୨୦୧୩ରୁ ୨୦୧୯ ମଧ୍ୟରେ ଖଜୁରିପଡା ରଣପାଟୁଲୀ ଡାକଘରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେ ଜମାକାରୀଙ୍କ ଟଙ୍କା ଆତ୍ମସାତ କରିଥିଲେ। ଏ ନେଇ ଖଜୁରିପଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ କେସ ନଂ.୧୧/୨୧ରେ ମାମଲା ରୁଜୁ କରି ରାନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆ ଯାଇଥିବା ଫୁଲବାଣୀ ଏସ୍‌ଡିଜେଏମ କୋର୍ଟ ସରକାରୀ ଓକିଲ ଗୌରୀଶଙ୍କର ବେହେରା ସୂଚନା ଦେଇଛନ୍ତି।

# ଫାର୍ମାସିଷ୍ଟଙ୍କୁ ଆକ୍ରମଣ, ୨ ଗିରଫ

## ଇଞ୍ଜେକ୍ସନ ନେଇ ପାର୍ଶ୍ୱ ପ୍ରତିକ୍ରିୟା ହେବାରୁ ଆକ୍ରମଣ ଅଭିଯୋଗ

ଶେରଗଡ,୨୮।୧(ଡି.ଏନ୍.ଏ.)

ଶେରଗଡ ବ୍ଲକ କରଡାକଣା ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟଙ୍କୁ ଆକ୍ରମଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ବଡଗଡ ପୋଲିସ। ସେମାନେ ହେଲେ କରଡାକଣାର ପାଣ୍ଡବ ବିଷୋୟୀ ଓ ସୁଶାନ୍ତ ପ୍ରଧାନ। ନଂ.୩୦/୨୧ରେ ମାମଲା ରୁଜୁକରି ପୋଲିସ ୨ଜଣଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି। ସବୁଦିନ ଭଳି ଗୁରୁବାର କରଡାକଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଫାର୍ମାସିଷ୍ଟ ଇ. ଯୋଗେଶ୍ୱର ବାଇକ ଧରି ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୯ଟାରେ ମେଡିକାଲ ପାଖରେ ପହଞ୍ଚିବା ପରେ ପାଣ୍ଡବ ଓ ସୁଶାନ୍ତ ପୂର୍ବ ଯୋଜନା ମୁତାବକ ଅତର୍କିତ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଡାକ୍ତରଖାନାର କର୍ମଚାରୀ ଓ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବଡଗଡ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ପହଞ୍ଚି ଫାର୍ମାସିଷ୍ଟଙ୍କ ଅଭିଯୋଗକ୍ରମେ ପାଣ୍ଡବ ଓ ସୁଶାନ୍ତଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛନ୍ତି। ଖବର ନେବାରୁ ଜଣା ପଡିଛି ଯେ, ସୁଶାନ୍ତଙ୍କ ଜଣେ ସମ୍ପର୍କୀୟଙ୍କୁ ଫାର୍ମାସିଷ୍ଟ ଯୋଗେଶ୍ୱର କିଛିଦିନ ତଳେ ଇଞ୍ଜେକ୍ସନ ଦେଇଥିଲେ। ଉକ୍ତ ସ୍ଥାନରେ ଟେଳାହେବା ସହ ପ୍ରବଳ ଯନ୍ତ୍ରଣା ହୋଇଥିଲା। ଏହାକୁ ନେଇ ଆକ୍ରମଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି।

### ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର

ପୁରୁଷୋତ୍ତମପୁର,୨୮।୧ (ଡି.ଏନ୍.ଏ.)

ପୁରୁଷୋତ୍ତମପୁର ତାରାତାରିଣୀ କଲେଜରେ ଗୁରବାର ଯୁବ ରେଡକ୍ରସ ପକ୍ଷରୁ ଆଞ୍ଚଳିକସ୍ତରୀୟ ତାଲିମ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷ ସୀମାଞ୍ଚଳ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ରେଡକ୍ରସ ପୂର୍ବତନ କାଉନ୍‌ସିଲର ଡ. ଗାୟତ୍ରୀ ଦାଶ, ପ୍ରଶାସନିକ ଅଧିକାରୀ ସୁଦର୍ଶନ ପଣ୍ଡା, ଆଇକ୍ୟୁସି ଡ. ସୁବ୍ରତ କୁମାର ଷଡଙ୍ଗୀ, କାଉନ୍‌ସିଲର ନାଇଡୁ ମୋହନ, ଗଣ୍ଡଳା କଲେଜ କାଉନ୍‌ସିଲର କାହ୍ନୁ ଚରଣ ନାୟକ, କବିସୂର୍ଯ୍ୟନଗର କଲେଜ କାଉନ୍‌ସିଲର ଡ. ତନୁଜ କୁମାର ବିଷୋୟୀ ଯୋଗଦେଇ ରେଡକ୍ରସ୍‌ର ଲକ୍ଷ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରଶିକ୍ଷଣ ଶିବିର ତିନିଦିନ ଧରି ଚାଲିବ। ଏଥିରେ ପୁରୁଷୋତ୍ତମପୁର ତାରାତାରିଣୀ କଲେଜ, କବିସୂର୍ଯ୍ୟନଗର କଲେଜ ଓ ଗଣ୍ଡଳା ବେଲେଶ୍ୱର ମହାବିଦ୍ୟାଳୟର ୮ଛାତ୍ରୀ ଓ ୯ଛାତ୍ର ଯୋଗ ଦେଇଛନ୍ତି। ଏହାକୁ ଅଧ୍ୟାପିକା ଡ. ନମ୍ରତା ମିଶ୍ର, ଅଧ୍ୟାପକ କୃଷ୍ଣଚନ୍ଦ୍ର ନାୟକ, ଡ. ବିପ୍ଳବ ରଞ୍ଜନ ପ୍ରଧାନ ପରିଚାଳନା କରୁଛନ୍ତି।

# ରାଜମିସ୍ତ୍ରିଙ୍କୁ କିଟ୍ ବାଣ୍ଟିଲେ ଏମ୍‌ପି



ଏମ୍‌ପି ଅଚ୍ୟୁତ ସାମନ୍ତ କିଟ୍ ବଣ୍ଟନ କରୁଛନ୍ତି।

ଖଜୁରିପଡ଼ା/ବଲସକୁମ୍ପା (ଡି.ଏନ୍.ଏ.),୨୮।୧

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶରେ କିଟ୍ ସହଯୋଗରେ ବୁଧବାର ଖଜୁରିପଡ଼ା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଗ୍ରାମ୍ୟ ରାଜମିସ୍ତ୍ରୀମାନଙ୍କୁ ସହାୟତା କିଟ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପି ତଥା କିଟ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ୧୨୦ଜଣ ରାଜମିସ୍ତ୍ରୀଙ୍କୁ ଏହା ବଣ୍ଟନ କରିଥିଲେ। ଏହି ଅବସରରେ ଏମ୍‌ପି ସାମନ୍ତ କହିଥିଲେ, ଜିଲାର ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ମୁଁ ସବୁବେଳେ ଚେଷ୍ଟିତ, ଆପଣମାନେ ସହଯୋଗର ହାତ ବଢାଇଲେ ଜିଲାର ଉନ୍ନତି ସହ ଗ୍ରାମାଞ୍ଚଳର ବିକାଶ ହେବ। ବିଡିଓ ରବୀନ୍ଦ୍ର ନାଥ କହଁରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ଏବିଡିଓ ଦିବ୍ୟସିଂହ କହଁର ଏବଂ ଡାଇରେକ୍ଟର ଅଫ୍ ଜେନେରାଲ କିସ୍ କିଟ୍‌ର ନାରାୟଣ ପ୍ରସାଦ ଦାସ, ପ୍ରଫେସର ଡାକ୍ତର ଦିଲିପ କୁମାର ବେହେରା, ସଂଯୋଜକ ଲକ୍ଷ୍ମୀକାନ୍ତ ଜେନାଙ୍କ ସମେତ ଜିଲା ପରିଷଦ ସଦସ୍ୟ ଜୁଲିଲତା ଲେଙ୍କା, ସ୍ଥାନୀୟ ସରପଞ୍ଚ ମିତା ମଲିକ, ସମିତି ସଭ୍ୟ ଗୀତାଞ୍ଜଳୀ ସାହୁ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାଚସ୍ପତିଙ୍କ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

କୁକୁଡ଼ାଖଣ୍ଡି,୨୮।୧

ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବୁଧବାର କୁକୁଡ଼ାଖଣ୍ଡି ବ୍ଲକ ଗ୍ରସ୍ତରେ ଆସି ରୋହିଗାଁ ଗ୍ରାମ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ବଶିଷ୍ଠ ଜେନାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଣ୍ଡିଆଖୋଳି ଗ୍ରାମରେ କୋଳଥିଆ ବନ୍ଧର ପୁନରୁଦ୍ଧାରର ସହ ବାଚସ୍ପତି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ପାଣ୍ଡିଆଖୋଳି ଦାସ ସାହିଠାରେ ନିର୍ମାଣ ହୋଇଥିବା ନୂତନ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବିଡିଓ ଗଦାଧର ପାତ୍ର, ୮ନଂ ଜିଲା ପରିଷଦ ସଭ୍ୟ ବୃନ୍ଦାବନ ଖଟେଇ, ସୁଜିତ କୁମାର ତହଲ, ସ୍ଥାନୀୟ ସରପଞ୍ଚ ରାଧାରାଣୀ ଜେନା, ସମିତି ସଭ୍ୟା ଲକ୍ଷ୍ମୀ ସ୍ୱାଇଁ, ବିଧାୟକ ପ୍ରତିନିଧି ହିମାଂଶୁ ପାଢ଼ି, ୯ନଂ ଜିଲା ପରିଷଦ ସଭ୍ୟା ନିରୁପମା ପାତ୍ର ପ୍ରମୁଖ ଉପସ୍ଥିତି ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରସିଂହ ଜେନା, ସୀମାଞ୍ଚଳ ଜେନା, ନାରାୟଣ ଜେନା, ମୁନା ସ୍ୱାଇଁ, ବିଦେଶୀ ବେହେରା, ପିଇଓ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏକ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

### ନିର୍ମାଣ ଶ୍ରମିକଙ୍କୁ ସହାୟତା

ବ୍ରହ୍ମପୁର ଅଫିସ,୨୮।୧

ବାଇଗଣବାଡ଼ିସ୍ଥିତ ଚନ୍ଦ୍ରକନ୍ଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ବୁଧବାର ନିର୍ମାଣ ଶ୍ରମିକଧାରୀଙ୍କୁ ସହାୟତା ପ୍ରଦାନ କରିଛନ୍ତି। ୧୦ ଜଣ ନିର୍ମାଣ ଶ୍ରମିକ କାର୍ଡ଼ଧାରୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ବଣ୍ଟନ କରିଥିଲେ। ଏଥିସହ ବାଚସ୍ପତି ଚନ୍ଦ୍ର କନ୍ଥେଶ୍ୱର ମନ୍ଦିର ମଧ୍ୟରେ ରହିଥିବା ଆମ ଗାଁ ଆମ ବିକାଶ ମଣ୍ଡପ, ହନୁମାନ ବାଟିକା, କଲ୍ୟାଣ ମଣ୍ଡପ, ଚନ୍ଦ୍ରକନ୍ଥେଶ୍ୱର ଉଦ୍ୟାନ, ମନ୍ଦିରର ଉନ୍ନୟନ କାର୍ଯ୍ୟ ଓ ତଦାରଖ କରିଥିଲେ। ଏଥିରେ ଜିଲା ଶ୍ରମ ଅଧିକାରୀ ବବୁ ଚରଣ ପାତ୍ର, ସେକ୍ସନ ଅଧିକାରୀ ବିଜୟ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ପରିଚାଳନା କମିଟି ସଭାପତି ସୁଧୀର କୁମାର ରାଉତ, ଜିଲା ପରିଷଦ ସଭ୍ୟ ବୃନ୍ଦାବନ ଖଟେଇ, ଜିଲା ପରିଷଦ ସଭ୍ୟା ନିରୁପମା ପାତ୍ର, ବାଚସ୍ପତି ପ୍ରତିନିଧି ହିମାଂଶୁ ଶେଖର ପାଢ଼ୀ, ପୂର୍ବତନ ସରପଞ୍ଚ ରବି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୬ରୁ ଜଉଗଡ଼ ମହୋତ୍ସବ

ପୁରୁଷୋତ୍ତମପୁର,୨୮।୧ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ପାଣ୍ଡିଆ ଠାରେ ଥିବା କଳିଙ୍ଗ ସମ୍ରାଟ ଅଶୋକଙ୍କ ଐତିହାସିକ ଜଉଗଡ଼ ମହୋତ୍ସବ ଲାଗି ଗୁରୁବାର ସନ୍ଧ୍ୟାରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବଙ୍କ ସଂଯୋଜନାରେ ଏକ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା, ବିଡିଓ ବିଜୟ କୁମାର ବେହେରା, ଜିଲା ପରିଷଦ ସଭ୍ୟ ପି ନାରାୟଣ ରାଓ, ଦୈତାରୀ ବେହେରା, ସମିତି ସଭ୍ୟ ନିର୍ମଳ ଚନ୍ଦ୍ର ସାହୁ,ସରପଞ୍ଚ ଗୋପାଳ ସେଠୀ ଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଏଥିରେ ଫେବୃୟାରୀ ୨୬ରୁ ୨୮ପର୍ଯ୍ୟନ୍ତ ୩ଦିନଧରି ମହୋତ୍ସବ ଚାଲିବା ସକାଶେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ପିଡି ସମସ୍ତଙ୍କ ସହମତି ଲୋଡି କରୋନା କଟକଣା ନିୟମ ମଧ୍ୟରେ ଅତିସ୍ୱଳ୍ପ ବ୍ୟୟଅଟକଳ ମଧ୍ୟରେ ମହୋତ୍ସବ କରିବା, ସ୍ଥାନୀୟ କଳାକାରଙ୍କୁ ଗୁରୁତ୍ୱ ଦେଇ ଲୋକକଳା ପ୍ରଦର୍ଶନ କରିବା, ପ୍ରଦର୍ଶନୀ ଷ୍ଟଲ ଖୋଲିବା ଲାଗି ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମହୋତ୍ସବ ଲାଗି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କୁ ଅଧ୍ୟକ୍ଷ ରୂପେ ମନୋନୀତ କରାଯାଇଛି। ତାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କମିଟି ଗଠନ କରିବା ସକାଶେ ବିଧାୟିକାଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି।


ବୈଠକରେ ଉପସ୍ଥିତ ଅତିଥି।

# ଏନ୍‌ସିସି ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଭଞ୍ଜନଗର,୨୮।୧(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ନୂତନ ଏନ୍‌ସିସି ଆର୍ମି ଏବଂ ନାଭାଲ ଛାତ୍ରୀଛାତ୍ରଙ୍କୁ ଗୁରୁବାର ସ୍ୱାଗତ କରାଯାଇଛି । ଏଥିଲାଗି ଆୟୋଜିତ ସଭାରେ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ନାଭାଲ ଅଫିସର ଅଧ୍ୟାପକ ରବୀନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ. ସୁବାସଚନ୍ଦ୍ର ପ୍ରଧାନ, ପ୍ରାଧ୍ୟାପକ ଏସ୍.କେ.ମିଶ୍ର, ଡ. ଆର.ଏନ.ପାଳ, ରାଜେନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏନସିସି ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ କହିଥିଲେ । ଆର୍ମି ଅଫିସର ଅଧ୍ୟାପକ ରଜନୀକାନ୍ତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।



ଅଧ୍ୟକ୍ଷ ଉଦ୍‌ବୋଧନ ଦେଉଛନ୍ତି ।

### ବିଏମ୍‌ସିର ଟିକସ ବୃଦ୍ଧି କୁ କଂଗ୍ରେସର ବିରୋଧ

ବ୍ରହ୍ମପୁର ଅଫିସ, ୨୮।୧: ବ୍ରହ୍ମପୁର ମହାନଗର ନିଗମ (ବିଏମସି) ବର୍ଦ୍ଧିତ ଘର ଟିକସ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏଥିପାଇଁ ୭ ଦିନ ମହଲତ ଦିଆଯାଇଛି। ନଚେତ ଆନ୍ଦୋଳନକୁ ଜୋରଦାର ସହ ଆଇନର ଆଶ୍ରୟ ନିଆଯିବାର ଚେତାବନୀ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ବ୍ୟାନରରେ ବୁଧବାର ନେତା ଓ କର୍ମୀମାନେ ବିଏମ୍‌ସି କକ୍ଷରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ମଜଦୁର କଂଗ୍ରେସ ନେତା ପୀତବାସ ପଣ୍ଡା, ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନାଙ୍କ ସମେତ ଭୋକାଲି ସେଠୀ, ଉଦୟପାଣିଗ୍ରାହୀ, ସ୍ମୃତି ପଟ୍ଟନାୟକ, ବେନୁଦାସ, ଭୀମରାଜୁ ରେଡ୍ଡୀ ଓ ଅନ୍ୟକର୍ମୀମାନେ ସାମିଲ ହୋଇଥିଲେ।

# ଅଭିଯୁକ୍ତ କୋର୍ଟ ଚାଲାଣ

## ଟାଟା ପାୱାର ନାଁରେ ଠକେଇ ଘଟଣା

ବ୍ରହ୍ମପୁର ଅଫିସ,୨୮।୧

ଦକ୍ଷିଣ ଓଡ଼ିଶାର ୭ ଜିଲାର ଲୋକଙ୍କୁ କାମ ଦେବାକୁ କହି ୩୦ ହଜାର ଲେଖାଏ ଆଦାୟ ହୋଇଛି । ଏ ନେଇ ଟାଟା କମ୍ପାନୀର ଜେନେରାଲ ମ୍ୟାନେଜର ଥାନାରେ ଅଭିଯୋଗ କରିବା ପରେ ୫୪ ଲକ୍ଷ ଟଙ୍କାର ଏହି ଠକେଇ ମାମଲାର ପର୍ଦ୍ଦାଫାସ କରିଛି ବ୍ରହ୍ମପୁର ପୋଲିସ। ଦକ୍ଷିଣ ଓଡ଼ିଶାରେ ପୂର୍ବରୁ ସାଉଥକୋ ପକ୍ଷରୁ ବିଦ୍ୟୁତ୍ ବିତରଣ କରାଯାଉଥିବା ବେଳେ ଗତ ମାସରେ ଟାଟା ପାୱାର ସାଉଥ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ହାତକୁ ଏହାର ଦାୟିତ୍ୱ ନେଇଛି। ତେବେ ଟାଟା ପାୱାର ସମ୍ପୂର୍ଣ୍ଣ ଦାୟିତ୍ୱ ନ ନେଉଣୁ ଏହି କମ୍ପାନୀ ନାଁରେ ୫୪ ଲକ୍ଷ ଟଙ୍କା ଠକେଇ ହୋଇଥିବା ଜଣାପଡ଼ିଛି। ଏହି ଠକେଇର ମାଷ୍ଟର ମାଇଣ୍ଡ ତଥା ଗଞ୍ଜାମ ଜିଲା କାର୍ତ୍ତି ଗ୍ରାମର ବିଶ୍ୱନାଥ ବିଶ୍ୱାଳ(୪୨)କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି ।

ସୂଚନାପ୍ରକାରେ, ଅଭିଯୁକ୍ତ ବିଶ୍ୱନାଥ ବ୍ରହ୍ମପୁର କାଳୀମନ୍ଦିର ନିକଟସ୍ଥ ଡକ୍ଟରର୍ସ ଲେନରେ ମା’ ତାରାତାରିଣୀ ସର୍ଭିସେସ ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥା କାର୍ଯ୍ୟାଳୟ ଖୋଲିଥିଲେ। ନିଜକୁ ମ୍ୟାନେଜିଂ ଡାଇରେକ୍ଟର ଭାବେ ଦର୍ଶାଇବା ସହ ତାଙ୍କ ସଂସ୍ଥା ଟାଟା ପାୱାରଠାରୁ ଫ୍ରାଞ୍ଚାଇଜ ପାଇଛି ବୋଲି କହୁଥିଲେ। ଏ ନେଇ ସେ ଟାଟା ପାୱାର ଉପସଭାପତିଙ୍କ ଏକ ନକଲି ଲେଟର ଦେଖାଉଥିଲେ। ତେବେ ସାଉଥକୋଠାରୁ ଦାୟିତ୍ୱ ନେବା ପରେ ଟାଟା ପାୱାର ପୁରୁଣା ମିଟର ବଦଳରେ ପ୍ରି-ପେଡ ମିଟର ଲଗାଇବାକୁ ଚାହୁଁଛି। ଆଉ ଏହି କାମପାଇଁ ବିଶ୍ୱନାଥ ନିଜ ସଂସ୍ଥା ଅଧିନରେ ପଞ୍ଚାୟତ ସଂଯୋଜକ ଭାବେ କିଛି ଲୋକ ତଥା ଲୋକାଲ ସଂସ୍ଥାକୁ ଦାୟିତ୍ୱ ଦେଇଥିଲେ। ଦକ୍ଷିଣ ଓଡ଼ିଶାର ୭ ଜିଲା ଯଥା ଗଞ୍ଜାମ, ଗଜପତି, କନ୍ଧମାଳ, ସୋନପୁର, ବୌଦ୍ଧ, ରାୟଗଡା ଓ କଳାହାଣ୍ଡିର ବିଭିନ୍ନ ପଞ୍ଚାୟତରେ ଲୋକ ତଥା ସଂସ୍ଥାଙ୍କୁ ଦାୟିତ୍ୱ ଦେବାକୁ କହି ପ୍ରତ୍ୟେକ ତଥା ସଂସ୍ଥାଠାରୁ ୩୦ ହଜାର ଲେଖାଏ ଆଦାୟ କରିଥିଲେ। ସେହିପରି ପ୍ରତ୍ୟେକ ମିଟର ବଦଳି ପିଛା ପଞ୍ଚାୟତ ସଂଯୋଜକଙ୍କୁ ୧୭୦ ଟଙ୍କା ଲେଖାଏ କମିଶନ ଦିଆଯିବ ବୋଲି ମଧ୍ୟ ବିଶ୍ୱନାଥ ପ୍ରତିଶ୍ରୁତି ଦେଉଥିଲେ। ଆଉ ତାଙ୍କ କଥାରେ ବିଶ୍ୱାସ କରି ବହୁ ଲୋକ ତଥା ଲୋକାଲ ସଂସ୍ଥା ଟଙ୍କା ଜମା କରିଥିଲେ। ଘଟଣା ଜଣା ପଡିବା ପରେ ଟାଟା ପାୱାରର ଜେନେରାଲ ମ୍ୟାନେଜର(ବାଣିଜ୍ୟ)ଲେଙ୍କା ପ୍ରସାଦ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିଅଭିଯୋଗକୁ ଆଧାର କରି ବୈଦ୍ୟନାଥପୁର ଥାନାରେ ନଂ.୨୮/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିଶ୍ୱନାଥକୁ ଗିରଫ କରିଥିଲା।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସହାୟତା

କଟକ ଅଫିସ: ଜଗତ୍‌ପୁର ଖବର କାଗଜ ବିତରକ ପ୍ରଶାନ୍ତ ମହାରଣାଙ୍କର କରୋନାରେ ମୃତ୍ୟୁ ଘଟିଥିଲା । ଗୁରୁବାର ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତାମାନେ ପ୍ରଶାନ୍ତଙ୍କ ଜଗତ୍‌ପୁର ସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ମହାରଣାଙ୍କୁ ୩୦୦୦ଟଙ୍କା ଏବଂ ଏକ ମାସର ରାସନ ସାମଗ୍ରୀ ପ୍ରଦାନ କରିଥିଲେ । ସଂଘ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସନ୍ତୋଷ ମହାନ୍ତି, ହିମାଂଶୁ ମହାପାତ୍ର, ପ୍ରଭାସ ପ୍ରଧାନ, ଉମେଶ ସାହୁ, ଦୀପ୍ତିରଞ୍ଜନ ପଟ୍ଟନାୟକ ଓ ରବି ପାଲ ଏଥିରେ ଉପସ୍ଥିତ ଥିଲେ ।

**ସଂକ୍ଷେପରେ**

## ଅଶ୍ୱିନୀ ହସ୍ପିଟାଲରେ ବ୍ଲଡ୍ ବ୍ୟାଙ୍କ ଉଦ୍‌ଘାଟିତ

କଟକ ଅଫିସ,୨୮।୧: ପ୍ରଥମଥର ପାଇଁ କଟକର ଅଶ୍ୱିନୀ ହସ୍ପିଟାଲରେ ଗୁରୁବାର ବ୍ଲଡ୍ ବ୍ୟାଙ୍କ ଖୋଲାଯାଇଛି। ଏହାକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, କଟକରେ ସରକାରୀ ଭାବରେ ପୂର୍ବରୁ ଦୁଇଟି ବ୍ଲଡ୍ ବ୍ୟାଙ୍କ ଥିବାବେଳେ ଅଶ୍ୱିନୀ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ ଦ୍ୱାରା ରୋଗୀମାନଙ୍କ ବହୁ ସମସ୍ୟା ଦୂର ହେବ। ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ଲୋକଙ୍କ ଜୀବନ ବଞ୍ଚାଇବାରେ ରକ୍ତ ସାହାଯ୍ୟ କରେ। ସମସ୍ତେ ରକ୍ତ ଦାନ ପାଇଁ ଆଗେଇ ଆସିବା ଉଚିତ୍। ଏହି ଅବସରରେ ଅନେକ ବ୍ୟକ୍ତି ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ସୁବାସ ସିଂ, ବିଧାୟକ ସୌଭିକ୍ ବିଶ୍ୱାଳ, ଡିସିପି ପ୍ରତୀକ୍ ସିଂ, ସିଡିଏମ୍‌ଓ ସତ୍ୟବ୍ରତ ଛୋଟରାୟ, କୋଭିଡ୍ ନୋଡାଲ ଅଫିସର ଡା. ଉମେଶ ରାୟ ଏବଂ ହସ୍ପିଟାଲର ଅଧକ୍ଷ ଡା. ସୁବ୍ରତ ଜେନା, ପରିଚାଳନା ନିର୍ଦ୍ଦେଶିକା ଡା. ମାୟା ଗନ୍ତାୟତ ଓ ସୁମା ଦେବୀ ଦାଶ ଉପସ୍ଥିତ ରହିଥିଲେ।

## ମୁକ୍ତ ଚିନ୍ତନ ମଞ୍ଚର ଆଲୋଚନା ଚକ୍ର

ଭୁବନେଶ୍ୱର, ୨୮।୧: ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ ୱେବିନାର ମାଧମରେ 'ଭଲ ବହିର ମହକ ରହିବ କି ନାହିଁ' ଶୀର୍ଷରେ ଏକ ଆଲୋଚନା ଚକ୍ର ସାତକଡି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଗୌରହରି ଦାସ ଯୋଗ ଦେଇଥିଲେ। ପ୍ରାବନ୍ଧିକ ଅସିତ ମହାନ୍ତି କହିଥିଲେ, ସାହିତ୍ୟ ବହୁ ମାଧମ ଦେଇ ଗତି କରିଛି। ସାହିତ୍ୟ ଆତ୍ମା ହେଲେ ଛପା ହେଉଥିବା ମାଧମ ହେଉଛି ଶରୀର। ଡ.ଇତି ସାମନ୍ତ କହିଲେ, କରୋନା ସମୟରେ ସେ କାଦମ୍ବିନୀକୁ ଇ- ପତ୍ରିକା ମାଧମରେ ପ୍ରକାଶ କରିଥିଲେ ମଧ ତାହା ପାଠକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇପାରି ନ ଥିଲା। ଆମେରିକାରୁ ସତ୍ୟ ପଟ୍ଟନାୟକ କହିଲେ, ଆମେରିକା ଭଳି ରାଷ୍ଟ୍ରରେ ମାତ୍ର ୧୦ ଭାଗ ଲୋକ ଇ-ପୁସ୍ତକ ଚାହାଁନ୍ତି, ୯୦% ଲୋକ ଛାପା ପୁସ୍ତକକୁ ପ୍ରାଧାନ୍ୟ ଦେଉଛନ୍ତି। ରାଜଧାନୀ ପୁସ୍ତକ ମେଳା ସଭାପତି ଉପେନ୍ଦ୍ର ଜେନା ତାଙ୍କ ପୁସ୍ତକ ମେଳାରେ ଭାଗ ନେଉଥିବା ପ୍ରକାଶକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବାର ଉଦାହରଣ ଦେଇଥିଲେ। ଆଡସିନାଲ ଡେପୁଟି ପୋଲିସ କମିଶନର ପ୍ରାଣକୃଷ୍ଣ ରାଉତ ତଥା ଶିକ୍ଷୟିତ୍ରୀ ତନ୍ଦ୍ରାଳସା ଦାସ ପାଠକ ଓ ପାଠିକା ଭାବେ ଯୋଗଦେଇ ଛାପା ପୁସ୍ତକକୁ ପ୍ରାଧାନ୍ୟ ଦେଇ 'ଛାପା ପୁସ୍ତକର ମହକ ବହୁ ବର୍ଷ ଧରି ରହିବ' ବୋଲି କହିଥିଲେ। ସଭାରେ ମୁକ୍ତ ଚିନ୍ତନ ମଞ୍ଚ ସମ୍ପାଦକ ପୀତବାସ ରାଉତରାୟ ସଂଯୋଜନା କରିଥିଲେ।

## ପ୍ରଥମ ଅମ୍ରିତା ପଟେଲ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୨୮।୧ (ବ୍ୟୁରୋ): ମହିଳା ସଶକ୍ତୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅମ୍ରିତା ପଟେଲଙ୍କର ଗତବର୍ଷ ପରଲୋକ ଘଟିଥିଲା। ସେ ମଧ ଓଡିଶା ସରକାରଙ୍କ ଜେଣ୍ଡର ରେସୋର୍ସ ସେଣ୍ଟରର ଉପଦେଷ୍ଟା ଥିଲେ। ତେବେ ମୃତ୍ୟୁର ବର୍ଷ ପୂର୍ତ୍ତି ଅବସରରେ ପ୍ରଥମ ଅମ୍ରିତା ପଟେଲ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ହାଇଦ୍ରାବାଦସ୍ଥିତ ସାମାଜିକ ବିକାଶ ପରିଷଦର ପ୍ରଫେସର କଲ୍ପନା କନ୍ନବିରାନ ଏଥିରେ ଯୋଗଦେଇ କୋଭିଡ-୧୯ ସମୟରେ ସାମ୍ବିଧାନିକ ତଥା ମୌଳିକ ଅଧିକାର ଶୀର୍ଷକ ବକ୍ତୃତା ପ୍ରଦାନ କରିଥିଲେ। ମହିଳା ଅଧିକାର ପ୍ରବକ୍ତା ପ୍ରଫେସର କର୍ଣ୍ଣବିରାନ କୋଭିଡ୍ ଲକ୍‌ଡାଉନ୍ ସମୟର ଅବସ୍ଥାଠାରୁ କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ ସାମ୍ପ୍ରତିକ ଘଟଣାବଳୀ ଓ ନ୍ୟାୟପାଳିକା ଉପରେ ବକ୍ତୃତା ପ୍ରଦାନ କରିଥିଲେ। ଅମ୍ରିତାଙ୍କ ଦ୍ୱାରା ପ୍ରତିଷ୍ଠିତ ସଂସ୍ରିଷ୍ଟି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଡ୍‌ଭାନ୍ସ ସେଣ୍ଟର ଫର୍ ୱିମେନ୍ ଷ୍ଟଡିଜ୍ ଓ ଏସ୍‌ଏନ୍‌ଡିଟି ୟୁନିଭର୍ସିଟିରେ ଡିପାର୍ଟମେଣ୍ଟ ଅଫ୍ ଇକୋନୋମିକ୍ସର ପୂର୍ବତନ ପ୍ରଫେସର ବିଭୂତି ପଟେଲ ଅଧକ୍ଷତା କରିଥିଲେ। ଅମ୍ରିତା କିପରି ମହିଳା ଓ ମୌଳିକ ଅଧିକାର ଉପରେ ଗୁରୁତ୍ୱ ଦେଇ ଏହାର ଅଧିକ ପ୍ରଚାର ପ୍ରସାର ନିମନ୍ତେ ଅଣ୍ଟା ଭିଡିଥିଲେ ସେ ସମ୍ପର୍କରେ ପ୍ରଫେସର ପଟେଲ କହିଥିଲେ। ସଂସ୍ରିଷ୍ଟିର ପ୍ରତିଷ୍ଠାତା ସଦସ୍ୟ ଡକ୍ଟର ଲେନିନ୍ ମହାନ୍ତି, ସ୍ୱପ୍ନା ବିଶ୍ୱାଳ, ପ୍ରଫେସର ଜୟନ୍ତୀ ଜଗଦେବ, ରୀନା ମହାନ୍ତି, ଆଶା ହଂସ ଏବଂ ସୁଚେତା ପ୍ରିୟବାଦିନୀ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ଭାରତ ଓ ବାହାରୁ ଶହେରୁ ଅଧିକ ବିଶିଷ୍ଟ ମହିଳା ଯୋଗଦେଇଥିଲେ। ସୂଚନାଯୋଗ୍ୟ, କ୍ୟାନସର ରୋଗରେ ଆଖି ବୁଜିଥିବା ଅମ୍ରିତା ଏହି ଜଟିଳ ରୋଗର ଚିକିତ୍ସା ନିମନ୍ତେ ଅଧିକ ଗବେଷଣା ପାଇଁ ନିଜ ଶରୀର ଦାନ କରିଥିଲେ।

# ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ

ପୁରୀ ଅଫିସ, ୨୮।୧


ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ ନୀତି ସମ୍ପନ୍ନ କରାଯାଉଛି।


ନୂଆ ମୁଦିରସ୍ତଙ୍କୁ ଶାଢ଼ି ବନ୍ଧାଯାଉଛି।

ପୌଷ ପୂର୍ଣ୍ଣିମାରେ ଗୁରୁବାର ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ ଓ ମହାପ୍ରଭୁଙ୍କର ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଛି। ଶ୍ରୀନଅରରେ ଶାସ୍ତ୍ରୀୟ ପୂଜା ଓ ପଞ୍ଚଦେବତା ପୂଜା ପରେ ଗଜପତି ମହାରାଜାଙ୍କୁ ଅଭିଷେକ କରାଯାଇଛି। ଷୋଳଶାସନ ବ୍ରାହ୍ମଣ ମହାରାଜଙ୍କୁ ନଡ଼ିଆ ଓ ପଇତା ପ୍ରଦାନ କରିବା ସହ ମହାରାଜାଙ୍କୁ ଆଶୀର୍ବାଦ କରିଛନ୍ତି। ଏହାପରେ ଗଜପତି ମହାରାଜାଙ୍କ ପ୍ରତିନିଧି ନୂତନ ମୁଦିରସ୍ତଙ୍କ ଶାଢ଼ିବନ୍ଧା ନୀତି ସମ୍ପନ୍ନ ହୋଇଥିଲା। ପ୍ରଥା ଅନୁଯାୟୀ ମହାରାଜାଙ୍କ ପ୍ରତିନିଧି ଭାବେ ଜଣେ ନାବାଳକ ସେବାୟତ ମହାପ୍ରଭୁଙ୍କ ସେବା କରିଥାନ୍ତି। ସେହିକ୍ରମରେ ଜଣେ ନାବାଳକ ସେବକଙ୍କୁ ମୁଦିରସ୍ତ ଭାବେ ଶାଢ଼ି ବନ୍ଧାଯାଇଛି। ଶାଢ଼ି ବାନ୍ଧିବା ପରେ ସମ୍ପୃକ୍ତ ମୁଦିରସ୍ତ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଛନ୍ତି। ଅନ୍ୟପଟେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ରାଜରାଜେଶ୍ୱର ବେଶରେ ସୁସଜ୍ଜିତ ହୋଇଛନ୍ତି। ପୂର୍ବ ଦିନରୁ ଅଧିବାସ ଗୃହରେ ଅଧିବାସ ହୋଇ ରହିଥିବା ୧୦୮ ଗରା ଘିଅ ମିଶ୍ରିତ ଜଳ ଚନ୍ଦନ ଲାଗି ପରେ ମହାପ୍ରଭୁଙ୍କୁ ଅଭିଷେକ କରାଯାଇଛି। ଏହାପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ପାଲିଙ୍କିରେ ମା' ଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନକୁ ବିଜେ କରିଛନ୍ତି। ସେଠାରେ ମାଜଣା ଓ ବନକଲାଗି ଆଦି ନୀତି ସମ୍ପନ୍ନ ହେବା ପରେ ଶ୍ରୀଦେବୀଙ୍କୁ ବେଶ କରାଯାଇଛି। ପୁଷ୍ୟାଭିଷେକ ପରେ ଗଜପତି ମହାରାଜା ପ୍ରତିକ୍ରିୟା ରଖି କହିଛନ୍ତି ଯେ, ପ୍ରତ୍ୟେକ ବର୍ଷ ଏହି ତିଥିରେ ମହାପ୍ରଭୁଙ୍କର ସେବାରେ ମହାରାଜାଙ୍କ ପ୍ରତିନିଧି ଭାବେ ନୂଆ ମୁଦିରସ୍ତଙ୍କୁ ନିୟୋଜିତ କରାଯାଇଥାଏ। ଏକ ବର୍ଷ ପାଇଁ ଏହି ମୁଦିରସ୍ତ ସେବକ ମହାରାଜାଙ୍କ ପ୍ରତିନିଧି ଭାବେ ମହାପ୍ରଭୁଙ୍କର ସମସ୍ତ ସେବା କରିଥାନ୍ତି। ଗୁରୁବାର ତାଙ୍କର ଶାଢି ବନ୍ଧା ହୋଇଛି। ସେ ମୋର ପ୍ରତିନିଧି ଭାବେ ସମ୍ପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବେ ବୋଲି ମୋର ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ନୂତନ ଭାବେ ମୁଦିରସ୍ତ ଦାୟିତ୍ୱ ପାଇଥିବା ନାରାୟଣ ମୁଦିରସ୍ତ କହିଛନ୍ତି ଯେ, ଗଜପତି ମହାରାଜାଙ୍କ ପ୍ରତିନିଧି ଭାବେ ମହାପ୍ରଭୁଙ୍କ ସେବା କରିବା ମୋ ପାଇଁ ସୌଭାଗ୍ୟର କଥା। ନିୟମକୁ ନିଷ୍ଠାର ସହ ପାଳନ କରି ମୋର ପାରୁ ପର୍ଯ୍ୟନ୍ତ ସେବା କରିବି।

**ପ୍ରତିନିଧି ଭାବେ ନୂଆ ମୁଦିରସ୍ତଙ୍କୁ ଶାଢ଼ି ବନ୍ଧାଗଲା**

# ବିସ୍ଥାପିତଙ୍କ ଥଇଥାନ ଲାଗି ଗୃହ କମିଟିର ଗୁରୁତ୍ୱ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଜଳସେଚନ, ଖଣି ଏବଂ ଶିଳ୍ପ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ଜନସାଧାରଣଙ୍କ ସମସ୍ୟା ଅନୁଧ୍ୟାନ ତଥା ସେମାନଙ୍କ ଥଇଥାନର ପନ୍ଥା ନିର୍ଦ୍ଧାରଣ ଲାଗି ଗୁରୁବାର ବିଧାନସଭା ଗୃହ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି । ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ବିଧାନସଭା ପ୍ରକୋଷ୍ଠ ୫୪ରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣରେଖା, ରେଙ୍ଗାଲୀ, ଇନ୍ଦ୍ରାବତୀ, ଅପରକୋଲାବ ଜଳସେଚନ ପ୍ରକଳ୍ପ ଏବଂ ସଇଁତଳା ଗୋଳା ବାରୁଦ କାରଖାନା ଦ୍ୱାରା ବିସ୍ଥାପିତ ହୋଇଥିବା ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଉକ୍ତ ବୈଠକରେ ବିଶେଷ ଆଲୋଚନା ହୋଇଛି । ୧୯୯୧ ସେପ୍ଟେମ୍ବର ୧୯ରେ ତତ୍କାଳୀନ ଗୃହ କମିଟି ଅପରକୋଲାବ ଏବଂ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଯୋଗୁ ବିସ୍ଥାପିତଙ୍କ ବାସ୍ତବ ସମସ୍ୟା ଉପରେ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ପ୍ରଦାନ କରିଥିଲେ । ପରବର୍ତ୍ତି ସମୟରେ ୧୧ ନଭେମ୍ବର ୧୯୯୨ରେ ରେଙ୍ଗାଲି ଏବଂ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବିସ୍ଥାପିତଙ୍କ ଉପରେ ରିପୋର୍ଟ ପ୍ରଦାନ କରିଥିଲେ । ୨୦୦୦ ମସିହାରୁ ଦ୍ୱାଦଶ, ତ୍ରୟୋଦଶ, ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ବିଧାନସଭାରେ ଗୃହ କମିଟି ଗଠିତ ହୋଇ ଆସୁଅଛି ଏବଂ ବିସ୍ଥାପିତଙ୍କ ସମସ୍ୟା ଓ ତା'ର ସମାଧାନରେ ନିରନ୍ତର ଦୃଷ୍ଟି ଦେଇ ଆସିଛି। ବିସ୍ଥାପିତଙ୍କ ସମସ୍ୟାର ଆଶୁ ସମାଧାନ ପାଇଁ ସଦସ୍ୟମାନେ ଦାବି କରିଛନ୍ତି ।

# କିଡ୍‌ନୀ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲାର ବିଭିନ୍ନ ବ୍ଲକ୍‌ର ୨୬୫ ଗ୍ରାମରେ ପିଇବା ପାଣି ଯୋଗାଣ ବ୍ୟବସ୍ଥା ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଛନ୍ତି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)। ଅନ୍ୟପକ୍ଷରେ ଜିଲାରେ ଦୂଷିତ ପାଣି ପିଇ କିଡ୍‌ନୀ ରୋଗରେ ପୀଡିତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ କମିଶନଙ୍କ ନିକଟରେ ଏ ସଂକ୍ରାନ୍ତରେ ଏକ ପିଟିଶନ କରିଥିଲେ। ଜିଲାର ବିଭିନ୍ନ ବ୍ଲକ୍‌ରେ ପାନୀୟ ଜଳରେ ଭାରି ଧାତୁ ଅଂଶ ରହୁଛି। ଏହି ପାଣି ପ୍ରତିଦିନ ପିଇବା ଫଳରେ ସେଠାକାର ବାସିନ୍ଦା କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଧାକାନ୍ତ ନିବେଦନ କରିଥିଲେ। ଏହାର ଶୁଣାଣି କରି କମିଶନ କଟକ ଜିଲା ପ୍ରଶାସନକୁ ନୋଟିସ ଜାରି କରିବା ସହ ଜବାବ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ କମିଶନଙ୍କ ନିକଟରେ ଜବାବ ରଖିଛନ୍ତି ଯେ, ଜିଲାର ନରସିଂହପୁର, ଆଠଗଡ଼ ଓ ଟିଗିରିଆ ବ୍ଲକ୍‌ର ୨୬୫ ଗ୍ରାମକୁ ଦୂଷିତ ପାଣି ସମସ୍ୟାରୁ ମୁକ୍ତ କରାଯାଇ ପିଇବା ପାଣି ସୁବିଧା ଯୋଗାଇ ଦିଆଯାଇଛି। ଏସବୁ ବ୍ଲକ୍‌ରେ ୧ ହଜାର ୬୩୧ ଟ୍ୟୁବ୍‌ୱେଲ୍ ଓ ହାଣ୍ଡପମ୍ପ ବସାଯାଇଥିବାବେଳେ ଏଥିମଧ୍ୟରୁ ୭୧୧ଟି ଚାଲୁରହିଛି। ଯେଉଁ ଟ୍ୟୁବ୍‌ୱେଲ୍‌ଗୁଡ଼ିକରୁ ଦୂଷିତ ଜଳ ଆସୁଛି, ସେଗୁଡ଼ିକୁ 'ଏକ୍ସ' ପ୍ରତୀକ ଦ୍ୱାରା ଚିହ୍ନଟ କରାଯାଇ ପାଣି ନ ପିଇବାକୁ ସଚେତନ କରାଯାଇଛି। ଏହାଛଡ଼ା ମେଗା ପାଇପ୍ ଜଳ ପ୍ରକଳ୍ପ ଦ୍ୱାରା ୨୦୫ ଗାଁକୁ ଜଳ ଯୋଗାଣର ଯୋଜନା ଚାଲିଛି ବୋଲି ଜିଲା ପ୍ରଶାସନ କମିଶନକୁ ଜଣାଇଛନ୍ତି।


ରାଜ୍ୟରେ କେନ୍ଦ୍ରୀୟ ଯୋଜନା ହଡ଼ପ ଅଭିଯୋଗ ନେଇ ଗୁରୁବାର ଭାଜପା ପ୍ରତିନିଧି ଦଳ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟି ଫେରୁଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲା ଭାଜପା

ଭୁବନେଶ୍ୱର,୨୮।୧(ବ୍ୟୁରୋ)

**କେନ୍ଦ୍ର ଯୋଜନା ହଡ଼ପ ଅଭିଯୋଗ**

୨୦୨୨ ସୁଦ୍ଧା ରାଜ୍ୟର ସମସ୍ତ କଚ୍ଚା ଘରକୁ ପକ୍କା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟ କରୁଛନ୍ତି । କିନ୍ତୁ ଓଡିଶାରେ ସରକାର ନ୍ୟାଶନାଲ ଫ୍ଲାଗସିପ ପ୍ରୋଗ୍ରାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଠିକ୍ ଢଙ୍ଗରେ କ୍ରିୟାନ୍ୱୟନ କରୁନାହାନ୍ତି। ରାଜ୍ୟବ୍ୟାପୀ ଏହି ଯୋଜନାରେ ଶାସକ ବିଜେଡି ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ଚଳାଇଛି। ଅନ୍ୟପଟେ କେନ୍ଦ୍ର ଯୋଜନାକୁ ନିଜ ନାଁରେ ବ୍ରାଣ୍ଡିଂ କରି ବିଜେଡି ଚଳାଇଛି। ଏହି ଅଭିଯୋଗ ଆଣି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗୁରୁବାର ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ।

ଭାଜପାର ଏହି ପ୍ରତିନିଧି ଦଳ ଅଭିଯୋଗ କରିଛି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଏସଇସିସି ଅନୁଯାୟୀ ହୋଇଥିବାବେଳେ ଶାସକ ଦଳର ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ତାଲିକାରେ ପଛରେ ସାମିଲ କରାଯାଇଛି। ଗରିବ ଅସହାୟ ଲୋକଙ୍କୁ ଏହି ଯୋଜନା ଅନ୍ତର୍ଗତ ଘର ମିଳିବା ନେଇ ବ୍ୟବସ୍ଥା ଥିବାବେଳେ ଶାସକ ଦଳ ଚଞ୍ଚକତା କରି ନିଜ କର୍ମୀ ଏବଂ ଅଯୋଗ୍ୟ ହିତାଧିକାରୀଙ୍କ ନାଁକୁ ପକ୍କାଘର ଯୋଜନାରେ ସାମିଲ କରାଇଛି । ମାହାଙ୍ଗା ନିର୍ବାଚନମଣ୍ଡଳୀ ନୃତଙ୍ଗ ପଞ୍ଚାୟତରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ସରକାର ସାମିଲ କରିଥିଲେ । ଏହା ବିରୋଧରେ ପ୍ରତିବାଦ କରିବାରୁ ଭାଜପା ନେତା କୁଳମଣି ବରାଳଙ୍କୁ ହତ୍ୟା କରାଯାଇଥିବା ଏହି ପ୍ରତିନିଧି ଦଳ ଅଭିଯୋଗ କରିଛି। ରାଜ୍ୟ ସରକାର ୧୨.୭୫ ଲକ୍ଷ ହିତାଧିକାରୀଙ୍କ ଘରକୁ ଜିଓ ଟ୍ୟାଗିଂ କରିଥିଲେ। ପ୍ରତିବାଦ ପରେ ଏହା ୬ ଲକ୍ଷକୁ ଖସିଲାଣି। ଏଥିରୁ ଦଳୀୟ ଭିତିରେ ବିଜେଡି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବାଣ୍ଟୁଥିବା ସ୍ପଷ୍ଟ ବୋଲି ଅଭିଯୋଗ ଉଠିଛି। ଅନ୍ୟପଟେ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ ବ୍ରାଣ୍ଡିଂ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଫଳକରେ ବଡ ଅକ୍ଷରରେ ବିଜୁ ପକ୍କାଘରର ଷ୍ଟିକର ମରାଯାଉଛି । କେନ୍ଦ୍ରୀୟ ଅର୍ଥରେ ହେଉଥିବା ଯୋଜନାକୁ ରାଜ୍ୟ ସରକାର ପ୍ର.ଆ.ଯୋ ଲେଖିବା ସହ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ଚିଠି ଲେଖି ଭ୍ରମିତ କରୁଛନ୍ତି । ରାଜ୍ୟ ସରକାର ଫ୍ଲାଗସିପ୍ ପୋଗ୍ରାମକୁ କୋ ବ୍ରାଣ୍ଡିଂ ନ କରି ଫଳକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲେଖନ୍ତୁ ବୋଲି ସମୀର କହିଛନ୍ତି । ଅନ୍ୟପଟେ କେନ୍ଦ୍ର ଯୋଜନାରେ ରାଜ୍ୟ ସରକାର ବାଧକ ନ ସାଜନ୍ତୁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି। ଅନ୍ୟପଟେ ଏହି ଘଟଣାରେ ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ ବୋଲି ପ୍ରତିନିଧି ଦଳ ଦାବି କରିଛି।

# ସମାଧାନ ନ ହେଲେ ପୌର ନିର୍ବାଚନ ବର୍ଜନ

ଯାଜପୁର ରୋଡ୍, ୨୮।୧(ଡି.ଏନ.ଏ.)



ବ୍ୟାସନଗର ଜମି ସୁରକ୍ଷା କମିଟି ସଦସ୍ୟ।

**ବ୍ୟାସନଗରରେ ଜମି କିସମ ବିବାଦ**

ଯାଜପୁର ଜିଲା ବ୍ୟାସନଗର ପୌରାଞ୍ଚଳବାସୀ ଜମି ସମସ୍ୟାରେ ଜୁନ୍ଧି ହେଉଛନ୍ତି। ସ୍ଥିତିବାନ ଜମିକୁ ବନ୍ଦୋବସ୍ତ ଅଧିକାରୀ ଜମାବନ୍ଦୀ ଠିକ୍ ନ ଥିବା ଦର୍ଶାଇ ଜଙ୍ଗଲ ନ ଥିବା ଜମିକୁ ଜଙ୍ଗଲ କିସମ ଦର୍ଶାଇ ଶହଶହ ଏକର ଜମିକୁ ଅନାବାଦୀଭୁକ୍ତ କରାଇଛନ୍ତି। ବ୍ୟାସନଗର ଜମି ସୁରକ୍ଷା କମିଟି ୨୦୧୪ରୁ ଅଦ୍ୟାବଧି ଏହାର ପ୍ରତିବାଦ କରିଆସୁଛି। ଏଥିପାଇଁ ରାଜ୍ୟ ସଚିବାଳୟରେ ୩ଥର ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ରାଜସ୍ୱ ମନ୍ତ୍ରୀ ଏହି ବିବାଦର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ ମଧ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଜମିର କିସମ ବିବାଦ ହେବାରୁ ବିଧାନସଭାର ସବ୍‌ଅର୍ଡିନେଟ ଲେଜିସଲେଟିଭ କମିଟି ବ୍ୟାସନଗର ପୌରାଞ୍ଚଳକୁ ଆସି ତଦନ୍ତ କରି ସରକାରଙ୍କୁ ୨୦୧୮ରେ ରିପୋର୍ଟ ପ୍ରଦାନ କରିଛନ୍ତି। ଜମିର ସ୍ୱତ୍ୱ କିସମକୁ ନେଇ ଯେଉଁ ବିବାଦ ଉପୁଜିଛି ଏଥିରେ ପ୍ରାୟ ୧୦ ହଜାର ଜମି ମାଲିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଗାମୀ ୧୫ ଦିନ ମଧ୍ୟରେ ଯଦି ଦାବିଗୁଡିକ ପୂରଣ ନ କରାଯାଏ ତେବେ ବ୍ୟାସନଗର କ୍ଷତିଗ୍ରସ୍ତ ଜମି ମାଲିକମାନେ ତହସିଲ ଅଫିସ ଘେରାଉ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଆଗାମୀ ପୌରନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଜମି ସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। କମିଟି ସମ୍ପାଦକ ନାରାୟଣ ପ୍ରସାଦ ପତିଙ୍କ ସମେତ ଅଶୋକ ବିଶ୍ୱାଳ, ବିଶ୍ୱନାଥ ସାହୁ, ସୁବାସ ଚନ୍ଦ୍ର ମିଶ୍ର, ଦୁର୍ଗାଚରଣ ପ୍ରତିହାରୀ, ଅମୂଲ୍ୟ କୁମାର ତ୍ରିପାଠୀ, ଦେବ ପ୍ରକାଶ ମହାନ୍ତି, ଜିତେନ୍ଦ୍ର ରାଉତ ପ୍ରମୁଖ କହିଛନ୍ତି ଯେ, ୬୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରସ୍ତୁତ ଜମାବନ୍ଦୀ ଭୂ-ସଂସ୍କାର ଆଇନ, ଓଡିଶା ଜମିଦାରି ଉଚ୍ଛେଦ ଆଇନ ଓ ଅଦାଲତଙ୍କ ଆଦେଶ ବଳରେ ପ୍ରସ୍ତୁତ ହୋଇଥିବାବେଳେ ବନ୍ଦୋବସ୍ତ ଅଧିକାରୀ ବେଆଇନ୍ ଭାବେ ଏହାକୁ ଅସ୍ୱୀକାର କରିବାରୁ ଏହି ପ୍ରକାର ବିବାଦ ସମାଧାନ ହୋଇପାରୁ ନାହିଁ। ଯଦି ସ୍ଥାନୀୟ ଅଧିବାସୀଙ୍କ ଜମିର ରେକର୍ଡ ନ ଥାଏ ସେମାନଙ୍କୁ ଭୂମିହୀନ ରୂପେ ପରିଗଣିତ କରାଯାଏ। ତେବେ କେଉଁ ଉଦ୍ଦେଶ୍ୟରେ ପୌର ନିର୍ବାଚନ କରାଯିବ। ଏହା ଜନସାଧାରଣଙ୍କ ମନରେ ଏକ ପ୍ରଶ୍ନବାଚୀ ହୋଇଛି। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଗତ ୩୦।୧୧।୨୦ରେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ, ଜିଲାପାଳ ଯାଜପୁର, କୋରାଇର ପୂର୍ବତନ ବିଧାୟକ ଆକାଶ ଦାସ ନାୟକ, ବର୍ତ୍ତମାନର ବିଧାୟକ ଅଶୋକ କୁମାର ବଳଙ୍କୁ ଚିଠି ମାଧ୍ୟମରେ ଜମିର ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ କମିଟି ସଦସ୍ୟ ଜଣାଇଛନ୍ତି।

## ୨ ପୂର୍ବତନ ଛାତ୍ର ଗିରଫ

**ଉତ୍କଳ ବିଶ୍ୱ ବିଦ୍ୟାଳୟ ଗୋଷ୍ଠୀ ସଂଘର୍ଷ ଘଟଣା**

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଉତ୍କଳ ବିଶ୍ୱ ବିଦ୍ୟାଳୟ ଦୁଇ ଛାତ୍ର ଘୋଷ୍ଠୀ ସଂଘର୍ଷ ମାମଲାରେ ଗୁରୁବାର ଶହୀଦନଗର ଥାନା ପୋଲିସ ଉଭୟ ପକ୍ଷରୁ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସମ୍ବଲପୁର ଜିଲାର ଅଖିଳେଶ କୁମାର ଯାଦବ ଓ ଭୁବନେଶ୍ୱର ଭିଏସ୍‌ଏସ୍ ନଗର ଅଞ୍ଚଳର ମନୋରଞ୍ଜନ ସ୍ୱାଇଁ। ମାମଲା ନ.୩୪ ଓ ୩୫/୨୧ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଗିରଫ ଦୁଇଜଣ ଅଣଛାତ୍ର ଥିବା ନେଇ ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟ ଖୋଲିବାର କିଛିଦିନ ପରେ ଅର୍ଥାତ୍ ଗତ ୧୮ ତାରିଖରେ କ୍ୟାମ୍ପସ୍‌ରେ ଦୁଇ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। କ୍ୟାଣ୍ଟିନ୍‌ରେ ଖାଇବା ଓ ବିଶ୍ୱବିଦ୍ୟାଳୟରେ ଚାଲୁଥିବା ଲନ୍ କାର୍ଯ୍ୟର ଟେଣ୍ଡରକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏଥିରେ ଉଭୟ ପକ୍ଷରୁ ୪ଜଣ ଆହତ ହୋଇଥିଲେ। ଏନେଇ ଉଭୟ ପକ୍ଷରୁ ଶହୀଦନଗର ଥାନାରେ ଅଭିଯୋଗ କରାଯାଇଥିଲା। ଏହିଆଧାରରେ ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

**ପ୍ରଥମ ପୃଷ୍ଠାରୁ**

## ପ୍ରେମିକ ରାକେଶଙ୍କୁ...

ମୃତା ଛାତ୍ରୀଙ୍କ ଏକ ଚପଲ ଖସି ପଡ଼ିଥିବା ପ୍ରାଥମିକ ତଦନ୍ତରେ ଜଣାପଡ଼ିଛି। ତେବେ ମୃତଦେହ ବୋହିବାରେ କେବଳ ସ୍କୁଟି ବ୍ୟବହାର କରାଯାଇଛି ନା ଚାରି ଚକିଆ ଯାନରେ ଅଣାଯାଇ ବାଟରେ ଏହାକୁ ସ୍କୁଟିରେ ରଖାଯାଇ ନିଆଯାଇଥିଲା ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନ ଥିବା ପୋଲିସ କହୁଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବାପରେ ମୃତ୍ୟୁର ରହସ୍ୟ ଉପରୁ ପରଦା ହଟି ପାରିବ ବୋଲି କୁହାଯାଉଛି। ଇତିମଧ୍ୟରେ ପୋଲିସ ମୃତାଛାତ୍ରୀଙ୍କ ପରିବାର ଲୋକ, ସମ୍ପର୍କୀୟ ଓ ତରଭୁଜ ବ୍ୟବସାୟୀଙ୍କ ସମେତ ୭ଜଣଙ୍କ ବୟାନ ରେକର୍ଡ କରିଛି। ମୃତାଛାତ୍ରୀଙ୍କ ମୋବାଇଲ ଫୋନ, ବୟାନ ରେକର୍ଡଭୁକ୍ତ ହୋଇଥିବା ବ୍ୟକ୍ତି, ସିସି ଟିଭି ଫୁଟେଜରୁ ମିଳିଥିବା ସ୍କୁଟିକୁ ନେଇ ଯାଞ୍ଚ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସେ ସମ୍ପର୍କରେ ଅଧିକ କିଛି ତଥ୍ୟ ମିଳିପାରିବ ବୋଲି ପୋଲିସ ଆଶା ରଖିଛି। ମୃତଦେହକୁ ଭୁବନେଶ୍ୱରରୁ ସ୍କୁଟିରେ ବୁହାହୋଇ ଆସିବା କଥାକୁ ସହଜରେ ବିଶ୍ୱାସ କରିହେଉ ନାହିଁ। କାରଣ ବାଟରେ ଏକାଧିକ ଟ୍ରାଫିକ୍, ଛକ, ବଜାର ରହିଛି। ମଙ୍ଗୁଳି ଟୋଲଗେଟ୍ ମଧ ରହିଛି। ବାରବାଟୀ ପରିବା ବଜାର ଭଳି ଜନଗହଳିପୂର୍ଣ୍ଣ ସ୍ଥାନ ରହିଛି। ରାଜପଥ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ଏକାଧିକ ଡାଇଭର୍ସନ ଓ ସ୍ପିଡ୍ ବ୍ରେକର ଲଗାଯାଇଛି। ଏହାସତ୍ତ୍ୱେ ପ୍ରାୟ ୮୦ କି.ମି ଦୂର ରାସ୍ତାକୁ ଏକ ସ୍କୁଟିରେ ମୃତଦେହ ବୁହା ହୋଇ ଅଣାଯିବା କିପରି ସମ୍ଭବ ହେଲା, ତାକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଝରାଫୁଲ ତାଙ୍କ ଧରମବାପା ଚକ୍ରଧର ବେହେରାଙ୍କ ଘରେ ରହି ପାଠ ପଢୁଥିଲେ। ମହାମାରୀ କରୋନା ପାଇଁ କଲେଜ ବନ୍ଦ ଥିବାରୁ ଝରାଫୁଲ ଗାଁକୁ ଫେରି ଯାଇଥିଲେ। ଗତ ୨୫ ତାରିଖରେ ଚକ୍ରଧରଙ୍କ ଝିଅର ଜନ୍ମ ଦିନ ଥିବାରୁ ଝରାଫୁଲ ଗାଁରୁ ଭୁବନେଶ୍ୱର ଆସିଥିଲେ।୨୬ ତାରିଖରେ ପୂର୍ବାହ୍ନ ୧୧ଟାରେ ଜୟଦେବ ବିହାରରେ ଝରାଫୁଲଙ୍କୁ ଯଶିପୁର ଯାଉଥିବା ଝାଡେଶ୍ୱର ବସ୍‌ରେ ଚକ୍ରଧର ବସାଇଥିଲେ। କିନ୍ତୁ ଅସୁସ୍ଥ ଦର୍ଶାଇ ଝରାଫୁଲ ବାଣୀବିହାର ଷ୍ଟପେଜରୁ ଓହ୍ଲାଇ ଥିଲେ। ଝରାଫୁଲ ବସ୍‌ରେ ବସିବାର କିଛି ସମୟ ପରେ ବାପା ରମାକାନ୍ତ ଫୋନ୍ କରିଥିଲେ। ଝରାଫୁଲ ଫୋନ୍ ରିସିଭ୍ କରି ଦେହ ଅସୁସ୍ଥ ଲାଗିବାରୁ ସାଙ୍ଗ ସୋନାଲିଙ୍କ ଘରେ ଅଛି ବୋଲି କହିଥିଲେ। ତା'ପରଠାରୁ ତାଙ୍କ ମୋବାଇଲ୍ ବନ୍ଦ ରହିଥିଲା। ତେବେ ସେ ସୋନାଲିଙ୍କ ଘରେ ରାତିରେ ରହିଥିଲେ କି ଅନ୍ୟ କୁଆଡ଼େ ଯାଇଥିଲେ, ତାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଉକ୍ତ ରାତିରେ ହିଁ ଅଭିଯୁକ୍ତମାନେ ଚକ୍ରାନ୍ତ କରି ଝରାଫୁଲଙ୍କ ଜୀବନକୁ ସବୁଦିନ ପାଇଁ ଅନ୍ଧାରକୁ ଠେଲି ଦେଇଥିଲେ। ତେଣୁ ଝରାଫୁଲଙ୍କ ହତ୍ୟା ପଛରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୃଢ ଶାସ୍ତି ମିଳିବା ଦରକାର ବୋଲି ମା'ବାପା, ଭାଇ ଓ ପରିବାର ଲୋକ ଗଣମାଧ୍ୟମ ନିକଟରେ ଅଭିଯୋଗ ଆଣିଛନ୍ତି।


ପୋଲିସ ହେପାଜତରେ ପ୍ରେମିକ ରାକେଶ।

## ସଂକ୍ଷେପରେ

### ଶ୍ରୀନୀଳମାଧବଙ୍କ ଦେବାଭିଷେକ
### ସୁନାବେଶ ଦର୍ଶନ କଲେ ଶ୍ରଦ୍ଧାଳୁ



ଖଣ୍ଡପଡ଼ା,୨୮।୧(ସ୍ୱ.ପ୍ର.): ଗୁରୁବାର ପବିତ୍ର ପୌଷ ପୂର୍ଣ୍ଣିମୀ ଅବସରରେ ଶ୍ରୀନୀଳମାଧବଙ୍କ ଦେବାଭିଷେକ ପାରମ୍ପରିକ ରୀତିରେ ଶେଷ ହୋଇଛି। ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରିଛନ୍ତି। ଗୁରୁବାର ଭୋର ୫ଟାରେ ଶ୍ରୀଜୀଉଙ୍କ ପହଡ଼ ଭଙ୍ଗ ଓ ମଙ୍ଗଳଆଳତି ପରେ ମଇଲମ, ତଡ଼ପ ଲାଗି ଏବଂ ଅବକାଶ ବଢ଼ିଥିଲା । ଏହାପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ଭଅଣ୍ଡ ପୂଜା ଧୂପ ଓ ହୋମ ଅନୁଷ୍ଠିତ ହୋଇଥିଲା। ସାଢ଼େ ୧୧ଟାରେ ଅମୃତମଣୋହି ହୋଇ ଛତିଶା ନିଯୋଗ ସଂକୀର୍ତ୍ତନ, ଛତି ତ୍ରାସ ସହ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ପାର୍ଥସାରଥି ହାଁସଦା ଓ ଦେବୋତ୍ତର ମ୍ୟାନେଜର ହରିହର ଦାଶ ମା’ ଲକ୍ଷ୍ମୀଙ୍କ ମନ୍ଦିରକୁ ଅଙ୍କୁରାରୋପଣ ସାମଗ୍ରୀ ନେଇ ଯାଇଥିଲେ । ଦୁଷ୍ମନ୍ତ କୁମାର ସ୍ୱାଇଁ ମା’ଙ୍କୁ ପ୍ରଥମ ଭେଟି ପ୍ରଦାନ ପରେ ପୂଜାର୍ଚ୍ଚନା କରି ଶ୍ରୀଜୀଉଙ୍କ ନିକଟକୁ ନିମନ୍ତ୍ରଣ କରି ଆଣିଥିଲେ । ମା’ ଲକ୍ଷ୍ମୀ ବିଜେ ହେବା ପରେ ନୀଳମାଧବ ଜୀଉଙ୍କ ଶ୍ରୀପ୍ରୟର ଲାଗି ଅଭିଷେକ ନୀତି ସୁନାବେଶ ସମ୍ପନ୍ନ ହୋଇଥିଲା । ପ୍ରାୟ ମଧ୍ୟାହ୍ନ ସାଢ଼େ ୧୨ଟାରେ ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀଜୀଉଙ୍କ ପାଟବସ୍ତ୍ର ଲାଗି ହେବା ପରେ ଅପରାହ୍ନ ୧ଟାରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ସାହାଣ ମେଳା ହୋଇଥିଲା । ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଠାକୁରଙ୍କ ସୁନାବେଶ ଦର୍ଶନ କରିଥିଲେ ।

### ଫରେଷ୍ଟଗାର୍ଡଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ ଅଫିସ,୨୮।୧: ଏକ ଲାଞ୍ଚ ମାମଲାର ବିଚାର କରି ଫୁଲବାଣୀ ଭିଜିଲାନ୍ସ ବିଚାରପତି ସତ୍ୟପୀର ମିଶ୍ର ଅଭିଯୁକ୍ତ ଫରେଷ୍ଟ ଗାର୍ଡଙ୍କୁ ଗୁରୁବାର ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ମଧ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସମ୍ପୃକ୍ତ ଫରେଷ୍ଟ ଗାର୍ଡ୍ ହେଲେ ମନୋରଞ୍ଜନ ଅମାତ। ସେ ଏବେ ରାଇକିଆ ବ୍ଲକ କରଡା ରେଞ୍ଜ ଇନ୍ଦ୍ରଗଡଠାରେ କାର୍ଯ୍ୟରତ। ୨୦୧୮ରେ ଟିକାବାଲି ଫରେଷ୍ଟ ରେଞ୍ଜ ଶଙ୍କରାଖୋଲଠାରେ ମନୋରଞ୍ଜନ ଫରେଷ୍ଟ ଗାର୍ଡ ଭାବେ କାମ କରୁଥିଲେ। ସେହି ସମୟରେ କୂଅ ଖୋଳିବାକୁ ସରକାରୀ କାର୍ଯ୍ୟାଦେଶ ପାଇଥିବା ସିର୍କାକୁଟି ଗ୍ରାମର ଶ୍ରୀମୁଖୀ କହଁରଙ୍କଠାରୁ ପଥର ସଂଗ୍ରହ ପାଇଁ ମନୋରଞ୍ଜନ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ୨୦୧୮ ମେ’ ୧୬ରେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ବ୍ରହ୍ମପୁର ଭିଜିଲାନ୍ସ କେସ ନଂ.୨୧/୧୮ରେ ମାମଲା ରୁଜୁ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପ୍ରଦୀପ୍ତ ଦୋରା ମାମଲା ପରିଚାଳନା କରୁଥିଲେ।

# ମୋ ସ୍କୁଲ ଅଭିଯାନରେ ୨୨ ହଜାର ବିଦ୍ୟାଳୟ ସାମିଲ

ଭୁବନେଶ୍ୱର, ୨୮।୧(ବ୍ୟୁରୋ)

ମୋ ସ୍କୁଲ ଅଭିଯାନରେ ରାଜ୍ୟର ୨୨ ହଜାର ବିଦ୍ୟାଳୟ ସାମିଲ ହୋଇଛନ୍ତି। ୪,୬୭୪ ବିଦ୍ୟାଳୟରେ ୩୨ କୋଟି ୫୪ ଲକ୍ଷ ୨୩ ହଜାର ୫୯୯ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି।୮,୦୩୨ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ୧୬୨୮ଟିର କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଜିଲାସ୍ତରରେ ତଦାରଖ ଦଳ ଗଠନ କରାଯାଇ ପ୍ରକଳ୍ପ କାମ ତ୍ୱରାନ୍ୱିତ କରାଯାଉଛି। ମୋ ସ୍କୁଲ ଅଭିଯାନରେ ୩.୬୦ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଡ଼ି ହୋଇଛନ୍ତି। କରୋନା ସତ୍ତ୍ୱେ ଚଳିତବର୍ଷ ଜାନୁୟାରୀ ୨୦ ସୁଦ୍ଧା ସେମାନେ ପ୍ରାୟ ୩୦ କୋଟିଟଙ୍କା ପ୍ରଦାନ କରିଛନ୍ତି। ଗତ ମାସକ ଭିତରେ ୨୪ ହଜାର ପୁରାତନ ଛାତ୍ରଛାତ୍ରୀ ୧୦.୮୫ କୋଟି ଟଙ୍କା ଦେଇଛନ୍ତି। ବାଲେଶ୍ୱର ଜିଲାରୁ ୩.୩୨ କୋଟି, କେନ୍ଦୁଝରରୁ ୧.୯୦ କୋଟି, ଭଦ୍ରକ ଜିଲାରୁ ୭୦.୯୬ ଲକ୍ଷ, ପୁରୀ ଜିଲାରୁ ୪୪.୯୩ଲକ୍ଷ ଏବଂ ସମ୍ବଲପୁର ଜିଲାରୁ ୩୮.୯୧ ଲକ୍ଷ ଟଙ୍କା ମିଳିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ‘ମୋ ସ୍କୁଲ ଅଭିଯାନ’ର ୨୧ତମ କାର୍ଯ୍ୟକାରୀ ପରିଷଦ ବୈଠକରେ ଏହି ସୂଚନା ଦିଆଯାଇଛି। ଅପରପକ୍ଷେ ‘ମୋ ସ୍କୁଲ ଅଭିଯାନ’ ଅଧୀନରେ ଆରମ୍ଭ ହୋଇଥିବା ‘ସ୍କୁଲ ଆଡପ୍ସନ୍’ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ସେଲ୍ ଗଠନ କରାଯାଇଛି। ପ୍ରୋଜେକ୍ଟ ମନିଟରିଂ ୟୁନିଟ୍‌କୁ ଅଧିକ ସଶକ୍ତ କରି ସ୍କୁଲ ଆଡପ୍ସନ୍ ଅଭିଯାନକୁ କ୍ରିୟାଶୀଳ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଟେଲିଫୋନ୍ ନମ୍ବର ୦୬୭୪-୨୩୯୩୯୩୩ ଏବଂ ମୋବାଇଲ ନମ୍ବର-୯୮୬୧୪୯୦୯୨୯ର ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଥିଲା।

## ଓଡ଼ିଶା ସୀମାରେ ପଶି ଆନ୍ଧ୍ର ଜଙ୍ଗଲ ବିଭାଗର ଜମି ମାପଚୁପ

ପଟ୍ଟାଙ୍ଗୀ,୨୮।୧(ଡି.ଏନ୍.ଏ.)

**ବିରୋଧ କଲେ ଜାମୁଗୁଡ଼ା ଗ୍ରାମବାସୀ**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମ୍ପାଇ ପଞ୍ଚାୟତର ଆନ୍ଧ୍ର ସୀମାନ୍ତ ଜାମୁଗୁଡ଼ା ଏବଂ ଗୁନାବେଡା ଗ୍ରାମବାସୀଙ୍କ ସହ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲା ଗୁରୁଗୁଡ଼ା ବ୍ଲକର ବିତୁଗାଣ୍ଡା, କର୍ଲାପୁଟ, ଡେକାପାର, ବଡଲାମ୍ବଗୁଡା ଓ ନିଟାଆମ୍ବ ଗ୍ରାମବାସୀଙ୍କ ମଧ୍ୟରେ ଜଙ୍ଗଲ ଜମି ଓ ପଟ୍ଟା ଚାଷଜମିକୁ ନେଇ ଆରମ୍ଭ ହୋଇଥିବା ବିବାଦର କୌଣସି ସମାଧାନ ସୂତ୍ର ଏଯାଏ ବାହାରି ନାହିଁ। ଏପରି ସ୍ଥଳେ ଗୁରୁବାର ପୁଣି ଏକ ବିବାଦ ଆରମ୍ଭ ହୋଇଛି। ସମ୍ପାଇ ପଞ୍ଚାୟତ ଜାମୁଗୁଡା ଗ୍ରାମବାସୀଙ୍କ ସୂଚନାକ୍ରମେ ଜାମୁଗୁଡା ଗ୍ରାମ ନିକଟସ୍ଥ ଆନ୍ଧ୍ରର ନିଟାଆମ୍ବ ଗ୍ରାମଠାରୁ ପାଖରେ ଥିବା ପାହାଡ଼ ଉପରେ ୭୪ ଏକର ୪୫ ସେଣ୍ଟ ଜଙ୍ଗଲ ଜମିକୁ ଆନ୍ଧ୍ର ଗ୍ରାମବାସୀ ଅକ୍ତିଆର କରି ରହିଥିବା ଜଣା ପଡିବା ପରେ ସୀମାନ୍ତ ଡେକାପାର ଓ ନିଟାଆମ୍ବ ଗ୍ରାମବାସୀ ଏହାକୁ ଛାଡ଼ି ପଳାଇଥିଲେ। କିଛି ଦିନ ନୀରବତା ପରେ ପୁଣି ଡେକାପାର ଗ୍ରାମବାସୀ ଗୁରୁବାର ଆନ୍ଧ୍ରର ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଏକ ୧୧ ଜଣିଆ ଟିମ୍‌କୁ ନେଇ ଓଡ଼ିଶା ସୀମା ଭିତରକୁ ପଶି ଜମି ମାପଚୁପ କରୁଥିବା ବେଳେ ଓଡିଶାର ଜାମୁଗୁଡା ଗ୍ରାମବାସୀ ଦେଖିଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚି ଏହି ମାପଚୁପର ତୀବ୍ର ବିରୋଧ କରି ପାଟିତୁଣ୍ଡ କରିଥିଲେ। ଫଳରେ ଘଟଣାସ୍ଥଳରୁ ଆନ୍ଧ୍ର ଜଙ୍ଗଲ ବିଭାଗ କର୍ମଚାରୀ, ଅଧିକାରୀ ଏବଂ ସେମାନଙ୍କ ସହ ଥିବା ଗ୍ରାମବାସୀ ଚାଲିଥିଲେ। ଖବର ପାଇ ସ୍ଥାନୀୟ ଥାନା ଅଧିକାରୀ ବିଜୟରାଜ ମାଝି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଏନେଇ ସ୍ଥାନୀୟ ତହସିଲଦାର ହରିପଦ ମଣ୍ଡଳଙ୍କୁ ପଚାରିବାରୁ ଏ ସମ୍ପର୍କରେ ମୋ ପାଖକୁ କୌଣସି ଖବର ଆସିନାହିଁ। ଏହାର ତଦନ୍ତ କରାଯିବ ବୋଲି ମଣ୍ଡଳ କହିଥିଲେ। ସୂଚନାଯୋଗ୍ୟ, ଏହିସୀମାନ୍ତ ମାପଚୁପ ସମ୍ପର୍କରେ ଆନ୍ଧ୍ର ଜଙ୍ଗଲ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ତାଙ୍କ ପୋଲିସକୁ ଜଣାଇନାହାନ୍ତି।

# ଲଳିତ ଥିଲେ ସେବା, ସମର୍ପଣର ପ୍ରତୀକ

ବଲାଙ୍ଗୀର ଅଫିସ, ୨୮।୧



ଅତିଥିମାନେ ଶ୍ରଦ୍ଧାଞ୍ଜଳି ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ଦ୍ୱାଦଶାହ ଉପଲକ୍ଷେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**

ବିଶିଷ୍ଟ ସାମାଜିକ କର୍ମୀ, ଶ୍ରମିକନେତା ଲଳିତ କୁମାର ନାୟକଙ୍କ ଦ୍ୱାଦଶାହ ଅବସରରେ ରାଜ୍ୟର ବିଶିଷ୍ଟ ରାଜନେତା, ବୁଦ୍ଧିଜୀବୀ, ସହସ୍ରାଧିକ କର୍ମଚାରୀ ଓ ସାଧାରଣବର୍ଗ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ନାୟକ ସେବା, ଶ୍ରଦ୍ଧା ଓ ସମର୍ପଣର ପ୍ରତୀକ ଥିଲେ ବୋଲି କହିଛନ୍ତି। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହ ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ଏଥିରେ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ, ମୌଲାନା ଅବ୍ଦୁଲ୍ ମଲିକ୍, ପାଷ୍ଟର ରେଭରେଣ୍ଡ ଉର୍ଜଅ ପାଣି ଓ ବାବା ଭୂପେନ୍ଦ୍ର ସିଂ ଯୋଗଦେଇଥିଲେ। ଅରବିନ୍ଦ ଦାସ, ପ୍ରଭାସ ପାଣିଗ୍ରାହୀ, ଡା ବେଣୁଧର ପାଣ୍ଡେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ବିଧାୟକ ନରସିଂହ ମିଶ୍ର ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ନାୟକଙ୍କୁ ଓଡିଶାରେ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ କ୍ଷେତ୍ରରେ ଜଣେ ଅଗ୍ରଦୂତ ବୋଲି କହିଥିଲେ। ଲଳିତ ତାଙ୍କ ସମାଜସେବା ଓ ରକ୍ତଦାନ ପାଇଁ ଚିରଦିନ ମନେ ରହିବେ ବୋଲି କହିଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ ତାଙ୍କ ବକ୍ତବ୍ୟରେ ପୀଡିତ ଲୋକଙ୍କ ପ୍ରତି ସ୍ୱର୍ଗତ ନାୟକଙ୍କ ଦରଦ ଓ ସେବା ମନୋଭାବକୁ ଯୁବପିଢ଼ି ଆଦରି ନେବା ଉଚିତ୍ ବୋଲି କହିଥିଲେ । ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ସ୍ୱର୍ଗତ ନାୟକଙ୍କୁ ସବୁ ପିଢ଼ିର ପ୍ରେରଣାଦାତା କହିଥିଲେ । ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସାଧାରଣ ଲୋକଙ୍କ ସମସ୍ୟା ନେଇ ସବୁ ଦଳର ରାଜନେତାଙ୍କ ପାଖରେ ପହଞ୍ଚି ଏହାର ସମାଧାନ ରାସ୍ତା ବାହାର କରିବାରେ ସ୍ୱର୍ଗତ ନାୟକ ସବୁଠୁ ସଫଳ ବ୍ୟକ୍ତି ଥିଲେ ବୋଲି କହିଥିଲେ। କନ୍ଧମାଳ ବିଧାୟକ ମହୀଧର ରଣା ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ନାୟକ ମାନବ ଜାତିର ଜଣେ ପରମ ସେବାକାରୀ ଥିଲେ ଓ ତାଙ୍କ ବିୟୋଗ ଗଭୀର ଶନ୍ୟସ୍ଥାନ ସୃଷ୍ଟି କରିଛି ବୋଲି କହିଥିଲେ। ଅରୁନ୍ଧତୀ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବ୍ରହ୍ମାନନ୍ଦ ମେହେର ସ୍ୱର୍ଗତ ନାୟକଙ୍କ ଭଳି ଯୋଗଜନ୍ମା ସମାଜସେବୀ ଓ ଶ୍ରଦ୍ଧାଶୀଳ ପ୍ରେରଣାଦାତା କ୍ୱଚିତ୍ ଜନ୍ମ ନିଅନ୍ତି ବୋଲି କହିଥିଲେ । ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ସ୍ୱର୍ଗତ ନାୟକଙ୍କୁ ସେବାର ନାୟକ ବୋଲି କହିଥିଲେ। ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍ ପକ୍ଷରୁ ପ୍ରକାଶିତ ଏକ ଶ୍ରଦ୍ଧାଞ୍ଜଳି ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡା, ବୌଦ୍ଧ, ବରଗଡ, ଦେବଗଡ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ପୁରୀ, କଟକ, ଖୋର୍ଦ୍ଧା ଓ ଅନ୍ୟ ଜିଲାରୁ ବିଭିନ୍ନ ଶ୍ରମିକ ସଙ୍ଗଠନ, ଟ୍ରେଡ୍ ୟୁନିଅନ୍, ସାମାଜିକ, ସାଂସ୍କୃତିକ ସଙ୍ଗଠନର ସହସ୍ରାଧିକ ସଦସ୍ୟ ଓ ଜନସାଧାରଣ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ। ଶେଷରେ ବୀରେନ୍ଦ୍ର କୁମାର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ ।

## ବଳକା ଧାନ ନ କିଣିଲେ ଆନ୍ଦୋଳନ

ଭୁବନେଶ୍ୱର, ୨୮।୧(ବ୍ୟୁରୋ)

ରାଜ୍ୟରେ ଧାନସଂଗ୍ରହ କାର୍ଯ୍ୟକ୍ରମ ବାଟବଣା ହୋଇଛି। ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଅନେକ ଜିଲାରେ ହଜାର ହଜାର ବସ୍ତା ଧାନ ମଣ୍ଡି ଓ ଖଳାରେ ପଡ଼ିଛି। ଟୋକନ ଦିଆଯାଇଥିବା ବେଳେ ଆବଶ୍ୟକ ମୁତାବକ ଟାର୍ଗେଟ ଦିଆଯାଉନାହିଁ। ମଣ୍ଡି ବନ୍ଦ ହେବାକୁ ଗଲାଣି। ବସ୍ତା ପିଛା ୫ରୁ ୭ କେଜି କଟ୍‌ନି ଛଟନି କରାଯାଉଛି। ଚାଷୀଙ୍କ ବଳକା ଧାନ କିଣା ନ ଗଲେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ୧୧ ଜଣିଆ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୧ କୁଇଣ୍ଟାଲ ଧାନ ଉତ୍ପାଦନରେ ହାରାହାରି ୨୪୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। କେନ୍ଦ୍ର ସରକାର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୧୮୬୮ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏହାକୁ ଦେଖିଲେ ଚାଷୀ ପ୍ରତି କୁଇଣ୍ଟାଲରେ ୫୩୨ ଟଙ୍କା କ୍ଷତି ସହୁଛନ୍ତି। ସ୍ୱାମୀନାଥନ୍ କମିଟି ସୁପାରିସ ଆଧାରରେ କୃଷି ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ମୂଲ୍ୟ ବୃଦ୍ଧି କରାଯିବା ପାଇଁ ପ୍ରଧାନମନ୍ତ୍ରୀ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିୟମ ଓ ବାସ୍ତବତା ମଧ୍ୟରେ ଥିବା ପାର୍ଥକ୍ୟ ଯୋଗୁ ଚାଷୀ ହଇରାଣ ହେଉଛନ୍ତି। ରାଜ୍ୟ ସରକାର ସମସ୍ୟା ବୁଝି ଚାଷୀଙ୍କଠାରୁ ସମସ୍ତ ବଳକା ଧାନ ଯୁଦ୍ଧକାଳୀନ ଭିତ୍ତିରେ କିଣିବା ସହ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ଉପରେ ୫୦୦ ଟଙ୍କା ବୋନସ୍ ଦେବା ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ, ୨ ଗିରଫ

ଛତ୍ରପୁର,୨୮।୧(ଡି.ଏନ୍.ଏ.)

ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ୨ ଅଭିଯୁକ୍ତଙ୍କୁ ଗୁରୁବାର ଛତ୍ରପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଛତ୍ରପୁର ଥାନା ଅଧିନ ହଂସପୁର ଗାଁର ଭାଗିନୀ ପ୍ରଧାନ ଓ ବୁଲୁ ପ୍ରଧାନ । ବୁଧବାର ମହିଳା ବିଲକୁ କାମ କରିବାକୁ ଯାଉଥିବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଛତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା । ଏ ନେଇ ନଂ.୩୪/୨୧ରେ ମାମଲା ରୁଜୁ କରାଯାଇଥିଲା ।


**ତହସିଲଦାରଙ୍କ କାର୍ଯ୍ୟାଳୟ, ଆନନ୍ଦପୁର**
**ଶୁଦ୍ଧିପତ୍ର**

ବିଜ୍ଞାପନ ସଂଖ୍ୟା 596 ତା28.1.2021ରିଖ

ପୂର୍ବ ପ୍ରକାଶିତ ଅତ୍ର କାର୍ଯ୍ୟାଳୟ ଜ୍ଞାପକ ସଂଖ୍ୟା ୧୪୧ ତା୦୭।୦୧।୨୦୨୧ର ସୂଚନା କ୍ରମେ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଉକ୍ତ ବିଜ୍ଞାପନରେ ପ୍ରକାଶିତ ବୈତରଣୀ ନଦୀ ବାଲି ଶଯ୍ୟା, ଟୁକୁଣା ସଇରାତ ଉପରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର, ଭୁବନେଶ୍ୱରଙ୍କ ଇଜିଲାସରେ ବିଚାରାଧୀନ ଥିବାରୁ ଉକ୍ତ ଉତ୍ସ ପାଇଁ ଗ୍ରହଣ କରାଯାଇଥିବା ମୁଦ୍ରିତ ନିଲାମ ଦରଖାସ୍ତଗୁଡିକୁ ପୂର୍ବ ନିର୍ଦ୍ଧାରିତ ତାରିଖ ତା୨୯।୦୧।୨୦୨୧ରିଖ ଦିନ ଖୋଲା ନ ଯାଇ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର, ଭୁବନେଶ୍ୱରଙ୍କଠାରୁ ଆଦେଶ ପ୍ରାପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା। ପରବର୍ତ୍ତୀ ସମୟରେ ତାରିଖ ନିର୍ଦ୍ଧାରଣ କରାଯାଇ ଯଥାବିଧି ପ୍ରକାଶନ କରାଯିବ।

ସ୍ୱା./- ତହସିଲଦାର, ଆନନ୍ଦପୁର

**DISTRICT OFFICE, CUTTACK**
**(Social Welfare Section)**
**TENDER CALL NOTICE**
No.399/ SW Dated:25.01.21

Sealed tenders are invited from the reputed printing press for printing & supply of "NUA ARUNIMA HAND BOOK AND MO BIKAS PATRA" in all ICDS projects of Cuttack District for the year 2019-2020.

The tender papers for the above purpose containing the terms and conditions and statutory requirement can be obtained from the Office of the DSWO, Cuttack on a non-refundable payment of Rs.5,000/- Rupees (Five thousand) only from 27.01.21 to 10.02.21 any working day during office hours only.

The details of tender can be downloaded from the District Website **http://cuttack.nic.in**

**Sd./- COLLECTOR, CUTTACK**

idco | Your power to grow | ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL)**
**IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT/E-4100/19-20/177 Dated: 22.01.2021
No. CAD-1137 **NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Construction of 11/0.4KV, 250KVA Plint mounted substation, Construction of 11KV OH line and L.T. OH line for power supply to I.E., Kangula, Angul.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid Id No. BBSR/ ELECT/e-14/20-21 | 01.02.2021 at 12.00 hrs. | 09.02.2021 at 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

Sd./- Divisional Head (Elect), IDCO, Bhubaneswsar
OIPR-14003/11/0115/2021

**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION, JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA**
Tel: 0674-2395734, FAX: 0674-2394946, e-mail: cerwssodisha@gmail.com
**NOTICE INVITING BID**
**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**
**No. 830 / Date: 27.01.2021**
**Request for Proposal (RFP)**

No.-O-983:- The Engineer-in-Chief, RWSS,(Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No. | Indicative project cost (Rs. in crore) | Period for completion & O&M period | Availability of bid document for online bidding | |
|---|---|---|---|---|---|---|
| | | | | | From | To |
| Pkg-I | Execution of 03Nos. Individual Mega PWS to Gajapati & Kandhamal districts including 5 years O&M on EPC contract under the package | EIC, RWSS - 29/20-21 | 691.18 | 24 (Twenty four months) & 60 (Sixty Months) | 17.00 hrs. of 10.02.2021 | 17.00 hrs. of 10.03.2021 |
| Pkg-II | Execution of 02Nos. Individual Mega PWS to Boudh & Kandhamal Districts including 5 years O&M on EPC contract under the package. | EIC, RWSS - 30/20-21 | 730.624 | 24 (Twenty four months) & 60 (Sixty Months) | 17.00 hrs. of 10.02.2021 | 17.00 hrs. of 10.03.2021 |
| Pkg-III | Execution of 02Nos. Individual Mega PWS to Rayagada District including 5 years O&M on EPC contract under the package. | EIC, RWSS - 31/20-21 | 332.25 | 24 (Twenty four months) & 60 (Sixty Months) | 17.00 hrs. of 10.02.2021 | 17.00 hrs. of 10.03.2021 |
| Pkg-IV | Execution of 03Nos. Individual Mega PWS to Koraput District including 5 years O&M on EPC contract under the package. | EIC, RWSS - 32/20-21 | 449.06 | 24 (Twenty four months) & 60 (Sixty Months) | 17.00 hrs. of 10.02.2021 | 17.00 hrs. of 10.03.2021 |
| Pkg-V | Execution of 02Nos. Individual Mega PWS to Ganjam District including 5 years O&M on EPC contract under the package. | EIC, RWSS - 33/20-21 | 355.19 | 24 (Twenty four months) & 60 (Sixty Months) | 17.00 hrs. of 10.02.2021 | 17.00 hrs. of 10.03.2021 |

Name & address of officer inviting bid: Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph: 0674-2395734/ 0674-2531533, e-mail: cerwssodisha@gmail.com. Further details can be seen from the e-procurement portal http://tendersodisha.gov.in
OIPR-25040/11/0014/2021 Sd./- Engineer-in-Chief, RWSS

**GOVERNMENT OF ODISHA** No. B-682
**OFFICE OF THE CHIEF ENGINEER, RESEARCH DEVELOPMENT & QUALITY PROMOTION (R& B), ODISHA**
Unit - IV, Sachivalaya Marg, Bhubaneswar
Telephone: 0674-2396562, E-mail ID: qualitycontrol02@gmail.com
**"e" Procurement Notice**
No. 54 Dated, Bhubaneswar, the 25th January' 2021
**BID IDENTIFICATION No. 01/CE/RDQP/2020-21**

1. Name of Work : Supply of Man Power for various Quality Control Laboratories under Chief Engineer, R.D. & Q.P. (R&B), Odisha, Bhubaneswar during the financial year 2020-21 & 2021-22.
2. Period of Contract : 1 (One) year from the date of issue of work/supply order.
3. Date and time of availability of Bid document in the portal : Dt.01.02.2021 from 10.00 A.M. to Dt.17.02.2021 upto 5.00 P.M.
4. Date & time of receipt of bids in portal : Dt.20.02.2021 upto 5.00 P.M.
5. Name & address of the Officer Inviting Bid : Chief Engineer, R.D. & Q.P. (R&B), Odisha, Unit-IV, Sachivalaya Marg, Bhubaneswar
6. Date and time of opening of Technical Bids online : Dt.22.02.2021 at 12.30 P.M.

Further details can be seen from the website: **http://tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- (Dt.25.01.2021)
Chief Engineer, R.D. & Q.P. (R&B), Odisha
OIPR-34124/11/0001/2021

**OFFICE OF THE** No. O-980
**EXECUTIVE ENGINEER, RWS&S DIVISION, BARIPADA**
Tel. No. 06792-254029, Fax No. 06792-259464
E-mail: eerwss_bpd@rediffmail.com, eerwss_bpd@ori.nic.in
**Govt. of Odisha e-Procurement Notice**
**Bid Identification No. 42 of 2020-21, Date: 20.01.2021**

1. Nature of the Work : Retrofitting of Rural Piped Water Supply Commissioned Projects under different Blocks of Mayurbhanj District in Lump-sum rate contract (13 Packages).
2. Estimated Cost : 98.53 lakhs to 214.31 lakh
3. Period of Completion : (300) days
4. Date and time of availability of bid document in portal : From 11 hours of Dt.02.02.2021 to Dt.09.02.2021 upto 17 hours.
5. Last date/time for receipt of bids in the portal : Both Technical & Financial Bid for each Package upto 17 hours of Dt.09.02.2021
6. Name and Address of the OIT : Executive Engineer, RWS&S Division, Baripada
7. Date & time for Opening of Tender : Dt.10.02.2021 at 11.00 A.M.
8. Corrigendum and addendum if any shall only be published in the above website **http://www.tenderodisha.gov.in**.

Further details can be seen from the e-procurement portal: **"https://tendersodisha.gov.in"**.

Sd./- Executive Engineer
RWS&S Division, Baripada
OIPR-25014/11/0011/2021

No. A-517:-
**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer, Drainage Circle, Balasore.**
**"e" PROCUREMENT NOTICE NO.- SEDCBLS - 04/2020-21**

| | | |
|---|---|---|
| 1 | Name of work: - | Drainage Projects (Under D.I.P. Scheme) |
| 2 | Total No. of Project: - | 1 no. individual work. |
| 3 | Estimated cost of individual works: | Rs.93,49,417/- (Excluding G.S.T.) |
| 4 | Period of completion: - | 11 (Eleven) Calendar months |
| 5 | Bid Identification Number | SEDCBLS/ DDJPR - 04/2020-21 |
| 6 | Date & Time of availability of Bid document in the Portal | From Dt.30.01.2021 at 10.00 hours to Dt.15.02.2021 at 17.00 hours |
| 7 | Date of Opening of technical bid | Dt.17.02.2021 at 11.30Hrs in the O/O The S.E.D.C. Balasore |
| 8 | Procurement Officer/ Name & address of the officer inviting Bids. | Superintending Engineer, Drainage Circle, Balasore. |

Further details can be seen from the Govt. Website **www.tendersorissa.gov.in**

Sd./- Superintending Engineer
Drainage Circle, Balasore.
OIPR-32190/11/0004/2021

**OFFICE OF THE SUPERINTENDING ENGINEER, RAYAGADA (R&B) CIRCLE, RAYAGADA**
e-mail ID-sepwd_rgda@yahoo.com, Phone/Fax No.- 06856-223049
**e-Procurement Notice**
**Bid Identification No. SE (RANDB) RGDA-04/2020-21 (Online)**
No. 97 Date: 21.1.2021
No. B-688:- **INVITATION FOR BIDS**

| | | |
|---|---|---|
| 1. | The **Superintending Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate bids** in **double cover mode** to be received in **online mode** only for the construction of works as detailed in the table below. | |
| 2. | Nature of work | Building works |
| 3. | No. of work | 7 (Seven) Nos. of work |
| 4. | Estimated Cost (Approximately) | Rs.232.77 lakhs, Rs.173.04 lakhs, Rs.269.56 lakhs, Rs.272.17 lakhs, Rs.273.11 lakhs, Rs.271.79 lakhs, Rs.282.95 lakhs. |
| 5. | Bid Cost | Rs.10,000/- (each) |
| 6. | Class of Contractor | "B" Class/ "A" Class as per Financial Eligibility |
| 7. | Availability of Bid Documents in the website | 11.00 hrs of Dt. 01.02.2021 to 16.00 hrs of Dt.17.02.2021. |
| 8. | Date of opening of Bid | 11.00 hrs of Dt.18.02.2021. |
| 9. | The bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

OIPR-34128/11/0004/2021 Sd./- Superintending Engineer
Rayagada (R&B) Circle, Rayagada

**OFFICE OF THE HINJILICUT MUNICIPALITY**
HINJILICUT, (GM), PH: 06811-280025, e-mail ID- hinjilicutmunicipality@gmail.com
Letter No.- HMC 61/2021 Dt. 27.1.21
**EXPRESSION OF INTEREST**

No. C-348: - The Executive Officer, Hinjilicut Municipality on behalf of Hinjilicut Municipality invites "Expression of Interest" from Comptroller & Auditor General Empanelled Audit firms for auditing of annual accounts for the year 2013-14 to 2019-20 of Hinjilicut Municipality Dist-Ganjam. The Expression of Interest should indicate the audit fees, taxes. T.A/D.A. and accommodation charges, if any, separately including all taxes with detail Bio data of the firm and it should reach in the above mentioned address in sealed envelopes through registered/ speed post on or before 08 February 2021 by 12 noon. The criterion for selection is given hereunder. The EOI will be opened in the same day at 3.30 P.M. The interested party or their authorized representative may attend the same.This is also available in our Website www.hinjilicutmunicipality.in.

The authority reserves all the right to accept / reject any or all the "EOI" without assigning any reason thereof.

**TECHNICAL CRITERIA FOR SELECTION**

| CRITERIA | MARKS |
|---|---|
| Nos. of CA in the firm | Up to 10 Nos. - 10 marks |
| | 11 to 20 Nos. - 20 marks |
| Nos. of years of establishment of firm | Up to 15 years - 10 marks |
| | 15-25 years - 15 marks |
| | 25-35 years - 20 marks |
| | above 35 years - 25 marks |
| Turnover per annum | Up to 20 lakh - 10 mrks |
| | 21 to 40 lakh - 15 marks |
| | Above 40 lakh - 20 marks |
| Audit experiece (maximum 30 marks) | Govt. Audit each organization - 5 marks |
| | PSU, Audit each organization - 5 marks |
| Head office in Odisha | 5 marks |

**SCOPE OF WORKS:** Preparation of financial statements i.e. income & expenditure account, Balance sheet, all schedules to income and expenditure and balance sheet, Receipt payment account and trial balance etc. and Bank reconciliation statement audited from 2013-14 to 2019-20 (Year wise).

**Terms & conditions:** **1.** Necessary documents such as GSTN/PAN/Registration of firm/CAG empanelled certificate or documents should be attached. **2.** All documents should be attached as indicate in the criteria for selection.

OIPR-13105/11/0001/2021 Sd./- Executive Officer, Hinjilicut Municipality

**GOVERNMENT OF ODISHA**
**OFFICE OF THE EXECUTIVE ENGINEER MINOR IRRIGATION DIVISION, KEONJHAR**
**NOTICE INVITING TENDER e-Procurement**
**BID ID NO. 05 EEMID (KJR/2020-2021) DT.21.01.2021**

No. A-519: The Executive Engineer, Minor Irrigation Division, Keonjhar on behalf of the Governor of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

- Name of work : Civil Construction works
- No. of Works : 3 (Three) Nos.
- Estimated Cost : Rs.206.40 lakhs (Varies from 60.20 lakh to 77.40 lakh)
- Tender Paper Cost : Mentioned in Column No. 6 of Tender Call Notice
- Period of Completion : 06 (Six) Calendar Months
- Availability of Bid documents : From 01.02.2021 to 10.02.2021 during office hours in Website **(www.tenderorissa.gov.in)**
- Period of receipt of Bid through Online : From 01.02.2021 to 10.02.2021 through Online
- Date of Opening of Bid Documents : At 11.00 A.M. on 11.02.2021 in the Office Chamber of the Executive Engineer, M.I. Division, Keonjhar
- Digital Signature Certificate of Bidder : The bidder must possess Compatible Digital Signature Certificate (DSC) of Class - II or Class - III
- Name of the Address of the OIT : Executive Engineer, M.I. Division, Keonjhar, Near Parkling Keonjhar, At/P.O.- Keonjhar, Dist.- Keonjhar, PIN- 758001, E-mail ID: **eemikjr@yahoo.co.in**

Further details can be seen from the website: **www.tendersorissa.gov.in**.

**(Er. Manas Ranjan Dash)**
**Executive Engineer, M.I. Division, Keonjhar**
OIPR-32123/11/0004/2021

## ସଂକ୍ଷେପରେ

### ସୂର୍ଯ୍ୟକାନ୍ତଙ୍କୁ ସ୍ୱର୍ଣ୍ଣ ପଦକ



**ଭୁବନେଶ୍ୱର, ୨୮।୧(ସ୍ପୋର୍ଟ୍ସ ବ୍ୟୁରୋ):** ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ଭୁବନେଶ୍ୱରର ସୂର୍ଯ୍ୟକାନ୍ତ ପ୍ରଧାନ। ୧୦୫ କେଜି ବିଭାଗ ଓପନ ବେଞ୍ଚ ପ୍ରେସ ପ୍ରତିଯୋଗିତାରେ ୧୮୦ କିଲୋଗ୍ରାମ ଓଜନ ଉଠାଇ ସୂର୍ଯ୍ୟକାନ୍ତ ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୧୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଦ ୱାର୍ଲ୍ଡ ଜିମ୍ ପକ୍ଷରୁ ନୀଳକଣ୍ଠ ପ୍ରଧାନ ସୂର୍ଯ୍ୟକାନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଲୋକୁହେଟିଗେ ଦୋଷୀ ସାବ୍ୟସ୍ତ

**ଦୁବାଇ, ୨୮।୧ (ପି.ଟି.):** ଶ୍ରୀଲଙ୍କାର ଏକ ସ୍ୱାଧୀନ ଟ୍ରିବ୍ୟୁନାଲ ଏକ ଶୁଣାଣି ପରେ ଆଇସିସି ଦୁର୍ନୀତି ନିବାରଣ ଆଚରଣବିଧି ଅନୁସାରେ ପୂର୍ବତନ ପେସ୍ ବୋଲର ଦିଲହରା ଲୋକୁହେଟିଗେଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ୨୦୧୭ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଏକ ଟି୨୦ ଟୁର୍ନାମେଣ୍ଟ ବେଳେ ଲୋକୁହେଟିଗେ ମ୍ୟାଚ୍ ଫିକ୍ସିଂ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଲୋକୁହେଟିଗେ ଆହୁରି ମଧ ଏକ ଟି୧୦ ଲିଗ୍‌ରେ ଅଂଶଗ୍ରହଣକୁ ନେଇ ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ଧାର୍ଯ ଆଚରଣବିଧିର ୩ଟି ଧାରା ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପ୍ରକ୍ରିୟା ଜାରି ରହିଛି। ନିଜ ଦେଶ ତରଫରୁ ୯ ଅନ୍ତର୍ଜାତୀୟ ଦିନିକିଆ ଓ ୨ ଅନ୍ତର୍ଜାତୀୟ ଟି୨୦ ଖେଳିଥିବା ଏହି ପୂର୍ବତନ ପେସ୍ ବୋଲରଙ୍କ ବିରୋଧରେ ଅଣାଯାଇଥିବା ସମସ୍ତ ଅଭିଯୋଗରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଲୋକୁହେଟିଗେଙ୍କ ଆବେଦନକ୍ରମେ ଏକ ସ୍ୱାଧୀନ ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ମାମଲାର ବିଚାର କରିଥିଲା। ପୂର୍ବତନ କ୍ରିକେଟର ବର୍ତ୍ତମାନ ସସ୍‌ପେଣ୍ଡ ରହିବେ। ସମୟକ୍ରମେ ତାଙ୍କୁ ଦଣ୍ଡବିଧାନ କରାଯିବ।

# ଦକ୍ଷିଣ ଆଫ୍ରିକାର ସଂଘର୍ଷ

**କରାଚୀ,୨୮।୧(ଏପି)**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଘରୋଇ ପାକିସ୍ତାନ ସୁବିଧାଜନକ ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୬୯.୨ ଓଭରରେ ୨୨୦ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସ ଆରମ୍ଭ କରି ୧୧୯.୨ ଓଭରରେ ୩୭୮ ରନକରି ଅଲ୍‌ଆଉଟ ହୋଇଛି। ଫଳରେ ପ୍ରଥମ ଇନିଂସରେ ପାକିସ୍ତାନ ୧୫୮ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଏହାପରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଆରମ୍ଭ କରି ଗୁରୁବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୭୫ ଓଭରରେ ୪ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଛି। ଫଳରେ ଦକ୍ଷିଣ ଆଫ୍ରିକା ମୋଟ ଉପରେ ୬ ଉଇକେଟ ହାତରେ ରଖି ମାତ୍ର ୨୯ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ କେଶବ ମହାରାଜ ୨ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ତଥା ଅଧିନାୟକ କ୍ୱିଣ୍ଟନ ଡିକକ୍ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଦଳ ତରଫରୁ ଓପନର ଏଡେନ ମାରକ୍ରମ ୭୪ ଓ ରସି ଭାନ ଡର ଡୁସେନ୍ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଅନ୍ୟତମ ଓପନର ଡିନ୍ ଏଲ୍‌ଗାର ୨୯ ଓ ଅଭିଜ୍ଞ ଫାଫ୍ ଡୁପ୍ଲେସି ମାତ୍ର ୧୦ ରନକରି ପ୍ୟାଭିଲିୟନ ଫେରିଛନ୍ତି। ଏଲ୍‌ଗାର, ଡୁସେନ ଓ ଡୁପ୍ଲେସି ଦ୍ରୁତ ବୋଲର ୟାସିର ଶାହାଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ମାରକ୍ରମ ନୌମାନ ଅଲିଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ୟାସିର ୩ ଓ ନୌମାନ ଅଲି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ରସି ଭାନ ଡର ଡୁସେନ୍

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୦୮/୮ରୁ ପାକିସ୍ତାନ ଖେଳ ଆରମ୍ଭ କରି ଆଉ ଅଧିକ ୭୦ ରନ ସଂଗ୍ରହ କରି ଗୁରୁବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ହାସନ ଅଲି ୧୧ରୁ ଖେଳ ଆରମ୍ଭ କରି ୨୧ ରନ କରି କାଗିସୋ ରାବାଡ଼ାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସେହିପରି ୬ ରନରୁ ଖେଳ ଆରମ୍ଭ କରି ନୌମାନ ଅଲି ୨୪ ରନକରି ମହାରାଜଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୟାସିର ୩୭ ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହ ୩୮ ରନକରି ଅପରାଜିତ ରହିବା ସହ ପାକିସ୍ତାନକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଶେଷ ଉଇକେଟରେ ୟାସିର ଓ ନୌମାନ ୫୫ ରନକରି ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ନିରାଶ କରିଥିଲେ। ପୂର୍ବରୁ ପାକିସ୍ତାନ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଫୱାଦ ଆଲମ ୧୦୯ ରନର ଶତକୀୟ ଇନିଂସ ଖେଳିଥିବା ବେଳେ ଫହିମ ଆଶ୍ରଫ ୬୪, ଆଝାର ଅଲି ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ କାଗିସୋ ରାବାଡ଼ା ଓ କେଶବ ମହାରାଜ ୩ଟି ଲେଖାଏ, ଅନରିଜ ନୋର୍ଜ ଓ ଲୁନ୍‌ଗି ଏନ୍‌ଗିଡି ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ– ୬୯.୨ ଓଭରରେ ୨୨୦ ଅଲଆଉଟ।

ପାକିସ୍ତାନ ପ୍ରଥମ ଇନିଂସ– ୧୧୯.୨ ଓଭରରେ ୩୭୮ ଅଲଆଉଟ (ଫୱାଦ ଆଲମ– ୧୦୯, ଫହିମ ଆଶ୍ରଫ– ୬୪, ଆଝାର ଅଲି– ୫୧, ମହମ୍ମଦ ରିଜୱାନ– ୩୩, ହାସନ ଅଲି– ୨୧, ନୌମାନ ଅଲି– ୨୪, ୟାସିର ଶାହା– ୩୮*, କାଗିସୋ ରାବାଡ଼ା– ୩/୭୦, କେଶବ ମହାରାଜ– ୩/୯୦, ଅନରିଚ ନୋର୍ଜ– ୨/୧୦୫, ଲୁନଗି ଏନ୍‌ଗିଡି– ୨/ ୫୭)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ– ୭୫ ଓଭରରେ ୧୮୭/୪ (ଏଡେନ ମାରକ୍ରମ– ୭୪, ରସି ଭାନ ଡର ଡୁସେନ– ୬୪, ଡିନ ଏଲଗାର– ୨୯, ୟାସିର ଶାହା– ୩/୫୩, ନୌମାନ ଅଲି– ୧/୨୭)।

## ସୁନ୍ଦରଗଡ଼ରେ ସାହାଣୀ କପ୍ ୬ରୁ

**ଭୁବନେଶ୍ୱର, ୨୮।୧(କ୍ରୀଡ଼ା ପ୍ରତିନିଧି)**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ସୁନ୍ଦରଗଡ଼ ଜିଲା ଆଥଲେଟିକ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସିନିୟର ପୁରୁଷ ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଫେବୃୟାରୀ ୬ରୁ ସୁନ୍ଦରଗଡ଼ରେ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ସୁନ୍ଦରଗଡ଼ର ୪ଟି ଭେନ୍ୟୁରେ ଖେଳାଯିବ। ସେଗୁଡ଼ିକ ହେଲା ଭବାନୀପୁର କ୍ରୀଡ଼ା ଛାତ୍ରାବାସ, ସେବତିବାହାଲ, ତସଲାଦେହି ଓ କିଞ୍ଜିରିମାର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅନୁବନ୍ଧିତ ୩୩ଟି ଯାକ ୟୁନିଟ୍ ଅଂଶଗ୍ରହଣ କରିବେ। ଭବାନୀପୁରରେ ଝାରସୁଗୁଡ଼ା, ନବରଙ୍ଗପୁର, ଅନୁଗୋଳ, ପୁରୀ, ନୟାଗଡ଼, ବୌଦ୍ଧ, ଦେବଗଡ଼, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼ ଏବଂ ସେବତିବାହାଲରେ ବଲାଙ୍ଗୀର, ଖୋର୍ଦ୍ଧା, ଗଞ୍ଜାମ, ଭୁବନେଶ୍ୱର, କଳାହାଣ୍ଡି, ମାଲକାନଗିରି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓ ନୂଆପଡ଼ା ଦଳ ଖେଳିବେ। ସେହିପରି ତସଲାଦେହିରେ ମୟୂରଭଞ୍ଜ, ଯାଜପୁର, ସମ୍ବଲପୁର, ଜଗତ୍‌ସିଂହପୁର, ବାଲେଶ୍ୱର, କୋରାପୁଟ, ବରଗଡ଼ ଗଜପତି ଏବଂ କିଞ୍ଜିରିମାରେ କେନ୍ଦୁଝର, କଟକ, ସୋନପୁର, ରାୟଗଡ଼ା, କନ୍ଧମାଳ, ପିପିଟି, ଭଦ୍ରକ ଓ ଢେଙ୍କାନାଳ ଖେଳିବ। ୧୧ ତାରିଖରେ ୨ଟି ସେମିଫାଇନାଲ ଏବଂ ଫାଇନାଲ ଫେବୃୟାରୀ ୧୪ରେ ଅନୁଷ୍ଠିତ ହେବ।

## ୟୁକେରେ ଟେଲିଭିଜନ ପ୍ରସାରଣ ଅଧିକାର ନିଷ୍ପତ୍ତି ହୋଇନି

**ଲଣ୍ଡନ, ୨୮।୧ (ପି.ଟି.):** ଇଂଲଣ୍ଡ କ୍ରିକେଟ ଦଳର ଭାରତ ଟୁର୍ ପାଇଁ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ଟେଲିଭିଜନ ପ୍ରସାରଣ ଅଧିକାର ନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ। ଚେନ୍ନାଇଠାରେ ଫେବୃୟାରୀ ୫ରୁ ସିରିଜର ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଷ୍ଟାର ଇଣ୍ଡିଆ ଆୟୋଜକ ଦେଶରେ ଏହି ସିରିଜ ପାଇଁ ପ୍ରସାରଣ ଅଧିକାର ହାସଲ କରିସାରିଛି। ଏହି ସଂସ୍ଥା ସ୍କାଏ ଭଳି ପାରମ୍ପରିକ ପ୍ରସାରଣକାରୀ ସଂସ୍ଥାକୁ ବିକ୍ରି ନ କରି ଏହାର ଷ୍ଟ୍ରିମିଂ ଆପ୍ ହଟ୍‌ଷ୍ଟାର ଜରିଆରେ ଟୁର୍‌କୁ ପ୍ରଦର୍ଶନ କରିବା ଲାଗି ବିଚାର କରି ଦେଖୁଛି। କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ବିଜୟ, ନିକଟରେ ଶ୍ରୀଲଙ୍କାରେ ଇଂଲଣ୍ଡର ସିରିଜ ବିଜୟକୁ ସ୍କାଏ ଜରିଆରେ ବହୁ କ୍ରିକେଟପ୍ରେମୀ ଉପଭୋଗ କରିଛନ୍ତି। ଏହି ଦୃଷ୍ଟିରୁ ବ୍ରଡ୍‌କାଷ୍ଟିଂ ଅଧିକାର ହାସଲ କରିବା ଲାଗି ସ୍କାଏ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ। ଅନ୍ୟପକ୍ଷରେ ଚ୍ୟାନେଲ–୪ ମଧ ଏହି ଦୌଡ଼ରେ ନିଜକୁ ସାମିଲ କରିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ୱାର୍ଲ୍ଡ ଟେଷ୍ଟ ସିରିଜର ଅଂଶବିଶେଷ ଖେଳାଯିବାକୁ ଥିବା ଏହି ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ପ୍ରସାରଣ ଅଧିକାରର ମୂଲ୍ୟ ପ୍ରାୟ ୨୦ ନିୟୁତ ପାଉଣ୍ଡ ହେବ ବୋଲି ଆଶା କରାଯାଉଛି।

## ଅବସର ନେଲେ ଅକ୍ସେନଫୋର୍ଡ

**ଦୁବାଇ, ୨୮।୧ (ପି.ଟି.)**

ଅଷ୍ଟ୍ରେଲୀୟ ଅମ୍ପାୟର ବ୍ରୁସ୍ ଅକ୍ସେନଫୋର୍ଡ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ସେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସମସ୍ତ ତିନୋଟି ଫର୍ମାଟରେ ମ୍ୟାଚ ପରିଚାଳନା କରି ଆସୁଥିଲେ। ୨୦୧୨ରୁ ସେ ଆଇସିସି ଏଲିଟ୍ ପ୍ୟାନେଲ ଅମ୍ପାୟର୍ସର ନିୟମିତ ସଦସ୍ୟ ରହି ଆସିଛନ୍ତି। ସେ ୬୨ ଟେଷ୍ଟ ମ୍ୟାଚ ପରିଚାଳନା କରିଛନ୍ତି। ଅଷ୍ଟ୍ରେଲିଆ–ଭାରତ ସିରିଜ ବେଳେ ବ୍ରିସ୍‌ବେନ୍‌ରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟ ତାଙ୍କର ଅନ୍ତିମ ମ୍ୟାଚ ଥିଲା। ୬୦ ବର୍ଷୀୟ ଅକ୍ସେନଫୋର୍ଡ ୨୦୦୬ ଜାନୁୟାରୀରେ ଗାବାଠାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ସହ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ମୋଟ ପାଖାପାଖି ୨୦୦ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରିଛନ୍ତି। ସେ ୩ଟି ପୁରୁଷ ବିଶ୍ୱକପ୍ ଓ ତିନୋଟି ଟି୨୦ ବିଶ୍ୱକପ୍‌ରେ ଅମ୍ପାୟର ଦାୟିତ୍ୱ ତୁଲାଇଛନ୍ତି। ୨୦୧୨ ଓ ୨୦୧୪ ମହିଳା ଟି୨୦ ବିଶ୍ୱକପ୍‌ରେ ମଧ ସେ ମ୍ୟାଚ ପରିଚାଳନା କରିଛନ୍ତି। ଜଣେ ଅମ୍ପାୟର ହେବା ପୂର୍ବରୁ ଅକ୍ସେନଫୋର୍ଡ କୁଇନ୍ସଲାଣ୍ଡ ଦଳ ତରଫରୁ ଜଣେ ଲେଗ୍ ସ୍ପିନର ଓ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନ ଭାବେ ୮ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଛନ୍ତି। ବର୍ତ୍ତମାନ ସେ ତାଙ୍କ ଦେଶରେ ଘରୋଇ କ୍ରିକେଟର ଅମ୍ପାୟରିଂ କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି।



## ଶ୍ରୀକାନ୍ତ, ସିନ୍ଧୁ ନକ୍‌ଆଉଟ୍ ଦୌଡ଼ରୁ ବାହାର

**ବ୍ୟାଙ୍କକ୍, ୨୮।୧ (ପି.ଟି.):** ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରିଯିବା ପରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ନକ୍‌ଆଉଟ ଦୌଡ଼ରୁ ଆପାତତଃ ବାହାର ହୋଇଯାଇଛନ୍ତି। ଏକ ସପ୍ତାହ ପୂର୍ବେ ରାଚାନୋକ୍ ଇଣ୍ଟାନନ୍‌ଙ୍କଠାରୁ ପରାସ୍ତ ହେବା ପରେ ସିନ୍ଧୁଙ୍କ ମନୋବଳ ଭାଙ୍ଗିପଡ଼ିଥିଲା। ତଥାପି ତାଙ୍କ ଭାଗ୍ୟରେ କୌଣସି ପରିବର୍ତ୍ତନ ଘଟିନାହିଁ। ବିଶ୍ୱ ଚାମ୍ପିୟନ ସିନ୍ଧୁ ଏଥର ଥାଇଲାଣ୍ଡର ତୃତୀୟ ସିଡ୍ ରାଚାନୋକ୍‌ଙ୍କଠାରୁ ୧୮–୨୧, ୧୩–୨୧ରେ ହାରିଯାଇଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ୧୨ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ତାଇୱାନର ୱାଙ୍ଗ୍ ଜୁ ୱିଙ୍କ ବିପକ୍ଷରେ ପ୍ରଥମେ ୩–୦ରେ ଅଗ୍ରଣୀ ରହିଥିଲେ ମଧ ଶ୍ରୀକାନ୍ତ ୧୯–୨୧, ୨୧–୯, ୨୧–୧୯ରେ ପରାସ୍ତ ହୋଇଥିଲେ।

## ପ୍ରଭାକର ରଥ ମେମୋରିଆଲ ଭଲିବଲ

**ଭୁବନେଶ୍ୱର, ୨୮।୧(ସ୍ପୋର୍ଟ୍ସ ବ୍ୟୁରୋ)**

ମା' ସୃଷ୍ଟିଦେବୀ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବଁପାଳ ସ୍କୁଲ ପଡ଼ିଆରେ ଦ୍ୱିତୀୟ ପ୍ରଭାକର ରଥ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଇଯାଇଛି। ଏଥିରେ ବିଭିନ୍ନ ଜିଲାର ୮ ଗୋଟି ଦଳ ଭାଗ ନେଇଥିଲେ। ସମସ୍ତ ମ୍ୟାଚ ନକ୍‌ଆଉଟ ପଦ୍ଧତିରେ ଖେଳା ଯାଇଥିଲା। ଫାଇନାଲରେ ପାଙ୍କଳ ଭଲିବଲ ଟିମ୍ ୩–୦ ରେ ସାଇକୃଷ୍ଣ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ପ୍ରଭାକର ରଥ ମେମୋରିଆଲ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ସହଦେବ ବିଶ୍ୱାଳ ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଛି। ଓମ୍ ପ୍ରକାଶ ମିଶ୍ର, ପ୍ରତାପ କୁମାର ରଥ, ରାଜେଶ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ ଦିଲୀପ କୁମାର ବିଶ୍ୱାଳ, ପ୍ରଭାକର ବିଶ୍ୱାଳ, ସନ୍ତୋଷ କୁମାର ନାୟକ, ଦୀପକ ନାୟକ, ସୁଶାନ୍ତ ପରିଡ଼ା, ଜୟନାରାୟଣ ନାୟକ, ସୁମନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ନୂଆପଡ଼ା ଦଳ ଚାମ୍ପିୟନ

**କଟକସଦର, ୨୮।୧(ଡି.ଏନ.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ଫକୀରପଡ଼ାସ୍ଥିତ ବରୁଣେଇ ପାଠାଗାର ଆନୁକୂଲ୍ୟରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ସୁଧାନଗରକୁ ହରାଇ ନୂଆପଡ଼ା ଦଳ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ୧୫ ଓଭର ଖେଳରେ ନୂଆପଡ଼ା ୧୮୮ ରନ କରିଥିବାବେଳେ ସୁଧାନଗର ୭ ଉଇକେଟ ହରାଇ ୧୦୯ ରନ କରି ପାରିଥିଲା। ପାଠାଗାରର ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କଟକ ସଦର ବିକାଶ ମଞ୍ଚର ସମ୍ପାଦକ ଦେବଦତ୍ତ ନନ୍ଦ ମୁଖ୍ୟ ଅତିଥି, ନୀଳାଦ୍ରି ମହାନ୍ତି ମୁଖ୍ୟ ବକ୍ତା, କ୍ରୀଡ଼ାବିତ୍ ଚୈତନ୍ୟ ରାଉତ, ମହାଦେବ ମହାରଣା, ସରପଞ୍ଚ ଯତୀନ କୁମାର ରାଉଳ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀ ଶୁଭଶ୍ରୀ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାର ସମ୍ପାଦକ ରୁଦ୍ରକାନ୍ତ ପଣ୍ଡା ବିବରଣୀ ପାଠ କରିଥିଲେ।



ଚାମ୍ପିୟନ ନୂଆପଡ଼ା ଦଳର ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ଏମ୍‌ଏମ୍‌ସିସିକୁ ହରାଇଲା ୟୁନିଭର୍ସାଲ

**ଭୁବନେଶ୍ୱର, ୨୮।୧(ସ୍ପୋର୍ଟ୍ସ ବ୍ୟୁରୋ)**

**ଅଶାନ୍ତ ମେମୋରିଆଲ କ୍ରିକେଟ**

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍‌ର ମଙ୍ଗରାଜପୁର ପଞ୍ଚାୟତ ବଞ୍ଚାସ୍ଥିତ ୟୁନିଭର୍ସାଲ ସ୍ପୋର୍ଟ୍ସ କ୍ଲବ୍ (ୟୁଏସ୍‌ସି) ଆନୁକୂଲ୍ୟରେ ୪୯ତମ ଅଶାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚରେ ଆୟୋଜକ ଦଳ ସମଲର ଏମ୍‌ଏମ୍‌ସିସିକୁ ୬ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସମଲ ଟିମ୍ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ୍ କରିଥିଲା। ଦଳ ପକ୍ଷରୁ ଅମିତ୍ ବରାଳ ସର୍ବାଧିକ ୪୭(୮ ଚୌକା) ଓ ସମ୍ବିତ ବରାଳ ୩୧ ରନ୍ କରିଥିଲେ। ୟୁଏସ୍‌ସି ପକ୍ଷରୁ ବବୁଲ ନାୟକ ୪ଟି ଓ ଯୁଗଳ ରାଉତ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୟୁଏସ୍‌ସି ୩୯ ରନ୍‌ରେ ୪ଟି ଉଇକେଟ ହରାଇଥିଲେ ହେଁ ଯୁଗଳ ଓ ଶରତ ନାୟକ ଅପରାଜିତ ରହି ୮୫ ରନ୍ ଭାଗୀଦାରି ଗଢ଼ିବା ସହ ୧୫.୫ ଓଭରରେ ଦଳକୁ ବିଜୟୀ କରାଇଥିଲେ। ଯୁଗଳ ମାତ୍ର ୨୯ଟି ବଲ୍ ଖେଳି ୮ ଚୌକା ଓ ୩ଟି ଛକା ସହାୟତାରେ ସର୍ବାଧିକ ୫୩ ଓ ଶରତ ୧୯ ରନ୍ କରିଥିଲେ। ସୁବାସ ନାୟକ ଓ ମାନସ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ରାଉତ ସ୍କୋରର ଏବଂ ଚନ୍ଦ୍ରକାନ୍ତ ଦାଶ ଓ ମନମୋହନ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ। ବସନ୍ତ ରାଉତ, ସନ୍ତୋଷ ନାୟକ, ଆଲୋକ ରାଉତ, ମିଥୁନ ସ୍ୱାଇଁ ଓ ମାନସ ବଳ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବେଙ୍ଗାଲୁରୁରେ ଓପିଏଲ ଉଦ୍‌ଯାପିତ

**ଭୁବନେଶ୍ୱର, ୨୮।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବେଙ୍ଗାଲୁରୁସ୍ଥିତ ଆଇଟିଆଇ ଗ୍ରାଉଣ୍ଡରେ ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ) ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ଗାଇଡଲାଇନ୍ ଅନୁସାରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ଡିଏଲଏଫ୍ ଦେଶୀ ୱାରିୟରକୁ ୨୫ ରନରେ ହରାଇ ଟ୍ରମ୍ଫେଟ୍ ଚାମ୍ପିୟନ ହୋଇଛି। ସେମିଫାଇନାଲରେ ୱାରିୟର ୧୦ ରନରେ ଜଗନ୍ନାଥ କ୍ରିକେଟ କ୍ଲବକୁ ହରାଇଥିବାବେଳେ ଉନ୍ନତ ରନ ହାରରେ ଟ୍ରମ୍ଫେଟ ଫାଇନାଲରେ ପ୍ରବେଶ କରିଥିଲା। ଚାମ୍ପିୟନ ଦଳର ଆର. ଶ୍ରୀଧର ମ୍ୟାନ ଅଫ ଦି ମ୍ୟାଚ ଏବଂ ୱାରିୟରର ଯୋଗେଶ ଏସ୍. ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। କଲୋନେଲ ଶିବାନନ୍ଦ ବିରାଦର ମୁଖ୍ୟ ଅତିଥି ଏବଂ ମନୋଜ କୁମାର ବଳ, ପୀତାମ୍ବର ବିଷୋୟୀ, ଶିବ କୁମାର ଗୌଡ଼ା, ଭରତ କୁମାର ମହାପାତ୍ର ଏବଂ ମନ୍ମଥ ରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରମେଶ ପାରିସ, ରାଜ ବିଶ୍ୱାଳ, ଅର୍ପଣ ବାସେ, ପରାଗ କେଶରୀ ମହାନ୍ତି, ବିଜ୍ଞାନ ରଞ୍ଜନ ସାମଲ, ଦିଲୀପ ସାହୁ, ଆକାଶ ଦାସ ଓ ଅଂଶୁମାନ ଦାସ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।




ଚାମ୍ପିୟନ ଟ୍ରମ୍ଫେଟ ଦଳ ଅତିଥିଙ୍କ ସହ।

## ଭିତ୍ତିଭୂମି ଅନୁଧ୍ୟାନ କଲେ କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୨୮।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ୩ ଦିନିଆ ଗସ୍ତରେ ହକିର ଅନ୍ତୁଡ଼ିଶାଳ ବୋଲି କୁହାଯାଉଥିବା ସୁନ୍ଦରଗଡ଼ ଜିଲା ଯାଇଛନ୍ତି। ଭୁବନେଶ୍ୱରରୁ ଗୁରୁବାର ହେଲିକପ୍ଟର ଯୋଗେ ଯାତ୍ରା କରି ସେ କୋଇଡ଼ା ବ୍ଲକ ଆଇଟିଆଇ ନିକଟବର୍ତ୍ତୀ କମ୍ୟୁନିଟି ପଡ଼ିଆ ବୁଲି ଦେଖିଥିଲେ। ସିନ୍ଥେଟିକ୍ ଟର୍ଫ ବିଛାଯିବା ଏବଂ ଅନ୍ୟାନ୍ୟ ଖେଳଗୁଡ଼ିକର ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀ ପରେ ଲହୁଣିପଡ଼ାରେ ହେବାକୁଥିବା ହକି ପଡ଼ିଆ, ବଣାଇ, ଗୁରୁଣ୍ଡିଆ, ଲାଠିକଟା ବ୍ଲକରେ ରହିଥିବା ହକିପଡ଼ିଆ ବୁଲି ଦେଖିଥିଲେ। ତାଙ୍କର ଏହି ଗସ୍ତ କ୍ରମ ଅବସରରେ ସେ ଜିଲାରେ ରହିଥିବା ଦୁଇ କ୍ରୀଡ଼ା ହଷ୍ଟେଲ ପରିଦର୍ଶନରେ ଯିବେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ସୁକିନ୍ଦା ବିଧାୟକ ତଥା ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡ଼ାଇ, ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ଉପଜିଲାପାଳ, ଜିଲା କ୍ରୀଡ଼ା ଅଧିକାରୀ ଓ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ପାନପୋଷରେ ଦୁଇଟି ଓ ସୁନ୍ଦରଗଡ଼ର ଭାବନୀପୁରରେ ଗୋଟିଏ ସିନ୍ଥେଟିକ୍ ଟର୍ଫ ପଡ଼ିଆ ରହିଛି। ସୁନ୍ଦରଗଡ଼ ସଦର ବ୍ଲକରେ ଫ୍ଲଡ୍‌ଲାଇଟ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସହ ୧୫୦ ଆସନ ବିଶିଷ୍ଟ ସିନ୍ଥେଟିକ୍ ଟର୍ଫ ପଡ଼ିଆର ନିର୍ମାଣ କାର୍ଯ୍ୟକୁ ମନ୍ତ୍ରୀ ଅନୁଧ୍ୟାନ କରିବେ। ଏହାଛଡ଼ା ୨୦୨୩ରେ ହକି ବିଶ୍ୱକପ୍ ଲାଗି ରାଉରକେଲାରେ ଦେଶର ସର୍ବବୃହତ୍ ହକି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି।



ଖେଳାଳିଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

## ନଭେମ୍ବରରେ ବଢ଼ିଲା ଏଫ୍‌ଡିଆଇ

ନଭେମ୍ବର ୨୦୨୦ରେ ଘରୋଇ ବଜାରକୁ ବିଦେଶୀ ପୁଞ୍ଜି ନିବେଶରେ ଉନ୍ନତି ପରିଲକ୍ଷିତ ହୋଇଛି। ୨୦୧୯ ନଭେମ୍ବରରେ ଭାରତ ୨.୮ ବିଲିୟନ ଡଲାରର ବିଦେଶୀ ପୁଞ୍ଜି ହାସଲ କରିଥିବା ବେଳେ ୨୦୨୦ ନଭେମ୍ବରରେ ଏହା ୮.୫୧ ବିଲିୟନ ଡଲାରକୁ ବଢ଼ିଛି। ସେହିଭଳି ଅନ୍ୟ ପୁଞ୍ଜିକୁ ବିଚାରକୁ ନେଲେ ନଭେମ୍ବରରେ ମୋଟ ଏଫ୍‌ଡିଆଇ ୮୧ ବୃଦ୍ଧି ଘଟି ପ୍ରାୟ ୧୦.୧୫ ବିଲିୟନ ଡଲାରକୁ ବୃଦ୍ଧି ହୋଇଛି। ୨୦୨୦ ଏପ୍ରିଲ-ନଭେମ୍ବର ମଧ୍ୟରେ ଏଫ୍‌ଡିଆଇ ପ୍ରାୟ ୩୭% ବୃଦ୍ଧି ପାଇ ୪୩.୮୫ ବିଲିୟନ ଡଲାର ଛୁଇଁଛି।

## ସଂକ୍ଷେପରେ

### ଦାୟିତ୍ୱ ଗ୍ରହଣ କଲେ ଏସ୍‌ବିଆଇର ୨ ଏମ୍‌ଡି

**ମୁମ୍ବାଇ,୨୮।୧:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ୨ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଭାବେ ସ୍ୱାମୀନାଥନ ଜେ. ଏବଂ ଅଶ୍ୱିନୀ କୁମାର ତେୱାରୀ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏମାନେ ଆଗାମୀ ୩ ବର୍ଷ ଯାଏ ଏହି ପଦବୀରେ କାର୍ଯ୍ୟ କରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱାମୀନାଥନ ଏହା ପୂର୍ବରୁ ଏସ୍‌ବିଆଇରେ ଫାଇନାନ୍ସ ବିଭାଗ ଉପ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ତେୱାରୀ ଏସ୍‌ବିଆଇ କାର୍ଡର ଏମ୍‌ଡି ତଥା ସିଇଓ ଭାବେ କାର୍ଯ୍ୟ କରୁଥିଲେ। ଗତ ଅକ୍ଟୋବରରେ ବ୍ୟାଙ୍କ ବୋର୍ଡ ବ୍ୟୁରୋ(ବିବିପି) ଏମାନଙ୍କ ନିଯୁକ୍ତି ନେଇ ସୁପାରିସ କରିଥିଲା।

### ଜିଓ ବିଶ୍ୱର ପଞ୍ଚମ ସୁଦୃଢ଼ ବ୍ରାଣ୍ଡ୍

**ନୂଆଦିଲ୍ଲୀ,୨୮।୧:** ରିଲାଏନ୍ସ ଜିଓ ପ୍ରଥମଥର ଲାଗି ର୍‍ୟାଙ୍କିଙ୍ଗ୍‌ରେ ପ୍ରବେଶ କରି ବିଶ୍ୱର ପଞ୍ଚମ ସୁଦୃଢ଼ ବ୍ରାଣ୍ଡ୍‌ର ମାନ୍ୟତା ହାସଲ କରିଛି। ଦେଶର ଏହି ପ୍ରମୁଖ ଟେଲିକମ୍ କମ୍ପାନୀର ବିଏସ୍‌ଆଇ ସ୍କୋର ୧୦୦ରୁ ୯୧.୭% ରହିଛି। ଏହାକୁ ଇଲାଇଟ ଏଏଏ+ ବ୍ରାଣ୍ଡ୍ ଦୃଢ଼ତା ରେଟିଂ ମିଳିଛି।

### ଆମାଜନ ବିରୋଧରେ ଇଡି ତଦନ୍ତ

**ନୂଆଦିଲ୍ଲୀ,୨୮।୧:** ଇ-କମର୍ସ କମ୍ପାନୀ ଆମାଜନ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତଦନ୍ତ ଆରମ୍ଭ କରିଛି। ଏହି କମ୍ପାନୀ ବିରୋଧରେ ବିଦେଶୀ ବିନିମୟ ଆଇନ ଉଲ୍ଲଂଘନ ଅଭିଯୋଗ ଆସିଛି। ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା)ର ବିଭିନ୍ନ ଧାରା ଉଲ୍ଲଂଘନ ନେଇ କମ୍ପାନୀ ବିରୋଧରେ ବର୍ତ୍ତମାନ ତଦନ୍ତ ଜାରି କରାଯାଇଥିବା ଇଡିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଆମାଜନ ଏବଂ ଫ୍ଲିପ୍‌କାର୍ଟ ଭଳି ଇ-କମର୍ସ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଇଡିକୁ କୁହାଯାଇଥିଲା।

# ଅନୁଗୋଳରେ ହେବ ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା

**ଭୁବନେଶ୍ୱର,୨୮।୧**

ଓଡ଼ିଶାକୁ ୧୦୦ ନିୟୁତ ଟନ୍ ଇସ୍ପାତ ନିର୍ମାଣ ହବ୍ ଭାବେ ରୂପାନ୍ତରିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଦିଗରେ ପ୍ରମୁଖ ଇସ୍ପାତ ନିର୍ମାତା କମ୍ପାନୀ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) କାର୍ଯ୍ୟକ୍ରମ ଜାରି ରଖିଛି। ଅନୁଗୋଳଠାରେ ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ଏହି କମ୍ପାନୀ ଲକ୍ଷ୍ୟ ରଖିଛି। ଏ ନେଇ କମ୍ପାନୀ ତା'ର ଭିଜନ୍-୨୦୩୦ ସମ୍ପର୍କରେ ଘୋଷଣା କରିଛି ।

ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଗୁରୁବାର ଅନୁଷ୍ଠିତ ଏକ ଅନ୍‌ଲାଇନ ବୈଠକରେ ଜେଏସ୍‌ପିଏଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ କମ୍ପାନୀର ଭିଜନ୍-୨୦୩୦ ଉପସ୍ଥାପନ କରିଥିଲେ।

**ଓଡ଼ିଶା ପାଇଁ ଜେଏସ୍‌ପିଏଲ୍‌ର ଭିଜନ-୨୦୩୦**

କମ୍ପାନୀର ଏହି ଲକ୍ଷ୍ୟ ଅନୁଯାୟୀ, ଅନୁଗୋଳରେ ଥିବା ଜେଏସ୍‌ପିଏଲ୍‌ର ବାର୍ଷିକ ୬ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ କାରଖାନାର କ୍ଷମତା ବାର୍ଷିକ ୨୫.୨ ନିୟୁତ ଟନ୍‌କୁ ବୃଦ୍ଧି କରାଯିବ । ଏହି କ୍ଷମତା ସମ୍ପ୍ରସାରଣ ପାଇଁ ଜେଏସ୍‌ପିଏଲ୍ ୨୦୩୦ ସୁଦ୍ଧା ଆହୁରି ଅଧିକ ୧.୨୦ ଲକ୍ଷ କୋଟି ଟଙ୍କା ପୁଞ୍ଜିନିବେଶ କରିବା ସହିତ ସ୍ୱଚ୍ଛ ଶକ୍ତି ଉତ୍ସ ବ୍ୟବହାର କରିବ। ଏହାଦ୍ୱାରା ଅନୁଗୋଳ ଇସ୍ପାତ କାରଖାନା ବିଶ୍ୱର କୌଣସି ଗୋଟିଏ ସ୍ଥାନରେ ଥିବା ସର୍ବବୃହତ୍ ଇସ୍ପାତ କାରଖାନା ହେବ। ଓଡ଼ିଶା ବିଶ୍ୱ ଇସ୍ପାତ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ପାଇପାରିବ ବୋଲି କମ୍ପାନୀ ଆଶାବାଦୀ। ଏହି ସମ୍ପ୍ରସାରଣ ଦ୍ୱାରା ପରିବେଶ ଉପଯୋଗୀ ହାଇଡ୍ରୋଜେନ ଆଧାରିତ ଡିଆର୍‌ଆଇ ଓ ଇଏଏଫ୍ ମାର୍ଗ ଜ୍ଞାନକୌଶଳ ବ୍ୟବହାର କରାଯାଇ ଇସ୍ପାତ ଉତ୍ପାଦନ କରାଯିବ । ବ୍ଲାଷ୍ଟ ଫର୍ନେସ୍ ସ୍ଲାଗ୍ ଓ ଫ୍ଲାଇ ଆଶ୍ ବ୍ୟବହାର କରିବା ପାଇଁ ଅନୁଗୋଳ ଇସ୍ପାତ କାରଖାନା ପରିସରରେ ବାର୍ଷିକ ୧୨.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ସିମେଣ୍ଟ କାରଖାନା ମଧ୍ୟ ପ୍ରତିଷ୍ଠା ଲକ୍ଷ୍ୟ ରହିଛି।

ବାର୍ଷିକ ୨୫.୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ସହିତ ଲୁହାପଥର ଓ କୋଇଲା ଖଣି କ୍ଷେତ୍ରରେ ଏବଂ ବିଶ୍ୱସ୍ତରୀୟ ପରିବହନ (ଲଜିଷ୍ଟିକ୍ସ) ଭିତ୍ତିଭୂମି ବିକାଶରେ ପୁଞ୍ଜିନିବେଶ କରିବା ମଧ୍ୟ ଜେଏସ୍‌ପିଏଲ୍‌ର ଏହି ଭିଜନ୍-୨୦୩୦ ଅନ୍ତର୍ଗତ । ଏକ ଅତ୍ୟାଧୁନିକ ବନ୍ଦର ଓ ଏହି ବନ୍ଦରକୁ ଅନୁଗୋଳ କାରଖାନା, ବଡବିଲ ପେଲେଟ୍ କାରଖାନା ଓ ରାଇଗଡ କାରଖାନା ସହିତ ସଂଯୋଗ କରୁଥିବା ସମର୍ପିତ ରେଲଲାଇନ୍ ନିର୍ମାଣରେ କମ୍ପାନୀ ପୁଞ୍ଜିନିବେଶ କରିବ। ନୂଆ ନିବେଶ ଦ୍ୱାରା ରାଜ୍ୟରେ ୬୦ ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ୩ ଲକ୍ଷରୁ ଅଧିକ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ପରିପ୍ରେକ୍ଷୀରେ ଜେଏସ୍‌ପିଏଲ୍‌ର ଅଧ୍ୟକ୍ଷ ଜିନ୍ଦଲ କହିଛନ୍ତି, ବିଜୁବାବୁଙ୍କ ଓଡ଼ିଶା ପାଇଁ ଥିବା ଦୂରଦୃଷ୍ଟିରେ ଆମେ ଅନୁପ୍ରାଣିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଯୋଗୁ ଓଡ଼ିଶାରେ କାର୍ଯ୍ୟ କରିବାକୁ ଆମେ ଅଧିକ ଉତ୍ସାହିତ।

# ନିବେଶକଙ୍କ କ୍ଷତି ୯.୫୬ ଲକ୍ଷ କୋଟି

**ମୁମ୍ବାଇ,୨୮।୧**

ଗତ ୫ଦିନ ହେବ ଭାରତୀୟ ପୁଞ୍ଜିବଜାରରେ ହ୍ରାସ ଧାରା ଜାରି ରହିଛି। ବୁଧବାର ୯୦୦ରୁ ଊର୍ଦ୍ଧ୍ୱ ପଏଣ୍ଟ ଖସିବା ପରେ ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ୫୩୬ ପଏଣ୍ଟ ହ୍ରାସ ହୋଇଛି। ଫଳରେ ୫ଦିନରେ ନିବେଶକଙ୍କୁ ୯.୫୬ ଲକ୍ଷ କୋଟି କ୍ଷତି ହୋଇଛି। ବିଶ୍ୱ ବଜାରରେ ଶେୟାର କାରବାର ପ୍ରଭାବିତ ରହିବାରୁ ଭାରତ ବଜାରରେ ଏହାର ପ୍ରତିକ୍ରିୟା ଦେଖାଯାଇଛି। ଭାରତରେ ଶୁକ୍ରବାରଠାରୁ ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଫଳରେ ନିବେଶକ ନିରାପଦ ରହିବା ଲାଗି ମଧ୍ୟ ଶେୟାର ବିକ୍ରି କରି ଦେଉଛନ୍ତି। ଗୁରୁବାର ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୫୩୫.୫୭ ପଏଣ୍ଟ (୧.୧୩%) ଖସି ୪୬,୮୭୪.୩୬ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି କାରବାର ୧୪୯.୯୫ ପଏଣ୍ଟ (୧.୦୭%) ୧୩,୮୧୭.୫୫ ପଏଣ୍ଟରେ ବନ୍ଦ ହୋଇଛି।

ଗତ ୫ଟି ସେସନରେ ସେନ୍‌ସେକ୍ସ ୨୯୧୭.୭୬ ପଏଣ୍ଟ ହ୍ରାସ ହୋଇଛି। ସେହିଭଳି ନିଫ୍ଟି କାରବାର ୮୨୭.୧୫ ପଏଣ୍ଟ ନିମ୍ନରେ ରହିଛି। ସେନ୍‌ସେକ୍ସରେ ରହିଥିବା ଶେୟାରଗୁଡ଼ିକ ମଧ୍ୟରେ ହିନ୍ଦୁସ୍ଥାନ ୟୁନିଲିଭର ସବୁଠାରୁ ବେଶି କ୍ଷତି ସହିଛି। ଏହାର ଶେୟାର ୩.୬୫% ଖସିଛି। ସେହିଭଳି ମାରୁତି ସୁଜୁକି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ପାୱାର ଗ୍ରୀଡ୍, କୋଟାକ ବ୍ୟାଙ୍କ, ଇଣ୍ଡସ ଇଣ୍ଡ ବ୍ୟାଙ୍କ, ଏଚ୍‌ସିଏଲ୍ ଟେକ୍ ଏବଂ ବଜାଜ ଫିନ୍‌ସର୍ଭ କାରବାର ମଧ୍ୟ ପ୍ରଭାବିତ ହୋଇ ରହିଛି। ଏହାବାଦ ଆକ୍ସିସ ବ୍ୟାଙ୍କ, ଏସ୍‌ବିଆଇ, ଓଏନ୍‌ଜିସି, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଅଲ୍‌ଟ୍ରାଟେକ ସିମେଣ୍ଟର ଶେୟାର କାରବାର ପ୍ରାୟ ୬.୧୬% ବଢ଼ିଛି। ଗତ ୩ ମାସ ମଧ୍ୟରେ ୱାଲ୍‌ଷ୍ଟ୍ରିଟ୍‌ରେ ଶେୟାର କାରବାର ସର୍ବାଧିକ ଦିନିକିଆ ହ୍ରାସ ହୋଇଛି। ପ୍ରଫିଟ ବୁକିଂ ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ୟୁରୋପର ଶେୟାର ବଜାର ମଧ୍ୟ ଚାପରେ ରହିଛି। ବିଏସ୍‌ଇର ରିୟଲ ଇଷ୍ଟେଟ, ଆଇଟି, ଏଫ୍‌ଏମ୍‌ସିଜି, ଟେକ୍, ଅଟୋମୋବାଇଲ ଏବଂ ହେଲ୍‌ଥ କେୟାର ସୂଚକାଙ୍କ ପ୍ରାୟ ୨.୦୭% ଖସିଛି। ସେହିଭଳି ପ୍ରାକୃତିକ ବାଷ୍ପ, ଟେଲିକମ୍, ବ୍ୟାଙ୍କିଙ୍ଗ୍ ଏବଂ କନ୍‌ଜ୍ୟୁମର ଡ୍ୟୁରେବଲ କାରବାର ଉନ୍ନତ ରହିଛି। ବିଏସ୍‌ଇର ମିଡ୍‌କ୍ୟାପ ଏବଂ ସ୍ମଲ କ୍ୟାପ୍ ସୂଚକାଙ୍କ ପ୍ରାୟ ୦.୪୬% ହ୍ରାସ ପାଇଛି।

# ପିଏନ୍‌ବି ପ୍ରତିଷ୍ଠାତାଙ୍କ ଜନ୍ମବାର୍ଷିକୀ ପାଳିତ



**ଭୁବନେଶ୍ୱର,୨୮।୧**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ପ୍ରତିଷ୍ଠାତା ଲାଲା ଲାଜପତ ରାଏଙ୍କ ୧୫୬ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ସିଇଓ ସିଏଚ୍.ଏସ୍.ଏସ୍.ମଲ୍ଲିକାର୍ଜୁନ ରାଓଙ୍କ ସମେତ କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ, ସିଭିଓ, ବରିଷ୍ଠ ଏକଜିକ୍ୟୁଟିଭ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ପ୍ରତିଷ୍ଠାତା ରାଏଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଷ୍ଟାଫ ମେମ୍ବର ଆକାଂକ୍ଷା ଚୌଧୁରୀଙ୍କୁ ସିଇଓ ରାଓ ସମ୍ମାନୀତ କରିଥିଲେ। ପଞ୍ଜାବ କେଶରୀ ଭାବେ ଜଣାଶୁଣା ଲାଲାଜୀଙ୍କ ନେତୃତ୍ୱରେ ପିଏନ୍‌ବି ଦେଶର ପ୍ରଥମ ସ୍ୱଦେଶୀ ବ୍ୟାଙ୍କ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା। ଦେଶର ଜାତୀୟ ସ୍ୱାର୍ଥକୁ ନଜରରେ ରଖି ଏହି ବ୍ୟାଙ୍କର ସ୍ଥାପନା କରାଯାଇଥିଲା। ୧୮୯୪ ମେ ମାସ ୧୯ରେ ପିଏନ୍‌ବିର ସ୍ଥାପନା ହୋଇଥିଲା। ୧୮୯୫ ଏପ୍ରିଲ ୧୨ରେ ଏହା କାର୍ଯ୍ୟ ଆରମ୍ଭ କରିଥିଲା।

# ଆସିଲା ନୂଆ ରେନୋ କାଇଗର

**ଭୁବନେଶ୍ୱର,୨୮।୧**

ଫ୍ରାନ୍ସ ଭିତ୍ତିକ ଅଟୋ ନିର୍ମାତା କମ୍ପାନୀ ଗ୍ରୁପ୍ ରେନୋ ପକ୍ଷରୁ ନୂଆ କମ୍ପାକ୍ଟ ଏସ୍‌ୟୁଭି ରେନୋ କାଇଗର ଭାରତରେ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ରେନୋ ଭୁବନେଶ୍ୱର ଶୋ'ରୁମ୍‌ରେ ଏହାର ଭର୍ଚୁଆଲ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରେନୋ ଭୁବନେଶ୍ୱର ଶୋ'ରୁମର ଏମ୍‌ଡି ସତୀଶ ଗର୍ଗ, ଡାଇରେକ୍ଟର ସିଦ୍ଧାର୍ଥ ଗର୍ଗ ଏବଂ ରେନୋର ଏରିଆ ମ୍ୟାନେଜର (ସେଲ୍ସ) ରୋହିତ ବାଟା ଉପସ୍ଥିତ ଥିଲେ। ନୂଆ ମଡେଲଟି ବଜାରକୁ ଚଳିତ ତ୍ରୈମାସରେ ଆସିବ ବୋଲି ଆଶା କରାଯାଉଛି। ଏହାକୁ ସ୍ପୋର୍ଟି, ସ୍ମାର୍ଟ ଏବଂ ଆକର୍ଷଣୀୟ କରି ପ୍ରସ୍ତୁତ କରାଯାଇଛି। ଏଥିରେ ଗ୍ରାହକ ରେନୋର ନୂତନତା ଲାଭ କରିପାରିବେ।




ଏହା ନିଶ୍ଚିତ ବି-ଏସ୍‌ୟୁଭି ବିଭାଗ ଉପରେ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇବ। ଯାନଟିରେ ସ୍ୱତନ୍ତ୍ରତା ରହିଛି ଯେଉଁଥିରେ ଆଧୁନିକତା ଏବଂ ମାସ୍କୁଲାର ବଡି କାର୍ଯ୍ୟ ଗ୍ରାହକ ପାଇପାରିବେ। ସେହିଭଳି ସ୍ମାର୍ଟ କ୍ୟାବିନରେ ସାମିଲ ରହିଛି ଟେକ୍ନୋଲୋଜି, ଫଙ୍କସନାଲିଟି ଏବଂ ପର୍ଯ୍ୟାପ୍ତ ସ୍ଥାନ। ସିଏମ୍‌ଏଫ୍‌ଏ ପ୍ଲସ୍ ପ୍ଲାଟ୍‌ଫର୍ମରେ ଆଧୁନିକ ଟେକ୍ ବୈଶିଷ୍ଟ୍ୟ ସାମିଲ କରାଯାଇଛି। ସେହିଭଳି ଅଧିକ ସ୍ଥାନ, କ୍ୟାବିନ ଷ୍ଟୋରେଜ ଓ କାର୍ଗୋ ଷ୍ଟୋରେଜ ମଧ୍ୟ ଏଥିରେ ରହିଛି। ଏକ ନୂତନ ଗ୍ଲୋବାଲ ଇଞ୍ଜିନ ସହ ସ୍ପୋର୍ଟି ଡ୍ରାଇଭ ମଧ୍ୟ ଗ୍ରାହକ ପାଇବେ। ରେନୋ କାଇଗର ବ୍ରାଣ୍ଡ ନୂଆ ଟର୍ବୋ ଇଞ୍ଜିନ ସହିତ ଉଭୟ କାର୍ଯ୍ୟଦକ୍ଷତା ଏବଂ ଇନ୍ଧନ କ୍ଷମତା ପ୍ରଦାନ କରିବ। ନୂଆ ମଡେଲଟି ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ ବୋଲି ରେନୋ ଇଣ୍ଡିଆର ସିଇଓ ଭେଙ୍କଟରାମ ମାମିଲାପାଲେ ଏହି ପରିପ୍ରେକ୍ଷୀରେ ମତ ପ୍ରକାଶ କରିଛନ୍ତି। ରେନୋ ଭାରତରେ ମାକ୍ରୋ ଅର୍ଥନୈତିକ ପରିବେଶ ଓ ଉଦ୍ୟୋଗର ଆବଶ୍ୟକତାକୁ ଧ୍ୟାନରେ ରଖି ଏହାର ପ୍ରଗତିଧାରା ବଜାୟ ରଖିଛି। ଏହାକୁ ବ୍ୟାପକ ବ୍ୟବସାୟିକ କୌଶଳ ସହ ପରିଚାଳିତ କରାଯାଉଛି। ନୂଆ କାଇଗରକୁ ଶୁଭାରମ୍ଭ କରି ଭାରତ ବଜାରରେ ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ।

# ବଜେଟକୁ ନେଇ ଆଶା

ଚଳିତ ଆର୍ଥିକ ବର୍ଷ କରୋନା ମହାମାରୀ ପାଇଁ ଭାରତୀୟ ବଜାର ସଙ୍କଟ ଦେଇ ଗତି କରୁଛି। କରୋନା କଟକଣା ପୂର୍ବାପେକ୍ଷା କୋହଳ ହୋଇଥିବା ବେଳେ ଟିକାକରଣ ମଧ୍ୟ ଆରମ୍ଭ ହୋଇଛି। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଚଳିତ ବର୍ଷ ଋଣାତ୍ମକ ରହିବା ନେଇ ଆର୍‌ବିଆଇ ସମେତ ବିଶ୍ୱର ଅନ୍ୟ ପ୍ରମୁଖ ଏଜେନ୍ସି ଆକଳନ କରିଛନ୍ତି। ଆସନ୍ତା ବର୍ଷରେ ଜିଡିପି ଟ୍ରାକ୍‌କୁ ଫେରିବା ନେଇ ଆଶା କରାଯାଉଛି। ଶୁକ୍ରବାରଠାରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେଉଛି। ଫେବୃଆରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରିବେ। ଦେଶର ଅଭିବୃଦ୍ଧିକୁ ଫେରାଇଆଣିବା, ଚାହିଦାକୁ ଟ୍ରାକ୍‌କୁ ଆଣିବା, ନିଯୁକ୍ତି ସୃଷ୍ଟି ଭଳି ଅନ୍ୟ ପ୍ରମୁଖ ଦିଗ ଉପରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା। ଆଗାମୀ ବଜେଟ୍‌କୁ ନେଇ ବ୍ୟକ୍ତିବିଶେଷ ଧରିତ୍ରୀକୁ ଦେଇଥିବା ମତ...

### ଗ୍ରାମୀଣ କ୍ଷେତ୍ରରେ ନିବେଶ ଜରୁରୀ



ଆଗାମୀ ସାଧାରଣ ବଜେଟ ଅନେକ ଆହ୍ୱାନର ସମ୍ମୁଖୀନ ହେବା ନେଇ ଆକଳନ କରାଯାଉଛି। କରୋନା ମହାମାରୀ ଯୋଗୁ ଉଭୟ ଟିକସ ଓ ଅଣଟିକସ ପ୍ରାପ୍ତି ହ୍ରାସ ପାଇଛି। କେନ୍ଦ୍ରୀୟ ଟିକସରୁ ରାଜ୍ୟଗୁଡିକର ଅଂଶ ପ୍ରାୟ ୪୧% କମିଯିବା ଆଶଙ୍କା ଉପୁଜିଛି। ଦେଶର ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ବ୍ୟାପକ ସରକାରୀ ନିବେଶ ଓ ସହାୟତାର ଆବଶ୍ୟକତା ରହିଛି। ଗ୍ରାମୀଣ କ୍ଷେତ୍ରରେ ବିପରୀତ ଅଭିଗମନ (ରିଜର୍ଭ ମାଇଗ୍ରେସନ) କାରଣରୁ ରୋଜଗାର ସ୍ଥିତି ମଧ୍ୟ ସଙ୍କଟଜନକ ରହିଛି। ସେହିସବୁ ସ୍ଥାନରେ ଅର୍ଥମନ୍ତ୍ରୀ ଏମଜିଏନଆରଇଜିଏସ ବ୍ୟୟ ବୃଦ୍ଧି ସହ ଗ୍ରାମୋଦ୍ୟୋଗ କ୍ଷେତ୍ରକୁ ଟିକସ ଛାଡ଼ କରିବେ ବୋଲି ଆଶା କରାଯାଉଛି। ଆଗାମୀ ବଜେଟ ପ୍ରବନ୍ଧନ ପାଇଁ ମୌଦ୍ରିକନୀତି ଓ ରାଜକୋଷୀୟ ନୀତିର ସମନ୍ୱୟ ରହିବା ଜରୁରୀ।

**– ଡ.ଚିତ୍ତରଞ୍ଜନ ନାୟକ, ଅର୍ଥନୀତି ବିଭାଗ, ରେଭେନଶା ବିଶ୍ୱବିଦ୍ୟାଳୟ**

### ସବୁ ବର୍ଗ ଲାଗି ଗୁରୁତ୍ୱପୂର୍ଣ୍ଣ



ଆଗାମୀ ବଜେଟ୍ ସବୁ ବର୍ଗ ଓ କ୍ଷେତ୍ର ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ। କରୋନା ମହାମାରୀ ଯୋଗୁ ଦେଶରେ ଏକ ଭିନ୍ନ ବାତାବରଣ ସୃଷ୍ଟି ହୋଇଛି। ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡିକୁ ମହାମାରୀ ଦୋହଲାଇ ଦେଇଛି। ବେକାରି, ବେରୋଜଗାର, ଛଟେଇ ଏବଂ ଦରମାକାଟ ସମସ୍ତଙ୍କ ପାଇଁ ସମସ୍ୟା ପାଲଟିଛି। ଏହି ସମସ୍ୟାରୁ ମୁକୁଳିବାକୁ ସରକାରଙ୍କ ବଜେଟ ବ୍ୟବସ୍ଥା ସହ ବଜେଟ ବ୍ୟବସ୍ଥାକୁ ଲୋକେ ଅପେକ୍ଷା କରି ରହିଛନ୍ତି। ଗତ ୮ରୁ ୧୦ ମାସ ହେବ ନିର୍ମାଣ ଶିଳ୍ପ (ରିୟଲ ଇଷ୍ଟେଟ) ଏକ ପ୍ରକାର ଅଚଳ ହୋଇଯାଇଛି। ଏହି ଶିଳ୍ପର ବିକାଶ ଓ ଅଭିବୃଦ୍ଧି ପାଇଁ ସରକାର ଋଣ କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ଏହା ଉପରେ ଆୟକର ଛାଡ କରିବା ଆବଶ୍ୟକ। ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ଆବଶ୍ୟକ ନୀୟମାବଳୀର ପରିବର୍ତ୍ତନ ସହ ଷ୍ଟାମ୍ପ ଡ୍ୟୁଟିର ପରିବର୍ତ୍ତନ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପଦକ୍ଷେପ ଓ ନିୟମାବଳୀର ପରିବର୍ତ୍ତନ କରିବେ ବୋଲି ଆଶା।

**– ନିଶୀଥ ରଞ୍ଜନ ନନ୍ଦ, ସଭାପତି ଆଫୋର୍ଡ**

### ଅର୍ଥ ବ୍ୟବସ୍ଥାକୁ ଲାଭ ହେଲା ଭଳି ପଦକ୍ଷେପ ଆସୁ



ଆଗାମୀ ବଜେଟ ସରକାରଙ୍କ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ସେହି ଅନୁସାରେ ସାଧାରଣ ଜନତାଙ୍କ ପାଇଁ ମଧ୍ୟ ଆହ୍ୱାନର ବିଷୟ। ଚଳିତ ଥର ଇ-ବଜେଟ ହେବ, ଶିକ୍ଷା ଓ ଅର୍ଥ ବର୍ତ୍ତମାନ ସମୟରେ ସବୁ ବର୍ଗର ଲୋକଙ୍କ ପାଇଁ ଏକ ମାନଦଣ୍ଡ ପାଲଟିଯାଇଛି। ଏହାକୁ ନଜରରେ ରଖି ଅର୍ଥମନ୍ତ୍ରୀ ଶିକ୍ଷା କ୍ଷେତ୍ର ପାଇଁ ବିଭିନ୍ନ ଯୋଜନା ସହ ବିଭିନ୍ନ କ୍ଷେତ୍ରକୁ ଲାଭ ଦେଲା ଭଳି ନୀତି ଆପଣାଇପାରନ୍ତି। ଦେଶର ଅର୍ଥବ୍ୟବସ୍ଥା ମାନ୍ଦାବସ୍ଥା ଦେଇ ଗତି କରୁଥିବାରୁ ଏହାକୁ ସଜାଡିବା ପାଇଁ ଆତ୍ମନିର୍ଭର ଭାରତ ଓ ଟିକସ କ୍ଷେତ୍ରରେ ବିଭିନ୍ନ ନୀତି ପରିବର୍ତ୍ତନ କରିବା ନେଇ ଆଶା ରହିଛି।

**–ଅମରେନ୍ଦ୍ର ଦାସ, ପ୍ରାଧ୍ୟାପକ, ନାଇଜର**

### ରୋଜଗାର ବୃଦ୍ଧିକୁ ଗୁରୁତ୍ୱ ମିଳୁ



ଦେଶର ଅର୍ଥନୀତି ଅନେକାଂଶରେ ବିଦେଶ ନୀତି ଓ ସମ୍ପର୍କରୁ ବୃଦ୍ଧି ପାଇଥାଏ। ଭାରତ ଏ କ୍ଷେତ୍ରରେ ସେତେଟା ଆଗୁଆ ନାହିଁ। ଚାଇନ ଏବଂ ଅନ୍ୟ କେତେକ ବିଦେଶୀ ରାଷ୍ଟ୍ର ସହିତ ଖରାପ ସମ୍ପର୍କ ଏବଂ କଠୋର ଆମଦାନୀ ନିୟମ ସମସ୍ୟା ସୃଷ୍ଟି କରିବ। ଦେଶ ମାନ୍ଦାବସ୍ଥା ଦେଇ ଗତି କରୁଥିବାରୁ ଲୋକଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡିଛି। ଭାରତର ୩୫% ଲୋକଙ୍କୁ ଛାଡି ଦେଲେ ବାକି ୬୫% ଲୋକ ବିଭିନ୍ନ ସମସ୍ୟା ଓ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ଆତ୍ମନିର୍ଭର ଭାରତ ଯୋଜନା ହେଉ କିମ୍ବା ଅନ୍ୟ କିଛି ସୁବିଧା ହେଉ ଲୋକଙ୍କ ରୋଜଗାର ବୃଦ୍ଧିକୁ ଗୁରୁତ୍ୱ ଦେବା ଆବଶ୍ୟକ। ଏ ସମ୍ପର୍କିତ ପଦକ୍ଷେପ ବଜେଟରେ ଆସିବ ବୋଲି ଆକଳନ କରାଯାଉଛି।

**–ଅବସର ବେହୁରିଆ, ଅବସର ପ୍ରାପ୍ତ ଆଇଏଫ୍‌ଏସ୍**

### ବିକାଶ ଲାଗି ପଦକ୍ଷେପ ଆସୁ



କରୋନା ମହାମାରୀ ଯୋଗୁ ଅର୍ଥନୀତି ମାନ୍ଦାବସ୍ଥାରେ ରହିଛି। ଦେଶର ଅର୍ଥ ବ୍ୟବସ୍ଥାକୁ ସୁଧାରିବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅନେକ କିଛି ପରିବର୍ତ୍ତନ ସହ ନୂଆ ନିୟମ ଆଣିପାରନ୍ତି। ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ନ କଲେ ମଧ୍ୟ ଟିକସ ଆଦାୟକୁ ଗୁରୁତ୍ୱ ଦେଇପାରେ। ଜିଏସ୍‌ଟି କ୍ଷେତ୍ର ଅଧିକ କ୍ରିୟାଶୀଳ ହୋଇପାରେ ବୋଲି ଆଶା। ଦେଶର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ସହିତ ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ କରିବା ପାଇଁ ଅନେକ କିଛି ନୂଆ ଯୋଜନା ଆଣିବାର ସମ୍ଭାବନା ରହିଛି। ଆତ୍ମନିର୍ଭର ଭାରତକୁ ଆଖି ଆଗରେ ରଖି ସରକାର ନୂଆ ବିଧିବ୍ୟବସ୍ଥାର ପ୍ରଚଳନ କରିପାରନ୍ତି।

**–ଶରତ ଦାସ, ଅବସର ପ୍ରାପ୍ତ ଆଇଆର୍‌ଏସ୍**

### ମହିଳାଙ୍କ ଲାଗି ସ୍ୱତନ୍ତ୍ର ଯୋଜନା ଆଶା



ମହାମାରୀ କାରଣରୁ ସବୁ ବର୍ଗର ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ମହାମାରୀ ଯୋଗୁ ସବୁ କିଛି ମଧ୍ୟ ପରିବର୍ତ୍ତନ ହୋଇଯାଇଛି। ଏହାକୁ ନଜରରେ ରଖି ଅର୍ଥମନ୍ତ୍ରୀ ଅଗେମୀ ବଜେଟରେ ମହିଳା, ଗୃହିଣୀ ଓ ଝିଅମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଓ ସୁବିଧା ଆଣିପାରନ୍ତି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ସହିତ ଛଟେଇ ମହିଳାଙ୍କୁ ଅନେକାଂଶରେ ଚାପରେ ରଖିଛି। ଖାଦ୍ୟ, ଶିକ୍ଷା ଓ ଔଷଧ ଭଳି ଅତି ଜରୁରୀ ସାମଗ୍ରୀର ଦର ବୃଦ୍ଧି ଯୋଗୁ ସହରାଞ୍ଚଳରେ ୪୫% ଏବଂ ଗ୍ରାମାଞ୍ଚଳରେ ୭୫% ଲୋକ (ମହିଳା) ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏଭଳି ସମସ୍ୟା ସବୁର ନିରାକରଣ ପାଇଁ ସରକାର ଏହି ବଜେଟରେ ପଦକ୍ଷେପ ନେବେ ବୋଲି ବିଶ୍ୱାସ ରହିଛି।

**–ନମ୍ରତା ଚଢା, ସାମାଜିକ କର୍ମୀ**

### ପେଟ୍ରୋଲିୟମ ସାମଗ୍ରୀ ଦର ବୃଦ୍ଧିରେ ରୋକ ଲାଗୁ



ମହାମାରୀ ସମୟରେ ସରକାର ତୈଳ ଦର ବୃଦ୍ଧି ସହ ଉଚ୍ଚ ଟିକସ ଲାଗୁ କରିଥିଲେ। ଫଳରେ ଖାଉଟି ଚଢା ଦରରେ ତେଲ କିଣିବାକୁ ବାଧ୍ୟ ହେଲେ। ବର୍ତ୍ତମାନ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣକୁ ଆସୁଛି। ସରକାର ମାନ୍ଦାବସ୍ଥା ସମୟରେ ତୈଳ ଦର ଉପରେ ରୋକ ଲଗାଇବା ସହ ଶୁଳ୍କ ହ୍ରାସ କରିବାର ଆବଶ୍ୟକତା ରହିଛି। ବଜେଟରେ ପେଟ୍ରୋଲିୟମ ସାମଗ୍ରୀର ଦରକୁ ଆୟତ୍ତକୁ ଆଣିବା ବ୍ୟବସ୍ଥା କଲେ ଖାଉଟି ଉପକୃତ ହୋଇପାରିବେ। ଏହା ଫଳରେ ଲୋକମାନେ ଅତିରିକ୍ତ ଖର୍ଚ୍ଚରୁ ରକ୍ଷା ପାଇପାରନ୍ତେ। ବଜେଟରେ କୋଭିଡ ସେସ୍ ଲାଗୁ କରିବା ନେଇ ଯେଉଁ ଆଲୋଚନା ଜାରି ରହିଛି ସେ ବିଷୟରେ ମଧ୍ୟ ସରକାର ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଶ୍ୱାସ।

**–ସଞ୍ଜୟ ଲାଠ, ସାଧାରଣ ସମ୍ପାଦକ, ୟୁପିଡିଏ**

### ବ୍ୟବସାୟୀଙ୍କ ହିତକୁ ଗୁରୁତ୍ୱ ମିଳୁ



ମହାମାରୀ ଯୋଗୁ ବ୍ୟବସାୟୀ ଅନେକ କ୍ଷତି ସହୁଛନ୍ତି। କରୋନା ଅନେକଙ୍କ ବେପାର ମଧ୍ୟ ବିଗାଡି ଦେଇଛି। ଆଗାମୀ ବଜେଟରେ ସରକାର ବ୍ୟବସାୟୀଙ୍କ ସ୍ୱାର୍ଥକୁ ନଜରରେ ରଖିବା ଆବଶ୍ୟକ। ବ୍ୟବସାୟୀଙ୍କ ଲାଭ ହେଲା ଭଳି ବିଭିନ୍ନ ନିଷ୍ପତ୍ତି ସହ ସହାୟତା ପ୍ରଦାନ କଲେ ବହୁ ବ୍ୟବସାୟୀ ବିଭିନ୍ନ ସମସ୍ୟାରୁ ମୁକୁଳିବା ସହ ଦେଶର ବିକାଶରେ ଭାଗୀଦାରି ହୋଇପାରିବେ। ଆମଦାନୀ ଓ ରପ୍ତାନୀ ନିୟମ କୋହଳ ସହ ବିଭିନ୍ନ ଶୁଳ୍କର ପୁନର୍ବିଚାର କରାଗଲେ ବ୍ୟବସାୟୀ ଓ ବ୍ୟବସାୟ ଠିକ ଭାବରେ ଚାଲି ପାରିବ।

**–ସୁଧାକର ପଣ୍ଡା, ମହାସଚିବ, ରାଜ୍ୟ ବ୍ୟବସାୟୀ ମହାସଂଘ**

### ବ୍ୟାଙ୍କଗୁଡିକୁ ପୁଞ୍ଜି ଯୋଗାଣ ହେଉ



ମହାମାରୀ ସମୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦେଶବାସୀଙ୍କ ସହ ଛିଡା ହୋଇଛନ୍ତି। ଏହି ସମୟରେ ଜାତୀୟକରଣ ବ୍ୟାଙ୍କର ଭୂମିକା ଅର୍ଥ ବ୍ୟବସ୍ଥା ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ରହି ଆସିଛି। ବ୍ୟାଙ୍କଗୁଡିକୁ ତୁରନ୍ତ ପୁଞ୍ଜି ଯୋଗାଣ କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ପରିସ୍ଥିତିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ଘରୋଇକରଣ କରିବାର ଆବଶ୍ୟକତା ନାହିଁ। ବ୍ୟାଙ୍କ ଘରୋଇକରଣ ହେଲେ ପୁଞ୍ଜିପତିଙ୍କର ସ୍ୱାର୍ଥସାଧନ ହେବ। ସାଧାରଣ ଗ୍ରାହକ ବିଭିନ୍ନ ସମସ୍ୟା ସାମ୍ନା କରିବେ। ବଜେଟରେ ବ୍ୟାଙ୍କ ଖାତାଧାରୀଙ୍କ କାରବାର ଅନୁସାରେ ସ୍ଲାବ ପ୍ରସ୍ତୁତ କରାଯାଇ ଟିକସ ବ୍ୟବସ୍ଥା ଲାଗୁ କଲେ ଧନୀ ବ୍ୟକ୍ତିମାନେ ଅତିରିକ୍ତ ୩୦%ରୁ ୫୦% ଟ୍ୟାକ୍ସ ସହ ସରକାର ରାଜସ୍ୱ ଆଦାୟ ହୋଇପାରିବ। ବଜେଟରେ ସରକାର ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କ ନୂତନ ବ୍ୟବସ୍ଥା ଲାଗୁ କରିବେ ବୋଲି ଆଶା।

**–ଦାମୋଦର ନନ୍ଦ, ରାଜ୍ୟ ସଭାପତି, ଏଆଇବିଓସି**

### ଆତ୍ମନିର୍ଭର ଭାରତରେ ଗ୍ରାମାଞ୍ଚଳକୁ ଗୁରୁତ୍ୱ ମିଳୁ



କରୋନା ମହାମାରୀ ଯୋଗୁ ସବୁବର୍ଗର ଲୋକ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ମାନ୍ଦାବସ୍ଥା, ଛଟେଇ, ବେରୋଜଗାର ଏବଂ ନିଯୁକ୍ତି ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ ଏକ ମାପଦଣ୍ଡ ହୋଇଯାଇଛି । ଏଭଳି ସମସ୍ୟାରୁ ମୁକୁଳିବା ପାଇଁ ସରକାର ଆଗାମୀ ବଜେଟରେ କିଛି ସହାୟତା ଓ ନୂତନ ସୁବିଧା ଏବଂ ବ୍ୟବସ୍ଥା ପ୍ରଚଳନ କରିବା ଆବଶ୍ୟକ ରହିଛି। ଆତ୍ମନିର୍ଭର ଭାରତକୁ ଗ୍ରାମାଞ୍ଚଳ ସ୍ତରରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଇଲେ ଅନେକାଂଶରେ ଦେଶର ଅର୍ଥବ୍ୟବସ୍ଥା ଓ ଅର୍ଥନୀତିରେ ସୁଧାର ଆସିବ ବୋଲି ଆଶା।

**–ଅକ୍ଷୟ ଦାସ, ଆଇନଜୀବୀ**



ଦକ୍ଷିଣ ଭାରତୀୟ ଫିଲ୍ମ ସୁପରଷ୍ଟାର କମଲ ହାସନଙ୍କ ଝିଅ ତଥା ଅଭିନେତ୍ରୀ ଶ୍ରୁତି ହାସନ ଗୁରୁବାର ତାଙ୍କ ୩୫ ତମ ଜନ୍ମଦିନ ପାଳନ କରିଛନ୍ତି। ଏଥିସହ ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଘୋଷଣା କରାଯାଇଛି। 'ବାହୁବଳୀ' ଷ୍ଟାର ପ୍ରଭାସଙ୍କ ଆଗାମୀ ମେଗା ପ୍ରୋଜେକ୍ଟ 'ସଲାର'ରେ ଶ୍ରୁତି କାମ କରିବେ ବୋଲି ଏହାର ନିର୍ମାତା ପ୍ରକାଶ କରିଛନ୍ତି।

# ସାଇକିରେ ସୁନା ଭଣ୍ଡାର

**ସୁନା ଏବଂ ଏଥିରୁ ତିଆରି ଅଳଙ୍କାରକୁ ନେଇ ମଣିଷ ଭିତରେ ରହିଆସିଛି ଅହେତୁକ ଆକର୍ଷଣ। ପ୍ରକୃତି ଦତ୍ତ ଏହି ମୂଲ୍ୟବାନ ପଦାର୍ଥ ଧୀରେ ଧୀରେ ଶେଷ ହେବାକୁ ବସିଲାଣି। ମାତ୍ର କେଇଟା ବର୍ଷ ଭିତରେ ଏହା ପୃଥିବୀରୁ ସରିଯିବ। ଏପରି ସମୟରେ କ୍ଷୁଦ୍ର ଗ୍ରହ ୧୬-ସାଇକିକୁ ନେଇ ଏକ ରୋଚକ ତଥ୍ୟ ପଦାକୁ ଆସିଛି। ଏହି ଗ୍ରହରେ ସୁନାର ଅମାପ ଭଣ୍ଡାର ଥିବା ମହାକାଶ ବିଜ୍ଞାନୀମାନେ ଜାଣିବାକୁ ପାଇଛନ୍ତି।**



**ୱାଶିଂଟନ:** ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ସେଟଲମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଡିସ୍‌ପ୍ୟୁଟ୍ସ (ଆଇସିଏସ୍ଆଇଡି) ପାକିସ୍ତାନର ବେଲୁଚିସ୍ତାନସ୍ଥିତ ରେକୋ ଡିକ୍ ଖାଦାନକୁ ରଦ୍ଦ କରିଛି। ଏଥିସହ ପାକିସ୍ତାନ ଉପରେ ମୋଟା ଅଙ୍କର ଜରିମାନା ଲଗାଇଛି। ଏହି ଖାଦାନ ୫୦ ବର୍ଷ ଯାଏ ସୁନା ଉତ୍ପାଦନ କରିବାକୁ ସକ୍ଷମ ବୋଲି ଆକଳନ କରାଯାଇଛି, ଯାହାକୁ ନେଇ ପାକ୍ ସରକାର ବେଶ୍ ଉତ୍ସାହିତ ଅଛନ୍ତି। ଏହାକୁ ବାଦ୍ ଦେଲେ ପୃଥିବୀର ଅଧିକାଂଶ ସୁନା ଖଣି ଏବେ ଖାଲି ହୋଇସାରିଲାଣି। ଫଳରେ ସୁନା ଚାହିଦା ମେଣ୍ଟାଇବା ଲାଗି ବୈଜ୍ଞାନିକମାନେ ଏବେ ମହାକାଶର ଉତ୍ସ ଉପରେ ନଜର ପକାଇଛନ୍ତି।

ସୁନା ଭଳି ପ୍ରାକୃତିକ ସମ୍ପଦର ମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି, ଯାହାକୁ 'ଗୋଲ୍ଡ ପିକ୍' କୁହାଯାଏ। ଅର୍ଥାତ୍ ଏହାପରେ ସୁନାର ଭଣ୍ଡାର ଶେଷ ହୋଇଯିବ। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ (ଡବ୍ଲ୍ୟୁଜିସି)ର ଏକ ରିପୋର୍ଟ ଅନୁଯାୟୀ ୨୦୧୯ରେ ସାରା ପୃଥିବୀର ବିଭିନ୍ନ ଖଣିରୁ ହାରାହାରି ୩,୫୩୧ ଟନ୍ ସୁନା ବାହାର କରାଯାଇଛି। ସୁନା ଖନନ କରୁଥିବା କମ୍ପାନୀଗୁଡ଼ିକ ମତରେ ପୃଥିବୀର ମୋଟ ସୁନାର ତିନି ଚତୁର୍ଥାଂଶରୁ ଅଧିକ ବାହାର ହୋଇସାରିଛି। ସେଗୁଡ଼ିକ ଘରେ ଏବଂ ବ୍ୟାଙ୍କରେ ରହିଛି। ମାତ୍ର ଏକ ଚତୁର୍ଥାଂଶ ସୁନା ଗଚ୍ଛିତ ରହିଛି, ଯାହାର ପରିମାଣ ଆନୁମାନିକ ୫୪,୦୦୦ ଟନ୍।

କ୍ରମାଗତଭାବେ ହ୍ରାସ ପାଉଥିବା ସୁନା ଉତ୍ତୋଳନକୁ ନେଇ ୨୦୧୮ରୁ ଚିନ୍ତା ବ୍ୟକ୍ତ କରି ଆସୁଛନ୍ତି ଖନନ କମ୍ପାନୀ। ନ୍ୟୁମୋଣ୍ଟ ଗୋଲ୍ଡକର୍ପ, ବାରିକ୍ ଗୋଲ୍ଡ କର୍ପୋରେଶନ, କିନ୍‌ରସ ଗୋଲ୍ଡ କର୍ପୋରେଶନ ଭଳି ବଡ଼ ବଡ଼ କମ୍ପାନୀ ସୁନା ଭଣ୍ଡାର କମୁଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷେ ଦୁନିଆର ଅର୍ଥନୀତି ଉତ୍ଥାନ ପତନ ହେଲେ ସୁନା ମହଜୁଦ୍ ଉପରେ ଗୁରୁତ୍ୱ ଦିଆଯାଏ। ବ୍ୟବସାୟରେ ମଧ୍ୟ ସୁନା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ପୃଥିବୀରୁ ସୁନା ସରିଗଲେ ଏହାର ପ୍ରଭାବ ଅର୍ଥନୀତି ଉପରେ ପଡ଼ିବ। ତେଣୁ ମହାକାଶରୁ ସୁନା ଆଣିବା ଲାଗି ଏବେ ଆଶା ବାନ୍ଧିଛନ୍ତି ମହାକାଶ ବିଜ୍ଞାନୀ। ଏଭଳି ସ୍ଥିତିରେ ମଙ୍ଗଳ ଏବଂ ବୃହସ୍ପତି ମଧ୍ୟରେ ଥିବା ୧୬-ସାଇକି ନାମକ କ୍ଷୁଦ୍ର ଗ୍ରହକୁ ନେଇ ଆଶାସଞ୍ଚାର ହୋଇଛି। ଉକ୍ତ ଗ୍ରହରୁ ପୃଥିବୀକୁ ସୁନା ଅଣାଯାଇପାରିଲେ ପ୍ରତି ବ୍ୟକ୍ତି କୋଟିପତି ହୋଇଯିବେ ବୋଲି ମହାକାଶ ବିଜ୍ଞାନୀ କହିଛନ୍ତି।

ସୁନା, ପ୍ଲାଟିନମ, ଆଇରନ ଏବଂ ନିକେଲ ଭଳି ମୂଲ୍ୟବାନ ଧାତୁର ସଂରଚନାରେ ଗଠିତ ସାଇକି-୧୬। ଏହାର ବ୍ୟାସ ୨୨୬ କିଲୋମିଟର। ଏଥିରୁ ଏହି ଗ୍ରହ କେତେ ଦୁର୍ମୂଲ୍ୟ ତାହା ସହଜରେ ଅନୁମେୟ। ଏକ ବ୍ରିଟିଶ ଗଣମାଧ୍ୟମ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଯଦି ଏହି ଗ୍ରହରୁ ସବୁ ଧାତୁ ପୃଥିବୀକୁ ଅଣାଯାଏ ତେବେ ପ୍ରତି ବ୍ୟକ୍ତିଙ୍କ ପାଖରେ ହାରାହାରି ୯୬୨୧ କୋଟି ଟଙ୍କାର ସମ୍ପତ୍ତି ଥିବ। ଏହା କେବଳ ଉକ୍ତ ଗ୍ରହରେ ଗଚ୍ଛିତ ଲୁହାର ମୂଲ୍ୟକୁ ଆକଳନ କରି କୁହାଯାଇଛି। ସୁନା, ପ୍ଲାଟିନମ୍ ଏବଂ ନିକେଲକୁ ମିଶାଇଲେ ଏହା ମୂଲ୍ୟ ଅନେକ ଗୁଣ ବଢ଼ିଯିବ। ତେବେ ଏହା ଆଣିବା ଦ୍ୱାରା ପୃଥିବୀର ସୁନା ଇଣ୍ଡଷ୍ଟ୍ରୀ ଗଭୀର ଭାବେ ପ୍ରଭାବିତ ହେବ ବୋଲି ଅନେକେ ଚେତାବନୀ ଦେଇଛନ୍ତି।

ଏଭଳି କଳ୍ପନା ଜଳ୍ପନା ଭିତରେ ୨୦୨୨ରେ ଏହି କ୍ଷୁଦ୍ର ଗ୍ରହ ଉପରେ ଅଧିକ ଯାଞ୍ଚ କରିବାକୁ ନାସା ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ ବୋଲି ଘୋଷଣା କରାଯାଇଛି, ଯାହାର ନାମ 'ଡିସ୍କଭରି ମିଶନ'। ନାସା ୨୦୨୬ ସୁଦ୍ଧା ସାଇକିରେ ପହଞ୍ଚିବାକୁ ଯୋଜନା ରଖିଛି। ଏହି ଗ୍ରହରୁ ସୁନା ଆଣିବା ଦ୍ୱାରା ବିଶ୍ୱ ଅର୍ଥନୀତିରେ ଭୂକମ୍ପ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହା ଅଣାଯାଇ ପାରିବ କି ନାହିଁ ତାହା ମଧ୍ୟ ସନ୍ଦିହାନ। ତଥାପି ଅନେକ ବଡ଼ ବଡ଼ କମ୍ପାନୀ ଏହି ମିଶନରେ ଆଗୁଆ ଅର୍ଥ ବିନିଯୋଗ କରିବାକୁ ଅଣ୍ଟା ଭିଡ଼ି ସାରିଲେଣି।

ଜନ୍ମଦିନର ଶୁଭେଚ୍ଛା

ହିତଲ ଦେବତା
ମିନା ବଜାର, ଢେଙ୍କାନାଳ
ଆଜି ତମର ଏଗାର ତମ ଜନ୍ମଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ତମକୁ ଦିର୍ଘାୟୁ ଓ ଯଶସ୍ୱୀ କରନ୍ତୁ
ଆଶିର୍ବାଦ ସହ
ଅଜା, ଆଈ, ମାମୁଁ, ବାବା, ମା, ବାପା, ମମି ଆଉ ଏଲି
ଧ-୬୮୫୩


ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା
ନିଶାନ୍ତ ମହାନ୍ତି
ଗ୍ରାମ- ସୌରିପାଲି, କଣ୍ଡାମାଳ, ଜିଲା- ବୌଦ୍ଧ
ଆଜି ତୋର ପ୍ରଥମ ଜନ୍ମ ଦିବସରେ ଭଗବାନଙ୍କ ଠାରେ ପ୍ରାର୍ଥନା କରୁଛୁ, ତୋର ଚଳାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-: ଶୁଭେଚ୍ଛା ସହ :-
ପିତା- ପିଣ୍ଟୁ ମହାନ୍ତି, ମାତା- ଲିଜା ମହାନ୍ତି, ଅଜା- ବାମଦେବ ମହାନ୍ତି, ଆଈ- ସନ୍ଧ୍ୟାରାଣୀ ମହାନ୍ତି, ମାମୁଁ- ବିମଳ ପ୍ରଧାନ ଓ ଶିଭୁ ପ୍ରଧାନ।
ଧ-୧୯୭୬୦

# ଗାଁର ପ୍ରତି ଘରେ ଯବାନ



**ହାଇଦ୍ରାବାଦ:** ଜାତି, ଧର୍ମ, ବର୍ଣ୍ଣ ସବୁଠୁ ଉର୍ଦ୍ଧ୍ୱରେ ରହିଛି ଦେଶଭକ୍ତି। ଆଉ ଏହା ସମ୍ଭବ କେବଳ ଆମ ଦେଶରେ। ବିଭିନ୍ନ ଧର୍ମର ଲୋକେ ବସବାସ କରୁଥିଲେ ବି ଦେଶଭକ୍ତିର ଭାବନା ରହିଛି ସମସ୍ତଙ୍କ ମନରେ। ଏହାର ଏକ ଉଦାହରଣ ଆନ୍ଧ୍ରପ୍ରଦେଶ ପ୍ରକାଶମ୍ ଜିଲାର ମାଲ୍ଲାରେଡ଼ିପଲ୍ଲୀ ଗାଁ। ଏହି ଗାଁଟି ମୁସଲିମ୍ ବହୁଳ ହୋଇଥିଲେ ବି ପ୍ରତିଘରୁ ଜଣେ ଜଣେ ସାମିଲ ହୋଇଛନ୍ତି ସେନାରେ।

ମୁସଲମାନ ହୋଇ ବି ମାଲ୍ଲାରେଡ଼ିପଲ୍ଲୀ ଗାଁର ପ୍ରତି ପରିବାରରୁ ଜଣେ ଲେଖାଏଁ ସାମିଲ ହୋଇଛନ୍ତି ଭାରତୀୟ ସେନାରେ। ଦେଶର ସୁରକ୍ଷା ପାଇଁ ଏହି ଗାଁର ଯୁବକମାନେ ସୀମାରେ ଶତ୍ରୁମାନଙ୍କ ସହିତ ଲଢ଼ନ୍ତି। ଗାଁର ପ୍ରତ୍ୟେକ ଯୁବକଙ୍କ ପାଖରେ ସେନାରେ ସାମିଲ ହେବା ପାଇଁ ଛୋଟବେଳରୁ ଏକ ସ୍ୱପ୍ନ ରହିଥାଏ। ଏଥିପାଇଁ ସେମାନେ ଶୈଶବରୁ ଖୁବ୍ ପରିଶ୍ରମ କରି ନିଜକୁ ପ୍ରସ୍ତୁତ କରିଥାଆନ୍ତି। ଗାଁରେ ଏବେ ଏମିତି ଅନେକ ଯବାନ ଅଛନ୍ତି, ଯେଉଁମାନେ ଭାରତ-ପାକିସ୍ତାନ ଯୁଦ୍ଧ, କାର୍‌ଗିଲ୍ ଯୁଦ୍ଧ କିମ୍ବା ଭାରତ-ଚାଇନା ଯୁଦ୍ଧରେ ଶତ୍ରୁର ମୁକାବିଲା କରିଛନ୍ତି। ଗାଁରେ ପ୍ରତି ପରିବାର ନିଜ ନିଜ ପିଲାମାନଙ୍କୁ ଯବାନ ହେବା ପାଇଁ ଛୋଟବେଳରୁ ପ୍ରେରଣା ଦେଇଥା'ନ୍ତି। ଏମିତିକି ଅନେକ ଯୁବକ ଉଚ୍ଚଶିକ୍ଷା ଲାଭ କରିବା ପରେ ସେନାରେ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରିଥା'ନ୍ତି। ଭାରତମାତାର ସେବା କରିବା ପାଇଁ ଗାଁ ଲୋକଙ୍କ ଦୃଢ଼ ମନୋବଳ ଦେଖିଲେ ସତରେ ଆଶ୍ଚର୍ଯ୍ୟ ଲାଗିଥାଏ।

# ସ୍ୱାସ୍ଥ୍ୟ ସୂଚନା ଦେବ ରୋବୋ



**ନୂଆଦିଲ୍ଲୀ:** ତାଙ୍କ ଜେଜେମା' ଥିଲେ ଅଲ୍‌ଜାଇମର୍ ରୋଗୀ। ସବୁ କଥା ଭୁଲି ଯାଉଥିବାରୁ ତାଙ୍କ ପାଖେପାଖେ ଜଣେ ଆଟେଣ୍ଡାଣ୍ଟ ରହିବାକୁ ପଡୁଥିଲା। ଜେଜେମା'ଙ୍କ ଅସୁବିଧା ଦୂର କରିବା ପାଇଁ ସେ ତିଆରି କରିଦେଲେ ଏକ ଛୋଟ ରୋବୋ, ଯାହାକୁ ହାତରେ ଘଣ୍ଟା ଭଳି ପିନ୍ଧି ରୋଗୀଙ୍କ ସମ୍ବନ୍ଧରେ ସବୁକିଛି ସହଜରେ ଜାଣିହେବ। ଏତେ କମ୍ ବୟସରୁ ଏଭଳି ଏକ ରୋବୋ ତିଆରି କରିପାରିଥିବାରୁ ତାଙ୍କୁ ମିଳିଛି ବାଳ ଶକ୍ତି ପୁରସ୍କାର। ଏହି ସ୍ୱତନ୍ତ୍ର ଧରଣର କୁନି ପ୍ରତିଭା ହେଉଛନ୍ତି ହିମେଶ ଚଢ଼ାଲାୱାଡା।

ଚଢ଼ାଲାୱାଡାଙ୍କର ପିଲାବେଳରୁ କିଛି ନୂଆ କରିବା ପାଇଁ ସ୍ୱତନ୍ତ୍ର ଆଗ୍ରହ ରହିଥିଲା। ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ଛୋଟଛୋଟ ରୋବୋ ଏବଂ କାର୍ ତିଆରି କରିବାରେ ସକ୍ଷମ ହୋଇଥିଲେ। ତେବେ ସେ ତିଆରି କରିଥିବା ରୋବୋ ମାଧ୍ୟମରେ ଦୈନନ୍ଦିନ ଜୀବନର ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ସେ ଦେଖିଥିଲେ କି ତାଙ୍କ ଘରେ ତାଙ୍କ ଜେଜେମା' ଅଲଜାଇମର ରୋଗରେ ପଡ଼ି ସବୁ ଭୁଲି ଯାଉଥିଲେ। ଏମିତିକି ବେଳେବେଳେ ଘରୁ ବାହାରି ବିଭିନ୍ନ ସ୍ଥାନକୁ ଚାଲି ଯାଉଥିଲେ। ଏହି ସମସ୍ୟାର ସମାଧାନ ନିମନ୍ତେ ସେ ଏକ ଛୋଟ ରୋବୋ ବାହାର କରିବାକୁ ସକ୍ଷମ ହୋଇଛନ୍ତି। ଏହି ରୋବୋକୁ ହାତଘଣ୍ଟା ଭଳି ହାତରେ ଲଗାଇ ହେବ। ଫଳରେ ସମ୍ପୃକ୍ତ ରୋଗୀଙ୍କର ପ୍ରତିଦିନ ହାର୍ଟ, ବ୍ଲଡପ୍ରେସର ଚେକ୍‌ଅପ୍ କରିବା ସହିତ ରୋଗୀ ସମ୍ପର୍କରେ ତାଙ୍କ ସମ୍ପର୍କୀୟଙ୍କୁ ସବୁ ସୂଚନା ମିଳିପାରିବ। ମୋବାଇଲ ଆପ୍ ମାଧ୍ୟମରେ ଏହି ରୋବୋ ପ୍ରତି ମୁହୂର୍ତ୍ତରେ ଖବର ଦେଇପାରିବ। ଏମିତିକି ରୋଗୀଙ୍କୁ କେତେବେଳେ ଡାକ୍ତରଙ୍କ ପାଖକୁ ନେବାକୁ ହେବ ସେନେଇ ମଧ୍ୟ ରୋବୋ ଠିକ୍ ସମୟରେ ସତର୍କ କରାଇଦେବ। ଏଭଳି ଏକ ସୁନ୍ଦର ଡିଭାଇସ୍ ଉଦ୍ଭାବନ କରିପାରିଥିବାରୁ ହିମେଶଙ୍କୁ ସମସ୍ତେ ପ୍ରଶଂସା କରିବା ସହିତ ତାଙ୍କର ଏଭଳି କୃତିତ୍ୱ ନିମନ୍ତେ ତାଙ୍କୁ ବାଳ ଶକ୍ତି ପୁରସ୍କାର ପ୍ରଦାନ କରାଯାଇଛି।



# ବିବାହ କରିବେ ଐଶ୍ୱର୍ଯ୍ୟା

**ମୁମ୍ବାଇ:** ରିଲ ନାୟିକାରୁ ରିୟଲ ନାୟିକା। ଏପରି କିଛି ଘଟିଛି ଟେଲି ଧାରାବାହିକ 'ଗୁମ ହେ କିସି କେ ପ୍ୟାର୍ ମେ'ର ଅଭିନେତ୍ରୀ ଐଶ୍ୱର୍ଯ୍ୟା ଶର୍ମାଙ୍କ କ୍ଷେତ୍ରରେ। ଅଭିନେତା ନୀଲ ଭଟ୍ଟଙ୍କ ସହ ସେ ନିର୍ବନ୍ଧ କରି ନେଇଛନ୍ତି। ସୋସିଆଲ ମିଡିଆରେ ଐଶ୍ୱର୍ଯ୍ୟା ଫଟୋ ଶେୟାର କରି ପ୍ରଶଂସକଙ୍କୁ ଖୁସି ଖବର ଶୁଣାଇଛନ୍ତି। ଶୁଟିଂ ସେଟ୍‌ରେ ନୀଲ-ଐଶ୍ୱର୍ଯ୍ୟା ପରସ୍ପରଙ୍କୁ ଭେଟିଥିଲେ। ଧୀରେ ଧୀରେ ବନ୍ଧୁତା ଆଉ ପରେ ପ୍ରେମ ପର୍ଯ୍ୟନ୍ତ ଯାଇଥିଲା କଥା। ଏବେ ଉଭୟ ନିଜ ସମ୍ପର୍କକୁ ଅଫିସିଆଲ କରିଦେଇଛନ୍ତି। ପରସ୍ପର ସହ ରହିବାକୁ ଭଲ ଲାଗୁଛି। ପ୍ରଥମରୁ ହିଁ ସମ୍ପର୍କ କିଛି ଅଲଗା ଭଳି ଲାଗିଥିଲା। ହେଲେ ଆମେ ଦୁହେଁ ଚୁପ ଥିଲୁ ବୋଲି ଐଶ୍ୱର୍ଯ୍ୟା କହିଛନ୍ତି। ଠିକ ସମୟକୁ ଅପେକ୍ଷା କରି ଥିଲୁ ବୋଲି ସେ କହିଛନ୍ତି। ଚଳିତ ବର୍ଷ ଉଭୟ ବିବାହ କରିବାକୁ ଯାଉଛନ୍ତି। ସମୟ ଆସିଲେ ଉଭୟ ବିବାହ ତାରିଖ ଘୋଷଣା କରିବେ ବୋଲି ସେ ମଧ୍ୟ କହିଛନ୍ତି। ପ୍ରକାଶ ଥାଉ କି, ସେ ଷ୍ଟାରପ୍ଲସରେ ସିରିୟଲ କରିବା ସହ ମାକ୍ସ ପ୍ଲେୟାର ଓରିଜିନାଲରେ ତାଙ୍କର ଏକ ରୋମାଣ୍ଟିକ ୱେବସିରିଜ ପ୍ରସାରିତ ହୋଇଛି। ଯାହାର ନାଁ ହେଲା 'ମାଧୁରୀ ଟକିଜ୍'। ଏଥିରେ ତାଙ୍କ ଅପୋଜିଟ୍‌ରେ ସାଗର ୱାହି ମୁଖ୍ୟଭୂମିକାରେ ଅଛନ୍ତି।

# ପାକିସ୍ତାନ ଆକାଶରେ ଅଜବ ଦୃଶ୍ୟ



**ଇସଲାମାବାଦ:** ପାକିସ୍ତାନର ଜଣେ ପାଇଲଟ ଆକାଶରେ ଏକ ଅଜବ ଦୃଶ୍ୟ ଦେଖିଥିବା କହିଛନ୍ତି। ସେ ଏଲିଅନଙ୍କୁ ଦେଖିଥିବା ଦାବି କରିଛନ୍ତି। ଏହି ଖବର ପାକିସ୍ତାନୀ ମିଡିଆରେ ଚର୍ଚ୍ଚା ହେଉଛି। ଏହି ଦୃଶ୍ୟର ଭିଡିଓ ମଧ୍ୟ ସେ ପ୍ରସ୍ତୁତ କରିଛନ୍ତି। ପାକିସ୍ତାନ ଇଣ୍ଟର୍‌ନ୍ୟାଶନାଲ ଏୟାରଲାଇନ୍ସ ପାଇଲଟ ରହିମ ଏୟାରବେସ୍‌ରୁ ଏ-୩୨୦ ବିମାନ ନେଇ ଲାହୋରରୁ କରାଚି ଯାଉଥିବା ସମୟରେ ସେ ଅଜବ ଦୃଶ୍ୟ ଦେଖିବାକୁ ପାଇଥିଲେ। ସେ କୁହନ୍ତି, ସୂର୍ଯ୍ୟଙ୍କ କିରଣରେ ଏଭଳି ବସ୍ତୁ ଦେଖିବାକୁ ମିଳିଥିଲା। ଏହା ଏକ କୃତ୍ରିମ ଉପଗ୍ରହ ପରି ଦେଖାଯାଉଥିଲା। ଏହା ଦେଖିବା ପରେ ସେ ତୁରନ୍ତ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେବା ସହ ଏହାର ଭିଡିଓ ପ୍ରସ୍ତୁତ କରିଥିଲେ। ତେବେ ପ୍ରକୃତରେ ତାହା କ'ଣ ଥିଲା ଜଣାପଡିନାହିଁ। ଏହି ଘଟଣାର ଯାଞ୍ଚ ଚାଲିଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ନିତ୍ୟାନନ୍ଦ ମହାନ୍ତି
ତୈଲୋକ ଭବନ, ଅଣ୍ଡିଲୋ, ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୪୭
ତିରୋଧାନ: ୧୯।୦୧।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଗୌରାଙ୍ଗ, ପ୍ରେମାନନ୍ଦ, ଜକି, ବାପୁ, କୁବୁଲି, ଟିକିଲି, ବାବୁଲି ଓ ବନ୍ଧୁ ପରିବାରବର୍ଗ।
ଧ-୪୬୨୯୪

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା କୁମାରୀ ଶୁଭଶ୍ରୀ ବିନ୍ଧାଣୀ
ଆବିର୍ଭାବ: ୦୧।୦୧।୨୦୧୦
ତିରୋଧାନ: ୧୮।୦୧।୨୦୨୧
ଚାହୁଁ ଚାହୁଁ ବାର ଦିନ ବିତିଗଲା। ହେଲେ ତୁମର ମୃତ୍ୟୁ ରହସ୍ୟ ହୋଇ ରହିଗଲା। ଆମର ସମସ୍ତଙ୍କ ହୃଦୟରେ ସବୁଦିନ ପାଇଁ ସ୍ମୃତିହୋଇ ରହିଗଲା, ତୁମର ସେଇ ହସହସ ମୁହଁ ସବୁବେଳେ ମନେ ପଡୁଅଛି ସାଙ୍ଗ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ତୁମର ସମସ୍ତ ସ୍କୁଲ ସାଙ୍ଗ
ଗୌଡ଼ିଆପଡ଼ା ଉ:ପ୍ରା: ବିଦ୍ୟାଳୟ
ଧ-୧୯୭୫୫

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଅର୍ଜୁନ ଚରଣ ବାରିକ
କୋରକୋରା, ଭଦ୍ରକ
ଆବିର୍ଭାବ: ୨୦।୦୧।୧୯୧୭
ତିରୋଧାନ: ୨୯।୦୧।୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବିପିନ୍, ନିରଞ୍ଜନ, କାର୍ତ୍ତିକ ଓ ପରିବାରବର୍ଗ।
ସମାଜସେବୀ ଓ ଅନୁଷ୍ଠାନପ୍ରେମୀ।
ଧ-୧୯୭୫୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ବୈଦେହୀ ସ୍ୱାଇଁ
ନିଉ ଫରେଷ୍ଟ ପାର୍କ, ଭୁବନେଶ୍ୱର
ଆବିର୍ଭାବ- ୨୪.୧୨.୧୯୫୬
ତିରୋଧାନ- ୧୦.୦୧.୨୦୨୦
ଆପଣ ଯେଉଁଠି ଥାଆନ୍ତୁ ଖୁସିରେ ଥାଆନ୍ତୁ। ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ପ୍ରାର୍ଥନା କରୁଛୁ।
-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ଆପଣଙ୍କ ହତଭାଗ୍ୟ ବଂଶିକା, ରିସିରାଜ୍, ଗାରଗୀ, ଆଞ୍ଚେଲ, ପୂଜା, ବେବି, ରଶ୍ମି, ପୁଷ୍ପା, ଗୋପ, ଛବି ଓ ବନ୍ଧୁ ପରିବାରବର୍ଗ।
ଧ-୭୦୫୧୩

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରାମଚନ୍ଦ୍ର ପୋଥାଳ
(ଶ୍ୟାମଦାଶପୁର, କୁଜାହାଲା, ଯାଜପୁର)
ତିରୋଧାନ: ୨୯।୦୧।୨୦୧୬
ଆପଣଙ୍କର ପବିତ୍ର ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆପଣଙ୍କର ପୂଜିତ ପ୍ରଭୁ ଗୋବିନ୍ଦ ଏବଂ ଗିରିଧାରୀଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଝିଅ: ଚଗଲି (ଲିଲି), ଜ୍ୱାଇଁ: ହୃଷୀକେଶ, ନାତି: ସୁନୁ, ନାତୁଣୀ: ଲିସି।
ଧ-୬୫୯୧୦

ଏକାଦଶାହ ଉପଲକ୍ଷେ

✓ କାଳନ୍ଦୀ ଚରଣ ଜେନା
ଛଣଘର, ସାତସଙ୍ଖ, ପୁରୀ
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଏବଂ ଭଲପାଇବା ସଦା ସର୍ବଦା ଆମ୍ଭମାନଙ୍କର ଚିରସ୍ମରଣୀୟ ହୋଇ ରହିଥାଉ।
ଶୋକସନ୍ତପ୍ତ :
ପତ୍ନୀ-ଉର୍ମିଳା, ପୁତ୍ର-ଦେବାଶିଷ, ଝିଅ - ନିବେଦିତା
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୯୭୫୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଡକ୍ଟର ପୂର୍ଣ୍ଣ ଚନ୍ଦ୍ର ସାହୁ
(ବିଶିଷ୍ଟ ଶଲ୍ୟ ବିଶେଷଜ୍ଞ ତଥା ଏମକେସିଜି ମେଡ଼ିକାଲ କଲେଜର ପ୍ରାକ୍ତନ ଅଧ୍ୟକ୍ଷ)
ବାଦାମବାଡ଼ି, କଟକ
ଆବିର୍ଭାବ : ୧୭.୦୯.୧୯୪୨
ସ୍ୱର୍ଗବାସ : ୧୯.୦୧.୨୦୨୧
ଆପଣଙ୍କ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା, ପରୋପକାରୀତା, ସମାଜସେବା ଆମ ପ୍ରେରଣାର ଉତ୍ସ ହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୧୯୭୫୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର
ଇଚ୍ଛାବତୀପୁର ଶାସନ (ରଡାଙ୍ଗି), ଢେଙ୍କାନାଳ
ତୃତୀୟ ବାର୍ଷିକ ଶ୍ରାଦ୍ଧ ଅବସରରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି
-:ଶୋକସନ୍ତପ୍ତ:-
ଟୁପସି, ମଞ୍ଜୁ, ସଞ୍ଜୁ, ରଞ୍ଜୁ, ଅମ୍ବୁଜ, ଭାରତୀ, ସିଦ୍ଧାନ୍ତ।
ଧ-୭୦୩୧୨

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତା ସୁପ୍ରଭା ସ୍ୱାଇଁ
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ)
ବାଙ୍କିସାହି, କଟକ
ଆବିର୍ଭାବ: ୨୮।୦୮।୧୯୪୦
ତିରୋଧାନ: ୦୨।୦୧।୨୦୧୮ (ମାଘ ପ୍ରତିପଦା)
ଆଜିକୁ ଠିକ୍ ତିନିବର୍ଷ ପୂର୍ବେ ତମେ ଆମକୁ ଶୋକସାଗରରେ ଭସାଇଦେଇ ସବୁଦିନ ପାଇଁ ଚାଲିଗଲ ଅଫେରା ପଥରେ। ତମର ଅନୁପସ୍ଥିତିକୁ ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତମର ସ୍ନେହବୋଳା କଥା, ମମତା ଓ ଶ୍ରଦ୍ଧା ଆମ ହୃଦୟରେ ଚିରକାଳ ଅମଳିନ ସ୍ମୃତିହୋଇ ରହିବ। ତୁମର କର୍ତ୍ତବ୍ୟପରାୟଣତା, ନୀତି, ଆଦର୍ଶ, ସଂସ୍କାର ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣ ଯେଉଁଠି ବି ଥାଆନ୍ତୁ ସୁଖ ଓ ଶାନ୍ତିରେ ଥାଆନ୍ତୁ। ତମର ଆଶୀର୍ବାଦ ସର୍ବଦା ଆମମାନଙ୍କ ପ୍ରତି ରହିଥାଉ। ତମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ଆଦିତ୍ୟ, ଆଲୋକ, ବୋହୂ: ପ୍ରଜ୍ଞା, ସୁସ୍ମିତା, କନ୍ୟା: ଜ୍ୟୋତି, ଯୁଗଜ୍ୟୋତି, ଜାମାତା: ବେଦ୍, ଅସୀମ, ନାତୁଣୀ: ଆଦ୍ୟାଶା, ସାଇଅଂଶିକା, ଆୟୁଷୀ, ଆରୁଷି, ଅନନ୍ୟା ଓ ଆତ୍ମୀୟସ୍ୱଜନ।
ଧ-୧୯୭୬୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଇଂଲଣ୍ଡ ପାଇଁ ପରୀକ୍ଷା



ନିର୍ମଳ କୁମାର ମିଶ୍ର

**ଆଗକୁ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଆୟୋଜନ ହେବାକୁ ଥିବା ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଉପରେ ସମସ୍ତଙ୍କ ନଜର ରହିଛି। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଐତିହାସିକ ବିଜୟ ଓ ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡର କ୍ଲିନ୍ ସୁଇପ୍ ପରେ ଏହି ଟେଷ୍ଟ ସିରିଜର ଗୁରୁତ୍ୱ ବଢ଼ିଯାଇଛି। ଲର୍ଡ୍ସରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ସ୍ଥାନ ହାସଲ କରିବା ପାଇଁ ଏହି ସିରିଜ୍ ଉଭୟ ଦଳ ଲାଗି ସୁଯୋଗ ଓ ପରୀକ୍ଷା ସୃଷ୍ଟି କରିଛି...**

**ଷ୍ଟା**ର ଖେଳାଳିଙ୍କ ଆଘାତଜନିତ ସମସ୍ୟା, ମ୍ୟାଚ ମଧ୍ୟରେ ଖେଳାଳିମାନଙ୍କ ମଧ୍ୟରେ ବାକ୍‌ଯୁଦ୍ଧ, ବର୍ଣ୍ଣବୈଷମ୍ୟବାଦ ଆପେକ୍ଷ, ଅଷ୍ଟ୍ରେଲିଆର ପୂର୍ବତନ ଖେଳାଳିମାନଙ୍କ ସମାଲୋଚନା ସତ୍ତ୍ୱେ ଟିମ୍ ଇଣ୍ଡିଆ ନିଜର ଦମ୍‌ଦାର ପ୍ରଦର୍ଶନ ମାଧ୍ୟମରେ ଅଷ୍ଟ୍ରେଲିଆରେ ଟେଷ୍ଟ, ଟି୨୦ ସିରିଜ୍ ଜିତିବା ଏବଂ ଏକଦିବସୀୟ ସିରିଜ୍ ଅଳ୍ପକେ ହାତଛଡ଼ା କରିବା କମ୍ ଗୌରବର କଥା ନୁହେଁ। ଇଂଲଣ୍ଡ ଟିମ୍ ଭାରତ ଗସ୍ତରେ ଏକ ସମ୍ପୂର୍ଣ୍ଣ ସିରିଜ୍ ଖେଳିବା ପାଇଁ ଜାନୁୟାରୀ ୨୭ ତାରିଖରେ ଚେନ୍ନାଇଠାରେ ପହଞ୍ଚିଛି। ଉଭୟ ଦଳ ଜୈବ ସୁରକ୍ଷିତ ପରିବେଶ ବା ବାୟୋ ବବଲରେ ଗୋଟିଏ ହୋଟେଲରେ ରହିବା ସହିତ ଫେବୃୟାରୀ ୫ ତାରିଖରୁ ପ୍ରଥମ ଟେଷ୍ଟ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବେ। ଦୁଇ ଦଳ ପାଇଁ ଏହି ଟେଷ୍ଟ ସିରିଜ୍ ବେଶ୍ ଗୁରୁତ୍ୱ ବହନ କରେ। କାରଣ ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍‌ସିଲ (ଆଇସିସି) ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିବା ପାଇଁ ଉଭୟ ଦଳ ନିଶ୍ଚିତ ଚେଷ୍ଟା କରିବେ। ଯଦିଓ ଟିମ୍ ଇଣ୍ଡିଆ ଘରୋଇ ମାଟିରେ ଏହି ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି, ତଥାପି ଏହି ସିରିଜ୍‌କୁ ହାଲୁକା ଭାବେ ନେବ ନାହିଁ। ଯଦିଓ ଗତ ସିରିଜ୍‌ରେ ଟିମ୍ ଇଣ୍ଡିଆ ଦମ୍‌ଦାର ପ୍ରଦର୍ଶନ ମାଧ୍ୟମରେ ଅଷ୍ଟ୍ରେଲିଆକୁ ୨-୧ରେ ପରାସ୍ତ କରି ସମସ୍ତ ଗଣନାକୁ ଭୁଲ୍ ପ୍ରମାଣିତ କରିପାରିଛି। ଟିମ୍‌ର ଅଧିକାଂଶ ନାମଜାଦା ଖେଳାଳିଙ୍କ ଆଘାତ ସମସ୍ୟା ସତ୍ତ୍ୱେ ଭାରତ ନିଜର ଚମକ ପ୍ରଦର୍ଶନ କରିଛି। ଫଳରେ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ର ପଏଣ୍ଟ ଟେବୁଲର ଅଙ୍କ ସଂପୂର୍ଣ୍ଣ ବଦଳିଯାଇଛି। ସେପଟେ ନ୍ୟୁଜିଲାଣ୍ଡ ଦଳ ଭଲ ପ୍ରଦର୍ଶନ ମାଧ୍ୟମରେ ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ୧୧୮ ପଏଣ୍ଟ ସହ ଆଗରେ ରହିଛି। ଇଂଲଣ୍ଡ ସହିତ ଏହି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ୍‌ରେ ଟିମ୍ ଇଣ୍ଡିଆ ୨-୦ରେ ଜିତିଲେ ନ୍ୟୁଜିଲାଣ୍ଡକୁ ପଛରେ ପକାଇ ଲର୍ଡ୍ସ ଗ୍ରାଉଣ୍ଡରେ ଆୟୋଜନ ହେବାକୁ ଥିବା ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ଦୃଢ଼ ଦାବିଦାର ହେବ।

ଅନ୍ୟପକ୍ଷରେ ଇଂଲଣ୍ଡ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରେ ୨-୦ରେ ବିଜୟୀ ହୋଇ ଜବରଦସ୍ତ ଫର୍ମରେ ରହିଛି। ଏହି ବିଜୟ ସହ ଇଂଲଣ୍ଡ ଲର୍ଡ୍ସ ଯିବାକୁ ତା'ର ଅଭିଯାନକୁ ଆହୁରି ଦୃଢ଼ କରିଛି। ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ବର୍ତ୍ତମାନ ଜବରଦସ୍ତ ଫର୍ମରେ ରହିଛନ୍ତି। ଇଂଲଣ୍ଡ ଦଳରେ ଏକାଧିକ ବିଶ୍ୱସ୍ତରୀୟ ଅଲ୍‌ରାଉଣ୍ଡର ରହିଛନ୍ତି। ତେଣୁ ଇଂଲଣ୍ଡ ଟିମ୍‌କୁ ହାଲୁକା ଭାବେ ନିଆଯାଇ ନ ପାରେ। ଅପରପକ୍ଷରେ ଆଘାତ ସମସ୍ୟା ଯୋଗୁଁ ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତି ଟିମ୍ ଇଣ୍ଡିଆକୁ ବେଶ୍ ଅଡୁଆରେ ପକାଇପାରେ। ଜୋସ୍ ବଟଲର, କ୍ରିସ୍ ୱୋକ୍ସ, ଜୋଫ୍ରା ଆର୍ଚର, ଜେମ୍ସ ଆଣ୍ଡରସନ୍, ଷ୍ଟୁଆର୍ଟ ବ୍ରଡ୍, ଡାନ୍ ଲରେନ୍ସ, ବେନ୍ ଷ୍ଟୋକ୍ସଙ୍କୁ ନେଇ ଇଂଲଣ୍ଡ ଦଳ ବେଶ୍ ଶକ୍ତିଶାଳୀ ରହିଛି। ବ୍ୟାଟିଂରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍, ଜୋସ୍ ବଟଲର, ଜ୍ୟାକ୍ ଲିଚ୍‌ଙ୍କ ଉପରେ ନିର୍ଭର କରୁଥିବା ବେଳେ ବୋଲିଂରେ ଇଂଲଣ୍ଡ ବେଶ୍ ଶକ୍ତିଶାଳୀ ମନେହେଉଛି। ବର୍ତ୍ତମାନର ଅଷ୍ଟ୍ରେଲିଆ ପ୍ରଦର୍ଶନ ଦୃଷ୍ଟିରୁ ଦେଖିବାକୁ ଗଲେ ଟିମ୍ ଇଣ୍ଡିଆ ସବୁ ଦୃଷ୍ଟିକୋଣରୁ ଶକ୍ତିଶାଳୀ ଜଣାପଡୁଛି। ଅଧିନାୟକ ବିରାଟ କୋହଲି, ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମା ଏବଂ ଆଘାତପ୍ରାପ୍ତ ହାର୍ଦ୍ଦିକ ପାଣ୍ଡ୍ୟା ଟିମ୍‌କୁ ଫେରିବା ନିଶ୍ଚିତ ରୂପେ ଭାରତ ପାଇଁ ଶୁଭ ସଙ୍କେତ। ରୋହିତ ଶର୍ମାଙ୍କ ପ୍ରତ୍ୟାବର୍ତ୍ତନ ମଧ୍ୟ ବେଶ୍ ଉତ୍ସାହପ୍ରଦ। ସ୍ପିନ ଦାୟିତ୍ୱରେ ଭେଟେରାନ ରବିଚନ୍ଦ୍ରନ ଅଶ୍ୱିନ, କୁଲଦୀପ ଯାଦବ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ରହିଥିବା ବେଳେ ପେସ୍ ବୋଲିଂର ଭାର ଇଶାନ୍ତ ଶର୍ମା, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ଶାର୍ଦ୍ଦୂଳ ଠାକୁରଙ୍କ ଉପରେ ନ୍ୟସ୍ତ ରହିବ। ରିଷଭ ପନ୍ତ, ରିଦ୍ଧିମାନ ଶାହା ଉଇକେଟ କିପିଙ୍ଗ୍ ସମ୍ଭାଳିବେ। ମୋଟ ଉପରେ ଦେଖିବାକୁ ଗଲେ ସ୍ପିନ ଦୃଷ୍ଟିକୋଣରୁ ଟିମ୍ ଇଣ୍ଡିଆ ବେଶ୍ ଶକ୍ତିଶାଳୀ ରହିଛି। ଇଂଲଣ୍ଡ ଦଳର ଜ୍ୟାକ୍ ଲିଚ୍, ବେନ୍ ଷ୍ଟୋକ୍ସ, ଓଲି ଷ୍ଟୋନ, ଡମ୍ ସିବଲେ, ଡମ୍ ବେସ୍‌ଙ୍କ ପାଇଁ ଏହି ଭାରତ ଗସ୍ତ ନୂଆ ଅଭିଜ୍ଞତା ଆଣିବ।

ଏପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ୧୯୩୨ ରୁ ୨୦୦୮ ମସିହା ପର୍ଯ୍ୟନ୍ତ ୧୨୨ଟି ଟେଷ୍ଟ ମ୍ୟାଚ ଖେଳାଯାଇଛି। ଏଥିରେ ଭାରତ ୨୬ଟି ଟେଷ୍ଟ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୪୭ଟି ମ୍ୟାଚରେ ପରାଜିତ ହୋଇ ବହୁ ପଛରେ ରହିଛି, ୪୯ଟି ମ୍ୟାଚ ଅସମାପ୍ତ ଭାବରେ ଶେଷ ହୋଇଛି। ଭାରତ ଏପର୍ଯ୍ୟନ୍ତ ମୋଟ ଖେଳିଥିବା ୫୪୬ଟି ଟେଷ୍ଟମ୍ୟାଚ ମଧ୍ୟରୁ (୧୯୩୨ ରୁ ୨୦୨୧) ୧୫୯ଟିରେ ବିଜୟୀ ହୋଇଥିବା ବେଳେ ୧୬୮ ଟି ମ୍ୟାଚରେ ପରାଜିତ ହୋଇଛି। ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଥିବା ସହିତ ୨୧୮ଟି ମ୍ୟାଚ ବିନା ହାର୍‌ଜିତରେ ସମାପ୍ତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗତ କିଛି ବର୍ଷ ଧରି ବିଦେଶ ମାଟିରେ ଟେଷ୍ଟ ଖେଳୁଥିବା ଦେଶଗୁଡ଼ିକୁ ପରାଜିତ କରି ଟିମ୍ ଇଣ୍ଡିଆ ତା'ର ଜିତିବା ହାରରେ ଆଶାତୀତ ସଫଳତା ହାସଲ କରିଛି। ଉଭୟ ଦେଶ ମଧ୍ୟରେ ୩୩ଟି ଟେଷ୍ଟ ସିରିଜ୍ ଖେଳାଯାଇଥିବା ବେଳେ ଇଂଲଣ୍ଡ ୧୯ଟି ସିରିଜ୍‌ରେ ବିଜୟୀ ହୋଇଥିବା ବେଳେ ଟିମ୍ ଇଣ୍ଡିଆ ୧୦ଟି ସିରିଜରେ ବିଜୟୀ ହୋଇଛି। ୪ଟି ସିରିଜ୍ ଡ୍ର' ରେ ସମାପ୍ତ ହୋଇଛି।

ଆଇସିସି ଟେଷ୍ଟ ର୍ୟାଙ୍କିଂରେ ବର୍ତ୍ତମାନ ୧୧୮ ପଏଣ୍ଟ ସହ ଟିମ୍ ଇଣ୍ଡିଆ ନିଉଜିଲାଣ୍ଡ ପଛକୁ ରହିଥିବା ବେଳେ ଏହି ଟେଷ୍ଟ ସିରିଜ ଇଂଲଣ୍ଡ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ବ୍ୟାଟ୍ସମ୍ୟାନ ତାଲିକା ମଧ୍ୟରେ ଟିମ୍ ଇଣ୍ଡିଆର ବିରାଟ କୋହଲି, ଚେତେଶ୍ୱର ପୂଜାରା ଏବଂ ଆଜିଙ୍କ୍ୟ ରାହାଣେ ଆଗରେ ରହିଥିବା ବେଳେ ଇଂଲଣ୍ଡ ପାଇଁ ଜୋ ରୁଟ୍ ଏବଂ ବେନ୍ ଷ୍ଟୋକ୍ସ ରହିଛନ୍ତି। ସେହିପରି ଭାରତର ବୋଲିଂ ତାଲିକାରେ ଯଶପ୍ରୀତ ବୁମରା ଏବଂ ରବିଚନ୍ଦ୍ରନ ଅଶ୍ୱିନ ରହିଥିବା ବେଳେ ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ ଏବଂ ଷ୍ଟୁଆର୍ଟ ବ୍ରଡ୍ ଆଗରେ ରହିଛନ୍ତି। ଇଂଲଣ୍ଡ ଟିମ୍‌ରେ ଅଲ୍‌ରାଉଣ୍ଡର ହିସାବରେ ବେନ୍ ଷ୍ଟୋକ୍ସ ରହିଥିବା ବେଳେ ଟିମ୍ ଇଣ୍ଡିଆରେ ହାର୍ଦ୍ଦିକ ପାଣ୍ଡ୍ୟା ରହିଛନ୍ତି।

ରେକର୍ଡ ଦୃଷ୍ଟିକୋଣରୁ ଦେଖିଲେ, ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ବିପକ୍ଷରେ ଭାରତର ସ୍କୋର ୭୫୯ ରହିଥିବା ବେଳେ ଇଂଲଣ୍ଡର ସର୍ବାଧିକ ସ୍କୋର ୭୧୦ ରହିଛି। ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୨୨ଟି ଟେଷ୍ଟ ମଧ୍ୟରୁ ଇଂଲଣ୍ଡ ୨୦ଥର ୫୦୦ରୁ ଊର୍ଦ୍ଧ୍ୱରନ୍ ସଂଗ୍ରହ କରିଥିବା ବେଳେ ଟିମ୍ ଇଣ୍ଡିଆ ୧୧ଥର ୫୦୦ରୁ ଅଧିକ ରନ୍ କରିଛି। ଇଂଲଣ୍ଡ ସହିତ ଟିମ୍ ଇଣ୍ଡିଆର ସର୍ବନିମ୍ନ ସ୍କୋର ୪୨ ଲର୍ଡସ ଗ୍ରାଉଣ୍ଡରେ ରହିଥିବା ବେଳେ ଇଂଲଣ୍ଡର ୧୦୧ ରନ୍ ଦି ଓଭାଲ ଗ୍ରାଉଣ୍ଡରେ ରହିଛି। ଇଂଲଣ୍ଡ ବିପକ୍ଷରେ ୧୦ଥର ଟିମ୍ ଇଣ୍ଡିଆ ୧୦୦ କିମ୍ବା ୧୦୦ରୁ କମ୍ ରନ୍ କରିଛି। ଇଂଲଣ୍ଡ ବିପକ୍ଷରେ ଅଧିନାୟକ ବିରାଟ କୋହଲି ୧୯ଟି ଟେଷ୍ଟ ମ୍ୟାଚ୍ ଖେଳି ୧୫୭୦ରନ୍ ସଂଗ୍ରହ କରିଥିବା ବେଳେ ତାଙ୍କର ସର୍ବାଧିକ ସ୍କୋର ୨୩୫ ରନ୍ ରହିଛି। ଏଥିରେ ୫ଟି ଶତକ ସାମିଲ ରହିଛି। ଚେତେଶ୍ୱର ପୂଜାରା ୧୮ଟି ମ୍ୟାଚରୁ ୧୩୩୯ ରନ୍ କରିଥିବା ବେଳେ ତାଙ୍କର ସର୍ବାଧିକ ସ୍କୋର ୨୦୬ ରହିଛି। ଇଂଲଣ୍ଡ ପକ୍ଷରୁ ଜୋ ରୁଟ୍ ୧୬ଟି ମ୍ୟାଚରୁ ୧୪୨୧ ରନ୍ କରିଥିବା ବେଳେ ତାଙ୍କର ସର୍ବାଧିକ ଅପରାଜିତ ୧୫୪ ରହିଛି। ଏଥିରେ ୪ଟି ଶତକ ସାମିଲ ରହିଛି। ସେହିପରି ଜୋସ୍ ବଟଲର ୧୧ଟି ମ୍ୟାଚରୁ ୭୦୩ ରନ୍ ସଂଗ୍ରହ କରିଛନ୍ତି। ଉଭୟ ଦଳ ପକ୍ଷରୁ ସଫଳ ବୋଲର ରୂପେ ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବୋର୍ଡ ରହିଥିବା ବେଳେ ଭାରତ ପକ୍ଷରୁ ଇଶାନ୍ତ ଶର୍ମା ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ଏକ ରୋମାଞ୍ଚକର ଟେଷ୍ଟ ସିରିଜ ଅପେକ୍ଷାରେ ସମସ୍ତ କ୍ରିକେଟ୍‌ଜଗତ ଅପେକ୍ଷା କରିଥିବା ବେଳେ ଟିମ୍ ଇଣ୍ଡିଆ ଆହୁରି ଭଲ ପ୍ରଦର୍ଶନ ମାଧ୍ୟମରେ ସିରିଜ୍ ବିଜୟୀ ହେବାକୁ ଆଶା ରଖିଛି। ମାତ୍ର ଇଂଲଣ୍ଡର ଶକ୍ତିଶାଳୀ ବିରାଟ ବାହିନୀ ଘରୋଇ ମାଟିରେ ସହଜରେ ସିରିଜ୍‌ଜିତିବାର ସୁଯୋଗ ଦେବ ନାହିଁ ବୋଲି ମନେହୁଏ।




**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଅଜିଙ୍କ୍ୟ ରାହାନେ, ମୟଙ୍କ ଅଗ୍ରୱାଲ, ରବିଚନ୍ଦ୍ରନ ଅଶ୍ୱିନ, ଯଶପ୍ରୀତ ବୁମ୍‌ରା, କୁଲଦୀପ ଯାଦବ, ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ (ଉଇକେଟକିପର ବ୍ୟାଟ୍ସମ୍ୟାନ), ଅକ୍ଷର ପଟେଲ, ଚେତେଶ୍ୱର ପୂଜାରା, ଲୋକେଶ ରାହୁଲ, ରିଦ୍ଧିମାନ ଶାହା (ଉଇକେଟକିପର ବ୍ୟାଟ୍ସମ୍ୟାନ), ରୋହିତ ଶର୍ମା, ଇଶାନ୍ତ ଶର୍ମା, ଶୁବମନ ଗିଲ, ଶାର୍ଦ୍ଦୂଳ ଠାକୁର ଓ ୱାଶିଂଟନ ସୁନ୍ଦର।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ମୋଇନ ଅଲି, ଜେମ୍ସ ଆଣ୍ଡରସନ, ଜୋଫ୍ରା ଆର୍ଚର, ଡୋମ ବେସ, ଷ୍ଟୁଆର୍ଟ ବ୍ରଡ, ରୋରି ବର୍ନ୍ସ, ଜୋସ ବଟଲର, ଜ୍ୟାକ କ୍ରଲି, ବେନ୍ ଫୋକ୍ସ (ଉଇକେଟକିପର ବ୍ୟାଟ୍ସମ୍ୟାନ), ଡାନ ଲରେନ୍ସ, ଜ୍ୟାକ ଲିଚ୍, ଡୋମ ସିବ୍‌ଲି, ବେନ୍ ଷ୍ଟୋକ୍ସ, ଓଲି ଷ୍ଟୋନ ଓ କ୍ରିସ୍ ୱୋକ୍ସ।

**କେରଳ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ଆଝାରୁଦ୍ଦିନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚଳିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ମୁମ୍ବାଇ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ସେ ୩୭ଟି ବଲ୍ ଖେଳି ଶତକ ହାସଲ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ମହମ୍ମଦ ଆଝାରୁଦ୍ଦିନଙ୍କ ସହ ତାଙ୍କୁ ତୁଳନା କରାଯାଉଛି। ସେ ଜାତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଆଶା କରାଯାଉଛି...**

**ପୂ**ର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କୁ ସମସ୍ତେ ଜାଣନ୍ତି। ତାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ ଯଥେଷ୍ଟ ଉନ୍ନତି କରିଥିଲା। ସେ ମଧ୍ୟ ନିଜ ଅସାଧାରଣ ବ୍ୟାଟିଂ ପାଇଁ ସାରା ବିଶ୍ୱରେ ପରିଚିତ ଥିଲେ। ତେବେ ବର୍ତ୍ତମାନ ଆଉ ଜଣେ ଆଝାରୁଦ୍ଦିନଙ୍କୁ ନେଇ ଚର୍ଚ୍ଚା ଚାଲିଛି। କେରଳର ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ଆଝାରୁଦ୍ଦିନ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କେରଳର ଏହି ୨୬ ବର୍ଷୀୟ ପାୱାର ହିଟର ଚଳିତ ଘରୋଇ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ମୁମ୍ବାଇ ବିପକ୍ଷରେ ସେ ୩୭ଟି ବଲ ଖେଳି ଶତକ ହାସଲ କରି ରେକର୍ଡ କରିଛନ୍ତି। ମୁମ୍ବାଇ ବିପକ୍ଷ ଏକ ମ୍ୟାଚ୍‌ରେ ସେ ଦ୍ରୁତ ଶତକ ହାସଲ କରିବା ସହ ୫୪ଟି ବଲ୍‌ର ସମ୍ମୁଖୀନ ହୋଇ ୧୩୭ ରନର ଶତକୀୟ ଇନିଂସ ଖେଳି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି କ୍ରମରେ ସେ ଭାରତର ତୃତୀୟ ଦ୍ରୁତତମ ଟି୨୦ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ପୂର୍ବରୁ ରିଷଭ ପନ୍ତ ୩୨ ବଲରୁ ଓ ରୋହିତ ଶର୍ମା ୩୫ ବଲରୁ ଶତକ ହାସଲ କରିଥିଲେ। ମୁମ୍ବାଇ ଭଳି ଶକ୍ତିଶାଳୀ ଦଳ ଓ ଏକ କ୍ୱାଲିଟି ବୋଲରଙ୍କୁ ସାମ୍ନା କରି ଏହି ଶତକ ହାସଲ କରିବା ଛୋଟିଆ କଥା ନୁହେଁ। ମୁମ୍ବାଇ ଦଳରେ ଦ୍ରୁତ ବୋଲର ଧବଲ କୁଲକର୍ଣ୍ଣୀ ଓ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୦ ନୂଆ ତାରକା ତୁଷାର ଦେଶପାଣ୍ଡେ ସାମିଲ ରହିଥିଲେ। ଏହି ଇନିଂସରେ ରୋହିତ ଶର୍ମାଙ୍କ ଭଳି ସେ ଫ୍ଲିକ୍ ଅଫ୍ ଦି ହିପ୍ସ ଶଟ୍ ଖେଳି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଏହି ଶଟ୍ ଖେଳିବା ପାଇଁ ତୀକ୍ଷ୍ଣ ଦୃଷ୍ଟି ଓ ପରଫେକ୍ଟ ଟାଇମିଂର ଆବଶ୍ୟକତା ରହିଛି। ଏହି ଡାହାଣହାତି ଉଇକେଟକିପର ବ୍ୟାଟ୍ସମ୍ୟାନ ଜଣେ ସ୍ୱାଭାବଗତ ଷ୍ଟ୍ରୋକ୍ ପ୍ଲେୟାର ବୋଲି ତାଙ୍କ କୋଚ୍ କହିଛନ୍ତି। ପୂର୍ବତନ ଭାରତୀୟ ଦ୍ରୁତବୋଲର ଟିନୁ ୟୋହନାନ୍ ମଧ୍ୟ ତାଙ୍କଠାରୁ ଏହିଭଳି ଏକ ଦ୍ରୁତ ଇନିଂସ ଆଶା କରୁଥିଲେ। ତେବେ ସେ ଏଭଳି ଧୂଆଁଧାର ଇନିଂସ ଖେଳିବା ଆଶା କରୁ ନ ଥିଲି ବୋଲି ସେ କହିଛନ୍ତି। ସ୍କୋୟାର ଲେଗ୍‌ରେ ତାଙ୍କର ପିକ୍ ଅପ୍ ଶଟ୍ ବେଶ୍ ଦର୍ଶନୀୟ ବୋଲି ସେ କୁହନ୍ତି। ଏହି ଶତକୀୟ ପାଳିରେ ସେ ୯ଟି ଚୌକା ଓ ୧୧ଟି ଛକା ମାରିଥିଲେ। ଏହି ଶତକ ତାଙ୍କ ୭ ଭାଇ, ରାଜ୍ୟ ଓ ଘରୋଇ ସହର ପାଇଁ ଗୌରବ ଆଣିଦେଇଛି। ତାଙ୍କର ଏହି ଇନିଂସ୍‌କୁ ଦେଖିବା ପାଇଁ ସାରା ଥଲାଙ୍ଗାରା ସହର ଟିଭି ସମ୍ମୁଖରେ ଉପସ୍ଥିତ ଥିଲେ।



# ଆଉ ଜଣେ ଆଝାରୁଦ୍ଦିନ

କେରଳର ଥଲାଙ୍ଗାରସ୍ଥିତ କାସାରାଗୋଡରେ ଜନ୍ମିତ ଏହି ଆଝାରୁଦ୍ଦିନଙ୍କ ନାମକରଣ କରିଥିଲେ ତାଙ୍କ ବଡ଼ଭାଇ। ପୂର୍ବତନ ଅଧିନାୟକ ଆଝାରୁଦ୍ଦିନଙ୍କ ନାମ ଅନୁସାରେ ତାଙ୍କର ନାମ ରଖାଯାଇଥିଲା। ବର୍ତ୍ତମାନ ସେ ଏହାର ସାର୍ଥକତା ପ୍ରମାଣ କରିଛନ୍ତି। ୨୦୧୫ ନଭେମ୍ବର ୧୫ ତାରିଖରେ ସେ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲେ। ସେହିପରି ସେ ଏହିବର୍ଷ ଡିସେମ୍ବର ୧୦ରେ ବିଜୟ ହଜାରେ ଟ୍ରଫିରେ ଡେବ୍ୟୁ କରି ପ୍ରଥମ ଲିଷ୍ଟ ଏ' ମ୍ୟାଚ୍ ଖେଳିଥିଲେ। ସେହିପରି ୨୦୧୬ ଜାନୁୟାରୀ ୨ ତାରିଖରେ ସେ ସୟଦ ମୁସ୍ତାକ ଅଲି ଟ୍ରଫି ଖେଳି ଟି୨୦ରେ ପଦାର୍ପଣ କରିଥିଲେ। ଟି୨୦ରେ ସେ ପ୍ରଥମ କେରଳ ବ୍ୟାଟ୍ସମ୍ୟାନ ଭାବେ ଶତକ ହାସଲ କରିବାରେ ସଫଳତା ପାଇଛନ୍ତି। ତାଙ୍କର ଏହି ବ୍ୟାଟିଂକୁ ବିସ୍ଫୋରକ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ପ୍ରଶଂସା କରିଛନ୍ତି। ଦୀର୍ଘବର୍ଷ ପରେ ପୁଣି ଥରେ ଆଝାରୁଦ୍ଦିନଙ୍କ ନାମକୁ ନେଇ ଚର୍ଚ୍ଚା ହୋଇଛି। ଆଗକୁ ସେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଆଶା କରାଯାଉଛି। ୧୫ ବର୍ଷ ବୟସରେ ସେ କୋଟ୍ୟାମ୍‌ର କେରଳ କ୍ରିକେଟ ଆସୋସିଏଶନ ଏକାଡେମୀରେ ସାମିଲ ହୋଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟ ଖେଳିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା।

# ଓଡ଼ିଶା ରେଡ୍, ଗ୍ରୀନ୍ ବିଜୟୀ

**ଏମ୍‌ଜିଏମ୍ ମହିଳା ଟି୨୦**

ଭୁବନେଶ୍ୱର, ୨୮।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କିଟ୍ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ୨ଟି ମ୍ୟାଚରେ ଓଡ଼ିଶା ରେଡ୍ ଓ ଗ୍ରୀନ୍ ଦଳ ବିଜୟ ହାସଲ କରିଛନ୍ତି। ଗୋଟିଏ ମ୍ୟାଚରେ ରେଡ୍ ୧୦ ଉଇକେଟରେ ଭାଓଲେଟ୍‌କୁ ହରାଇଥିବାବେଳେ ଅନ୍ୟଟିରେ ଗ୍ରୀନ୍ ୧୩ ରନ୍‌ରେ ୟେଲୋକୁ ପରାସ୍ତ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାଓଲେଟ୍ ୨୦ ଓଭରରେ ୫ ଉଇକେଟ ହରାଇ ୧୦୪ ରନ କରିଥିଲା। ଦଳ ପକ୍ଷରୁ କୁନି ବଦରା ସର୍ବାଧିକ ୨୮ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ୨୧ ରନ କରିଥିଲେ। ରେଡ୍ ପକ୍ଷରୁ ସ୍ୱର୍ଣ୍ଣଲତା ନାୟକ, ଏସ୍.ବି. ଲରେନ୍ସ ଓ ରାଜଶ୍ରୀ ସ୍ୱାଇଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରେଡ୍ ୧୫.୧ ଓଭରରେ କୌଣସି ଉଇକେଟ ନ ହରାଇ ୧୦୮ ରନ ସଂଗ୍ରହ କରି ନେଇଥିଲା। କାଜଲ ଜେନା ୫୦ ବଲ୍‌ରୁ ୧୦ ଚୌକା ସହାୟତାରେ ୬୧ ଓ ଅଧିନାୟିକା ମାଧୁରୀ ମେହେଟା ୪୧ ବଲ୍‌ରୁ ୪୩ ରନରେ ଅପରାଜିତ ରହିଥିଲେ। ଓସିଏ ସଦସ୍ୟା ହିରଣ୍ମୟୀ ଜେନା ଅତିଥିଭାବେ ଯୋଗଦେଇ କାଜଲଙ୍କୁ ଓମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ମ୍ୟାଚଟିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗ୍ରୀନ୍ ୨୦ ଓଭରରେ ୭ ଉଇକେଟ ହରାଇ ୯୫ ରନ କରିଥିଲା। ଅଧିନାୟିକା ପ୍ରଜ୍ଞା ମହାନ୍ତି ସର୍ବାଧିକ ୩୫ ରନ କରିଥିବାବେଳେ ବିପକ୍ଷ ଦଳର ସୁଜାତା ମଲିକ ୨ଟି ଏବଂ ଲକ୍ଷ୍ମୀପ୍ରିୟା ନାଏକ ଓ ଅନନ୍ୟା ମିଶ୍ର ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ବିଜୟ ଲକ୍ଷ୍ୟ ୯୬ ରନ ଥିଲେ ହେଁ ୟେଲୋ ପ୍ରତିପକ୍ଷ ବୋଲରଙ୍କୁ ଠିକ୍‌ଭାବେ ମୁକାବିଲା କରି ନ ପାରି ୨୦ ଓଭରରେ ୯ ଉଇକେଟ ହରାଇ ୮୨ ରନ କରି ପାରିଥିଲା। ଦଳ ପକ୍ଷରୁ ପ୍ରିୟଙ୍କା ସାହୁ ସର୍ବାଧିକ ୧୫ ରନ କରିଥିଲେ। ବିଜୟୀ ଦଳର ରାମେଶ୍ୱରୀ ନାଏକ ୧୩ ରନରେ ୩ଟି, ରୋସନାରା ପରବିନ ୧୪ ରନରେ ୩ଟି, ସୁଶ୍ରୀ ସିଂ ୧୨ ରନରେ ଗୋଟିଏ ଏବଂ ଅପର୍ଣ୍ଣା ସାହୁ ୨୫ ରନରେ ଗୋଟିଏ ଉଇକେଟ ପାଇଥିଲେ। ପ୍ରଭାବୀ ବୋଲିଂ କରିଥିବା ରାମେଶ୍ୱରୀଙ୍କୁ ଅତିଥି ତଥା ଓସିଏ ସଦସ୍ୟା ଅନୁସ୍ମିତା ସ୍ୱାଇଁ ଓମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।







ଓଡ଼ିଶା ରେଡ୍‌ର କାଜଲ ଜେନା ଓ ଗ୍ରୀନ୍‌ର ରାମେଶ୍ୱରୀ ନାଏକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ଜାନୁୟାରୀ ୨୯/୨୦୨୧ Berhampur, Friday, January 29/ 2021



ଇଣ୍ଡିଆନ୍ ସୁପର୍‌ଲିଗ୍‌ରେ ଗୁରୁବାର ହାଇଦ୍ରାବାଦ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ହାଇଦ୍ରାବାଦ-ବେଙ୍ଗାଲୁରୁ ମ୍ୟାଚ ଡ୍ର

**ଭାସ୍କୋ, ୨୮।୧:** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଗୁରୁବାର ହାଇଦ୍ରାବାଦ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ତିଳକ ମୈଦାନ ଷ୍ଟାଡିୟମରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ହାଇଦ୍ରାବାଦ ତରଫରୁ ଆରିଡେନ୍ ସାଣ୍ଟାନା (୮୬ତମ ମିନିଟ) ଓ ଫ୍ରାନ୍‌ସିସ୍କୋ ସାଣ୍ଡାଜା (୯୦+୧ତମ) ଏବଂ ବେଙ୍ଗାଲୁରୁ ତରଫରୁ ସୁନୀଲ ଛେତ୍ରୀ (୯ମ) ଓ ଲିଅନ ଅଗଷ୍ଟିନ୍ (୬୧ତମ) ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ହାଇଦ୍ରାବାଦ ତୁଳନାତ୍ମକ ଭାବେ ଭଲ ଖେଳିଥିଲା। ବଲ୍‌କୁ ଅଧିକ ସମୟ ନିଜ ନିୟନ୍ତ୍ରଣରେ ରଖିଥିଲା। ଏହି ଦଳ ୪ଟି ପେନାଲ୍ଟି କର୍ଣ୍ଣର ପାଇଥିବାବେଳେ ବେଙ୍ଗାଲୁରୁକୁ ୨ଟି ମିଳିଥିଲା। ଗୁରୁବାର ମ୍ୟାଚ ପରେ ହାଇଦ୍ରାବାଦ ଏ ପର୍ଯ୍ୟନ୍ତ ଖେଳିଥିବା ୧୪ଟି ମ୍ୟାଚରୁ ୪ ବିଜୟ, ୭ ଡ୍ର ଓ ୩ ପରାଜୟ ସହ ୧୯ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ସମାନ ସଂଖ୍ୟକ ମ୍ୟାଚ ଖେଳି ୩ ବିଜୟ, ୬ ଡ୍ର ଏବଂ ୫ ପରାଜୟରୁ ୧୫ ପଏଣ୍ଟ ସହ ଟେବୁଲର ୭ମ ସ୍ଥାନରେ ରହିଛି।

# ଭାରତରେ ମହିଳା ଏସିଆନ କପ୍ ଫୁଟ୍‌ବଲ

ନୂଆଦିଲ୍ଲୀ,୨୮।୧(ପି.ଟି.)

୨୦୨୨ରେ ମହିଳା ଏସିଆନ କପ୍ ଫୁଟବଲ ଭାରତରେ ଆୟୋଜନ ହେବ। ଏହି ମେଗା ଇଭେଣ୍ଟ ଜାନୁୟାରୀ ୨୦ ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୬ ତାରିଖରେ ଶେଷ ହେବ ବୋଲି ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ତରଫରୁ ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଗତ ସଂସ୍କରଣରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥର ଆଉ ୪ଟି ଦଳକୁ ସାମିଲ କରାଯାଇଛି। ଦଳଗୁଡିକୁ ୩ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ୧୮ ଦିନ ମଧ୍ୟରେ ଟୁର୍ନାମେଣ୍ଟରେ ମୋଟ ୨୫ଟି ମ୍ୟାଚ ଖେଳାଯିବ। ୮ଟି ଦଳ ନୂଆକରି ଆରମ୍ଭ କରାଯାଇଥିବା କ୍ୱାର୍ଟରଫାଇନାଲକୁ ଉନ୍ନୀତ ହେବେ।





୨୦୨୩ ଫିଫା ମହିଳା ବିଶ୍ୱକପ୍ ପାଇଁ ଏହି ଟୁର୍ନାମେଣ୍ଟ କ୍ୱାଲିଫାଇଙ୍ଗ୍ ଇଭେଣ୍ଟ ଭାବେ ପରିଗଣିତ ହେବ। ବିଶ୍ୱକପ୍‌ରେ ଏଥର ଅଷ୍ଟ୍ରେଲିଆକୁ ବାଦ୍ ଦେଲେ ୫ଟି ଏସୀୟ ଦଳ ସାମିଲ ରହିବେ। ବିଶ୍ୱକପ୍‌ରେ ମୋଟ ଉପରେ ୩୨ଟି ଦଳ ଅଂଶଗ୍ରହଣ କରିବେ। ୨୦୨୨ ଏଏଫ୍‌ସି ମହିଳା ଏସିଆନ୍ କପ୍ ପାଇଁ ସେପ୍ଟେମ୍ବର ୧୩ରୁ ୨୫ ତାରିଖ ମଧ୍ୟରେ କ୍ୱାଲିଫାୟର୍ସ ଟୁର୍ନାମେଣ୍ଟ ଖେଳାଯିବ। ଗତ ସଂସ୍କରଣରେ ଶୀର୍ଷରେ ଥିବା ପ୍ରଥମ ୩ଟି ଦଳ (ଜାପାନ, ଅଷ୍ଟ୍ରେଲିଆ ଓ ଚାଇନା) , ଆୟୋଜକ ଭାରତ ବ୍ୟତୀତ ଆଉ ୮ଟି ଦଳ ଟୁର୍ନାମେଣ୍ଟରେ ଭାଗ ନେବେ। ଆୟୋଜକ ହିସାବରେ ଭାରତ ସିଧାସଳଖ ଏହି ଟୁର୍ନାମେଣ୍ଟ ଖେଳିବ। ଏହି ଟୁର୍ନାମେଣ୍ଟକୁ ବାଦ୍ ଦେଲେ ଭାରତ ଆସନ୍ତାବର୍ଷ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍ ମଧ୍ୟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତ ମଧ୍ୟ ପୂର୍ବରୁ ୨୦୧୬ରେ ଏଏଫ୍‌ସି ୧୬ ବର୍ଷରୁକମ୍ ଚାମ୍ପିୟନଶିପ୍ ଓ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍ ୨୦୧୭ରେ ସଫଳତାର ସହ ଆୟୋଜନ କରିଛି।

# ହେମନ୍ତଙ୍କ ଦ୍ୱିଶତକ, ମୁଣ୍ଡେଙ୍କୁ ୬ ଉଇକେଟ

## ଓସିଏ ୧୯ ବର୍ଷରୁ କମ୍ କ୍ରିକେଟ

- ରାଉରକେଲା ୩୦୮ ରନ୍‌ରେ ବିଜୟୀ
- ବସନ୍ତ ଏସ୍. ରାଠୋରଙ୍କୁ ୫ ଉଇକେଟ



ହେମନ୍ତ ନାୟକ

ଭୁବନେଶ୍ୱର, ୨୮।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ କିଟ୍, ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ରାଉରକେଲା ଓ ଗଞ୍ଜାମ ଦଳ ବିଜୟ ହାସଲ କରିଛି। ରାଉରକେଲା ଅଧିନାୟକ ହେମନ୍ତ ନାୟକ ବିସ୍ଫୋରକ ଦ୍ୱିଶତକ ହାସଲ କରି ଚର୍ଚ୍ଚାରେ ରହିଥିବାବେଳେ ଗଞ୍ଜାମର ଓମ୍ ଟି.



ଓମ୍ ଟି. ମୁଣ୍ଡେ



ଧନଞ୍ଜୟ ଯାଦବ

ମୁଣ୍ଡେ ୬ ଉଇକେଟ ସଫଳତା ପାଇଛନ୍ତି।

ରେଭେନ୍‌ଶା-୧ ଗ୍ରାଉଣ୍ଡରେ ଗଞ୍ଜାମ ୩ ଉଇକେଟରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ୨୩.୨ ଓଭରରେ ୧୧୫ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦେବବ୍ରତ ପ୍ରଧାନ ସର୍ବାଧିକ ୪୨ ରନ କରିଥିବାବେଳେ ବିପକ୍ଷ ଦଳର ମୁଣ୍ଡେ ୬.୨-୨-୨୩-୬ ବୋଲିଂ ସଫଳତା ପାଇଥିଲେ। ଆଶିଷ ଦଳେଇଙ୍କୁ ୨ଟି ଉଇକେଟ ମିଳିଥିଲା। ୧୧୬ ରନ ବିଜୟ ଲକ୍ଷ୍ୟ ନେଇ ଗଞ୍ଜାମ ୪୫ ଓଭରରେ ୭ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରି ନେଇଥିଲା। ତାଜ୍ ବେଗ୍ ସର୍ବାଧିକ ୨୬ ରନ କରିଥିଲେ। ଖୋର୍ଦ୍ଧାର ସତ୍ୟ ଲେଙ୍କା, ଜାନ୍ ହୁସେନ ଓ ତାରିଣୀ ନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ୩୦୮ ରନରେ ରାୟଗଡ଼ାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୫୦ ଓଭରରେ ୩ ଉଇକେଟ ହରାଇ ୩୭୩ ରନ କରିଥିଲା। ହେମନ୍ତ ୧୪୯ଟି ବଲ୍ ଖେଳି ୨୩ ଚୌକା ଓ ୬ ଛକା ସହାୟତାରେ ୨୦୯ ରନ କରି ବଡ଼ ସ୍କୋର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସ୍ନେହାଲ ସାମନ୍ତରାୟ ୮୭ ରନ କରିଥିଲେ। ବିପକ୍ଷ ଦଳର ହର୍ଷଦ ବୁଙ୍ଗା ୨ଟି ଉଇକେଟ ନେଇଥିଲେ। ବୃହତ୍ ସ୍କୋରର ପିଛା କରି ରାୟଗଡ଼ା ୨୫ ଓଭରରେ ୯ ଉଇକେଟ ହରାଇ ମାତ୍ର ୬୫ ରନ କରିପାରିଥିଲା। ବିଜୟୀ ଦଳର ବସନ୍ତ ଏସ୍. ରାଠୋର ୫ ଉଇକେଟ ସଫଳତା ପାଇଥିବାବେଳେ ଗୌତମ ସୁନା ୨ଟି ଉଇକେଟ ନେଇଥିଲେ। ନିମପୁର ପଡ଼ିଆରେ ଝାରସୁଗୁଡ଼ା ୧୦୨ ରନରେ ନୟାଗଡ଼କୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡ଼ା ୫୦ ଓଭରରେ ୯ ଉଇକେଟ ହରାଇ ୨୪୬ ରନ କରିଥିଲା। ଧନଞ୍ଜୟ ଯାଦବ ୯୫ ରନରେ ଆଉଟ ହୋଇ ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ପ୍ରତିପକ୍ଷ ଦଳର ସଚିନ ଶତପଥୀ ୩ଟି ଓ ଅଙ୍କିତ ଅରୁନବ ୨ଟି ଉଇକେଟ ନେଇଥିଲେ। ଜବାବରେ ନୟାଗଡ଼ ୪୫.୧ ଓଭରରେ ୧୪୪ ରନ କରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ଧନଞ୍ଜୟ ୩୦ ରନରେ ୪ଟି, ସୁଜିତ ଠାକୁର ୩ଟି ଓ ଓମ୍ କୁମାର ୨ଟି ଉଇକେଟ ନେଇଥିଲେ।

ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ କେନ୍ଦୁଝର ୧୮୯ ରନରେ ବୌଦ୍ଧକୁ ହରାଇଛି। ବୌଦ୍ଧ ଫିଲ୍ଡିଂ ନିଷ୍ପତ୍ତି ନେବାରୁ କେନ୍ଦୁଝର ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୬ ଉଇକେଟ ହରାଇ ୨୭୦ ରନ କରିଥିଲା। ଦଳ ପକ୍ଷରୁ ଋତୁରାଜ ମହାନ୍ତି ୮୦ (୧୦ ଚୌକା, ୧ ଛକା) ରନରେ ଅପରାଜିତ ରହିଥିବାବେଳେ ଅଭିଷେକ ହୋତା ୬୬ ଓ ବିପୁଲ ରାଉତ ୫୧ ରନ କରିଥିଲେ। ବିପକ୍ଷ ବୋଲର ଶୋଭନଦେବ ବେହେରା ଓ ଲୋକେଶ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ବୌଦ୍ଧ ୩୫.୧ ଓଭରରେ ୯ ଉଇକେଟ ହରାଇ ୮୧ ରନ କରିପାରିଥିଲା। ବିଜୟୀ ଦଳର ଆଶୁତୋଷ ରାୟ ୩ଟି ଉଇକେଟ ନେଇଥିଲେ। ବିଓଏସ୍‌ଇ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୧୮ ରନରେ ମାଲକାନଗିରିକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ସୁନ୍ଦରଗଡ଼ ୨୫.୩ ଓଭରରେ ୧୦୬ ରନରେ ଅଲଆଉଟ ହୋଇଥିଲା। ଦେବ ମିଶ୍ର ୪୧ ରନ କରିଥିବାବେଳେ ବିପକ୍ଷ ବୋଲର ପ୍ରତ୍ୟୁଷ ପୁରୋହିତ ୪ଟି ଏବଂ ଦଶୁ ସାନ୍ଧି ଓ ଷ୍ଟେଲନ ଖୋସଲା ୨ଟି ଲେଖାଏ ଉଇକେଟ ପାଇଥିଲେ। ବିଜୟ ଲକ୍ଷ୍ୟ ସହଜ ଥିଲେ ହେଁ ମାଲକାନଗିରି ୨୧.୫ ଓଭରରେ ୮୮ ରନରେ ସୀମିତ ରହିଥିଲା। ପ୍ରତ୍ୟୁଷ ୪୫ ରନ କରିଥିଲେ। ବିଜୟୀ ଦଳର ରାହୁଲ ରୟ ୪ଟି, ଆକାଶ ଶେଖ୍ ୩ଟି ଏବଂ ଅଭିଷେକ ସିଂ ୨ଟି ଉଇକେଟ ନେଇଥିଲେ। ଡ୍ରିମ୍ସ ପଡ଼ିଆରେ କିଟ୍ ୬୯ ରନରେ ପାରାଦୀପକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୫୦ ଓଭରରେ ୯ ଉଇକେଟ ହରାଇ ୨୩୯ ରନ କରିଥିଲା। ରମଣୀ ଜେନା ସର୍ବାଧିକ ୪୯ ଓ ନବିଦତ୍ୟ ମଲିକ ୪୦ ରନ କରିଥିଲେ। ପରାଜିତ ଦଳର ସୁମିତ ପ୍ରସାଦ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ୨୪୦ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ପାରାଦୀପ ୪୫.୩ ଓଭରରେ ୧୭୦ ରନରେ ଅଲଆଉଟ ହୋଇଥିଲା। ଉଦୟ ସବ୍ୟସାଚୀ ଜଟ ସର୍ବାଧିକ ୬୫ ରନ କରିଥିଲେ। ବିଜୟୀ ଦଳର ରିଶି ତ୍ରିପାଠୀ, ସରୋଜ ଦଳାଇ, ଗୌରିଶ ପାତ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ